# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୨୯/୨୦୧୯ (୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, September 29/2019 | ★★★★★★

୪୫ଶ ଭାଗ ୩୦୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**'ଲାଲ୍ କପ୍ତାନ୍'ର ଦ୍ୱିତୀୟ ଟ୍ରେଲର ରିଲିଜ୍**

ସୈଫ୍ ଅଲି ଖାନ୍‌ଙ୍କ ଅପ୍‌କମିଂ ଫିଲ୍ମ 'ଲାଲ୍ କପ୍ତାନ୍'ର ଦ୍ୱିତୀୟ ଟ୍ରେଲର ରିଲିଜ୍ ହୋଇଛି। ଏଥିରେ ସୈଫ୍, ଦୀପକ ଓ ସୋନାକ୍ଷୀଙ୍କୁ ଦେଖିବାକୁ ମିଳିଛି।

୦୯

୧୯

**ଫାଇନାଲରେ ପ୍ରମୋଦ**

ଓଡ଼ିଶାର ପ୍ରମୋଦ ଭଗତ ଚାଇନାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଉଭୟ ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସ ଫାଇନାଲରେ ପ୍ରବେଶ କରି ୨ଟି ପଦକ ନିଶ୍ଚିତ କରିଛନ୍ତି।



# ପାନ୍-ଆଧାର ଲିଙ୍କ୍ ଅବଧି ୩୧ ଡିସେମ୍ବର ଯାଏ ବୃଦ୍ଧି

ନୂଆଦିଲ୍ଲୀ,୨୮।୯

ପର୍ମାନେଣ୍ଟ ଆକାଉଣ୍ଟ ନମ୍ବର (ପାନ୍) ସହ ଆଧାର ସଂଯୋଗ କରାଇବା ଅବଧିକୁ ଚଳିତ ବର୍ଷ ୩୧ ଡିସେମ୍ବର ଯାଏ ବଢ଼ାଯାଇଛି। ଏହାର ଲିଙ୍କ୍ କରାଇବା ନେଇ ଶେଷ ସୀମା ସେପ୍ଟେମ୍ବର ୩୦ ଥିବାବେଳେ ଏହାକୁ ବଢ଼ାଯାଇଥିବା ଶନିବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ ପ୍ରକାଶ ପାଇଛି। ୧୦ ସଂଖ୍ୟା ବିଶିଷ୍ଟ ପାନ୍‌କୁ ଆୟକର (ଆଇଟି) ବିଭାଗ ଏବଂ ୧୨ ସଂଖ୍ୟା ବିଶିଷ୍ଟ ଆଧାର କାର୍ଡ ୟୁନିକ୍ ଆଇଡେଣ୍ଟିଫିକେଶନ୍ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ) ଜାରି କରିଥାନ୍ତି। ଯେଉଁମାନେ ବର୍ତ୍ତମାନ ସୁଦ୍ଧା ପାନ୍-ଆଧାର ସଂଯୋଗ କରାଇ ନାହାନ୍ତି ସେମାନେ ଆଇଟି ୱେବସାଇଟକୁ ଯାଇ କିମ୍ବା ଏସ୍‌ଏମ୍‌ଏସ୍ ଦ୍ୱାରା କରାଇପାରିବେ। ଲିଙ୍କ୍ ବେଳେ ନାମ, ଜନ୍ମ ତାରିଖ ଏବଂ ଲିଙ୍ଗ କ୍ଷେତ୍ରରେ ଯେଭଳି କୌଣସି ଅସଙ୍ଗତି ନ ରହେ ତାହା ଦେଖିବାକୁ କୁହାଯାଇଛି। ୨ କାର୍ଡ ମଧ୍ୟରୁ ଯେକୌଣସିଟିରେ ଭୁଲ ରହିଥିଲେ ଏହାକୁ ସୁଧାରିବା ପାଇଁ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ପାନ୍ ସହ ଆଧାର ଲିଙ୍କ ନ ହେଲେ ଲୋକମାନେ ଏହାକୁ ଆର୍ଥିକ ନେଣଦେଣ କ୍ଷେତ୍ରରେ ବ୍ୟବହାର କରିପାରିବେ ନାହିଁ। ଏଣୁ ବିଭିନ୍ନ ପ୍ରସଙ୍ଗକୁ ଭଲ ଭାବେ ବିଚାର କରିବାକୁ ପରାମର୍ଶ ଦିଆଯାଇଛି। ଆୟକର ବିଭାଗ ଇ-ଫାଇଲିଂ ତଥ୍ୟ ମୁତାବକ ମୋଟ ୮.୪୭ କୋଟି ପଞ୍ଜୀକୃତ ୟୁଜରଙ୍କ ମଧ୍ୟରୁ ୬.୭୭ କୋଟି ସେମାନଙ୍କ ପାନ୍ ଆଧାର ସହ ଲିଙ୍କ୍ କରାଇସାରିଛନ୍ତି। ମାର୍ଚ୍ଚ ୩୧ର ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତି ମୁତାବକ, ଆୟକର ବିଭାଗ ଲାଗି ନୀତି ନିର୍ଦ୍ଧାରଣ କରୁଥିବା ସର୍ବୋଚ୍ଚ ସଂସ୍ଥା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ପାନ-ଆଧାର ସଂଯୋଗ ନେଇ ସ୍ପଷ୍ଟୀକରଣ ଦେଇଥିଲା। ସୂଚନାଯୋଗ୍ୟ ପୂର୍ବରୁ ମଧ ଲିଙ୍କ ଅବଧିକୁ ଅର୍ଥ ମନ୍ତ୍ରଣାଳୟ ବୃଦ୍ଧି କରିଛି।



ଲ୍ୟୁଟ୍‌ନାଣ୍ଟ ଜେନେରାଲ ବିବେକ ବିଜୟ ମୋରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ କଲର୍ସ ସମ୍ମାନ ଗ୍ରହଣ କରୁଛନ୍ତି। (ରିପୋର୍ଟ: ପୃଷ୍ଠା-୭)

■ ଛାତ୍ରୀଛାତ୍ରଙ୍କ ବୋଝ ବଢ଼ାଇଲା ଆଇଆଇଟି କାଉନ୍‌ସିଲ

# ଏମ୍‌ଟେକ୍ ଫି ୯୦୦% ବୃଦ୍ଧି

ନୂଆଦିଲ୍ଲୀ,୨୮।୯

- ବିଟେକ୍ ଭଳି ବର୍ଷକୁ ଗଣିବେ ୨ ଲକ୍ଷ
- ମିଳୁଥିବା ୧୨,୪୦୦ ଟଙ୍କା ଷ୍ଟାଇପେଣ୍ଡ ବନ୍ଦ
- ନୂଆ ପ୍ରଫେସରଙ୍କ ପ୍ରଦର୍ଶନର ସମୀକ୍ଷା ହେବ
- ୨୦୨୦ ଶିକ୍ଷାବର୍ଷରୁ ଲାଗୁ ହେବ

ଏମ୍‌ଟେକ୍ ପାଠ୍ୟକ୍ରମ ଫି ପାଖାପାଖି ୯୦୦ ପ୍ରତିଶତ ବୃଦ୍ଧି କରି ଏହାକୁ ବିଟେକ୍ ଦେୟ ସହ ସମାନ କରିବାକୁ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜି (ଆଇଆଇଟି) କାଉନସିଲ ନିଷ୍ପତ୍ତି ନେଇଛି। ୨୦୨୦ ଶିକ୍ଷାବର୍ଷରୁ ଏହି ବର୍ଦ୍ଧିତ ଦେୟ ଲାଗୁ ହେବ। ଫଳରେ ଏମ୍‌ଟେକ୍ ଛାତ୍ରୀଛାତ୍ରଙ୍କୁ ବର୍ଷକୁ ପାଖାପାଖି ୨ ଲକ୍ଷ ଟଙ୍କା ପୈଠ କରିବାକୁ ପଡିବ। ବର୍ତ୍ତମାନର ବ୍ୟବସ୍ଥା ଅନୁଯାୟୀ ଆଇଆଇଟିଗୁଡ଼ିକରେ ଏମ୍‌ଟେକ୍ ପାଠ୍ୟକ୍ରମରେ ନାମଲେଖା ଓ ସେମିଷ୍ଟର ପ୍ରତି ଟ୍ୟୁଶନ୍ ଫି ୫ ହଜାରରୁ ୧୦ ହଜାର ଟଙ୍କା ମଧ୍ୟରେ ପଡୁଛି। ଏହାକୁ ୨୦ ହଜାରରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ଲାଗି ନିଷ୍ପତ୍ତି ହୋଇଛି। ଏହାବ୍ୟତୀତ ଗେଟ୍ (ଗ୍ରାଜୁଏଟ୍ ଆପ୍ଟିଚ୍ୟୁଡ୍ ଟେଷ୍ଟ ଇନ୍ ଇଞ୍ଜିନିୟରିଂ) ସ୍କୋର ଆଧାରରେ ଏମ୍‌ଟେକ୍ ଛାତ୍ରୀଛାତ୍ରଙ୍କୁ ପ୍ରତି ମାସରେ ମିଳୁଥିବା ୧୨,୪୦୦ ଟଙ୍କା ଷ୍ଟାଇପେଣ୍ଡକୁ ମଧ ଆଇଆଇଟି କାଉନସିଲ ବନ୍ଦ କରିଦେଇଛି। ଶୁକ୍ରବାର ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିୟାଲଙ୍କ ଅଧ୍ୟକ୍ଷତାରେ କାଉନସିଲ୍ ବୈଠକ ବସିଥିଲା। ଏଥିରେ ନୂଆ ପ୍ରଫେସରମାନଙ୍କ ପଞ୍ଚମ ବର୍ଷର ପ୍ରଦର୍ଶନକୁ ସମୀକ୍ଷା କରିବା ପରେ ସେମାନଙ୍କୁ ପଦୋନ୍ନତି ଦିଆଯିବ କି ବିଦା କରାଯିବ ସେ ସମ୍ପର୍କରେ ନିଷ୍ପତ୍ତି ନେବା ଲାଗି 'ଟେନ୍ୟୁର ଟ୍ରାକ୍ ପାଥ୍‌ୱେ'କୁ କାଉନସିଲ୍ ଅନୁମୋଦନ କରିଛି।

ସମ୍ପ୍ରତି ଆଇଆଇଟି ମୁମ୍ବାଇରେ ଏମ୍‌ଟେକ୍ ଟ୍ୟୁଶନ ଫି ସେମିଷ୍ଟର ପ୍ରତି ୫୦୦୦ ଟଙ୍କା ପଡୁଥିବାବେଳେ ଆଇଆଇଟି ଦିଲ୍ଲୀ ୧୦ ହଜାର, ଆଇଆଇଟି ମାଡ୍ରାସ ୫୦୦୦ ଟଙ୍କା ନେଉଛି। ଆଇଆଇଟି ଖଡଗପୁର ପ୍ରଥମ ସେମିଷ୍ଟରରେ ୨୫,୯୫୦ ଟଙ୍କା ନେଉଥିବାବେଳେ ସେଥିରୁ ୬୦୦୦ ଟଙ୍କା ଫେରସ୍ତ କରୁଛି ଏବଂ ୧୦,୫୫୦ ଟଙ୍କା ପରବର୍ତ୍ତୀ ସେମିଷ୍ଟର ପାଇଁ ରଖୁଛି। ଦେୟ ବୃଦ୍ଧି ସହ ଗରିବ ଛାତ୍ରୀଛାତ୍ରଙ୍କୁ ସରକାର ଡିବିଟି (ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ) ମାଧମରେ ସହାୟତା କିମ୍ବା ଶିକ୍ଷା ଋଣ ସୁବିଧା ଯୋଗାଇଦେବା ଲାଗି ପ୍ରସ୍ତାବ ଦିଆଯାଇଛି। ଏଥିସହିତ ଦେୟର ଏକ ବଡ଼ ଭାଗ ୟୁଜି ଲାବ୍ ଓ ପାଠ୍ୟକ୍ରମ ପାଇଁ ଅଧ୍ୟାପନା ସହାୟତା ଯୋଗାଇଦେବା ଉଚିତ। ଏହା ବ୍ୟତୀତ ଉକ୍ତ ପାଣ୍ଠିକୁ ଅନ୍ୟ ପେସାଗତ କାର୍ଯ୍ୟରେ ମଧ୍ୟ ବିନିଯୋଗ କରାଯାଇପାରିବ ବୋଲି କାଉନସିଲ୍ ପ୍ରସ୍ତାବ ଦେଇଛି। ସୂଚନାଯୋଗ୍ୟ, ତିନିଜଣିଆ ସଂସ୍କାର କମିଟିର ସୁପାରିସକ୍ରମେ ଏମ୍‌ଟେକ୍ ଫି ବୃଦ୍ଧି କରାଯାଇଛି। ଆଇଆଇଟିଗୁଡ଼ିକରେ ଏମ୍‌ଟେକ୍ ପାଠ୍ୟକ୍ରମରେ ସଂସ୍କାର ସମ୍ପର୍କିତ ସୁପାରିସ ଲାଗି ଉକ୍ତ କମିଟି ଗଠନ କରାଯାଇଥିଲା। ଦେୟ ବୃଦ୍ଧି ଓ ଷ୍ଟାଇପେଣ୍ଡ ବନ୍ଦ କରିବା ଦ୍ୱାରା ଅଧାରୁ ପାଠ ଛାଡୁଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ହ୍ରାସ ପାଇବ ବୋଲି କମିଟି ବିଚାର କରୁଛି। କାରଣ ଏମ୍‌ବିଏ ଭଳି ଅଧିକ ଦେୟ ନିଆଯାଉଥିବା ପାଠ୍ୟକ୍ରମରେ କ୍ୱଚିତ୍ ଅଧାରୁ ପାଠ ଛାଡ଼ିଥାନ୍ତି। ସେହିପରି ଟେନ୍ୟୁର ଟ୍ରାକ୍ ସିଷ୍ଟମ ନୂଆ ପ୍ରଫେସରମାନଙ୍କ ପ୍ରଦର୍ଶନ ବଢ଼ାଇବାରେ ସହାୟକ ହେବ। ଶିକ୍ଷାନୁଷ୍ଠାନରେ ଯୋଗଦେବାର ୫.୫ ବର୍ଷ ପରେ ଏକ୍ସଟର୍ନାଲ କମିଟି ଦ୍ୱାରା ଉକ୍ତ ପ୍ରଫେସରମାନଙ୍କ ପ୍ରଦର୍ଶନର ସମୀକ୍ଷା କରାଯିବ। ଏହାର ମୂଲ୍ୟାୟନ ଆଧାରରେ ସେମାନଙ୍କୁ ପଦୋନ୍ନତି ଦିଆଯିବ କିମ୍ବା ଶିକ୍ଷାନୁଷ୍ଠାନ ଛାଡ଼ିବାକୁ କୁହାଯିବ ବୋଲି ଜଣାପଡିଛି।

# ବ୍ୟାଣ୍ଡ୍ ପିନ୍ଧିବେ ଆର୍‌ଟିଓ କର୍ମଚାରୀ

**ଆରଟିଓଙ୍କୁ ପରିବହନ କମିଶନରଙ୍କ ନିର୍ଦ୍ଦେଶ**



- କାର୍ଯ୍ୟାଳୟକୁ ମଧ୍ୟସ୍ଥ ମୁକ୍ତ କର
- ସରକାରୀ କର୍ମଚାରୀ ପିନ୍ଧିବେ ନୀଳ ବ୍ୟାଣ୍ଡ
- ଆଉଟ୍‌ସୋର୍ସ କର୍ମଚାରୀ ସବୁଜ
- ସ୍ମାର୍ଟ ଚିପ୍ କର୍ମଚାରୀ ହଳଦିଆ

ଭୁବନେଶ୍ୱର,୨୮।୯(ବ୍ୟୁରୋ)

ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ)ଗୁଡିକୁ ମଧ୍ୟସ୍ଥ ମୁକ୍ତ କରିବାକୁ ରାଜ୍ୟ ପରିବହନ ବିଭାଗ ପଦକ୍ଷେପ ନେବା ଆରମ୍ଭ କରଛି। ଆରଟିଓଗୁଡ଼ିକୁ ମଧ୍ୟସ୍ଥମାନେ ନିଜ କବ୍‌ଜାରେ ରଖିବା ସହ ସାଧାରଣ ଲୋକଙ୍କୁ ହଇରାଣ କରୁଛନ୍ତି। ଏଥିରେ ଆର୍‌ଟିଓ, ଏମ୍‌ଭିଆଇ ଓ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀମାନଙ୍କ ମଧ ପରୋକ୍ଷ ପ୍ରୋତ୍ସାହନ ରହୁଛି। ରାଜ୍ୟର ସମସ୍ତ ଆର୍‌ଟିଓ କାର୍ଯ୍ୟାଳୟକୁ ଲୋକାଭିମୁଖୀ ଏବଂ ମଧ୍ୟସ୍ଥ ମୁକ୍ତ କରିବାକୁ ରାଜ୍ୟ ପରିବହନ କମିଶନର ସଞ୍ଜୀବ ପଣ୍ଡା ଶନିବାର ସମସ୍ତ ଆର୍‌ଟିଓଙ୍କୁ ଚିଠି ଲେଖି ଜଣାଇଛନ୍ତି। ଯଦି କୌଣସି ମଧ୍ୟସ୍ଥ ଆର୍‌ଟିଓ କାର୍ଯ୍ୟାଳୟ ପରିସରରେ ପ୍ରବେଶ କରିବେ ତେବେ ତାଙ୍କ ବିରୋଧରେ ଆଇପିସି ଦଫା ୧୮୮ ଅନୁଯାୟୀ ନିକଟସ୍ଥ ଥାନାରେ ଏଫ୍‌ଆଇଆର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏପରି କି କାର୍ଯ୍ୟାଳୟ ବାହାରେ ଯଦି କୌଣସି ବ୍ୟକ୍ତି ମଧ୍ୟସ୍ଥ କାର୍ଯ୍ୟରେ ଲିପ୍ତ ରୁହନ୍ତି ତେବେ ତୁରନ୍ତ ନିକଟସ୍ଥ ଥାନାକୁ ଜଣାଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର। କୌଣସି ମଧ୍ୟସ୍ଥ କାର୍ଯ୍ୟାଳୟ କିମ୍ବା ଯାନବାହନ ପରୀକ୍ଷା କେନ୍ଦ୍ରକୁ ଯେପରି ପ୍ରବେଶ ନ କରିବେ ସେ ନେଇ ବିଜ୍ଞାପନ ପ୍ରକାଶ କରିବାକୁ କୁହାଯାଇଛି। ଆରଟିଓ କାର୍ଯ୍ୟାଳୟ ନିକଟରେ କୌଣସି ଅସ୍ଥାୟୀ କୁଡ଼ିଆ କିମ୍ବା ଟେଷ୍ଟ ଯେପରି ନ ରହିବ ସେ ଦିଗରେ ପଦକ୍ଷେପ ନେବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ସରକାରୀ କର୍ମଚାରୀ, ଘରୋଇ ସଂସ୍ଥା (ଆଉଟ୍ ସୋର୍ସ) ଏବଂ ଲାଇସେନ୍ସ ଦେବା କାର୍ଯ୍ୟରେ ନିୟୋଜିତ ଥିବା ସ୍ମାର୍ଟ ଚିପ୍ ଲିମିଟେଡର କର୍ମଚାରୀମାନେ ଯେପରି କୋଣସି ମଧ୍ୟସ୍ଥ ସହିତ କାରବାର ନ କରିବେ ସେ ନେଇ ☞ପୃଷ୍ଠା-୪

## ମଧ୍ୟସ୍ଥଙ୍କ ସହ ସମ୍ପର୍କ ଥିବା ଅଧିକାରୀ ଚାକିରିରୁ ବିଦା ହେବେ

ଭୁବନେଶ୍ୱର,୨୮।୯(ବ୍ୟୁରୋ)

ରାଜ୍ୟର ବିଭିନ୍ନ ପରିବହନ କାର୍ଯ୍ୟାଳୟ(ଆର୍‌ଟିଓ)ରେ ଥିବା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ। ମଧ୍ୟସ୍ଥଙ୍କ ସହ କେଉଁ ଅଧିକାରୀ ସମ୍ପୃକ୍ତ ଅଛନ୍ତି ତାହା ଖୁବ୍‌ଶୀଘ୍ର ଜଣାପଡ଼ିବ। ଯେଉଁ ମଧ୍ୟସ୍ଥମାନଙ୍କୁ ଗିରଫ କରାଯାଇଛି ସେମାନଙ୍କ ଜରିଆରେ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଚିହ୍ନଟ କରାଯିବ ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଶନିବାର କହିଛନ୍ତି।

ଗଣମାଧ୍ୟକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ, ମଧ୍ୟସ୍ଥଙ୍କ ସହ ଯେଉଁ କର୍ମଚାରୀମାନଙ୍କ ସମ୍ପର୍କ ରହିଛି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଚାକିରିରୁ ମଧ ବିଦା କରାଯିବ। ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ବଦଳି କରିବାକୁ ତାଲିକା ପ୍ରସ୍ତୁତ କରାଯାଉଛି। ଆସନ୍ତା ଅକ୍ଟୋବରରେ ଏହି ପ୍ରକ୍ରିୟା ଆରମ୍ଭ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । କାଗଜପତ୍ର ପ୍ରସ୍ତୁତ କରିବାକୁ ଲୋକମାନଙ୍କୁ ଆସନ୍ତା ଡିସେମ୍ବର ୩୧ ଯାଏ ସମୟ ଦିଆଯାଇଛି। ଏହି ସମୟରେ କଡ଼ାକଡ଼ି ଯାଞ୍ଚ ହେବ ନାହିଁ। ତେବେ ମଦ୍ୟପାନ କରି ଗାଡି ଚଳାଉଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।








**ଆଜିର ସମ୍ପାଦକୀୟ**

ଆତଙ୍କବାଦର ସଂଜ୍ଞା

**ଆଜିର ମନ୍ତବ୍ୟ**

"ପାକିସ୍ତାନ ପ୍ରଧାନମନ୍ତ୍ରୀ ବୁଲିବୁଲି ବିଶ୍ୱ ନେତାଙ୍କୁ ଭେଟିବା କାର୍ଟୁନିଷ୍ଟଙ୍କ ଲାଗି ଖୋରାକ ଯୋଗାଇଛି।

-ରାଜନାଥ ସିଂ, ପ୍ରତିରକ୍ଷାମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE — 28.09.2019 — Vencobb Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 65 | 113 | 123 |
| CTC | 64 | 111 | 121 |
| DKL | 63 | 110 | 120 |
| BDK | 62 | 109 | 119 |
| BLS | 62 | 109 | 119 |
| ANG | 64 | 111 | 121 |
| BHM | 58 | 103 | 113 |

*Conditions Apply

Eggs Retail Price- 51/-Dozen

Issued in the Interest of Consumers





HDFC BANK — We understand your world

Up to ₹10,000 Additional Instant Discount* on HDFC Bank Debit & Credit Cards

Discount of ₹2500 on card swipe value below ₹99,000, ₹5000 between ₹1 lakh to ₹2.49 lac & ₹10000 above ₹2.5 lakh
Offer valid from 27th Sept to 29th Oct 2019. Not valid on Gold Coins.
*Minimum card swipe value ₹50,000; *T&Cs apply. Tanishq reserves the right to amend the T&Cs without any prior notice.

Buy online at tanishq.co.in
Follow us on: YouTube
*Conditions apply.
• Check tanishq.co.in/offers for further details.
• To know more, log on to tanishq.co.in

ଅନୁଗୁଳ — ଅମଳାପଡ଼ା ଲେନ୍-୨
ଭୁବନେଶ୍ୱର — ଚନ୍ଦ୍ରଶେଖର ପୁର | ମାଷ୍ଟର କ୍ୟାଣ୍ଟିନ୍
କଟକ — କ୍ୟାଣ୍ଟନ୍‌ମେଣ୍ଟ ରୋଡ଼



ପାକିସ୍ତାନ ଆତଙ୍କବାଦ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଦ୍ୱିପାକ୍ଷିକ ଆଲୋଚନା ଅସମ୍ଭବ ।
-ଅର୍ଜୁନରାମ ମେଘୱାଲ,
କେନ୍ଦ୍ର ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ



## ଜାତିସଂଘରେ କଶ୍ମୀର ପ୍ରସଙ୍ଗରେ ଇମ୍ରାନ୍‌ଙ୍କ ଭାଷଣ

# ଦୃଢ଼ ଜବାବ ରଖିଲା ଭାରତ

ଜାତିସଂଘ,୨୮।୯ (ପି.ଟି.)



ବିଦିଶା ମୈତ୍ର

ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଶୁକ୍ରବାର ଦେଇଥିବା ଉଦ୍‌ବୋଧନର କଡ଼ା ଜବାବ ରଖିଛି ଭାରତ। ଇମ୍ରାନ ତାଙ୍କର ୫୦ ମିନିଟ ଭାଷଣର ଅର୍ଦ୍ଧାଧିକ ସମୟ ଭାରତ ଓ କଶ୍ମୀର ପ୍ରସଙ୍ଗରେ କହିବା ସହ ଆଣବିକ ଯୁଦ୍ଧର ଭୟ ଦେଖାଇଥିଲେ। ଉତ୍ତର ରଖିବା ଅଧିକାରର ଉପଯୋଗ କରି ଭାରତ ଏହାର ରୋକ୍‌ଠୋକ୍ ଜବାବ ରଖିବା ସହ ପାକିସ୍ତାନର ଅସଲ ମୁଖା ଖୋଲିଦେଇଛି। ଭାରତୀୟ ପ୍ରତିନିଧି ଜାତିସଂଘରେ ଇମ୍ରାନଙ୍କୁ ପ୍ରଶ୍ନବାଣରେ ଯେପରି ଜର୍ଜରିତ କରିଛନ୍ତି, ତାହାର ଉତ୍ତର ଇସ୍‌ଲାମାବାଦ ପାଖରେ ନାହିଁ। ଘୃଣାନୀତିରୁ ଆତଙ୍କବାଦର କାରଖାନା ଖୋଲିଥିବା କୌଣସି ରାଷ୍ଟ୍ର ଭାରତୀୟ ନାଗରିକଙ୍କ ତରଫରୁ କହିବା ସେମାନେ ଚାହାନ୍ତି ନାହିଁ ବୋଲି ନୂଆଦିଲ୍ଲୀ ସ୍ପଷ୍ଟ କରିଦେଇଛି।

ଜାତିସଂଘ ସାଧାରଣ ସଭାରେ କୁହାଯାଉଥିବା ପ୍ରତିଟି ଶବ୍ଦ ଐତିହାସିକ ଗୁରୁତ୍ୱ ବହନ କରିଥାଏ। କିନ୍ତୁ ଦୁର୍ଭାଗ୍ୟର ବିଷୟ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଆମେ ବନାମ ସେମାନେ, ଉତ୍ତର ବନାମ ଦକ୍ଷିଣ, ବିକଶିତ–ବିକାଶଶୀଳ, ମୁସଲମାନ ବନାମ ଅନ୍ୟମାନେ ଆଦି ଶବ୍ଦ ମାଧ୍ୟମରେ ବିଭାଜନର ମଞ୍ଜି ବୁଣିଛନ୍ତି। ସେ ବିଭେଦତାକୁ ତୀକ୍ଷ୍ଣ କରିବା ସହ ଘୃଣା ବୃଦ୍ଧି ଲାଗି ଉଦ୍ୟମ କରିଛନ୍ତି ବୋଲି ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ବିଦିଶା ମୈତ୍ର କହିଛନ୍ତି। ଇମ୍ରାନ କଶ୍ମୀର ପ୍ରସଙ୍ଗରେ କହିଲାବେଳେ ତାଣ୍ଡବ ରଚିବା, ରକ୍ତସ୍ନାନ, ବନ୍ଧୁକ ଉଠାଇବା, ଶେଷ ପର୍ଯ୍ୟନ୍ତ ଯୁଦ୍ଧ କରିବା ଆଦି କଥା କହିଥିଲେ। ଏହା ତାଙ୍କର ଏକବିଂଶ ଶତାବ୍ଦୀର ଦୃଷ୍ଟିକୋଣ ନୁହେଁ ମଧ୍ୟଯୁଗୀୟ ମାନସିକତା ବୋଲି ବିଦିଶା କହିଛନ୍ତି। ସେ ଇମ୍ରାନଙ୍କ ପ୍ରତି ଅଭିଯୋଗର ଜବାବ ରଖିବା ସହ ପାକିସ୍ତାନ ଆତଙ୍କବାଦର ମୂଳ ଉତ୍ସ ବୋଲି ଅଭିହିତ କରିଥିଲେ। ଆଣବିକ ଯୁଦ୍ଧର ପରିଣାମ ସମ୍ପର୍କରେ ଧମକ ଦେବା ଇମ୍ରାନଙ୍କୁ ରାଷ୍ଟ୍ରନାୟକ ନୁହେଁ ଜଣେ ଅସ୍ଥିରତାବାଦୀରେ ପରିଣତ କରିଛି। ପାକ୍ ପ୍ରଧାନମନ୍ତ୍ରୀଙ୍କୁ ଇମ୍ରାନ ଖାନ୍ ନିଆଜି ସମ୍ବୋଧନ କରି ୧୯୭୧ର ଗଣହତ୍ୟାକୁ ସେ ଭୁଲିଯିବା ଉଚିତ ନୁହେଁ ବୋଲି ବିଦିଶା କହିଛନ୍ତି।

- ଆଣବିକ ଯୁଦ୍ଧ ଧମକ ଇମ୍ରାନଙ୍କୁ ଅସ୍ଥିରତାବାଦୀରେ ପରିଣତ କରିଛି
- ଜାତିସଂଘ ଘୋଷିତ ୧୩୦ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଇଛି ପାକ୍
- ସଂଖ୍ୟାଲଘୁ ୨୩ ପ୍ରତିଶତରୁ ୩ ପ୍ରତିଶତକୁ ହ୍ରାସ ପାଇଛନ୍ତି

୧୯୭୧ ଯୁଦ୍ଧ ବେଳେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏ.ଏ.କେ. ନିଆଜିଙ୍କ ନେତୃତ୍ୱରେ ପାକିସ୍ତାନୀ ସେନା ନିଜ ଲୋକମାନଙ୍କୁ ହତ୍ୟା କରିଥିଲା। ଆତଙ୍କବାଦ ସମ୍ପର୍କରେ ଇମ୍ରାନ୍‌ଙ୍କ ଓକିଲାତି ନିର୍ଲଜ୍ଜତା ଓ ଉତ୍ତେଜନା ସୃଷ୍ଟିକାରୀ ବୋଲି ଜାତିସଂଘରେ ଭାରତୀୟ ପ୍ରତିନିଧି ଉତ୍ତର ରଖିଛନ୍ତି।

ଜାତିସଂଘ ୧୩୦ ଜଣ ଆତଙ୍କବାଦୀ ଓ ୨୫ଟି ଆତଙ୍କବାଦୀ ସଂଗଠନ ଘୋଷଣା କରିଥିବା ବେଳେ ପାକିସ୍ତାନ ସେମାନଙ୍କୁ ଆଶ୍ରୟ ଦେଇଛି। ଏହାର ସତ୍ୟତା ପାକିସ୍ତାନ ସ୍ପଷ୍ଟ କରୁ ବୋଲି ବିଦିଶା ପ୍ରଶ୍ନ କରିଥିଲେ। ବିଶ୍ୱରେ ପାକିସ୍ତାନ ଏକମାତ୍ର ସରକାର ଯିଏ ଜାତିସଂଘ ତାଲିକାରେ ଥିବା ଆତଙ୍କବାଦୀମାନଙ୍କୁ ପେନ୍‌ସନ ଯୋଗାଇଦେଉଛି। ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଇବା ଅଭିଯୋଗରେ ନ୍ୟୁୟର୍କର ହବିବ୍ ବ୍ୟାଙ୍କକୁ ନିୟୁତ ଡଲାର ଅର୍ଥଦଣ୍ଡରେ ଦଣ୍ଡିତ କରାଯିବା ପରେ ଏହି ପ୍ରମୁଖ ବ୍ୟାଙ୍କ ବନ୍ଦ ହୋଇଗଲା। ଏହାର କାରଣ ସମ୍ପର୍କରେ ଇସ୍‌ଲାମାବାଦ ସ୍ପଷ୍ଟୀକରଣ ଦେଇପାରିବ କି ବୋଲି ଭାରତୀୟ ପ୍ରତିନିଧି ପ୍ରଶ୍ନ କରିଥିଲେ। ଆର୍ଥିକ କାର୍ଯ୍ୟାନୁଷ୍ଠାନ ଟାସ୍କଫୋର୍ସ ଧାର୍ଯ୍ୟ କରିଥିବା ୨୭ ନିୟମାବଳୀରୁ ପାକିସ୍ତାନ ୨୦ରୁ ଊର୍ଦ୍ଧ୍ୱ ନିୟମ ଉଲ୍ଲଂଘନ କରିଛି। ଇମ୍ରାନ ଜଣେ କ୍ରିକେଟର। କ୍ରିକେଟକୁ ଭଦ୍ରଲୋକର ଖେଳ କୁହାଯାଏ। ତେବେ ସେ ଜାତିସଂଘରେ ଯେଭଳି ଢଙ୍ଗରେ ଭାଷଣ ଦେଲେ ତାହା ଅସଭ୍ୟତାର ସୀମା ଟପିଗଲା। ୧୯୪୭ରେ ପାକିସ୍ତାନରେ ୨୩ ପ୍ରତିଶତ ସଂଖ୍ୟାଲଘୁ ଥିଲାବେଳେ ଆଜି ତାହା ୩ ପ୍ରତିଶତକୁ ହ୍ରାସ ପାଇଛି। ସେଠାରେ ସଂଖ୍ୟାଲଘୁମାନଙ୍କୁ ଜୋରଜବରଦସ୍ତ ଧର୍ମାନ୍ତର କରାଯାଉଥିବା ସ୍ପଷ୍ଟ ହୋଇଛି। ଇସ୍‌ଲାମାବାଦ ଏହାର ଜବାବ ଦେଇପାରିବ କି ବୋଲି ବିଦିଶା ପ୍ରଶ୍ନ କରିଛନ୍ତି।

## ଜମ୍ମୁ-କଶ୍ମୀରରେ ସେନା ଅପରେଶନ

# ଯବାନ ଶହୀଦ, ୬ ଆତଙ୍କବାଦୀ ନିହତ

ଜମ୍ମୁ,୨୮।୯(ପି.ଟି.)



ଜମ୍ମୁ-କଶ୍ମୀରର ଦୁଇଟି ସ୍ଥାନରେ ଶନିବାର ଏନ୍‌କାଉଣ୍ଟର କରାଯାଇଛି। ଏଥିରେ ମୋଟ ୬ ଆତଙ୍କବାଦୀ ନିହତ ହୋଇଛନ୍ତି। କିସ୍ତୱାର ନିକଟ ବାଟୋଟେ ଅଞ୍ଚଳରେ ସେନାର ଦୀର୍ଘ ୯ ଘଣ୍ଟା ଅପରେଶନ ପରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ଏଥିସହ ଜଣେ ଯବାନ ଶହୀଦ ହୋଇଥିବା ଜଣାପଡ଼ିଛି। ନିହତ ଆତଙ୍କବାଦୀଙ୍କ ମଧ୍ୟରୁ ଜଣେ ହିଜବୁଲ ମୁଜାହିଦ୍ଦିନ କମାଣ୍ଡର। ଓସାମା ନାମକ ଏହି ହିଜବୁଲ ଆତଙ୍କବାଦୀ ରାଜନେତାମାନଙ୍କୁ ଟାର୍ଗେଟ କରି ମାରୁଥିଲା ବୋଲି ଜଣାପଡ଼ିଛି। ଅନେକ ଭାଜପା, ଆର୍‌ଏସ୍‌ଏସ୍ ନେତା ତାଙ୍କ ଟାର୍ଗେଟରେ ଥିଲେ। ଅନ୍ୟ ୨ ନିହତ ଆତଙ୍କବାଦୀ ହେଲେ ଜାହିଦ୍ ଓ ଫାରୁକ୍।

ଅନ୍ୟପକ୍ଷରେ ଗନ୍ଦରବାଲ ଅଞ୍ଚଳର ନରନାଗ ଗ୍ରାମରେ ସେନା ଏନ୍‌କାଉଣ୍ଟରରେ ପୁଣି ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିବା ସେନା ମୁଖପାତ୍ର ପ୍ରକାଶ କରିଛନ୍ତି। ଏକ ଘରେ ଲୁଚିଥିବା ଏହି ଆତଙ୍କବାଦୀଙ୍କୁ ସେନା ପକ୍ଷରୁ ଘେରାବନ୍ଦୀ କରାଯାଇଥିଲା। ଆତଙ୍କବାଦୀମାନେ ପ୍ରଥମେ ସେନା ଉପରକୁ ଗୁଳିମାଡ଼ କରିବା ପରେ ଏହାର କଡ଼ା ଜବାବ୍ ଦିଆଯାଇଥିଲା। ଘର ମାଲିକ ଓ ପରିବାରବର୍ଗଙ୍କୁ ସେନା ପକ୍ଷରୁ ସୁରକ୍ଷାର ସହ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ସେନା କାର୍ଯ୍ୟାନୁଷ୍ଠାନ ଲାଗି ସୁରକ୍ଷା ଦୃଷ୍ଟିରୁ କେତେକ ରାସ୍ତାରେ ଯାତାୟାତ ବନ୍ଦ ରହିଥିଲା। ଖସିବାକୁ ଉଦ୍ୟମ କରୁଥିବାବେଳେ ଆତଙ୍କବାଦୀମାନେ ଯବାନଙ୍କ ଗୁଳିର ଶିକାର ହୋଇଥିଲେ ବୋଲି ସେନା ଅଧିକାରୀ ଦେବେନ୍ଦ୍ର ଆନନ୍ଦ ପ୍ରକାଶ କରିଛନ୍ତି। ଏବେ ବି ସମ୍ପୃକ୍ତ ଅଞ୍ଚଳରେ ସେନାର ତଲାସି ଅଭିଯାନ ଜାରି ରହିଥିବା ସେ କହିଛନ୍ତି। ଶନିବାର ସକାଳେ ଏକ ଗାଡ଼ିକୁ ୨ ସନ୍ଦିଗ୍ଧ ଅଟକାଇବାକୁ ଚେଷ୍ଟାକରି ବିଫଳ ହୋଇଥିଲେ। ଗାଡ଼ି ଡ୍ରାଇଭର ସେନା ପୋଷ୍ଟକୁ ଏନେଇ ଅବଗତ କରାଇବା ପରେ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଥିଲା।

### ଜେଇଏମ୍ ଆତଙ୍କବାଦୀ ଗିରଫ

**ଅମ୍ବାଲା,୨୮।୯(ପି.ଟି.):** ହରିୟାଣାର ଅମ୍ବାଲା କ୍ୟାଣ୍ଟନ୍‌ମେଣ୍ଟ ଅଞ୍ଚଳରୁ ଜଣେ ସନ୍ଦିଗ୍ଧ ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ସଙ୍ଗଠନର ସଦସ୍ୟଙ୍କୁ ଗିରଫ କରାଯାଇଛି। ଜାତୀୟ ରାଜପଥରେ ଛିଡ଼ାହୋଇଥିବା ଏକ ଟ୍ରକ୍ ଭିତରୁ ଧରାପଡ଼ିଥିବା ଏହି ଆତଙ୍କବାଦୀଙ୍କ ନାମ ମହମ୍ମଦ ଇସ୍‌ମାଇଲ ଓ ଘର ଜମ୍ମୁ-କଶ୍ମୀରରେ ବୋଲି ଏସ୍‌ପି ଅଭିଷେକ ଜୋର୍‌ୱାଲ ପ୍ରକାଶ କରିଛନ୍ତି। ପଞ୍ଜାବ ପୋଲିସ ଓ ଜମ୍ମୁ-କଶ୍ମୀର ସେନା ଗୋଇନ୍ଦାଠାରୁ ଏନେଇ ଖବର ମିଳିବା ପରେ ଚଢାଉ କରାଯାଇଥିବା ସେ କହିଛନ୍ତି। ଅମ୍ବାଲା-ଦିଲ୍ଲୀ ଜାତୀୟ ରାଜପଥରେ ଯାଉଥିବା ଗାଡ଼ିକୁ ଯାଞ୍ଚ କରାଯିବା ସହ ଆତଙ୍କବାଦୀଙ୍କୁ ଧରାଯାଇଥିଲା। ତାଙ୍କୁ ପରେ ଜମ୍ମୁ-କଶ୍ମୀର ପୋଲିସକୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

## ଆଇଏନ୍‌ଏକ୍ସ ମିଡିଆ ମାମଲା: ସିବିଆଇକୁ କେନ୍ଦ୍ରର ଅନୁମତି

# ୪ ଅଧିକାରୀଙ୍କ ବିରୋଧରେ ତଦନ୍ତ ଚାଲିବ

ନୂଆଦିଲ୍ଲୀ,୨୮।୯

ଆଇଏନ୍‌ଏକ୍ସ ମିଡିଆ ଦୁର୍ନୀତି ମାମଲାରେ ନୀତି ଆୟୋଗର ପୂର୍ବତନ ସିଇଓଙ୍କ ସମେତ ୪ ବରିଷ୍ଠ ପୂର୍ବତନ ଅଧିକାରୀଙ୍କ ବିରୋଧରେ ତଦନ୍ତ କରିବା ଲାଗି ସିବିଆଇକୁ ସରକାର ଅନୁମତି ଦେଇଛନ୍ତି। ୨୦୦୭ରେ ଆଇଏନ୍‌ଏକ୍ସ ମିଡିଆରେ ବିଦେଶୀ ପୁଞ୍ଜିନିବେଶ ଲାଗି ଅନୁମତି ପ୍ରଦାନରେ ଅନିୟମିତା ହୋଇଥିବା ଅଭିଯୋଗରେ ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କ ସମେତ ଏହି ଅଧିକାରୀମାନେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ଚିଦାମ୍ବରମ ଏବେ ତିହାର ଜେଲ୍‌ରେ ଅଛନ୍ତି। ସେତେବେଳେ ଅର୍ଥ ବିଭାଗର ଅତିରିକ୍ତ ସଚିବ ଏବଂ ପରେ ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ହୋଇଥିବା ସିନ୍ଧୁଶ୍ରୀ ଖୁଲ୍ଲର, ଅର୍ଥ ମନ୍ତ୍ରଣାଳୟର ପୂର୍ବତନ ଯୁଗ୍ମ ସଚିବ ତଥା ଓଡ଼ିଆ ଅଫିସର ଅନୁପ କୁମାର ପୂଜାରୀ, ପୂର୍ବତନ ନିର୍ଦ୍ଦେଶକ ପ୍ରବୋଧ ସାକ୍ସେନା ଏବଂ ପୂର୍ବତନ ଅନୁସଚିବ ରବୀନ୍ଦ୍ର ପ୍ରସାଦଙ୍କ ବିରୋଧରେ ମାମଲା ଚଳାଇବା ଲାଗି ସିବିଆଇ ସରକାରଙ୍କଠାରୁ ଅନୁମତି ଲୋଡ଼ିଥିଲା। ଫେବୃୟାରୀରେ ସରକାର କେବଳ ଚିଦାମ୍ବରମଙ୍କ ବିରୋଧରେ ତଦନ୍ତ ଲାଗି ଅନୁମତି ଦେଇଥିଲେ। ଜୁନ୍ ମାସରେ କେନ୍ଦ୍ରୀୟ ଭିଜିଲାନ୍ସ ଆୟୋଗ (ସିଭିସି) ପୁଣି ଥରେ କେନ୍ଦ୍ରର ଅନୁମତି ଚାହିଁଥିଲେ। ୨୦୦୭ରେ ଉପରୋକ୍ତ ୪ ଅଧିକାରୀ ଚିଦାମ୍ବରମଙ୍କ ଅଧୀନରେ କାମ କରୁଥିଲେ। ଗତ ମାସରେ ଚିଦାମ୍ବରମ ସିବିଆଇ ହାଜତରେ ଥିବାବେଳେ ଉକ୍ତ ଅଧିକାରୀମାନଙ୍କ ସହ ତାଙ୍କୁ ମୁହାଁମୁହିଁ ଜେରା କରାଯାଇଥିଲା।

## ବିହାର କୋର୍ଟରେ ଇମ୍ରାନ୍‌ଙ୍କ ବିରୋଧରେ ମାମଲା

**ପାଟନା,୨୮।୯ (ଆଇଏଏନ୍‌ଏସ୍)** ବିହାର ମୁଜାଫରପୁର ଜିଲାର ଏକ ଅଦାଲତରେ ଶନିବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଜାତିସଂଘରେ ଇମ୍ରାନ ଭାରତକୁ ଆଣବିକ ଯୁଦ୍ଧ ଧମକ ଦେବା ସହ ଆପତ୍ତିଜନକ ମନ୍ତବ୍ୟ ଦେଇଥିବାରୁ ଏହା ବିରୋଧରେ ଆଇନଜୀବୀ ସୁଧୀର କୁମାର ଓଝା ମୁଜାଫରପୁରର ମୁଖ୍ୟ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ପିଟିଶନ୍ ଦାଏର କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ଏତଲା ଦାଏର ପାଇଁ ନିର୍ଦ୍ଦେଶ ଦେବାକୁ ସେ କୋର୍ଟଙ୍କୁ ଅନୁରୋଧ କରିଛନ୍ତି।

## ଚାଇନାର 'କଶ୍ମୀର' ମନ୍ତବ୍ୟକୁ ଭାରତର ବିରୋଧ

ନୂଆଦିଲ୍ଲୀ,୨୮।୯(ପି.ଟି.)

ଜାତିସଂଘରେ ଚାଇନା କଶ୍ମୀର ପ୍ରସଙ୍ଗ ଉଠାଇଥିବାରୁ ଭାରତ ଏହାର ଦୃଢ଼ ବିରୋଧ କରିଛି। ୟୁଏନ୍‌ଜିଏରେ ଉଦ୍‌ବୋଧନ ଦେଇ ଚାଇନା କହିଥିଲା, ଜାତିସଂଘ ନିୟମାବଳୀ, ସୁରକ୍ଷା ପରିଷଦର ସଂକଳ୍ପନାମା ଓ ଦ୍ୱିପାକ୍ଷିକ ଚୁକ୍ତିନାମା ଆଧାରରେ ଏହି ବିବାଦର ଶାନ୍ତିପୂର୍ଣ୍ଣ ଓ ଉପଯୁକ୍ତଭାବେ ସମାଧାନ ହେବା ଉଚିତ। କଶ୍ମୀର ସ୍ଥିତିରେ ପରିବର୍ତ୍ତନ ଲାଗି ଏକପାଖିଆ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ ନୁହେଁ ବୋଲି ବେଜିଂ କହିଥିଲା। ଶନିବାର ଭାରତ ଏହାର ପ୍ରତିବାଦ କରିଛି। କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବାରୁ ଏହାର ସାର୍ବଭୌମତ୍ୱକୁ ସବୁ ଦେଶ ସମ୍ମାନ ଦେବା ଉଚିତ ବୋଲି ନୂଆଦିଲ୍ଲୀ କହିଛି।

### ଆମେରିକାରେ ଶିଖ୍ ପୋଲିସ ଅଫିସରଙ୍କୁ ହତ୍ୟା

**ହ୍ୟୁଷ୍ଟନ,୨୮।୯(ପି.ଟି.):** ଆମେରିକାର ଟେକ୍ସାସରେ ଜଣେ ଭାରତୀୟ-ଆମେରିକୀୟ ଶିଖ୍ ପୋଲିସ ଅଫିସରଙ୍କୁ



ହତ୍ୟା କରାଯାଇଛି। ଆମେରିକା ପୋଲିସ ବିଭାଗରେ ସନ୍ଦିପ୍ ସିଂ ଧଲିୱାଲଙ୍କୁ ଦାଢ଼ି ରଖିବା ଓ ପଗଡି ବାନ୍ଧିବାକୁ ଅନୁମତି ମିଳିଲାବେଳେ ସବୁ ଜାତୀୟ ଗଣମାଧ୍ୟମର ଶିରୋନାମା ମଣ୍ଡନ କରିଥିଲା। ଏହି ହତ୍ୟାକାଣ୍ଡକୁ ଭାରତ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଶୁକ୍ରବାର ହ୍ୟୁଷ୍ଟନର ଏକ ଟ୍ରାଫିକ ଷ୍ଟପ୍‌ରେ ସେ ଏକ ଗାଡ଼ିକୁ ସନ୍ଦେହ କରି ଅଟକାଇଥିଲେ। ସେଥିରେ ଜଣେ ପୁରୁଷ ଓ ଜଣେ ମହିଳା ଥିଲେ। ପୁରୁଷ ଜଣକ ହଠାତ୍ ଗାଡ଼ିରୁ ଓହ୍ଲାଇ ସନ୍ଦିପ୍‌ଙ୍କ ଉପରକୁ ଗୁଳି ଚଳାଇଥିଲା। ଗୁଳିକାଣ୍ଡର କାରଣ ଜଣାପଡିନାହିଁ। ଏହି ଘଟଣାରେ ରବର୍ଟ ସୋଲିସ୍ ନାମକ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ ହେବା ସହ ତାଙ୍କଠାରୁ ବନ୍ଧୁକ ଜବତ ହୋଇଛି।



ମୁମ୍ବାଇ ଡକ୍‌ୟାର୍ଡରେ ନୂତନ ବୁଡ଼ାଜାହାଜ ଆଇଏନ୍‌ଏସ୍ ଖଣ୍ଡେରୀକୁ ଶନିବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ନୌସେନାରେ ସାମିଲ କରାଉଛନ୍ତି।

### ସ୍କୁଲ କାନ୍ଥ ଭୁଶୁଡ଼ି ୩ ଛାତ୍ର ମୃତ

**ଜୟପୁର,୨୮।୯(ପି.ଟି.):** ରାଜସ୍ଥାନର ଉଦୟପୁର ଜିଲାରେ ପ୍ରବଳ ବର୍ଷା ଯୋଗୁ ଏକ ସରକାରୀ ସ୍କୁଲ କାନ୍ଥ ଭୁଶୁଡ଼ି ପଡ଼ିବାରୁ ୩ ଛାତ୍ରୀଛାତ୍ରଙ୍କ ଶନିବାର ମୃତ୍ୟୁ ଘଟିଛି। ପାହାଡ଼ ପାଦଦେଶରେ ଥିବା ଥୋବ୍‌ୱାରା ସରକାରୀ ମାଧ୍ୟମ ସ୍କୁଲରେ ଏଭଳି ଅଘଟଣ ଘଟିଥିବା ପୋଲିସ କହିଛି। ଶନିବାର ପୂର୍ବାହ୍ନରେ ପ୍ରବଳ ବର୍ଷା ଯୋଗୁ କାନ୍ଥ ଭାଙ୍ଗି ପିଲାଙ୍କ ଉପରେ ପଡ଼ିଯାଇଥିଲା। ଘଟଣାସ୍ଥଳରେ ୩ ପିଲାଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁବରଣ କରିଥିବା ସ୍କୁଲ ଛାତ୍ରୀଛାତ୍ରମାନେ ହେଲେ ମନୀଷା ମୀନା(୧୦), ଅବିନାଶ(୮) ଓ ଆୟୁଷ(୫)। ମୃତଦେହ ଗୁଡ଼ିକୁ ପୋଷ୍ଟମର୍ଟମ କରାଯିବା ପରେ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି।

## ଅନୁଚ୍ଛେଦ ୩୭୦ ଉଚ୍ଛେଦ ବିରୋଧରେ ପିଟିଶନ୍

# ଗଠନ ହେଲା ସାମ୍ବିଧାନିକ ପୀଠ

**ନୂଆଦିଲ୍ଲୀ,୨୮।୯(ଆଇଏଏନ୍‌ଏସ୍)**



ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଦାଏର ପିଟିଶନର ବିଚାର ନିମନ୍ତେ ଶନିବାର ୫ ଜଣିଆ ସାମ୍ବିଧାନିକ ପୀଠ ଗଠନ କରାଯାଇଛି। ଜଷ୍ଟିସ୍ ଏନ୍.ଭି. ରାମାନାଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ସାମ୍ବିଧାନିକ ପୀଠ ୩୭୦ ଉଚ୍ଛେଦ ବିରୋଧରେ ଆସିଥିବା ଏକାଧିକ ପିଟିଶନର ଶୁଣାଣି ଅକ୍ଟୋବର ପ୍ରଥମ ସପ୍ତାହରୁ ଆରମ୍ଭ କରିବେ। ୩୭୦ ଉଚ୍ଛେଦ ନିମନ୍ତେ କେନ୍ଦ୍ରର ନିଷ୍ପତ୍ତି ଓ ତତ୍‌ପରବର୍ତ୍ତୀ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶନାମାର ସାମ୍ବିଧାନିକ ବୈଧତାକୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରାଯାଇଛି। ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି), ସାଜଦ ଲୋନ୍‌ଙ୍କ ନେତୃତ୍ୱାଧୀନ ପିପୁଲ୍ସ କନ୍‌ଫରେନ୍ସ, ଆଇନଜୀବୀ ଏମ୍.ଏଲ୍. ଶର୍ମାଙ୍କ ସମେତ ଏକାଧିକ ବ୍ୟକ୍ତି ପିଟିଶନ ଦାଏର କରିଥିଲେ। ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ ନିଷ୍ପତ୍ତିକୁ ମଧ୍ୟ ପିଟିଶନରେ ଚ୍ୟାଲେଞ୍ଜ୍ କରାଯାଇଛି।

### ଇତିହାସର ଆଇନାରେ

**ସେପ୍ଟେମ୍ବର ୨୯ର ପ୍ରମୁଖ ଘଟଣା**

୨୦୦୯ ସେପ୍ଟେମ୍ବର ୨୯ରେ ଆମେରିକାର ସମୋଆ ଓ ଟୋଙ୍ଗାରେ ଭୟଙ୍କର ଭୂକମ୍ପ ଦେଖାଦେଇଥିଲା। ଅନେକ ଘର ଭାଙ୍ଗିଯାଇଥିବାବେଳେ ଏଥିରେ ପ୍ରାୟ ୧୯୦ ଜଣ ପ୍ରାଣ ହରାଇଥିଲେ। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୮.୧ ଥିଲା। ଭୂକମ୍ପ ପରେ ୧୪ ଫୁଟର ସୁନାମି ଆସିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଥିଲା।

୨୦୧୬ ସେପ୍ଟେମ୍ବର ୨୯ରେ ଭାରତ ପକ୍ଷରୁ ଉରି ଆତଙ୍କବାଦୀ ଆକ୍ରମଣ ବିରୋଧରେ ସର୍ଜିକାଲ ଷ୍ଟ୍ରାଇକ୍ କରାଯାଇଥିଲା। ପିଓକେ'ରେ ଥିବା ଆତଙ୍କବାଦୀ ଆଡ୍ଡା ଉପରେ ଭାରତୀୟ ସେନା ଆକ୍ରମଣ କରିଥିଲା। ପ୍ରାୟ ୭୦ ଆତଙ୍କବାଦୀ ଏଥିରେ ନିହତ ହୋଇଥିବାବେଳେ ସେଠାରେ ଥିବା ଲଞ୍ଚପ୍ୟାଡ୍‌ଗୁଡ଼ିକୁ ଭାରତ ଧ୍ୱଂସ କରିଥିଲା। ହେଲେ ପାକିସ୍ତାନ ଏହାକୁ ଅଗ୍ରାହ୍ୟ କରିବା ପରେ ୨୦୧୮ରେ ଏହାର ଭିଡିଓ ଜାରି କରାଯାଇଥିଲା।




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ପ୍ରବଳ ବର୍ଷା ସହ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୦ | ୨୨.୬ |
| ଚାନ୍ଦବାଲି | ୩୧.୦ | ୨୪.୬ |
| କଟକ | ୨୯.୪ | ୨୨.୦ |
| ପାରାଦ୍ୱୀପ | ୩୧.୩ | ୨୫.୨ |
| ଭୁବନେଶ୍ୱର | ୩୦.୫ | ୨୪.୦ |
| ଗୋପାଳପୁର | ୨୯.୦ | ୨୫.୯ |
| ପୁରୀ | ୩୦.୬ | ୨୬.୦ |
| ଅନୁଗୋଳ | ୨୯.୭ | ୧୯.୦ |
| ବାରିପଦା | ୨୮.୦ | ୨୩.୫ |
| ଝାରସୁଗୁଡ଼ା | ୨୮.୨ | ୨୪.୨ |
| କେନ୍ଦୁଝର | ୨୮.୯ | ୨୨.୨ |
| ସମ୍ବଲପୁର | ୩୦.୭ | ୨୪.୨ |
| ସୁନ୍ଦରଗଡ଼ | ୨୮.୦ | ୨୨.୦ |
| ହୀରାକୁଦ | ୩୦.୧ | ୨୪.୯ |
| ତାଳଚେର | ୩୦.୩ | ୨୪.୧ |
| ଭବାନୀପାଟଣା | ୩୩.୫ | ୨୪.୦ |
| ବଲାଙ୍ଗୀର | ୩୨.୭ | ୨୪.୫ |
| କୋରାପୁଟ | ୨୯.୬ | ୧୯.୬ |
| ଫୁଲବାଣୀ | ୩୦.୫ | ୨୦.୨ |
| ଟିଟିଲାଗଡ଼ | ୩୪.୦ | ୨୧.୧ |
| ମାଲକାନଗିରି | ୩୩.୦ | -- |
| ସୋନପୁର | ୩୧.୬ | ୨୧.୪ |
| ଦାରିଙ୍ଗିବାଡ଼ି | ୨୮.୦ | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍

## ପ୍ରଦୂଷଣ ବିରୋଧରେ ବିପ୍ଳବ

# ଖାଦ୍ୟ ନଷ୍ଟ ରୋକିବାକୁ ଫ୍ରାନ୍ସର ପ୍ରୟାସ

ପ୍ୟାରିସ୍,୨୮।୯



ପରିବେଶ ପ୍ରଦୂଷଣ ଏବେ ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଥିବାବେଳେ ଏହାର ସମାଧାନ ଦିଗରେ ଫ୍ରାନ୍ସ ସରକାର ଅଭିନବ ପଦକ୍ଷେପ ଗ୍ରହଣ କରିଛନ୍ତି। ସାରା ବିଶ୍ୱରେ ପ୍ରତିଦିନ ପ୍ରଚୁର ଖାଦ୍ୟ ନଷ୍ଟ ହୋଇଥାଏ। ପରିବେଶ ପ୍ରଦୂଷଣର ଏହା ଅନ୍ୟତମ କାରଣ। ତେବେ ଖାଦ୍ୟ ନଷ୍ଟ ହେବାରୁ ରକ୍ଷା କରିବାରେ ଫ୍ରାନ୍ସ ବିପ୍ଳବ ଆଣିବା ସହ ତାଲିକାର ୧ ନମ୍ବର ସ୍ଥାନରେ ରହିଛି। ୨୦୨୫ ସୁଦ୍ଧା ଦେଶକୁ ଖାଦ୍ୟ ନଷ୍ଟରୁ ସମ୍ପୂର୍ଣ୍ଣ ମୁକ୍ତ ହେବା ଲାଗି ଲକ୍ଷ୍ୟ ରଖିଛି।

ଫ୍ରାନ୍ସ ବିଶ୍ୱର ବିଭିନ୍ନ ଦେଶକୁ ଖାଦ୍ୟ ରପ୍ତାନି କରିଥାଏ। ଜାତୀୟ ସ୍ତରରେ ଏହା କେବଳ କମ୍ ଖାଦ୍ୟ ନଷ୍ଟ କରେ ତାହା ନୁହେଁ, ସମସ୍ତେ ଯେପରି ଖାଦ୍ୟ ପାଇପାରିବେ ତାହା ପ୍ରତି ମଧ୍ୟ ଦୃଷ୍ଟି ଦେଇଥାଏ। ଏଥିପାଇଁ ସେଠାକାର ଲୋକଙ୍କ ଖାଦ୍ୟ ଅଭ୍ୟାସରେ ପରିବର୍ତ୍ତନ ଘଟିଛି। ୨୦୧୨ରୁ ଫ୍ରାନ୍ସ କେତେଗୁଡ଼ିଏ ଖାଦ୍ୟନୀତି କାର୍ଯ୍ୟକାରୀ କରିଆସୁଛି। ଏହାର ବର୍ଜ୍ୟ ପରିଚାଳନା କାର୍ଯ୍ୟକାରିତା ଆଇନ ଜୈବ ବର୍ଜ୍ୟ କମାଇବାରେ ସହାୟକ ହୋଇଛି। ପୂର୍ବରୁ ସେଠାରେ ବର୍ଷକୁ ୧୨୦ ଟନ୍‌ରୁ ଊର୍ଦ୍ଧ୍ୱ ଜୈବ ବର୍ଜ୍ୟକୁ ରିସାଇକ୍ଲିଂ କରିବାକୁ ପଡୁଥିଲା, ଯେଉଁଥିରେ ଘରୋଇ କମ୍ପାନୀଗୁଡ଼ିକୁ ନିୟୋଜିତ କରାଯାଉଥିଲା। ଏବେ ତାହାକୁ ୧୦ ଟନ୍‌କୁ ହ୍ରାସ କରାଯାଇଛି,ଅର୍ଥାତ୍ ଦିନକୁ ୩୦ କିଲୋଗ୍ରାମର କମ୍ ଜୈବ ବର୍ଜ୍ୟ ବାହାରୁଛି। ବର୍ଜ୍ୟ ନିଷ୍କାସନ କରୁଥିବା ସୁପରମାର୍କେଟ, କୃଷି କମ୍ପାନୀ ସମେତ ସମୁଦାୟ ହସ୍ପିଟାଲିଟି ସେକ୍ଟର ଲାଗି ୭୫ ହଜାର ୟୁରୋ ଜରିମାନା ବ୍ୟବସ୍ଥା କରାଯାଇଛି।




# ପ୍ରେମିକାଙ୍କ ଆତ୍ମହତ୍ୟା, ପ୍ରେମିକ ଅଟକ

**ମନମୁଣ୍ଡା, ୨୮।୯ (ଡି.ଏନ.ଏ.):** ମନମୁଣ୍ଡା ଥାନା ବିଳାସପୁର ପଞ୍ଚାୟତ ଥାଟିପାଲି ଅଞ୍ଚଳରେ ପ୍ରେମ ସମ୍ପର୍କ ଧରାପଡିବା ପରେ ଜଣେ ଯୁବତୀ ବିଷପିଇ ଆତ୍ମହତ୍ୟା କରିଛନ୍ତି । ପୋଲିସ ତାଙ୍କ ପ୍ରେମିକଙ୍କ ବିରୋଧରେ ପୋଲିସ ବଳାତ୍କାର ମାମଲା ରୁଜୁ କରିବା ସହ ପଚରାଉଚରା ଚଳାଇଛି । ଉକ୍ତ ଯୁବତୀ ଓ ଜାମଲାପଦର ଗ୍ରାମର ଜଣେ ଯୁବକଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା । ଗତ ୨୫ ଅପରାହ୍ନରେ ଉଭୟ ଅସଂଯତ ଅବସ୍ଥାରେ ଥିବା ଜଣାପଡ଼ିବା ପରେ ଲୋକଲଜ୍ଜା ସହି ନ ପାରି ସେ ବିଷ ପିଇ ଦେଇଥିଲେ। ପରିବାର ଲୋକେ ଯୁବତୀଙ୍କୁ ସୋନପୁର ଓ ପରେ ବୁର୍ଲା ଡାକ୍ତରଖାନାକୁ ନେଇଥିଲେ । ସେଠାରେ ତାଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ବାପାଙ୍କ ଅଭିଯୋଗ କ୍ରମେ ମନମୁଣ୍ଡା ପୋଲିସ ମାମଲା ରୁଜୁ କରିଛି। ଅଭିଯୁକ୍ତ ଯୁବକ ବଳାତ୍କାର ଘଟଣାକୁ ଅସ୍ୱୀକାର କରିଛନ୍ତି।




# 'ରାଉରକେଲା ହେବ ଦେଶର ପ୍ରମୁଖ ଶିଳ୍ପ କେନ୍ଦ୍ର'

**ଭୁବନେଶ୍ୱର, ୨୮।୯ (ବ୍ୟୁରୋ)**

ରାଉରକେଲାକୁ କେନ୍ଦ୍ର ସରକାର ପ୍ରାଧାନ୍ୟ ଦେଇ ଆସୁଛନ୍ତି। ଆଗାମୀ ଦିନରେ ଏଠାକୁ କିପରି ଅଧିକ ପ୍ରକଳ୍ପ ଆସିବା ସହ ଏହା ଦେଶର ପ୍ରମୁଖ ଶିଳ୍ପକେନ୍ଦ୍ର ହେବ, ସେନେଇ ସମସ୍ତେ ମିଳିମିଶି କାର୍ଯ୍ୟ କରିବେ। ତିନିଦିନିଆ ରାଉରକେଲା ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଗଣମାଧ୍ୟମକୁ ଏହା କହିଛନ୍ତି। ଇସ୍ପାତ ମନ୍ତ୍ରଣାଳୟର ଦାୟିତ୍ୱ ନେବା ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କର ଏହା ପ୍ରଥମ ରାଉରକେଲା ଗସ୍ତ। ୩ ଦିନର ରହଣି ମଧ୍ୟରେ ସେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଦେଖିବା ସହ ଖଣି ଅଞ୍ଚଳ ପରିଦର୍ଶନ କରିବେ ବୋଲି ଜଣାପଡିଛି। ଇସ୍ପାତ ଶିଳ୍ପର ବିକାଶ ପାଇଁ ସ୍ଥାନୀୟ ଜନସାଧାରଣ ଓ ପ୍ରଶାସନକୁ ଭେଟି ରାଉରକେଲା ଇସ୍ପାତ କାରଖାନା ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।



ଧର୍ମେନ୍ଦ୍ର ପ୍ରଧାନ






**କିଛି ତଥ୍ୟ**
ଚଳିତ ବର୍ଷ ଖରିଫ ଋତୁରେ ୧୦୦ ନିୟୁତ ହେକ୍ଟରରୁ ଅଧିକ ଜମିରେ ଚାଷ କାର୍ଯ୍ୟ ହୋଇଛି। – **କୃଷି ମନ୍ତ୍ରଣାଳୟ**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସୁଦର୍ଶନ
ପରିବାରବର୍ଗ


ମନୋଜ
ପରିବାରବର୍ଗ


ନିଧୁ
ପରିବାରବର୍ଗ


ପ୍ରିୟାଂଶୀ
ପରିବାରବର୍ଗ


ରୁପ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ବ୍ୟାଣ୍ଡ ପିନ୍ଧିବେ ...

ଏକ ନିର୍ଦ୍ଦେଶନାମା ଜାରି କରିବାକୁ କୁହାଯାଇଛି। ପ୍ରତ୍ୟେକ କର୍ମଚାରୀଙ୍କୁ ଚିହ୍ନଟ କରିବାକୁ ପରିଚୟ ପତ୍ର ଇସ୍ୟୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ କର୍ମଚାରୀମାନେ ନୀଳ (ବ୍ଲୁ) ରଙ୍ଗର ବ୍ୟାଣ୍ଡ ପିନ୍ଧିବେ। ସେହିପରି ଘରୋଇ ସଂସ୍ଥା ଦ୍ୱାରା ନିଯୁକ୍ତ ଅସ୍ଥାୟୀ କର୍ମଚାରୀମାନେ ସବୁଜ(ଗ୍ରୀନ୍) ଓ ସ୍ମାର୍ଟ ଚିପ୍ କର୍ମଚାରୀମାନେ ହଳଦିଆ(ଏଲୋ) ରଙ୍ଗର ବ୍ୟାଣ୍ଡ ପିନ୍ଧିବାକୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ କର୍ମଚାରୀଙ୍କୁ ପରିଚୟ ପତ୍ର ଲୋକଙ୍କୁ ଦେଖାଗଲା ଭଳି ଝୁଲାଇବାକୁ ପଡ଼ିବ। ଆରଟିଓ ଦ୍ୱାରା ଲୋକମାନଙ୍କୁ ଯୋଗାଇ ଦିଆଯାଉଥିବା ସେବା ଓ ମୂଲ୍ୟ ବିଷୟରେ କାନ୍ଥରେ ଲେଖିବା ସହ ବଡ଼ ବଡ଼ ବୋର୍ଡ ଲଗାଇବାକୁ ପରାମର୍ଶ ଦିଆଯାଇଛି। ଏହାଛଡା ଇ-କିଓସ୍କେ ସ୍ଥାପନ କରିବାକୁ କୁହାଯାଇଛି। ଏହି କାର୍ଯ୍ୟପାଇଁ ଲୋକମାନଙ୍କୁ ସହାୟତା କରିବାକୁ ଛାତ୍ର ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି କୌଣସି ମଧ୍ୟସ୍ଥ ବିଶୃଙ୍ଖଳା ସୃଷ୍ଟି କରିବାକୁ ଚେଷ୍ଟା କରିବେ ଏସ୍‌ପିଙ୍କୁ ଜଣାଇ ସେଠାରେ ପୋଲିସ ମୁତୟନ କରାଯିବ। ମଧ୍ୟସ୍ଥ ଜରିଆରେ ନ ଆସି ସରକାରୀ କାର୍ଯ୍ୟାଳୟରେ ସିଧା ସଳଖ ନିଜର ସମସ୍ତ କାର୍ଯ୍ୟ କରିବାକୁ ସଚେତନତା ସୃଷ୍ଟି କରିବା ଲାଗି ପଦକ୍ଷେପ ନେବାକୁ ଚିଠିରେ ଜଣାଇ ଦିଆଯାଇଛି। ଲୋକମାନେ ମଧ୍ୟସ୍ଥଙ୍କ ବିଷୟରେ ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ)ଙ୍କ ଟୁଇଟର ହ୍ୟାଣ୍ଡଲ STAodisha, ଫେସ୍‌ବୁକ ପେଜ 'ଷ୍ଟେଟ୍ ଟ୍ରାନ୍ସପୋର୍ଟ ଅଥରିଟି ଓଡ଼ିଶା ଏବଂ ହେଲ୍‌ପ ଡେସ୍କ ନଂ ୧୮୦୦୩୪୫୧୦୭୩ରେ ଜଣାଇ ପାରିବେ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ଯଶୋମତୀ ମହାପାତ୍ର


ଅଶ୍ୱିନୀ ଗୌତମ ମିଶ୍ର

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com
ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଚନ୍ଦ୍ରଭାଗାରେ ଜଳ କ୍ରୀଡ଼ାର ମଜାନେବେ ପର୍ଯ୍ୟଟକ

ପୁରୀ ଅଫିସ, ୨୮।୯

ଆସୁଛି ପର୍ଯ୍ୟଟନ ଋତୁ। ପୁରୀକୁ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବ। ତେଣୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ପୁରୀ ଜିଲା ପ୍ରଶାସନ ବିଭିନ୍ନ ପଦକ୍ଷେପ ନେବାକୁ ଯୋଜନା କରୁଛି। ଚନ୍ଦ୍ରଭାଗାରେ ପର୍ଯ୍ୟଟକଙ୍କୁ ୱାର୍ଟର ସ୍ପୋର୍ଟ୍ସ (ଜଳ କ୍ରୀଡ଼ାର) ମଜା ମିଳିବ। ଏ ନେଇ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋଣାର୍କର ଅକେଲା ଆଡ୍‌ଭେଞ୍ଚର ସଂସ୍ଥାର ପଦାଧିକାରୀ ଯୋଗଦେଇ ସରକାରଙ୍କଠାରୁ ପାଇଥିବା ଅନୁମତି ସଂକ୍ରାନ୍ତରେ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, ସମ୍ପୃକ୍ତ ସଂସ୍ଥା ପ୍ରଥମେ ପର୍ଯ୍ୟଟକଙ୍କ ସୁରକ୍ଷା ଓ ନିରାପତ୍ତା ସଂକ୍ରାନ୍ତୀୟ ଅଣ୍ଡରଟେକିଂ ଲେଖିଦେବ। ଏଥିସହ ନିୟମକାନୁନ ମାନିବା ନେଇ ସମ୍ମତି ଜଣାଇବା ପରେ ପ୍ରଶାସନ ଅନୁଧ୍ୟାନ କରି ସଂସ୍ଥାକୁ ଅନୁମତି ଦେବ। ଏହି ସଂସ୍ଥା ସ୍ପିଡ୍ ବୋଟ, ଜେଟ୍ ସ୍କି, ବାନାନା ବୋଟ ସହିତ ବାଲିରେ ଏଟିଭି (ଅଲ୍-ଟେରେନ ଭେଇକ୍ଲି) ଚଳାଇବ ବୋଲି ଜଣାପଡ଼ିଛି। ଚନ୍ଦ୍ରଭାଗାଠାରୁ ୫୦୦ ମିଟର ପରେ ନୋଳିଆସାହି ପଟକୁ ଏହା ଚଳାଚଳ କରିବ ବୋଲି ସ୍ଥିର ହୋଇଛି। ଅକ୍ଟୋବର ୨ରୁ ଏହା ଚଳାଚଳ କରିବାର ସମ୍ଭାବନା ରହିଛି। ବୈଠକରେ ଜିଲାପାଳ ବଲୱନ୍ତ ସିଂଙ୍କ ସମେତ ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ଜେନା, କୋଣାର୍କ ଟୁରିଷ୍ଟ ଅଫିସର ସରୋଜକାନ୍ତ ପ୍ରଧାନ, କୋଣାର୍କ ଏନ୍‌ଏସି ଏକ୍‌ଜିକ୍ୟୁଟିଭ ଅଫିସର ଏବଂ ଥାନା ଆଇଆଇସି ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆର୍ଥିକ ଅଭିବୃଦ୍ଧି, ଧର୍ମୀୟ ଭାବନା, ବନ୍ଧୁ ମିଳନ ଓ ସକାଳୁଆ ଯାତ୍ରା କେତେକାଂଶରେ ଶାନ୍ତି ପ୍ରଦାୟକ ହେବ। ପାରିବାରିକ, ପରିବହନ, ସାଧାରଣ ଆଲୋଚନା କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ଲାଗି ରହିବ। ଯାନବାହନ ଚଳାଇବା ସମୟରେ ଅନ୍ୟମନସ୍କତା ଅସୁବିଧାର କାରଣ ହେବାର ସମ୍ଭାବନା ରହିଛି।

**ବୃଷ** ଆର୍ଥିକ ଅଭାବ ଓ ଅନଟନକୁ ଦୂରେଇବାରେ ବନ୍ଧୁ ସାହାଯ୍ୟ କରିବେ। ପାରିବାରିକ ସମସ୍ୟା ଲାଗି ରହିବାରୁ କର୍ମକ୍ଷେତ୍ର ମଧ୍ୟ ପ୍ରଭାବିତ ହୋଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ବନ୍ଧୁ ମିଳନ, କଳା, ସାହିତ୍ୟ, ସଭା ସମିତିରେ ସମ୍ମାନିତ ହେବେ। ବ୍ୟବସାୟ, ବାଣିଜ୍ୟ, ଶିଳ୍ପ ଓ ଏଜେନ୍‌ସିପ୍ରୁ ଖୁସି ରହିବେ।

**ମିଥୁନ** ଆପଣଙ୍କର ସହନଶୀଳତା ଓ ଉଦାରତା ଗୁଣରୁ ବନ୍ଧୁଙ୍କ କାମକୁ ପ୍ରାଧାନ୍ୟ ଦେବେ। ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରନ୍ତୁ, ନଚେତ୍ ପରେ ଅନୁତାପ କରିବାକୁ ପଡ଼ିପାରେ। ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ ବିନା କାରଣରେ କ୍ରୋଧ ପ୍ରକାଶ କରିପାରନ୍ତି। ସହକର୍ମୀଙ୍କ ବାକି ରହିଥିବା ଟଙ୍କା, ପଇସାକୁ କେନ୍ଦ୍ରକରି ଅନର୍ଥ ସୃଷ୍ଟି ହୋଇପାରେ।

**କର୍କଟ** ବିଗତ ଦିନଗୁଡ଼ିକରୁ ରହିଯାଇଥିବା କାମଗୁଡ଼ିକ ସହଜ ଓ ସୁବିଧାରେ ହେବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ଏଣୁ ସତର୍କତାର ସହ କାମ କରିବା ଭଲ।

**ସିଂହ** ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ କାମଗୁଡ଼ିକ ସୁବିଧାରେ ହୋଇପାରିବ ନାହିଁ। ରାଜନୀତି ସ୍ତରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ବ୍ୟବସାୟ,ବାଣିଜ୍ୟ, ପରିବହନ, ଜମିଜମା, କଳକାରଖାନା, ସଭାସମିତିରେ ସଫଳତା ଅର୍ଜନ କରିବେ। ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମଧ୍ୟ ମନ ବଳିପାରେ।

**କନ୍ୟା** କାମଗୁଡ଼ିକ ବିଳମ୍ବ ହେବାରୁ ଅନ୍ୟକୁ ଦାୟୀ କରି ବିରକ୍ତି ପ୍ରକାଶ କରିବେ। ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ କିନ୍ତୁ ଯାହା କାମକୁ ଆସିବନାହିଁ। ଅର୍ଥ ଲାଭରୁ କିମ୍ବା କଳ୍ପନାର ବାହାରେ ଥିବା କୌଣସି କାର୍ଯ୍ୟ ହାସଲ ହେତୁ ଖୁସି ରହିବେ। ସଭାସମିତି,କଳା,ସାହିତ୍ୟ, ମନୋରଞ୍ଜନାଦି କାର୍ଯ୍ୟକ୍ରମରେ ସାମିଲ୍ ହୋଇପାରନ୍ତି।

**ତୁଳା** ଆଜି ଆପଣ ନିଜ ଲୋକମାନଙ୍କ ଉପରେ ଭରସା କରି ପାରିବେ ନାହିଁ। ଫଳରେ କାମ ହାସଲ ପାଇଁ ଅନ୍ୟର ସାହାଯ୍ୟ ଲୋଡିବାକୁ ବାଧ ହେବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ଅନ୍ୟଥା କୌଣସି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ। ଚିନ୍ତାର ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ ।

**ବିଛା** ସହକର୍ମୀଙ୍କ ପ୍ରାୟୋଜିତ କୌଣସି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ଆଲୋଚନା ପରିସରରେ ଶତ୍ରୁତା କରୁଥିବା ବ୍ୟକ୍ତି ଦ୍ୱାରା ଅସମ୍ମାନିତ ହୋଇପାରନ୍ତି। ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବେ। କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ବନ୍ଧୁ ମିଳନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ଧନୁ** କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଅଧିକାଂଶ ସମୟ ଭଲ ଲାଗିବ ନାହିଁ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ, ଯାହାକି ଚିନ୍ତା ବୃଦ୍ଧି କରିବ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡର ରୋଗରେ କଷ୍ଟ ପାଇବେ। ନିର୍ମାଣ, ଚୁକ୍ତିପତ୍ର, ମାଲିମକଦ୍ଦମା ଓ ବ୍ୟବସାୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମକର** କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣାରୁ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ପରୋକ୍ଷଶତ୍ରୁତା କାରଣରୁ କାମ ହାସଲ କରିବାରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ। ଏହା ସାଙ୍ଗକୁ ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ମନରେ ଅସ୍ଥିରତା ସୃଷ୍ଟି କରିପାରନ୍ତି।

**କୁମ୍ଭ** ଆକସ୍ମିକ ଭାବରେ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଆକସ୍ମିକ ଦୂର ଯାତ୍ରା କରିବାକୁ ପଡ଼ିପାରେ। ପରିବାର ଭିତରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଦୀର୍ଘପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ମାନସିକ ଓ ଶାରୀରିକ ଦିଗ ପାଇଁ ଅନୁକୂଳ ହେବ ନାହିଁ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ।

**ମୀନ** ପରିବାରରେ ସମସ୍ୟା ସମାଧାନ ନ ହେବା କାରଣରୁ ଟେନସନ୍ ବଢ଼ିଯାଇପାରେ। କର୍ମକ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ଶିଳ୍ପ, ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ସାଧାରଣ କଥାକୁ କେନ୍ଦ୍ରକରି ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହେବାର ସୂଚନା ରହିଛି।

ଆଜି ଆଶ୍ୱିନ ଶୁକ୍ଳ ପ୍ରତିପଦା ରବିବାର, ଶ୍ରୀଦୁର୍ଗାଦେବ୍ୟାଃ ନବଦିନାତ୍ମକ ପୂଜାରମ୍ଭ, ଶ୍ରୀଦୁର୍ଗାମାଧବ ବାହାର ବିଜେ, ସେପ୍ଟେମ୍ବର ୨୯ ତାରିଖ, ବିଶ୍ୱ ହୃତ୍‌ପିଣ୍ଡ ଦିବସ, ବିଶ୍ୱ ମୂକବଧିର ଦିବସ (ସେପ୍ଟେମ୍ବର ଶେଷ ରବିବାର), ରାଶିନକ୍ଷତ୍ର-ହସ୍ତା/କନ୍ୟା, ମେଷ ରାଶିର ଘାତବାର, ବୃଷ ରାଶିର ଘାତଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୨୯ମି. ଗତେ ଘ୮।୫୦ମି. ମଧ୍ୟେ, ଘ୧୧।୫୮ମି. ଗତେ ଘ୩।୦୬ମି. ମଧ୍ୟେ ଅମୃତବେଳା। ସକାଳ ଘ୮।୩୫ମି. ଗତେ ଘ୧୦।୨୦ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୦୪ମି. ଗତେ ଘ୫।୩୩ମି. ମଧ୍ୟେ ରାହୁକାଳ।

**■ ନକଲି ସାର୍ଟିଫିକେଟ୍ ଦେଇ କାର୍ଯ୍ୟ କରୁଛନ୍ତି କର୍ମଚାରୀ**

## ଯାଞ୍ଚ କରିବାକୁ ଓସେପାର ନିର୍ଦ୍ଦେଶ

ଭୁବନେଶ୍ୱର, ୨୮।୯(ବ୍ୟୁରୋ)

ନକଲି ସାର୍ଟିଫିକେଟ୍ ଦେଇ କାର୍ଯ୍ୟ କରୁଛନ୍ତି ସରକାରୀ ଅଧିକାରୀ। ଓଡ଼ିଶା ପ୍ରାଇମେରି ଏଜୁକେଶନ ପ୍ରୋଗ୍ରାମ ଅଥରିଟି(ଓପେପା)/ ଓଡ଼ିଶା ସ୍କୁଲ ଏଜୁକେଶନ ପ୍ରୋଗ୍ରାମ ଅଥରିଟି(ଓସେପା) ଅଧୀନରେ ଅନେକ କର୍ମଚାରୀ ନକଲି ସାର୍ଟିଫିକେଟ୍ ଦେଇ ଚାକିରି କରୁଛନ୍ତି। ଏଭଳି ଅଭିଯୋଗ ହେବା ପରେ ବିଭାଗ ତତ୍ପର ହୋଇପଡ଼ିଛି। ନକଲି ସାର୍ଟିଫିକେଟ୍ ଦେଇ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଓସେପା ପକ୍ଷରୁ ସମସ୍ତ ଜିଲାପାଳ ତଥା ଆର୍‌ଟିଇ ଅଧ୍ୟକ୍ଷଙ୍କୁ ଚିଠି ଲେଖାଯାଇଛି। ଓପେପା କିମ୍ବା ଓସେପା ଅଧୀନରେ ଏସ୍‌ପିଓ, ଡିପିଓ, ବ୍ଲକସ୍ତରୀୟ କର୍ମଚାରୀମାନେ ନିଯୁକ୍ତି ପାଇଥିବା ସମୟରେ ଦେଇଥିବା ସାର୍ଟିଫିକେଟ୍‌କୁ ଅତି ସାବଧାନତା ସହ ଯାଞ୍ଚ କରିବାକୁ କୁହାଯାଇଛି। ଯଦି କିଏ ଜାଲ୍ ସାର୍ଟିଫିକେଟ୍ ଦେଇଥିବା ଜଣାପଡ଼େ, ତେବେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ତୁରନ୍ତ ମାମଲା ରୁଜୁ କରିବାକୁ ମଧ୍ୟ କୁହାଯାଇଛି। ଉକ୍ତ କର୍ମଚାରୀଙ୍କ ମାର୍କଶିଟ୍ ଓ ସାର୍ଟିଫିକେଟ୍‌ର ଅଧିକ ଯାଞ୍ଚ ପାଇଁ ରାଜ୍ୟ କିମ୍ବା ରାଜ୍ୟ ବାହାର ବୋର୍ଡ, କାଉନ୍‌ସିଲ, ବିଶ୍ୱବିଦ୍ୟାଳୟ, ଶିକ୍ଷାନୁଷ୍ଠାନ କିମ୍ବା କୌଣସି ଅନୁଷ୍ଠାନକୁ ପଠାଯାଇପାରିବ। ସାର୍ଟିଫିକେଟ୍ ଯାଞ୍ଚ ହେବା ପରେ ଡିପିସି କର୍ମଚାରୀଙ୍କ ମାର୍କଶିଟ୍ ଓ ସାର୍ଟିଫିକେଟ୍ ଠିକ୍ ଅଛି କିମ୍ବା ଭୁଲ ସେନେଇ ଏସ୍‌ପିଓଙ୍କୁ ଦୁଇମାସ ମଧ୍ୟରେ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

**■ ବିମାନବନ୍ଦରରେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ**

## ଭାରତ ପ୍ରତି ସମ୍ମାନ ବଢ଼ିଛି: ମୋଦି

ନୂଆଦିଲ୍ଲୀ, ୨୮।୯

ସପ୍ତାହ ବ୍ୟାପୀ ଆମେରିକା ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶନିବାର ସନ୍ଧ୍ୟାରେ ପାଲାମ ବିମାନ ବନ୍ଦରରେ ଭାଜପା କର୍ମୀଙ୍କ ସମେତ ହଜାର ହଜାର ଲୋକ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଥିଲେ। ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଜାତିସଂଘ ସାଧାରଣ ସଭାରେ ଉଦ୍‌ବୋଧନ ଦେବା ସହ ବିଭିନ୍ନ ରାଷ୍ଟ୍ରନେତାଙ୍କ ସହ ଆଲୋଚନା କରିଥିଲେ। ଟେକ୍ସାସର ହ୍ୟୁଷ୍ଟନ ସହରରେ ହାଓଡି ମୋଦି କାର୍ଯ୍ୟକ୍ରମରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିମାନ ବନ୍ଦରରେ ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ୨୦୧୪ରୁ ଅନ୍ତର୍ଜାତୀୟ ସ୍ତରରେ ଭାରତର ସମ୍ମାନ ବଢ଼ିଛି। ଭାରତ ପ୍ରତି ଲୋକଙ୍କ ମନୋଭାବରେ ପରିବର୍ତ୍ତନ ଆସିଛି। ଏହି ସମ୍ମାନ ବୃଦ୍ଧିର ଶ୍ରେୟ ଦେଶର ୧୩୦ କୋଟି ଜନସାଧାରଣଙ୍କର ବୋଲି ସେ କହିଛନ୍ତି। ଦେଶର ଗୌରବ ବୃଦ୍ଧିରେ ସେନାର ଅବଦାନକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ। ତିନିବର୍ଷ ପୂର୍ବେ ହୋଇଥିବା ସର୍ଜିକାଲ ଷ୍ଟ୍ରାଇକ୍‌ରେ ଯବାନମାନଙ୍କ ଅଦମ୍ୟ ସାହସକୁ ସାଲ୍ୟୁଟ କରୁଛି ବୋଲି ମୋଦି କହିଥିଲେ। ପ୍ରଧାନମନ୍ତ୍ରୀ ପହଞ୍ଚିବା ପୂର୍ବରୁ ବିମାନ ବନ୍ଦରରେ ଉତ୍ସାହୀ କର୍ମୀମାନେ ସାଂସ୍କୃତିକ ନୃତ୍ୟ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଧାନମନ୍ତ୍ରୀଙ୍କୁ ସେଠାରୁ ୨.୫ କିଲୋମିଟର ରୋଡ ଶୋ'ରେ ନିଆଯାଇଥିଲା। ଏଥିପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ୧୦ ଅତିରିକ୍ତ କମ୍ପାନୀ ପୋଲିସ ମୁତୟନ ସାଙ୍ଗକୁ ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରାମାନ ଲଗାଯାଇଥିଲା।


ନୂଆଦିଲ୍ଲୀର ପାଲାମ ବିମାନ ବନ୍ଦରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ୱାଗତ କରାଯାଉଛି।

**■ ଦୁର୍ଭାଗ୍ୟ ପିଛା ଛାଡୁନି**

## ଇମ୍ରାନ୍‌ଙ୍କୁ ଧୋକାଦେଲା ସୌଦି ବିମାନ

ନୂଆଦିଲ୍ଲୀ, ୨୮।୯(ପି.ଟି.)

ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ବିଭିନ୍ନ ସ୍ଥାନରେ ହଟହଟା ହେବାକୁ ପଡୁଛି। ଆମେରିକା ହେଉ ଅବା ଜାତିସଂଘ ସବୁଠି ତାଙ୍କୁ ହତାଦର କରାଯାଉଛି। କେହି ତାଙ୍କ କଥାକୁ ଗୁରୁତ୍ୱ ଦେଉନାହାନ୍ତି। ସବୁଆଡୁ ନିରାଶ ହେବା ପରେ ଏବେ ବିମାନ ମଧ୍ୟ ତାଙ୍କୁ ଧୋକା ଦେଇଥିବା ଜଣାପଡ଼ିଛି। ଆମେରିକା ଗସ୍ତ ଶେଷକରି ନ୍ୟୁୟର୍କରୁ ଇମ୍ରାନ ଓ ତାଙ୍କ ପ୍ରତିନିଧି ମଣ୍ଡଳୀ ଶୁକ୍ରବାର ଇସ୍‌ଲାମାବାଦ ଫେରୁଥିବାବେଳେ ଭଡ଼ାରେ ଅଣାଯାଇଥିବା ସୌଦି ବିମାନରେ ଆରମ୍ଭରୁ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଯାନ୍ତ୍ରିକ ତ୍ରୁଟି ଜଣାପଡ଼ିବା ପରେ ଯାତ୍ରା ବିଳମ୍ବ ହେବ ଜାଣି ଇମ୍ରାନ୍ ଓ ତାଙ୍କ ପ୍ରତିନିଧି ମଣ୍ଡଳୀ ବିମାନବନ୍ଦରରୁ ଫେରିଆସିଥିଲେ। କମର୍ସିଆଲ ବିମାନରେ ସେମାନଙ୍କୁ ଇସ୍‌ଲାମାବାଦ୍ ଫେରିଯିବାକୁ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ଶେଷରେ ଜାତିସଂଘରେ ଅବସ୍ଥାପିତ ପାକିସ୍ତାନର ରାଷ୍ଟ୍ରଦୂତ ମଲିହା ଲୋଧି ସେମାନଙ୍କୁ କେନେଡ଼ି ଅନ୍ତର୍ଜାତୀୟ ବିମାନବନ୍ଦରରୁ ରୁଜ୍‌ଭେଲ୍ଟ ହୋଟେଲକୁ ନେଇଆସିଥିଲେ। ଜାତିସଂଘ ସାଧାରଣ ପରିଷଦ ବୈଠକରେ କଶ୍ମୀର ପ୍ରସଙ୍ଗ ଉଠାଇ ଭାରତ ବିରୋଧରେ ପରମାଣୁ ଯୁଦ୍ଧ ଧମକ ଦେବା ସହ ବିଶ୍ୱନେତାଙ୍କ ସମାଲୋଚନାର ଶିକାର ହୋଇଥିବା ଇମ୍ରାନ୍‌ଙ୍କୁ ଚାରିଆଡୁ ହଟହଟା ହେବାକୁ ପଡୁଛି।

## ଜିଲା ଚିଠି
### ଗଜପତି



## ଆରଟିଓ ସେବା

୧୯୯୨ ମସିହା, ଅବିଭକ୍ତ ଗଞ୍ଜାମ ଜିଲାରୁ ପୃଥକ୍ ହୋଇ ସ୍ୱତନ୍ତ୍ର ଜିଲାର ମାନ୍ୟତା ପାଇଥିଲା ଗଜପତି। ଏହାର ୧୧ ବର୍ଷ ପରେ ଅର୍ଥାତ୍ ୨୦୦୩ରେ ଜିଲାର ପାରଳାଖେମୁଣ୍ଡିରେ ଏକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଖୋଲିଥିଲା। ଆଶା ଥିଲା ଜନସାଧାରଣଙ୍କ ମୋଟରଯାନ ସମ୍ପର୍କୀତ ସମସ୍ୟାର ସମାଧାନ ହେବ। ହେଲେ ସେହି ବିଶ୍ୱାସ ଭୁଲ ସାବ୍ୟସ୍ତ ହୋଇଛି। ଜିଲାବାସୀ ସେବା ପାଇବା ପାଇଁ ଉକ୍ତ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହେଉଛନ୍ତି। ନୂତନ ମୋଟରଯାନ ନିୟମ ଲାଗୁ ହେବା ପରେ ଏବେ ସେହି କାର୍ଯ୍ୟାଳୟରେ ଭିଡ଼ ଜମୁଛି। ହେଲେ ଗାଡ଼ି ଚାଳକଙ୍କ ସୁବିଧା ପାଇଁ କୌଣସି ତତ୍ପରତା ସୃଷ୍ଟି ହେଉନାହିଁ। ନୂତନ ନିୟମ ଅନୁଯାୟୀ ପ୍ରଦୂଷଣ ପ୍ରମାଣପତ୍ରକୁ ବାଧ୍ୟତାମୂଳକ କରାଯାଇଛି। ଅକ୍ଟୋବର ୧ରୁ ଏହି ଯାଞ୍ଚକୁ କଡ଼ାକଡ଼ି କରାଯିବ ବୋଲି ପ୍ରଥମେ ଘୋଷଣା କରାଯାଇଥିଲା। ପରେ ଏହାକୁ କୋହଳ କରାଯାଇଛି। ଅକ୍ଟୋବର ବଦଳରେ ଜାନୁୟାରୀରୁ ଏହା କଡ଼ାକଡ଼ି ହେବ। ନୂତନ ନିୟମ ଅନୁଯାୟୀ ଗାଡ଼ି ଚାଳକଙ୍କୁ ମୋଟାଅଙ୍କରେ ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି। ତେଣୁ ପ୍ରଥମ ଘୋଷଣା ଅନୁସାରେ ହାତରେ ଆଉ ମାତ୍ର ୩ଦିନ ରହିଥିବାରୁ ପ୍ରଦୂଷଣ ପ୍ରମାଣପତ୍ର ଯୋଗାଡ଼ ପାଇଁ ଚାଳକମାନେ ତତ୍ପର ହୋଇପଡ଼ିଛନ୍ତି। ହେଲେ ଗଜପତି ଜିଲାରେ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ପାଇଁ କୌଣସି ବ୍ୟବସ୍ଥା ନାହିଁ। ଫଳରେ ଜିଲାର ଗାଡ଼ି ଚାଳକମାନେ ପାରଳାଖେମୁଣ୍ଡି ସହର ସୀମାନ୍ତବର୍ତ୍ତୀ ତଥା ପଡ଼ୋଶୀ ଆନ୍ଧ୍ରର ପୁରୁଣାପାଟଣା ଗ୍ରାମକୁ ଯାଇ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ସଂଗ୍ରହ କରୁଛନ୍ତି। ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ କିଛି ବର୍ଷ ତଳେ ପ୍ରଦୂଷଣ ପ୍ରମାଣପତ୍ର ପାଇଁ ବ୍ୟବସ୍ଥା କରାଯାଇଥିଲା। ମାତ୍ର ତାହା ବହୁ ଦିନରୁ ବନ୍ଦ ରହିଛି। ସେହିପରି ଗାଡ଼ି ଚାଳକଙ୍କ ନାମ ପଞ୍ଜୀକରଣ ପାଇଁ ବହୁ ଦିନ ଅପେକ୍ଷା କରିବାକୁ ପଡୁଛି। ଏପରି କି ଡ୍ରାଇଭିଂ ଲାଇସେନ୍ସ ପରୀକ୍ଷା ସ୍ଥଳ ବି ଉପଯୁକ୍ତ ନୁହେଁ। ଜିଲାର କୋଣ ଅନୁକୋଣ ତଥା ଦୁର୍ଗମ ଅଞ୍ଚଳରୁ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଲୋକେ ନିଜର ଗାଡ଼ି ପଞ୍ଜୀକରଣ ଏବଂ ଲାଇସେନ୍ସ ପାଇଁ ଆର୍‌ଟିଓ ଅଫିସ୍‌କୁ ଦୌଡୁଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ସେମାନଙ୍କୁ ଜନସେବା କେନ୍ଦ୍ର ଏବଂ ଅନ୍ୟସ୍ଥାନକୁ ପଠାଇ ଦିଆଯାଉଥିବା ଅଭିଯୋଗ ହେଉଛି। ଏହି ଆରଟିଓ କାର୍ଯ୍ୟାଳୟରେ ଡ୍ରାଇଭିଂ ଲାଇସେନ୍ସ ଏବଂ ପଲ୍ୟୁସନ୍ ସାର୍ଟିଫିକେଟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ନିକଟରେ ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଥିଲେ। ହେଲେ ଏ ଯାବତ ତାହା ହୋଇନାହିଁ। କୁଆଡ଼େ ଗଜପତି ଜିଲା ଆର୍‌ଟିଓଙ୍କ କାର୍ଯ୍ୟାଳୟରେ କର୍ମଚାରୀଙ୍କ ସଂଖ୍ୟା ଆବଶ୍ୟକତାଠାରୁ ଯଥେଷ୍ଟ କମ୍। ଆର୍‌ଟିଓଙ୍କ ସମେତ ଜଣେ ଏମ୍‌ଭିଆଇ, ଜଣେ ଟ୍ରାଫିକ୍ ସବ୍-ଇନ୍ସପେକ୍ଟର, ଜଣେ ବରିଷ୍ଠ କିରାଣି, ଜଣେ କନିଷ୍ଠ କିରାଣି ଓ ଜଣେ କନ୍‌ଷ୍ଟେବଲ ସ୍ଥାୟୀ ଭାବେ କାର୍ଯ୍ୟ କରୁଛନ୍ତି। ୩ ସୁରକ୍ଷା କର୍ମୀ, ଜଣେ ସହକାରୀ ପ୍ରୋଗ୍ରାମର୍, ଜଣେ ପିଅନ, ଇଣ୍ଟର୍‌ସେପ୍ଟର ଚାଳକ ଓ ଜଣେ ଅପରେଟର୍ ଅସ୍ଥାୟୀ ଭାବେ ରହିଛନ୍ତି। ଏଥିଯୋଗୁ ସେବା ପ୍ରଦାନ ପାଇଁ ବିଳମ୍ବ ଘଟୁଥିବା ବିଭାଗୀୟ ଅଧିକାରୀମାନେ କହୁଛନ୍ତି। – **ରଶ୍ମିରଞ୍ଜନ ମିଶ୍ର**

## ପିଣ୍ଡଦାନ ପାଇଁ ଶ୍ରୀକ୍ଷେତ୍ରରେ ଭିଡ଼

ପୁରୀ ଅଫିସ, ୨୮।୯

ଆଶ୍ୱିନ ଅମାବାସ୍ୟା ତିଥିକୁ ମହାଳୟା ଅମାବାସ୍ୟା ବୋଲି କୁହାଯାଏ। ଶନିବାର ଏହି ପବିତ୍ର ତିଥିରେ ଶହ ଶହ ଶ୍ରଦ୍ଧାଳୁ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ବାଇଶି ପାହାଚ ସମେତ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ଶ୍ରାଦ୍ଧ ଓ ପିଣ୍ଡଦାନ କରିଛନ୍ତି। ବିଶ୍ୱାସ ରହିଛି, ବାଇଶି ପାହାଚରେ ଶ୍ରଦ୍ଧାର ସହ ପିଣ୍ଡଦାନ କଲେ ପିତୃଗଣ ସନ୍ତୁଷ୍ଟ ହୋଇଥାନ୍ତି। ଏଥିଲାଗି ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇଉଠିଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏ ସଂକ୍ରାନ୍ତରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ଆଶ୍ୱିନ ଅମାବାସ୍ୟା ତିଥିକୁ ମହାଳୟା ଅମାବାସ୍ୟା କୁହାଯାଏ। ୧୫ ଦିନ ଧରି ଚାଲିଥିବା ପିତୃପକ୍ଷର ଏହା ଅନ୍ତିମ ଦିବସ। ଏହି ଅନ୍ତିମ ଦିବସରେ ନିଜ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦେବାର ପରମ୍ପରା ରହିଛି। ଏହି ମହାଳୟା ଶ୍ରାଦ୍ଧର ବିଶେଷତ୍ୱ ହେଲା ପିତୃ କୁଳର ତିନିପୁରୁଷଙ୍କ ସହିତ ମାତୃ କୁଳର ତିନି ପୁରୁଷଙ୍କୁ ମଧ୍ୟ ପିଣ୍ଡ ଦାନ କରାଯାଇଥାଏ। ତେଣୁ ଏହି ଶ୍ରାଦ୍ଧକୁ ମଉଳା ଶ୍ରାଦ୍ଧ ବୋଲି କୁହାଯାଇଥାଏ। ପିତୃ କୁଳର ପିତା, ପିତାମହ, ପ୍ରପିତାମହ ଓ ମାତୃ କୁଳର ମାତାମହ, ପ୍ରମାତାମହ, ବୃଦ୍ଧ ପ୍ରମାତାମହଙ୍କୁ ଶ୍ରାଦ୍ଧ ଦିଆଯାଇଥାଏ। ଏଥିପାଇଁ ଶ୍ରୀକ୍ଷେତ୍ରକୁ ବହୁ ଶ୍ରଦ୍ଧାଳୁ ଆସିଥାନ୍ତି। ବାଇଶିପାହାଚରେ ପିଣ୍ଡଦାନ କଲେ ପିତୃପୁରୁଷ ମୁକ୍ତିଲାଭ କରନ୍ତି ବୋଲି ବିଶ୍ୱାସ ରହିଛି। ସେହି ବିଶ୍ୱାସକୁ ଆଧାର କରି ଶ୍ରଦ୍ଧାଳୁମାନେ ଅରୁଆ ଚାଉଳ, ଗହମ ଛତୁଆ, ଅଟା, ପଞ୍ଚାମୃତରେ ପିଣ୍ଡ ପ୍ରସ୍ତୁତି କରି ନିଜ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥାନ୍ତି।


ମହାଳୟା ଉପଲକ୍ଷେ ଶ୍ରଦ୍ଧାଳୁମାନେ ମାର୍କଣ୍ଡ ପୁଷ୍କରିଣୀରେ ତିଳତର୍ପଣ ଓ ପିଣ୍ଡଦାନ କରୁଛନ୍ତି।



## ଜୀବନଶୈଳୀ ସୁଧାରିବାକୁ ପଡ଼ିବ

ବିଶ୍ୱ ହୃତ୍‌ପିଣ୍ଡ ଦିବସ ସାରା ବିଶ୍ୱରେ ପ୍ରତିବର୍ଷ ସେପ୍ଟେମ୍ବର ୨୯ରେ ପାଳନ କରାଯାଉଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହୃତ୍‌ପିଣ୍ଡ ସମ୍ବନ୍ଧୀୟ ରୋଗ ତଥା ଏହାକୁ ସୁସ୍ଥ ରଖିବା ପାଇଁ ସଚେତନତା ଆଣିବା। ୨୦୦୦ ମସିହାରୁ ଏହି ଦିବସ ପ୍ରତିବର୍ଷ ସେପ୍ଟେମ୍ବର ଶେଷ ରବିବାରରେ ପାଳନ କରାଯାଉଥିଲା। ପରବର୍ତ୍ତୀ ସମୟରେ ସେପ୍ଟେମ୍ବର ୨୯ ରେ ଏହା ପାଳିତ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ) ସହଯୋଗରେ ୱାର୍ଲ୍ଡ ହାର୍ଟ ଫେଡେରେଶନ ପ୍ରତିବର୍ଷ ଏହି ଦିବସକୁ ପାଳନ କରୁଛି। ଚଳିତ ବର୍ଷ ଏହି ଦିବସରେ 'ନିଜେ ସୁସ୍ଥ ହୃତ୍‌ପିଣ୍ଡର ଅଧିକାରୀ ହେବା ସହ ପ୍ରିୟ ପରିଜନଙ୍କୁ ଏ ଦିଗରେ ସଚେତନ ଲାଗି ପ୍ରୟାସ ଉପରେ ଗୁରୁତ୍ୱ ଦିଆଯାଇଛି'। ହୃଦ୍‌ରୋଗ ସମଗ୍ର ବିଶ୍ୱରେ ଏବେ ଗମ୍ଭୀର ସମସ୍ୟା ଭାବେ ଉଭା ହୋଇଛି। ଏଣୁ ଏହି ଦିବସ ମାଧ୍ୟମରେ ଲୋକମାନଙ୍କୁ ହୃଦ୍‌ରୋଗକୁ କିପରି ଦୂର କରାଯାଇପାରିବ, ସେ ବିଷୟରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଜନ ଜାଗରଣ ସୃଷ୍ଟି କରାଯାଉଛି। ଅବ୍ୟବସ୍ଥିତ ତଥା ନିଷ୍କ୍ରିୟ ଜୀବନଶୈଳୀ, ଅତ୍ୟଧିକ ମାନସିକ ଚାପ, ଉଚ୍ଚ ରକ୍ତଚାପ, ଡାଇବେଟିସ୍, ଧୂମପାନ, ମେଦ ବହୁଳତା, ଚର୍ବିଜାତୀୟ ଖାଦ୍ୟ ଗ୍ରହଣ କରୁଥିବା ଲୋକେ ହୃଦ୍‌ରୋଗରେ ପୀଡିତ ହେବା ଆଶଙ୍କା ଅଧିକ। ଯେଉଁମାନଙ୍କର କୋଲେଷ୍ଟରଲ, ଟ୍ରାଇଗ୍ଲିସେରାଇଡ୍ ଓବିଏଲ୍‌ଡିଏଲ ଏବଂ ଏଲ୍‌ଡିଏଲ ଅଧିକ ରହିଥାଏ ସେମାନଙ୍କୁ ଏହି ରୋଗର ଶିକାର ହେବାକୁ ପଡ଼େ। ଏହି ସବୁ ଦିଗ ପ୍ରତି ଲୋକମାନେ ସଚେତନ ନ ହେବା ଯୋଗୁ ବିଶ୍ୱରେ ହୃଦ୍‌ରୋଗ ବୃଦ୍ଧି ପାଇବାରେ ଲାଗିଛି। ବ୍ୟସ୍ତବହୁଳ ଜୀବନରେ ସମୟ ଅଭାବରୁ ବ୍ୟାୟାମ କରିବା ସମ୍ଭବ ନ ହେବା ହୃଦ୍‌ରୋଗକୁ ମଧ୍ୟ ଆମନ୍ତ୍ରଣ କରୁଛି। ଏହି ରୋଗ ଯେକୌଣସି ବୟସର ବ୍ୟକ୍ତିଙ୍କୁ ହୋଇପାରେ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି। ପୁରୁଷଙ୍କ ତୁଳନାରେ ମହିଳାମାନଠାରେ ଏହି ରୋଗର ଆଶଙ୍କା ବେଶି। ଏବେ ପ୍ରଦୂଷଣର ପ୍ରଭାବ ହୃତ୍‌ପିଣ୍ଡ ଉପରେ ପରିଲକ୍ଷିତ ହେଉଛି ବୋଲି ଏକ ଗବେଷଣା ତଥ୍ୟରୁ ଜଣାପଡିଛି। ଏଣୁ ବିଶ୍ୱ ହୃତ୍‌ପିଣ୍ଡ ଦିବସରେ ଲୋକମାନଙ୍କ ମଧ୍ୟରେ ଏହି ଭାବନା ଜାଗ୍ରତ କରିବା ଜରୁରୀ ମନେହୁଏ।

### ଭୟଙ୍କର ହେଉଛି ...

ଏବେ ହୃଦ୍‌ରୋଗ ଜନିତ ସମସ୍ୟା ସାଂଘାତିକ ହେବାରେ ଲାଗିଛି। ଏହାର କାରଣ ଯୁବପିଢ଼ି ଏଥିରେ ବେଶି ଆକ୍ରାନ୍ତ ହେଉଛନ୍ତି। ଏହା ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି। ୩୦-୪୦ ବର୍ଷ ବୟସ ମଧ୍ୟରେ ଏହି ରୋଗର ପ୍ରାବଲ୍ୟ ସବୁଠୁ ବେଶି। ଏକ ଆକଳନରୁ ଜଣାପଡିଛି ଯେ, ଭାରତରେ ଏବେ ୧୦.୨ କୋଟି ଲୋକ ହୃଦ୍‌ରୋଗରେ ଆକ୍ରାନ୍ତ। ବିଶ୍ୱରେ ପ୍ରତିବର୍ଷ ୧.୭ କୋଟି ଲୋକ ଉକ୍ତ ରୋଗର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଯଦି ଏହା ଉପରେ ଏବେଠୁ ଅଙ୍କୁଶ ଅଣା ନ ଯାଏ, ତେବେ ୨୦୨୦ ସୁଦ୍ଧା ଏହା ଭୟଙ୍କର ରୂପ ନେବ। ଯୁବକମାନେ ଅଫିସ୍‌ରେ ବେଶି ସମୟ ବସିରହିବା ଯୋଗୁ ଶାରୀରିକ ଶ୍ରମରୁ ବଞ୍ଚିତ ହେବା ଦ୍ୱାରା ହୃଦ୍‌ରୋଗର ଶିକାର ହେଉଛନ୍ତି। ବୟସ ବୃଦ୍ଧି ସହ ହୃତ୍‌ପିଣ୍ଡ ଦୁର୍ବଳ ହେବାରେ ଲାଗେ। ଏଣୁ ହୃତ୍‌ପିଣ୍ଡ ସମ୍ବନ୍ଧରେ ଆମକୁ କିଛି କଥା ଜାଣିବାକୁ ପଡିବ। ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବାକୁ ହେବ। ଆମ ଦେଶରେ ବିଶେଷକରି ଖାଦ୍ୟପେୟରେ ଅସନ୍ତୁଳନ ଓ ଅବ୍ୟବସ୍ଥିତ ଜୀବନଶୈଳୀ ଏହି ରୋଗକୁ ରାସ୍ତା କଢ଼ାଇ ଦେଉଛି। ଅଧିକ ଚର୍ବିଜାତୀୟ ଖାଦ୍ୟ, ଲୁଣ, ଅଣ୍ଡା, ମାଂସ ଖାଇବା କାରଣରୁ ହୃଦ୍‌ଘାତର ଆଶଙ୍କା ୩୫ ପ୍ରତିଶତ ବୃଦ୍ଧିପାଉଛି ବୋଲି ସର୍କ୍ୟୁଲେଶନ ଜର୍ନାଲରେ ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି।

### ମାନସିକ ଚାପ ଅନ୍ୟତମ କାରଣ



ବିଶ୍ୱରେ ପ୍ରତିବର୍ଷ ଯେତେଲୋକ ହୃଦ୍‌ରୋଗରେ ମୃତ୍ୟୁବରଣ କରନ୍ତି, ସେମାନଙ୍କ ମଧ୍ୟରୁ ୨୯ ପ୍ରତିଶତ ହୃଦ୍‌ରୋଗ କାରଣରୁ ଘଟୁଛି। ବିଶ୍ୱରେ ଏହି ଗମ୍ଭୀର ସମସ୍ୟାର ଏକ ବଡ଼ କାରଣ ହେଉଛି ମାନସିକ ଚାପ। ବ୍ୟସ୍ତବହୁଳ ଜୀବନରେ ଏଥିରୁ ସମ୍ପୂର୍ଣ୍ଣ ମୁକ୍ତି ପାଇବା ସମ୍ଭବ ନହେଲେ ବି ଯଥାସମ୍ଭବ ଏହାଠାରୁ ଦୂରେଇ ରହିବା ଲାଗି ଚେଷ୍ଟା କରିବା ଜରୁରୀ। ମାନସିକ ଚାପରୁ ମୁକ୍ତି ପାଇବା ପାଇଁ ଯୋଗ ଓ ବ୍ୟାୟାମର ଆବଶ୍ୟକତା ରହିଛି।

## ଆପଣ ଜାଣନ୍ତି କି

### ହୃତ୍‌ପିଣ୍ଡକୁ ସୁସ୍ଥ ରଖିବା ପାଇଁ ଜାଣନ୍ତୁ କେତୋଟି କଥା ...

- ମଦ୍ୟପାନ ଏବଂ ଧୂମପାନ କରୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ହାର୍ଟ ଆଟାକ୍‌ର ଆଶଙ୍କା ଅଧିକ ଥାଏ। ଏସବୁ ପଦାର୍ଥ ରକ୍ତ କୋଷିକାକୁ ଉତ୍ତେଜିତ କରି ରକ୍ତ ସଞ୍ଚାଳନ ବୃଦ୍ଧି କରାଇଥାଏ। ଫଳରେ ରକ୍ତଚାପ ବୃଦ୍ଧି ପାଇଥାଏ। ଏହା ଯୋଗୁ ହାର୍ଟକୁ ଉପଯୁକ୍ତ ପରିମାଣର ରକ୍ତ ପହଞ୍ଚିପାରି ନ ଥାଏ ଓ ହାର୍ଟରେ ଫାଟ ସୃଷ୍ଟି ହୋଇଥାଏ। ତେଣୁ ଶରୀରର ଅଙ୍ଗପ୍ରତ୍ୟଙ୍ଗକୁ ରକ୍ତ ଯୋଗାଣରେ ବାଧା ପହଞ୍ଚିଥାଏ। ୭୨ଘଣ୍ଟା ମଧ୍ୟରେ ରୋଗୀଙ୍କର ମୃତ୍ୟୁ ଘଟିବା ଆଶଙ୍କା ବଢ଼ିଯାଏ।
- ଅଧିକ ଲୁଣ ଖାଇବା ଦ୍ୱାରା ଉଚ୍ଚ ରକ୍ତ ଚାପକୁ ଡାକି ଆଣିଥାଉ। ଯାହାକି ପରବର୍ତ୍ତୀ ସମୟରେ ହାର୍ଟ ଆଟାକ୍‌ର ଅନ୍ୟତମ କାରଣ ହିଁ ପାଲଟିଯାଏ।
- ଚର୍ବି ଜାତୀୟ ଖାଦ୍ୟ ଅଧିକ ନ ଖାଇବା ଭଲ। ଏହା ଯୋଗୁ କୋଲେଷ୍ଟରଲ ସ୍ତର ବଢ଼ିଥାଏ।
- କ୍ଷୀର ପିଇବା ଦ୍ୱାରା ଏଥିରେ ଥିବା ପଟାସିୟମ୍ ରକ୍ତଚାପ କମ କରିଥାଏ। ଫଳରେ ହାର୍ଟ ଉପରେ ଅଧିକ ଚାପ ପଡ଼ି ନ ଥାଏ।
- ଗ୍ରୀନ୍ ଟି, ବ୍ଲାକ୍ ଟି, କଫି ଏବଂ ଫଳ ରସ ପିଇଲେ ହାର୍ଟ ଉପରେ ସକାରାତ୍ମକ ପ୍ରଭାବ ପଡ଼ିଥାଏ। ଫଳରେ ହାର୍ଟ ସ୍ୱାଭାବିକ ଭାବେ କାର୍ଯ୍ୟ କରିଥାଏ।

### ହାର୍ଟ ଆଟାକ୍‌ର ଲକ୍ଷଣ

ହାର୍ଟ ଆଟାକ୍‌ର କେତେକ ସ୍ୱତନ୍ତ୍ର ଲକ୍ଷଣ ରହିଥାଏ। ଏହା ହେଲେ ଛାତିରେ ପ୍ରବଳ ଯନ୍ତ୍ରଣା ହୁଏ। ଯନ୍ତ୍ରଣା କାନ୍ଧ, ବାହୁ, ପିଠି, ବେକ ଓ ମୁହଁର ନିମ୍ନ ଭାଗ ପର୍ଯ୍ୟନ୍ତ ମଧ୍ୟ ବ୍ୟାପିଥାଏ। ବେଳେ ବେଳେ ଅମ୍ଳ ବା ଏସିଡିଟି ଥିବାପରି ଛାତିରେ ଜ୍ୱଳନ ହୁଏ। ଏହା ଅଳ୍ପ କେତେ ମିନିଟ ପର୍ଯ୍ୟନ୍ତ ରୁହେ ଓ ବିଶ୍ରାମ ନେଲେ ଭଲ ଲାଗେ। ବେଳେବେଳେ ଛୋଟ ଶ୍ୱାସକ୍ରିୟା ଦ୍ୱାରା ହାର୍ଟ ଆଟାକ୍‌ର ଲକ୍ଷଣ ପ୍ରକାଶ ପାଇଥାଏ। ଏଥିରେ ଲୋକ ଧଇଁସଇଁ ହେବା ଆରମ୍ଭ କରିଥାନ୍ତି।

WORLD HEART DAY
29 SEPTEMBER
CARE HOSPITALS
GOOD AT HEART
Department of Cardiac Sciences
From pediatric to geriatric, we have the best of experience and expertise to take care of your heart.

- 1st to perform TAVR in Central India
- 1st Hospital in Eastern India to perform Awake Open Heart Surgery
- Over 1,00,000 Heart Surgeries performed
- 1st Hospital to perform Fetal Heart Procedure in India

www.carehospitals.com
Healthy Heart Check For ₹500 only
Blood Pressure, Blood Sugar, Lipid Profile, ECG, 2D ECHO, Free Consultation with Cardiologist.
CARE Hospitals, Bhubaneswar
Pre-register to avail of the offer
(0674) 61656565

be a HEART HERO
lets make a heart promise to some one we love or care about
SUNSHINE HOSPITALS BHUBANESWAR

WORLD HEART DAY
Be a heart hero. Make a hearty promise to live heart-healthy lifestyle because Life is beautiful when you have a heart that beats right. The department of Cardiology offer cutting-edge, patient-focused and comprehensive cardiac services with utmost dignity & respect.
24/7 9338 108 108
WORLD HEART DAY 29 SEPTEMBER
APPOINMENTS
9338 102 104
0674 666 9000
#RISE&SHINE WITH SUNSHINE
LAXMI SAGAR SQUARE, CUTTACK-PURI ROAD, BHUBANESWAR, ODISHA
info.bbsr@sunshinehospitals.com | www.sunshinehospitals.com

**ଜାତିସଂଘ ହେଲିକପ୍ଟର ଦୁର୍ଘଟଣାରେ ୩ ମୃତ**

ଜାତିସଂଘ ଶାନ୍ତିରକ୍ଷା ବାହିନୀର ଏକ ଲଢୁଆ ହେଲିକପ୍ଟର ଶୁକ୍ରବାର କେନ୍ଦ୍ରୀୟ ଆଫ୍ରିକାରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ସେନେଗାଲ ସେନାର ଏହି ରୁଷିଆ ନିର୍ମିତ ହେଲିକପ୍ଟର ବୌଆରଠାରେ ଅବତରଣ ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

### ■ ଗୋପାଳପୁର ଆର୍ମି ଏୟାର ଡିଫେନ୍ସକୁ ରାଷ୍ଟ୍ରପତି କଲର୍ସ ସମ୍ମାନ

# ‘ଦେଶ ସୁରକ୍ଷାରେ ସେନା ଭୂମିକା ପ୍ରଶଂସନୀୟ’

ବ୍ରହ୍ମପୁର ଅଫିସ୍,୨୮।୯

ଗଞ୍ଜାମ ଜିଲା ଗୋପାଳପୁର ଗୋଳାବନ୍ଧ ସେନା ଷ୍ଟେଶନ୍‌ସ୍ଥିତ ସେନା ବାୟୁ ପ୍ରତିରକ୍ଷା ବାହିନୀ(ଆର୍ମି ଏୟାର୍ ଡିଫେନ୍ସ)କୁ ଶନିବାର ରାଷ୍ଟ୍ରପତି କଲର୍ସ ସମ୍ମାନରେ ସମ୍ମାନିତ କରାଯାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶନିବାର ଏହି ସମ୍ମାନ ପ୍ରଦାନ କରିଛନ୍ତି। ନିଜ ଅଭିଭାଷଣରେ ରାଷ୍ଟ୍ରପତି କୋବିନ୍ଦ ଦେଶ ସୁରକ୍ଷାରେ ସେନା ଭୂମିକା ପ୍ରଶଂସନୀୟ ବୋଲି କହିଥିଲେ। ସେହିପରି ରାଷ୍ଟ୍ରର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱ ରକ୍ଷା ଦିଗରେ ଭାରତୀୟ ସଶସ୍ତ୍ର ସେନା ବାହିନୀ ଓ ସେନା ବାୟୁ ପ୍ରତିରକ୍ଷା ବାହିନୀର କାର୍ଯ୍ୟକୁ ମଧ୍ୟ ପ୍ରଶଂସା କରିଥିଲେ।

ଭାରତୀୟ ସ୍ଥଳସେନାର ଗୌରବପୂର୍ଣ୍ଣ ସମ୍ମାନ ମଧ୍ୟରେ ରାଷ୍ଟ୍ରପତି କଲର୍ସ ସମ୍ମାନ ହେଉଛି ସର୍ବୋଚ୍ଚ ସମ୍ମାନ। ଆର୍ମି ଏୟାର ଡିଫେନ୍ସକୁ ଏହି ସମ୍ମାନ ପ୍ରଦାନ କରାଯାଉଥିବାରୁ ଏକ ଭବ୍ୟ କାର୍ଯ୍ୟକ୍ରମର ଆୟୋଜିତ ହୋଇଥିଲା। ଶନିବାର ସକାଳ ସାଢ଼େ ୮ଟାରେ ରାଷ୍ଟ୍ରପତି ସମାରୋହ ସ୍ଥଳରେ ପହଞ୍ଚିଥିଲେ। ବ୍ରିଗେଡିୟର୍ ରାଜୀବ ଶ୍ରୀବାସ୍ତବଙ୍କ ନେତୃତ୍ୱରେ ରାଷ୍ଟ୍ରପତି କୋବିନ୍ଦଙ୍କୁ ଏକ ଭବ୍ୟ ପରେଡ୍ ମାଧ୍ୟମରେ ରାଷ୍ଟ୍ରୀୟ ଅଭିବାଦନ ଦିଆଯାଇଥିଲା। ପରେ ଲ୍ୟୁଟ୍‌ନାଣ୍ଟ ବିବେକ ବିଜୟ ମୋରେ ସେନା ବାୟୁ ପ୍ରତିରକ୍ଷା ବାହିନୀ ତରଫରୁ ରାଷ୍ଟ୍ରପତିଙ୍କଠାରୁ କଲର୍ସ ସମ୍ମାନ ଗ୍ରହଣ କରିଥିଲେ। ନିଜ ଅଭିଭାଷଣରେ ଏହି ସମ୍ମାନ ପ୍ରଦାନ ନେଇ ସେ ସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ ରାଷ୍ଟ୍ରପତି କୋବିନ୍ଦ କହିଥିଲେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସେନା ବାୟୁ ପ୍ରତିରକ୍ଷାର ବହୁ ସୈନ୍ୟ ଦଳ ବିଭିନ୍ନ ଅଭିଯାନରେ ଭାଗ ନେଇଥିଲେ। ଏଥି ମଧ୍ୟରେ ବର୍ମା ଅଭିଯାନ, ଇମ୍ଫାଲ ଓ କୋହିମା ଘେରାବନ୍ଦୀ, ରେଙ୍ଗୁନ୍ ପୁନଃଦଖଲ, ଆରାକାନ୍ ମାୟିତକିୟିନା, ହକଂ, ସିଙ୍ଗାପୁର, ମାଳୟ , ବାହାରିନ୍, ଇରାକ୍ ଏବଂ ପାରସ୍ୟ ଅଭିଯାନ ଅନ୍ତର୍ଭୁକ୍ତ। ଏଥିପାଇଁ ବହୁ ବୀରତ୍ୱ ସମ୍ମାନ ଯଥା ୪ ମିଲିଟାରୀ କ୍ରସ୍, ବ୍ରିଟିଶ୍ ସାମାଜ୍ୟର ଏକ ପଦକ, ୭ ଭାରତୀୟ ବିଶିଷ୍ଟ ସେନା ପଦକ ଏବଂ ବ୍ରିଟ୍ରିଶ୍ ସାମ୍ରାଜ୍ୟର ଦୁଇଟି ସମ୍ମାନପତ୍ର ରହିଛି। ସେନା ବାୟୁ ପ୍ରତିରକ୍ଷା ବାହିନୀ ୧୯୪୦ ପରଠୁ ଆର୍ଟିଲାରୀର ଏକ ଅଂଶବିଶେଷ ଭାବେ କାର୍ଯ୍ୟ କରିଆସୁଛି। ଏହାକୁ ୧୯୯୪ ରେ ଏକ ସ୍ୱତନ୍ତ୍ର ସଶସ୍ତ୍ର ସୈନ୍ୟ ବାହିନୀର ମାନ୍ୟତା ମିଳିଥିଲା। ସେନା ବାୟୁ ପ୍ରତିରକ୍ଷା ବାହିନୀକୁ ୨ ଅଶୋକ ଚକ୍ର, ୨ କୀର୍ତ୍ତି ଚକ୍ର, ୨୦ ବୀର ଚକ୍ର, ୯ ଶୌର୍ଯ୍ୟ ଚକ୍ର, ୧୧୩ ସେନା ପଦକ ଏବଂ ୫୫ ମାନ୍‌ସନ୍ ଇନ୍ ଡେସ୍‌ପ୍ୟାଚ୍ ସହିତ ୧୯୭୧ର ଭାରତ–ପାକିସ୍ତାନ ଯୁଦ୍ଧ ସମୟରେ ୪ ସମ୍ମାନଜନକ ଉପାଧିରେ ମଧ୍ୟ ସମ୍ମାନିତ କରାଯାଇଛି। ଏହା ଯୁବପିଢ଼ିଙ୍କୁ ରାଷ୍ଟ୍ରସେନା ପ୍ରତି ଅନୁପ୍ରାଣିତ କରିବ ବୋଲି ରାଷ୍ଟ୍ରପତି କୋବିନ୍ଦ ପ୍ରକାଶ କରିଥିଲେ। ଏଥିସହ ସେ ଉପସ୍ଥିତ ସମସ୍ତ ସେନା ଅଧିକାରୀ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସୂଚନାଯୋଗ୍ୟ, ସ୍ୱାଧୀନ ବାହିନୀ ଭାବେ ୨୫ବର୍ଷରୁ ଊର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ଯୁଦ୍ଧ ଏବଂ ଶାନ୍ତି କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି କଲର୍ସ ସମ୍ମାନ ପ୍ରଦାନ କରାଯାଇଥାଏ।

କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ, ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ଥଳସେନା ମୁଖ୍ୟ ତଥା ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଜେନେରାଲ୍ ବିପିନ ରାୱତ, ସେନା ବାୟୁ ପ୍ରତିରକ୍ଷା ବାହିନୀ ମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ୍ ଆଶ୍ୱିନୀ କୁମାର, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଓ ବିରୋଧୀ ଦଳ ନେତା ପ୍ରଦୀପ ନାୟକଙ୍କ ସମେତ ସେନା ବାହିନୀର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।




**ବାବୁ ମହଲ: ପ୍ଲାଷ୍ଟିକ ବର୍ଜନ**
ଦେଖନ୍ତୁ ଭିଡିଓ
YouTube /dharitrilive

### ବିଜେପୁର ଉପନିର୍ବାଚନ

# ରୀତାଙ୍କୁ ଭରସିଲେ ନବୀନ

ଭୁବନେଶ୍ୱର,୨୮।୯(ବ୍ୟୁରୋ)

ସବୁ କଳ୍ପନାଜଳ୍ପନାର ଅବସାନ ଘଟିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବତନ ବିଧାୟିକା ରୀତା ସାହୁଙ୍କୁ ବିଜେପୁର ଉପନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରିଛନ୍ତି। ନବୀନ ନିବାସରେ ଶନିବାର ଗଣମାଧ୍ୟମ ପ୍ରତିନିଧିଙ୍କୁ ବିଜେଡି ସଭାପତି କହିଥିଲେ ଯେ, ବିଜେପୁରବାସୀଙ୍କ ଆଶୀର୍ବାଦ ପାଇଁ ସେ ଋଣୀ। ବିଜେପୁର ସବୁବେଳେ ତାଙ୍କ ଧ୍ୟାନକେନ୍ଦ୍ରିତ(ଫୋକସ୍) ନିର୍ବାଚନମଣ୍ଡଳୀ ରହିବ। ଉପନିର୍ବାଚନରେ ରୀତା ସାହୁ ହିଁ ବିଜେଡି ପ୍ରାର୍ଥିନୀ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

ରୀତା ଚଳିତ ମାସ ୩୦ରେ ନାମାଙ୍କନପତ୍ର ଦାଖଲ କରିବେ ବୋଲି ଜଣାପଡ଼ିଛି। ଗତ ସପ୍ତାହରେ ବିଜେପୁର ଉପନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ ପରେ ଶାସକ ଦଳରୁ କିଏ ପ୍ରାର୍ଥୀ ହେବେ ସେନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ରୀତାଙ୍କ ନାଁ ସମେତ ବରଗଡର ପୂର୍ବତନ ଏମ୍‌ପି ପ୍ରଭାସ ସିଂ ଏବଂ ଏପିକଲ୍ ଅଧ୍ୟକ୍ଷ ପ୍ରଭାତ ଆଦିତ୍ୟ ମିଶ୍ରଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ବିଜେପୁର ଉପନିର୍ବାଚନ ଲାଗି ଦଳୀୟ ବ୍ୟାପାର ପରିଚାଳନା ପାଇଁ ବିଜେଡି ସଭାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିକଟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯିଏ ବି ଦଳର ପ୍ରାର୍ଥୀ ହୁଅନ୍ତୁ ନା କାହିଁକି, ତାଙ୍କୁ ବିପୁଳ ବ୍ୟବଧାନରେ ବିଜୟୀ କରିବା ପାଇଁ ପ୍ରଚେଷ୍ଟା କରିବାକୁ ନିର୍ଦ୍ଦେଶ ରହିଥିଲା। ସେହିଦିନ ପ୍ରାର୍ଥୀଙ୍କୁ ନେଇ ଦଳର ମୁଖ୍ୟ କୌଣସି ସଙ୍କେତ ଦେଇ ନ ଥିଲେ। ତେଣୁ ରୀତାଙ୍କ ଉପରେ ପୁନର୍ବାର ଭରସା କରାଯିବ ଅଥବା ନୂଆ ମୁହଁ ଦିଆଯିବ, ସେନେଇ କଳ୍ପନାଜଳ୍ପନା ଲାଗି ରହିଥିଲା। ହେଲେ ରୀତାଙ୍କ ନାଁ ଘୋଷଣା ପରେ ସେଥିରେ ପୂର୍ଣ୍ଣଚ୍ଛେଦ ପଡିଛି। ଦଳ ପକ୍ଷରୁ ତାଙ୍କ ନାଁ ଘୋଷଣା ହେବା ପରେ ରୀତା ବିଜେଡି ସଭାପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରୀତା କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ତାଙ୍କ ଉପରେ ପୁନର୍ବାର ଭରସା କରିଥିବାରୁ ସେ କୃତଜ୍ଞ। ବିଜେପୁର ପାଇଁ ଅତୀତରେ ବହୁ ଉନ୍ନତିମୂଳକ କାର୍ଯ୍ୟ କରାଯାଇଛି। ଆଗାମୀ ଦିନରେ ଏହି ଧାରା ବଜାୟ ରହିବ। ପ୍ରାର୍ଥିତ୍ୱକୁ ନେଇ ବର୍ତ୍ତମାନ କୌଣସି ଅସହମତି ନାହିଁ ବୋଲି ରୀତା କହିଛନ୍ତି। ଅପରପକ୍ଷରେ ଗତ ୨ ନିର୍ବାଚନରେ ସେହି ଆସନରେ ଦ୍ୱିତୀୟ ସ୍ଥାନରେ ଥିବା ଭାଜପା ଏଯାଏ ପ୍ରାର୍ଥୀ ଘୋଷଣା କରିନାହିଁ। ରବିବାର ନୂଆଦିଲ୍ଲୀରେ ହେବାକୁ ଥିବା ସଂସଦୀୟ ଦଳ ବୈଠକରେ ବିଜେପୁର ପ୍ରାର୍ଥୀଙ୍କ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡିଛି। ରାଜ୍ୟ ଭାଜପା ଉପସଭାପତି ସମୀର ମହାନ୍ତି ଶନିବାର ଏହି ସୂଚନା ଦେଇଛନ୍ତି। ସନତ ଗଡତିଆ ଏବଂ ପଦ୍ମପୁରର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତଙ୍କ ମଧ୍ୟରୁ ଜଣଙ୍କୁ ପ୍ରାର୍ଥୀ କରାଯିବାର ସମ୍ଭାବନା ରହିଥିବା କୁହାଯାଇଛି। ହେଲେ କଂଗ୍ରେସ ଦିଲୀପ ପଣ୍ଡାଙ୍କୁ ନିଜର ପ୍ରାର୍ଥୀଭାବେ ଘୋଷଣା କରିସାରିଛି। ବିଜେଡିର ପ୍ରାର୍ଥୀ ଘୋଷଣା ପରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ବିଜେଡି ପ୍ରାର୍ଥିନୀ ରୀତା ପୂର୍ବରୁ କଂଗ୍ରେସ ପରିବାରର ବୋହୂ ଥିଲେ। ଏବେ ବିଜେଡିକୁ ଯାଇଛନ୍ତି, ତେଣୁ ତାଙ୍କ ବିଷୟରେ କିଛି କହିବାକୁ ଚାହୁଁନି। ହେଲେ ସବୁବେଳେ ହାୱା(ସିମ୍ପାଥି) କାମ କରେନା। ବିଜେପୁରବାସୀଙ୍କୁ ବିଜେଡି କେତେଥର ପ୍ରତାରିତ କରିବ ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି।

ବିଜେପୁର ନିର୍ବାଚନୀମଣ୍ଡଳୀରେ ଆସନ୍ତା ଅକ୍ଟୋବର ୨୧ରେ ଭୋଟ ଗ୍ରହଣ ଓ ୨୪ରେ ଭୋଟ ଗଣତି କରାଯିବ। ଏଥିପାଇଁ ଗତ ୨୩ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେହିପରି ଆସନ୍ତା ୩୦ରେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି।



**ଆଜି ପ୍ରାର୍ଥୀ ଘୋଷଣା କରିବ ଭାଜପା**

### ବ୍ରାଉନ୍‌ସୁଗାର ବେପାରୀଙ୍କ ଘରେ ଚଢ଼ାଉ

# ଲକ୍ଷାଧିକ ଟଙ୍କା ସହ ସୁନାଗହଣା ଜବତ

**ବାଲେଶ୍ୱର ଅଫିସ/ଜଳେଶ୍ୱର, ୨୮।୯:** ବାଲେଶ୍ୱର ଅରଡ଼ବଜାରସ୍ଥିତ ମସଜିଦ୍ ଗଳିର ବ୍ରାଉନ୍‌ସୁଗାର ମୁଖ୍ୟ ବ୍ୟବସାୟୀ ସେକ୍ ରାଜା ଗିରଫ ହେବା ପରେ ଆନ୍ତଃ ରାଜ୍ୟ ଏବଂ ଜାତୀୟ ସ୍ତରରେ ବ୍ରାଉନ୍‌ସୁଗାର ବ୍ୟବସାୟ ସମ୍ପର୍କରେ ବହୁ ତଥ୍ୟ ପୋଲିସ ହାତରେ ଲାଗିଛି। ପୋଲିସ ତାଙ୍କ କାରବାର ସମ୍ପର୍କରେ ତଥ୍ୟ ସଂଗ୍ରହରେ ଲାଗିପଡ଼ିଛି। ଜଳେଶ୍ୱର ପାଲଟିଛି ବ୍ରାଉନ୍‌ସୁଗାର କାରବାରର ପେଣ୍ଠସ୍ଥଳୀ। ଶନିବାର ଜିଲା ପୋଲିସର ସ୍ୱତନ୍ତ୍ର ଟିମ୍ ଜଳେଶ୍ୱର ପୌରପରିଷଦର ଝାଡ଼େଶ୍ୱରପୁର ଓ ରାଜପୁର ଗ୍ରାମର ବ୍ୟବସାୟୀ ସେକ୍ ତୈରୁଦ୍ଦିନ ଓ ତାଙ୍କ ଭାଇ ସେକ୍ ନାସିରୁଦ୍ଦିନଙ୍କ ଘରରେ ଚଢ଼ାଉ କରି ତାଙ୍କ ପୁତୁରା ଜାହିରଙ୍କୁ ପୋଲିସ ଥାନାକୁ ନେଇଛି। ଚଢ଼ାଉ ବେଳେ ୩୦ ଗ୍ରାମ୍ ବ୍ରାଉନ୍‌ସୁଗାର ସହିତ ନଗଦ ୩ଲକ୍ଷ ୭୯ହଜାର ୪୪୦ ଟଙ୍କା, ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା, ୫ଟି ମୋବାଇଲ ଫୋନ୍, ଗୋଟିଏ ବୁଲେଟ୍ ଗାଡ଼ି, ସିସି କ୍ୟାମେରା ଓ ହାର୍ଡ଼ଡିସ୍କ ଜବତ କରାଯାଇଛି। ଡିଏସ୍‌ପି ମନୋଜ ରାଉତଙ୍କ ସ୍ୱତନ୍ତ୍ର ଟିମ୍‌ରେ ଜଳେଶ୍ୱର ଏସ୍‌ଡିପିଓ ସୁଦର୍ଶନ ଦାସ, ଜଳେଶ୍ୱର ଆଇଆଇସି ପ୍ରଦୀପ ମାଝିଙ୍କ ସହ ୧ ପ୍ଲାଟୁନ ପୋଲିସ୍ ଫୋର୍ସ ନିୟୋଜିତ ଥିଲେ। ସେହିପରି ଜଳେଶ୍ୱର ଥାନା ରାଜପୁର ଗ୍ରାମର ସେକ୍ ରଫିକୁଲ ନାମକ ବ୍ରାଉନ୍‌ସୁଗାର ବେପାରୀ ପଶ୍ଚିମବଙ୍ଗର ହାଓ୍ୱଡ଼ାରୁ ଟ୍ରେନ୍ ଯୋଗେ ଜଳେଶ୍ୱର ଆସୁଥିବାବେଳେ ଖଡ଼ଗପୁର ରେଳଷ୍ଟେଶନରେ ରେଳବାଇ ପୋଲିସ ହାତରେ ଧରାପଡ଼ିଛନ୍ତି। ତାଙ୍କ ନିକଟରୁ ୩ଶହ ଗ୍ରାମ୍‌ର ବ୍ରାଉନ୍‌ସୁଗାର ଜବତ ହୋଇଛି, ଯାହାର ମୂଲ୍ୟ ୩୦ଲକ୍ଷ ଟଙ୍କା ହେବ।







## ତ୍ରିପୁରାରେ ବଳିପ୍ରଥା ନିଷିଦ୍ଧ

**ଅଗରତାଲା,୨୮।୯:** ତ୍ରିପୁରା ହାଇକୋର୍ଟ ରାଜ୍ୟର ସମସ୍ତ ମନ୍ଦିରରେ ବଳିପ୍ରଥାକୁ ନିଷିଦ୍ଧ କରିଛନ୍ତି। ମୁଖ୍ୟ ବିଚାରପତି ସଞ୍ଜୟ କାରୋଲ ଓ ବିଚାରପତି ଅରିନ୍ଦମ ଲୋଧଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏହି ରାୟ ଦେଇଛନ୍ତି। ମଣିଷ ଭଳି ଜୀବଜନ୍ତୁଙ୍କର ମଧ୍ୟ ବଞ୍ଚିରହିବା ମୌଳିକ ଅଧିକାର ବୋଲି ଖଣ୍ଡପୀଠ କହିଛନ୍ତି। ରାୟ କାର୍ଯ୍ୟକାରିତା ଲାଗି ହାଇକୋର୍ଟ ସମସ୍ତ ଜିଲାପାଳ ଏବଂ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦେବୀ ତ୍ରିପୁରେଶ୍ୱରୀ ଓ ଚତୁରଦାସ ଦେବତା ମନ୍ଦିର ସମେତ ରାଜ୍ୟର ସମସ୍ତ ପ୍ରମୁଖ ମନ୍ଦିରରେ ସିସିଟିଭି ଲଗାଇବାକୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ■ ମହାନଦୀ ଜଳ ବିବାଦ: ଓଡ଼ିଶା, ଛତିଶଗଡ଼କୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ

# ନଭେମ୍ବର ୩୦ ସୁଦ୍ଧା ରିପୋର୍ଟ ଦିଅ

ଭୁବନେଶ୍ୱର,୨୮।୯(ବ୍ୟୁରୋ)

ଓଡ଼ିଶାର ଏକ ଅଭିଜ୍ଞ ବୈଷୟିକ ଟିମ୍ ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ନିର୍ମାଣ କରିଥିବା ବ୍ୟାରେଜଗୁଡ଼ିକ ପରିଦର୍ଶନ କରିବ। ବ୍ୟାରେଜଗୁଡିକ ଯୋଗୁ ଜଳ ପ୍ରବାହରେ ବାଧା ଉପୁଜୁଛି କି ନାହିଁ। କେଉଁ ସମୟରେ କେତେ ଜଳ ବ୍ୟାରେଜକୁ ପ୍ରବେଶ କରୁଛି ଓ କେତେ ଜଳ କେଉଁ ସମୟରେ ଛଡ଼ାଯାଉଛି। ବ୍ୟାରେଜ ନିର୍ମାଣ ଦ୍ୱାରା ଓଡ଼ିଶାକୁ ଜଳ ପ୍ରବାହ ଉପରେ କି ପ୍ରଭାବ ପଡୁଛି। ଏ ନେଇ ବୈଷୟିକ ଟିମ୍ କ୍ଷେତ୍ର ପରିଦର୍ଶନ କରିବା ସହ ଛତିଶଗଡ଼ ବ୍ୟାରେଜ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ସହ ଆଲୋଚନା କରିବ। ଏହି ବୈଷୟିକ ଟିମ୍ ଆସନ୍ତା ଅକ୍ଟୋବର ୩୦ରୁ ନଭେମ୍ବର ୨ ମଧ୍ୟରେ ବିଭିନ୍ନ ପ୍ରକଳ୍ପ ବୁଲି ସ୍ଥିତି ଅନୁଧ୍ୟାନ କରିବେ। ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳ ବିବାଦର ସମାଧାନ ପାଇଁ ଗଠନ ହୋଇଥିବା ଟ୍ରିବ୍ୟୁନାଲ ଏହି ନିର୍ଦ୍ଦେଶ ଦେଇଛନ୍ତି। ଛତିଶଗଡ଼ର ମଧ୍ୟ ଏକ ବୈଷୟିକ ଟିମ୍ ଓଡ଼ିଶା ଯାଇ ମହାନଦୀ ଜଳ ପ୍ରବାହକୁ ନିରୀକ୍ଷଣ କରିବ। ଏହି ଟିମ୍ ନଭେମ୍ବର ୧୭ରୁ ୧୯ ତାରିଖ ମଧ୍ୟରେ କ୍ଷେତ୍ର ପରିଦର୍ଶନ କରିବ। ନଭେମ୍ବର ୩୦ ତାରିଖ ଅର୍ଥାତ୍ ପରବର୍ତ୍ତୀ ଶୁଣାଣି ପୂର୍ବରୁ ଉଭୟ ରାଜ୍ୟ ଏ ନେଇ ସ୍ଥିତି ଅନୁଧ୍ୟାନ ରିପୋର୍ଟ ଟ୍ରିବ୍ୟୁନାଲଙ୍କ ନିକଟରେ ଦାଖଲ କରିବେ। ଶନିବାର ଜଷ୍ଟିସ ଏଏମ୍ ଖାନୱାଲିକରଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଥିବା ମହାନଦୀ ଟ୍ରିବ୍ୟୁନାଲର ୩ ଜଣିଆ ବେଞ୍ଚ ଉଭୟ ରାଜ୍ୟ ସରକାରଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ଛତିଶଗଡ଼ ସରକାରଙ୍କ ପକ୍ଷ ଶୁଣାଣି ପରେ ଓଡ଼ିଶା ଆବେଦନ ଉପରେ ଇସ୍ୟୁ ଫ୍ରେମ୍ କରାଯିବ ବୋଲି କୋର୍ଟ କହିଛନ୍ତି।

ଶୁଣାଣି ବେଳେ ଆଡଭୋକେଟ ଜେନେରାଲ ଅଶୋକ ପରିଜା ଖଣ୍ଡପୀଠଙ୍କୁ କହିଛନ୍ତି, ଶୁକ୍ରବାର ଏକ ବୈଠକ କରି କ୍ଷେତ୍ର ପରିଦର୍ଶନ ତାରିଖ ଧାର୍ଯ୍ୟ କରାଯାଇଛି। ଏହାସହ ଛତିଶଗଡ଼ ଆବେଦନ ଉପରେ ଓଡ଼ିଶା ତା’ର ଜବାବ ରଖିଛି। ସୂଚନାଯୋଗ୍ୟ, ଉଭୟ ରାଜ୍ୟ ପରସ୍ପର ଅଞ୍ଚଳ ପରିଦର୍ଶନ କରିବାକୁ ଟ୍ରିବ୍ୟୁନାଲ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ମୌସୁମୀ ବର୍ଷା ପରେ କ୍ଷେତ୍ର ପରିଦର୍ଶନ କରିବେ ବୋଲି ଓଡ଼ିଶା ଏବଂ ଛତିଶଗଡ଼ ଟ୍ରିବ୍ୟୁନାଲଙ୍କୁ ଜଣାଇଥିଲେ। ଉପରମୁଣ୍ଡରେ ଛତିଶଗଡ଼ ୬ଟି ବୃହତ୍ ବ୍ୟାରେଜ ନିର୍ମାଣକୁ ନେଇ ଓଡ଼ିଶା ଆପତ୍ତି ଉଠାଇଥିଲା। ଏହି ବ୍ୟାରେଜ ଯୋଗୁ ଅଣମୌସୁମୀ ସମୟରେ ମହାନଦୀରେ ଜଳ ପ୍ରବାହ ପ୍ରଭାବିତ ହେବା ସହ ଚାଷ, ପିଇବା ପାଣି ଏବଂ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ବିରାଟ ସଙ୍କଟ ଦେଖାଦେବ ବୋଲି ଓଡ଼ିଶା ଅଭିଯୋଗ କରିଥିଲା। କେନ୍ଦ୍ର ଏଥିରେ ହସ୍ତକ୍ଷେପ କରି ବ୍ୟାରେଜ ନିର୍ମାଣକୁ ବନ୍ଦ କରିବାକୁ ଓଡ଼ିଶା ସରକାର ବହୁବାର ଦାବି କରିଥିଲେ। ଏ ନେଇ ଉଭୟ ରାଜ୍ୟ ମଧ୍ୟରେ କେନ୍ଦ୍ର ଜଳ ସମ୍ପଦମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଫଳରେ ରାଜ୍ୟ ସରକାର ନିର୍ମାଣାଧୀନ ବ୍ୟାରେଜ ବନ୍ଦ କରିବାକୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ମହାନଦୀ ଜଳ ବିବାଦର ସମାଧାନ ପାଇଁ ଟ୍ରିବ୍ୟୁନାଲ ଗଠନ କରାଯାଇଛି।



■ ଅକ୍ଟୋବର ୩୦ରେ ଛତିଶଗଡ଼ ବ୍ୟାରେଜ ପରିଦର୍ଶନ କରିବ ଓଡ଼ିଶା ବୈଷୟିକ ଟିମ୍

■ ନଭେମ୍ବର ୧୭ରେ ଆସିବ ଛତିଶଗଡ଼ ଟିମ୍

**ସମ୍ବଲପୁରୀ ବସ୍ତ୍ରାଳୟ**

**ମହାଳୟା, ଦଶହରା ଓ କୁମାର ପୂର୍ଣ୍ଣିମା ଉପଲକ୍ଷେ ବିଶେଷ ସରକାରୀ ରିହାତି**

**୧୦%+୨୦%**

**ତା.୨୩।୦୯।୨୦୧୯ ରୁ ତା.୧୩।୧୦।୨୦୧୯ ପର୍ଯ୍ୟନ୍ତ**

**ନୂତନ ବସ୍ତ୍ରର ସମ୍ଭାର**

ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ି, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡଶିଟ, ସୁଟ ସେଟ ଇତ୍ୟାଦି। ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧି ଓ ନିମ୍ନୋକ୍ତ ପ୍ରଦର୍ଶନୀମାନଙ୍କଠାରେ ଉପଲବ୍ଧ ଅଟେ।

| ସ୍ଥାନ | ଅବଧି |
|---|---|
| ୧. ବରଗଡ ପ୍ରଦର୍ଶନୀ, ବ୍ଲକ ଅଫିସ ସାମ୍‌ନା, ବରଗଡ | ତା.୨୩।୦୯।୨୦୧୯ ରୁ ତା.୧୩।୧୦।୨୦୧୯ |
| ୨. କୁଚିଣ୍ଡା ପ୍ରଦର୍ଶନୀ, ପଞ୍ଚମୁଖୀ ଛକ, କୁଚିଣ୍ଡା | ତା.୨୫।୦୯।୨୦୧୯ ରୁ ତା.୦୪।୧୦।୨୦୧୯ |
| ୩. ସୋହେଲା ପ୍ରଦର୍ଶନୀ, ପଦ୍ମପୁର ରୋଡ, ସୋହେଲା | ତା.୨୫।୦୯।୨୦୧୯ ରୁ ତା.୦୪।୧୦।୨୦୧୯ |
| ୪. ଭଟଲି ପ୍ରଦର୍ଶନୀ, ମେନ ରୋଡ, ଭଟଲି | ତା.୨୫।୦୯।୨୦୧୯ ରୁ ତା.୦୪।୧୦।୨୦୧୯ |
| ୫. ବରପାଲି ପ୍ରଦର୍ଶନୀ, ସିନେମା ହଲ ରୋଡ, ବରପାଲି | ତା.୨୫।୦୯।୨୦୧୯ ରୁ ତା.୦୪।୧୦।୨୦୧୯ |
| ୬. ଏମ.ସି.ଏଲ. ପ୍ରଦର୍ଶନୀ, ଆନନ୍ଦବିହାର କ୍ଲବ (ନିଶିଗନ୍ଧା), ଆନନ୍ଦବିହାର, ଏମ.ସି.ଏଲ. | ୨୬।୦୯।୨୦୧୯ ରୁ ତା.୦୫।୧୦।୨୦୧୯ |
| ୭. ଲୋଇସିଂଘା, ପ୍ରଦର୍ଶନୀ ବସଷ୍ଟାଣ୍ଡ ପାଖ, ଲୋଇସିଂଘା | ୨୮।୦୯।୨୦୧୯ ରୁ ତା.୦୭।୧୦।୨୦୧୯ |



## ୧୫ରୁ ଖୋଲିବ ଡେବ୍ରିଗଡ଼ ଅଭୟାରଣ୍ୟ

**ସମ୍ବଲପୁର,୨୮।୯(ବ୍ୟୁରୋ):** ସମ୍ବଲପୁର ଜିଲା ଡେବ୍ରିଗଡ଼ ଅଭୟାରଣ୍ୟ ଅକ୍ଟୋବର ୧୫ ତାରିଖରୁ ଖୋଲାଯିବ। ବର୍ଷା ଦିନ ହେତୁ ଏହା ୪ ମାସ ଧରି ବନ୍ଦ ରହିଥିଲା । ପର୍ଯ୍ୟଟକମାନେ ମୁଖ୍ୟ ଗେଟ୍‌ରୁ ଟିକେଟ ନେଇ ଭିତରକୁ ପ୍ରବେଶ କରିବେ । ରାତ୍ରିଯାପନ ପାଇଁ ଅନ୍‌ଲାଇନ ମାଧ୍ୟମରେ ପର୍ଯ୍ୟଟକମାନେ ପୂର୍ବରୁ ବୁକିଂ କରିପାରିବେ ବୋଲି ହୀରାକୁଦ ବନ୍ୟପ୍ରାଣୀ ଡିଏଫ୍‌ଓ ଟି. ସନତ କୁମାର ଏହି ସୂଚନା ଦେଇଛନ୍ତି। ତେବେ ଏହି ଅଭୟାରଣ୍ୟରେ ଚଳିତବର୍ଷ ନୂତନ ନିୟମ ଲାଗୁ କରାଯିବ । ବ୍ୟକ୍ତିଗତ ଗାଡ଼ିଗୁଡ଼ିକ ଭିତରକୁ ଯିବା ଉପରେ କଟକଣା ରହିଛି ।

## ସଂକ୍ଷେପରେ

### ସୁନାଖଣି ଭୁଶୁଡ଼ି ୫୨ ମୃତ

**ଏନ୍‌ଜାମେନା,୨୮।୯(ପି.ଟି.):** ଚାଦ୍‌ରେ ଏକ ବେଆଇନ ସୁନାଖଣି ଭୁଶୁଡ଼ି ୫୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩୭ ଆହତ ହୋଇଛନ୍ତି । ଲିବ୍ୟା ସୀମାବର୍ତ୍ତୀ ତିବେସ୍ତି ପ୍ରଦେଶର କୌରି ବୁଗୌଡିସ୍ଥିତ ସୁନାଖଣିରୁ ବେଆଇନ ଭାବେ ଉତ୍ତୋଳନ ଚାଲିଥିବାବେଳେ ତାହା ଭୁଶୁଡ଼ି ପଡିଥିଲା।

### ହୀରାକୁଦ ଡ୍ୟାମ୍‌ର ୧୪ ଗେଟ୍ ଖୋଲିଲା

**ସମ୍ବଲପୁର,୨୮।୯(ବ୍ୟୁରୋ):** ହୀରାକୁଦ ଡ୍ୟାମ୍‌ର ଜଳସ୍ତର ଶନିବାର ୬୩୦ ଫୁଟ ରହିଛି। ସୁରକ୍ଷା ଦୃଷ୍ଟିରୁ ଡ୍ୟାମ୍‌ର ୧୪ଟି ଗେଟ୍ ଦେଇ ଜଳ ନିଷ୍କାସିତ ହେଉଛି। ଡ୍ୟାମ୍ ବାମପାର୍ଶ୍ୱର ୧୦ଟି ଓ ଡାହାଣପାର୍ଶ୍ୱର ୪ଟି ଗେଟ୍ ଖୋଲା ରହିଛି। ଡ୍ୟାମ୍ ଭିତରକୁ ପ୍ରତି ସେକେଣ୍ଡରେ ୨ଲକ୍ଷ ୪୮ ହଜାର ୪୯୩ କ୍ୟୁସେକ ପାଣି ଜଳ ପ୍ରବେଶ କରୁଛି । ସମାନ ପରିମାଣର ପାଣି ମଧ ନିଷ୍କାସିତ ହେଉଛି। ୧୪ଟି ସ୍ଲୁଇସ୍ ଗେଟ ଦେଇ ୨ ଲକ୍ଷ ୩୦ ହଜାର ୧୬୦, ପାୱାର ଚ୍ୟାନେଲରେ ୧୪ ହଜାର ୩୪୮, ବିଭିନ୍ନ କେନାଲରେ ୩ହଜାର ୮୧୫ ଓ ଶିଳ୍ପକୁ ୧୭୦ କ୍ୟୁସେକ ଜଳ ଛଡା ଯାଉଛି ।

## ୧୦୮ ଆମ୍ବୁଲାନ୍ସ ସେବାରେ ବାଧକ ଫେକ୍ କଲ୍

# ଦିନକୁ ଆସୁଛି ୭୦୦ ମିଥ୍ୟା କଲ୍

**ଭୁବନେଶ୍ୱର, ୨୮।୯ (ବ୍ୟୁରୋ)**

୧୦୮ ଏବଂ ୧୦୨ ମାଗଣା ଆମ୍ବୁଲାନ୍ସ ପରିଚାଳନା ବ୍ୟବସ୍ଥା ନିଜର ମହତ୍ କାର୍ଯ୍ୟ ପାଇଁ ଅନେକ ସମୟରେ ପ୍ରଶଂସାର ପାତ୍ର ହୋଇଛି। କିନ୍ତୁ ଏହି ସେବା ପରିଚାଳନାରେ ବର୍ତ୍ତମାନ ମୁଖ୍ୟ ବାଧକ ସାଜିଛି ଫେକ୍ କଲ୍। ଜରୁରିକାଳୀନ ସେବା ପାଇଁ ଉଦ୍ଦିଷ୍ଟ ଆମ୍ବୁଲାନ୍ସ ଫୋନ୍ ନମ୍ବର ଏବେ କେତେକଙ୍କ ପାଇଁ ଟାଇମପାସ୍ ଏବଂ ଥଟ୍ଟାମଜାର ମାଧ୍ୟମ ପାଲଟିଛି। ଦିନକୁ ଦିନ ୧୦୮ ଆମ୍ବୁଲାନ୍ସ କଣ୍ଟ୍ରୋଲ ରୁମକୁ ଆସୁଥିବା ଫେକ୍ କଲ୍ ସଂଖ୍ୟା ବଢ଼ିବାରେ ଲାଗିଛି। କେତେଜଣ ଅସାଧୁ ବ୍ୟକ୍ତିଙ୍କ ଯୋଗୁ ପ୍ରକୃତ ହିତାଧିକାରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ଜଣେ ଅସାଧୁ ବ୍ୟକ୍ତି ୩ ହଜାରରୁ ଅଧିକ ଥର ଫୋନ୍ କରିଥିବା ମଧ ନଜିର ରହିଛି। ଅନାବଶ୍ୟକ କଲ୍‌ରେ ଲାଇନ୍ ବ୍ୟସ୍ତ ରହିବା ଦ୍ୱାରା ଅନେକ ଜରୁରୀ କଲ୍ ଗ୍ରହଣ ହୋଇପାରୁ ନାହିଁ।




ଲୋକଙ୍କୁ ମାଗଣା ଆମ୍ବୁଲାନ୍ସ ସେବା ଯୋଗାଇ ଦେବାକୁ ୨୦୧୩ରେ କେନ୍ଦ୍ର ସରକାରଙ୍କ ସହାୟତାରେ ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଥିଲା। ଜିକିତ୍ସା ହେଲଥ୍ କେୟାର ଲିଃ ନାମକ ଏକ ଘରୋଇ କମ୍ପାନୀ ଏହି ସେବା ପ୍ରଦାନ କରୁଛି। ଏହାର ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରର ଇଡ଼କୋ ଟାୱାରରେ ଅବସ୍ଥିତ। ରାଜ୍ୟର ଯେକୌଣସି ଜିଲାରୁ ୧୦୮ କିମ୍ବା ୧୦୨ ପାଇଁ କଲ୍ ଆସିଲେ, ତାହା ଭୁବନେଶ୍ୱରର ନିୟନ୍ତ୍ରଣ କକ୍ଷକୁ ପ୍ରଥମେ ଆସିଥାଏ ଏବଂ ସେଠିଠାରୁ ହିଁ ରୋଗୀଙ୍କ ନିକଟକୁ ଆମ୍ବୁଲାନ୍ସ ପଠାଇବାର ବ୍ୟବସ୍ଥା କରାଯାଇଥାଏ। ଏହି ଦୁଇଟିଯାକ ଦେୟମୁକ୍ତ ନମ୍ବରରେ ଫେକ୍ କଲ୍ ସଂଖ୍ୟା ବଢ଼ିଚାଲିଥିବାରୁ ସେବା ଅନେକାଂଶରେ ପ୍ରଭାବିତ ହେଉଛି। ଏନେଇ ୧୦୮ କଲ୍ ସେଣ୍ଟରର ମ୍ୟାନେଜର କହିଛନ୍ତି ଯେ, 'ଆମେ ଦୈନନ୍ଦିନ ୧୦,୦୦୦ କଲ୍ ଗ୍ରହଣ କରୁଥିବାବେଳେ ସେଥିରୁ ୭୦୦ଟି ମିଥ୍ୟା କଲ୍ ରହୁଛି। ଏଭଳି କଲ୍ ସାଧାରଣତଃ ସକାଳ ୭ ରୁ ଅପରାହ୍ନ ୩ଟା ମଧ୍ୟରେ ଆସିଥାଏ। ବିଶେଷକରି ଯେଉଁ ସମୟରେ ମହିଳା କର୍ମଚାରୀମାନେ ଫୋନ୍ ଧରନ୍ତି, ସେହି ସମୟରେ କେତେକ ଅସାମାଜିକ ବ୍ୟକ୍ତି ସେମାନଙ୍କୁ ଫୋନ କରି ଅଶାଳୀନ ଭାଷାରେ କଥାବାର୍ତ୍ତା କରିଥାଆନ୍ତି, ଯାହାକି ଅତ୍ୟନ୍ତ ନିନ୍ଦନୀୟ। ଏପରି ମିଥ୍ୟା କଲ୍ ଯୋଗୁ ଅନେକ କ୍ଷେତ୍ରରେ ଘଟଣାସ୍ଥଳରୁ ଖାଲି ହାତରେ ଫେରୁଛି ଆମ୍ବୁଲାନ୍ସ। ଏପରି କି ରାସ୍ତାରେ ବୁଲା ପଶୁଙ୍କ ଦେହ ଖରାପ ଅଛି ବୋଲି ମଧ ନିୟନ୍ତ୍ରଣ କକ୍ଷକୁ ଫୋନ୍ ଆସୁଛି। ଏ ସମ୍ପର୍କରେ ୧୦୮ ନିୟନ୍ତ୍ରଣ କକ୍ଷର ଜଣେ କର୍ମଚାରୀ କହିଛନ୍ତି ଯେ, ମିଥ୍ୟା କଲ୍ ଆସୁଥିବା ନମ୍ବରରୁ ଏକାଧିକ ଥର ଫୋନ୍ ଆସିଲେ, ତାକୁ ସିଷ୍ଟମରେ ଫେକ୍ କଲର୍ ତାଲିକାରେ ପକାଇ ଦେଉଛୁ ଏବଂ ସମୟ ସମୟରେ ଏପରି ଜରୁରିକାଳୀନ ସେବାକୁ ବ୍ୟସ୍ତ ନ ରଖିବାକୁ ପରାମର୍ଶ ମଧ ଦେଉଛୁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଢ଼ିଲା ଝିଅ
ପୁରୁଣା ଘିଅ ।**

ସାଧାରଣତଃ ଝିଅ ଘରଯୋଗ୍ୟା ହେଲେ ତାକୁ ଅଧିକ ଦିନ ଘରେ ରଖିବା ଉଚିତ ହୋଇ ନ ଥାଏ। କାରଣ ଏପରି ରଖିବା ଦ୍ୱାରା ପଛରେ ନିନ୍ଦା ଅପବାଦ ମିଳିବାର ଭୟ ରହିଥାଏ। ସେହିପରି ଘିଅ ପୁରୁଣା ହୋଇଗଲେ ବା ଅଧିକ ଦିନ ଘରେ ରଖିଲେ ତାହା ରହଣିଆ ଲାଗିଥାଏ ଓ ଏହା ଖାଦ୍ୟୋପଯୋଗୀ ହୋଇ ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ବାଇଗଣ ପରିବା
ଦି' ସଉତୁଣୀ କଳିଆ କଲେ
ଘଇତାକୁ ମାରିବା ।**

ଦୁଇ ସଉତୁଣୀଙ୍କ ମଧ୍ୟରେ ଅହିନକୁଳ ସମ୍ପର୍କ ରହିଥାଏ। କେହି କାହାର ସୁଖଶିରୀ ଦେଖି ସହି ପାରି ନ ଥାନ୍ତି। ସଉତୁଣୀ ହିଁ ଦାମ୍ପତ୍ୟ ଜୀବନରେ ଚରମ ଅଶାନ୍ତିର କାରଣ ସାଜିଥାଏ। ଯେଉଁ ଘରେ ଦୁଇ ସଉତୁଣୀ ରହିଥାନ୍ତି ସେହି ଘରେ ନାନାପ୍ରକାର ବିଶୃଙ୍ଖଳା ଘଟିବା ଥୟ। ଦୁଇ ସଉତୁଣୀ ମଧ୍ୟରେ କଳିକଜିଆ ଲାଗିଲେ ସବୁ ରାଗ ସ୍ୱାମୀ ଉପରେ ଶୁଝା ଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବିଳମ୍ବ ହେବ ମୌସୁମୀ ଲେଉଟାଣି

**ଭୁବନେଶ୍ୱର,୨୮।୯(ବ୍ୟୁରୋ)**

ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଓଡିଶା ସମେତ ଦେଶର ବିଭିନ୍ନ ଭାଗରେ ପ୍ରବଳ ବର୍ଷା ଲାଗି ରହିଛି। ନିର୍ଦ୍ଧାରିତ ସମୟର ୧୦ ଦିନ ପରେ ଅର୍ଥାତ ଜୁନ ୨୧ ତାରିଖରେ ମୌସୁମୀ ଓଡିଶା ଛୁଇଁଥିଲା। ତେବେ ଯେତିକି ପରିମାଣ ବର୍ଷା ହେବ କଥା ହେଲା ନାହିଁ। ଜୁନରୁ ଅଗଷ୍ଟ ଯାଏ ରାଜ୍ୟରେ ନିଅଣ୍ଟିଆ ବର୍ଷା ପରିସ୍ଥିତି ସୃଷ୍ଟି ହେଲା। ଜୁଲାଇରୁ ମୌସୁମୀ ବର୍ଷା ଲାଗି ରହିଛି। ଅକ୍ଟୋବର ପ୍ରଥମ ସପ୍ତାହ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ସୂଚନା ଦେଲାଣି। ଜୁନ ପହିଲାରୁ ସେପ୍ଟେମ୍ବର ୨୮ ତାରିଖ ଯାଏ ରାଜ୍ୟରେ ବର୍ଷା ସ୍ୱାଭାବିକ ରହିଛି। ଏହି ସମୟରେ ସ୍ୱାଭାବିକ ଭାବେ ୧୧୪୪.୯ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ୧୧୯୪.୬ ମିଲିମିଟର। ଅର୍ଥାତ ସ୍ୱାଭାବିକ ଠାରୁ ୪ ପ୍ରତିଶତ ଅଧିକ ବର୍ଷା ହୋଇଛି।

ସାଧାରଣତଃ ମୌସୁମୀ ସେପ୍ଟେମ୍ବର ୧ ତାରିଖରୁ ରାଜସ୍ଥାନରୁ ଅପସାରଣ ଆରମ୍ଭ କରିଥାଏ । ଚଳିତ ବର୍ଷ ପ୍ରାୟ ମାସେ ହୋଇଗଲାଣି ଦେଶରେ ମୌସୁମୀ ବର୍ଷା ଲାଗି ରହିଛି। ଏଥିଯୋଗୁଁ ପାଣିପାଗ ବିଭାଗ ମୌସୁମୀ ଅପସାରଣ ନେଇ ଏ ପର୍ଯ୍ୟନ୍ତ ଘୋଷଣା କରିନାହିଁ। ଏଥର ସ୍ୱାଭିବିକଠାରୁ ବହୁ ବଳମ୍ବରେ ମୌସୁମୀ ଦେଶ ଛାଡିବ ବୋଲି ପାଣିପାଗ ବିଶାରଦ ମତ ଦେଇଛନ୍ତି। ବର୍ଷା ଲାଗି ରହିଥିବାରୁ ଅକ୍ଟୋବର ପ୍ରଥମ ସପ୍ତାହ ମଧ୍ୟରେ ମୌସୁମୀ ପ୍ରତ୍ୟାବର୍ତ୍ତନ ନେଇ କୌଣସି ସୂଚନା ନାହିଁ ବୋଲି ଭାରତୀୟ ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ଓଡିଶାରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ନେଇ ମୁଖ୍ୟତଃ ଅକ୍ଟୋବର ଦ୍ୱିତୀୟ ସପ୍ତାହ ସୁଦ୍ଧା ଘୋଷଣା କରାଯାଇଥାଏ। ଦେଶର ଅନ୍ୟାନ୍ୟ ଭାଗରୁ ମୌସୁମୀ ଅପସାରଣ ହୋଇ ନ ଥିବାରୁ ଓଡିଶାରେ ମଧ ଏହା ବିଳମ୍ବ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

### ଆହୁରି ବର୍ଷା ସମ୍ଭାବନା

ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ଢେଙ୍କାନାଳ, ମୟୂରଭଞ୍ଜ, କଟକ, ବାଲେଶ୍ୱର, ଖୋର୍ଦ୍ଧା ଏବଂ ଯାଜପୁର ଜିଲାର କେତେକ ସ୍ଥାନରେ ଘଡଘଡି ସହ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି।



କନ୍ଧମାଳ ଜିଲାରେ ଖାଦ୍ୟ ପ୍ରକ୍ରିୟାକରଣ କାରଖାନା ପ୍ରତିଷ୍ଠା କରିବାକୁ ଯାଉଥିବା ଏମ୍‌ଡିଏଚ୍ ମସଲାର ପ୍ରତିଷ୍ଠାତା ପଦ୍ମଭୂଷଣ ଧରମପାଲ୍ ଗୁଲାଟି ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି।

# ୩ ସ୍ଥାନରେ ରାସ୍ତାରୋକୋ

### ଦ୍ୱିତୀୟ ବ୍ରାହ୍ମଣୀ ସେତୁ ନିର୍ମାଣରେ ବିଳମ୍ବ

- ଅର୍ଥନୈତିକ ଅବରୋଧ ଧମକ ଦେଲେ ଜର୍ଜ ତିର୍କୀ
- ରାଜଗାଙ୍ଗପୁର ବିଧାୟକଙ୍କ ସମେତ ୬୦ ଗିରଫ

**ରାଉରକେଲା ଅଫିସ, ୨୮।୯:** ଦ୍ୱିତୀୟ ବ୍ରାହ୍ମଣୀ ସେତୁକୁ ନେଇ ଦିନକୁ ଦିନ ରାଉରକେଲା ରାଜନୀତି ସରଗରମ ହେବାରେ ଲାଗିଛି। ଏନେଇ ବିରୋଧୀ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଘେରିବାରେ ଲାଗିଛନ୍ତି। ଗତ ଶୁକ୍ରବାର ପୂର୍ବତନ କଂଗ୍ରେସ ବିଧାୟକ ପ୍ରଭାତ ମହାପାତ୍ର ଏଭଳି ଅବହେଳା ନେଇ ସରକାରଙ୍କୁ ସମାଲୋଚନା କରିଥିବା ବେଳେ ଶନିବାର ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ନେତୃତ୍ୱରେ ପାନପୋଷ ଛକ, ପ୍ରଶାନ୍ତ ସେଠୀଙ୍କ ନେତୃତ୍ୱରେ ଫର୍ଟିଲାଇଜର ରଙ୍ଗିଲା ଛକ ଓ ରୋହିତ ଯୋସେଫ ତିର୍କୀଙ୍କ ନେତୃତ୍ୱରେ ବୀରମିତ୍ରପୁରଠାରେ ରାସ୍ତାରୋକୋ କରାଯାଇଛି। ଦ୍ୱିତୀୟ ସେତୁ ନିର୍ମାଣରେ ଅହେତୁକ ବିଳମ୍ବ ତଥା ଅନିଶ୍ଚିତତା ନେଇ ଆନ୍ଦୋଳନକାରୀମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ଏକକାଳୀନ ୩ଟି ସ୍ଥାନରେ ଆୟୋଜିତ ଆନ୍ଦୋଳନରେ କଂଗ୍ରେସର ବହୁ କର୍ମୀ, ନେତା ସାମିଲ ହୋଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏହି ଗଣ ବିକ୍ଷୋଭରେ ରାଜଗାଙ୍ଗପୁର ବିଧାୟକ ଡ. ରାଜେନ ଏକ୍କା, ରାଉରକେଲା ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି, ବର୍ତ୍ତମାନର କାର୍ଯ୍ୟକାରୀ ସଭାପତି ସବିର ହୁସେନ, ପିସିସି ସଭ୍ୟ ଦେବ ବିହାରୀ, ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ପ୍ରଭାତୀ ମିଶ୍ର, ବରିଷ୍ଠ କଂଗ୍ରେସ ନେତା ଇକ୍‌ବାଲ ମଲ୍ଲିକ, ସୁନ୍ଦରଗଡ ମହିଳା କଂଗ୍ରେସ ସଭାନେତ୍ରୀ ସରୋଜିନୀ ବାଲ୍ମା, ସେବା ଦଳ ସଙ୍ଗଠକ ବିନୋଦ ରାଉତ, ବରିଷ୍ଠ ନେତା କୀର୍ତ୍ତନ ଦାସ, ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାନେତ୍ରୀ ନିରୁପମା ବଳିଆରସିଂ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅବହେଳାକୁ ତୀବ୍ର ସମାଲୋଚନା କରିଥିଲେ।

# ବିଶ୍ୱ ସ୍ଥାପତ୍ୟ ମେଳା: ଚୂଡ଼ାନ୍ତ ତାଲିକାରେ କୃଷି ଭବନ

**ଭୁବନେଶ୍ୱର,୨୮।୯(ବ୍ୟୁରୋ):** ରାଜଧାନୀସ୍ଥିତ 'କୃଷି ଭବନ' ବିଶ୍ୱ ସ୍ଥାପତ୍ୟ ମେଳାର ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇଛି। ନେଦରଲାଣ୍ଡର ଆର୍ମଷ୍ଟରଡାମ ସହରରେ ଆସନ୍ତା ଡିସେମ୍ବର ୪ରୁ ୬ ମଧ୍ୟରେ ଏହି ମେଳା ଅନୁଷ୍ଠିତ ହେବ। ପୂର୍ଣ୍ଣାଙ୍ଗ ହୋଇଥିବା ଅଫିସ ବିଲ୍ଡିଂ ବର୍ଗରେ ଓଡ଼ିଶାର କୃଷି ଭବନ ସ୍ଥାନ ପାଇଛି। ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇବା ସମ୍ପର୍କିତ ଏକ ଟୁଇଟ୍‌କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ରିଟୁଇଟ୍ କରାଯାଇଛି। ୧.୩ ଲକ୍ଷ ବର୍ଗଫୁଟର ଏହି ପ୍ରଶାସନିକ କାର୍ଯ୍ୟାଳୟ କାରୁକାର୍ଯ୍ୟକୁ ଭୂୟସୀ ପ୍ରଶଂସା କରାଯାଇଛି।

# ଅଭିଯୋଗ ଶୁଣିବାକୁ ଟୋଲ ଫ୍ରି ଫୋନ ନମ୍ବର ବ୍ୟବସ୍ଥା

**ସମ୍ବଲପୁର,୨୮।୯(ବ୍ୟୁରୋ):** ସମ୍ବଲପୁର ଜିଲା ପ୍ରଶାସନ ଜନସାଧାରଣଙ୍କ ଅଭିଯୋଗ ଶୁଣିବା ପାଇଁ ଟୋଲ ଫ୍ରି ନମ୍ବର ୧୮୦୦୩୪୫୬୭୨୩ ଜାରି କରିଛି। ଏହାଦ୍ୱାରା ଲୋକେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଅଭିଯୋଗ ପାଇଁ ବ୍ଲକ୍, ଜିଲା ପ୍ରଶାସନ ପାଖକୁ ଧାଇଁବାରୁ ମୁକ୍ତି ପାଇବେ। ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ବଢୁଥିବାରୁ ଜିଲା ପ୍ରଶାସନ ଲୋକଙ୍କ ସୁବିଧା ପାଇଁ ଏଭଳି ନୂଆ ପଦକ୍ଷେପ ନେଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ଶୁଭମ୍ ସକ୍‌ସେନା ଶନିବାର ଏହି ବ୍ୟବସ୍ଥାର ଉଦ୍‌ଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ୫-ଟି ନିର୍ଦ୍ଦେଶକୁ ପାଳନ କରି ଏହି ପଦକ୍ଷେପ ନିଆଯାଇଥିବା ଜିଲାପାଳ କହିଛନ୍ତି।

## ଡକାୟତି ପରେ ପୋଲିସର ଗୁଳିମାଡ଼

# ଜଣେ ଡକାୟତ ଗୁରୁତର, ୪ ଫେରାର

**କେନ୍ଦ୍ରାପଡ଼ା ଅଫିସ/ ଆଳି (ଡି.ଏନ୍.ଏ.), ୨୮।୯**

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ଜୁଆଣିଆ ଗ୍ରାମରୁ ଡକାୟତମାନେ ଡକାୟତି କରି ପଳାଇଯାଉଥିବାବେଳେ ସଦରଥାନାର ଗରାପୁର ଛକରେ ଶନିବାର ପୋଲିସ ସହ ମୁହାଁମୁହିଁ ହୋଇଛନ୍ତି। ଏହି ସମୟରେ ପୋଲିସ ଗୁଳିମାଡ଼ରେ ଜଣେ ଡକାୟତ ଗୁରୁତର ହୋଇଥିବାବେଳେ ଅନ୍ୟ ୪ ଜଣ ଫେରାର ହୋଇଯାଇଛନ୍ତି। ଅପରପକ୍ଷେ ଡକାୟତଙ୍କ ପକ୍ଷରୁ ପାଲଟା ଆକ୍ରମଣ ବେଳେ ୨ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଗୁଳିମାଡ଼ରେ ମାର୍ଶାଘାଇ ଥାନା ଅନ୍ତର୍ଗତ ଜୁଣ ଗ୍ରାମର ଅଭିଯୁକ୍ତ ହୃଷୀକେଶ ମଲ୍ଲିକ ଗୁରୁତର ହୋଇଛନ୍ତି । ଚିକିତ୍ସା ନିମନ୍ତେ ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଡକାୟତମାନେ ବ୍ୟବହାର କରିଥିବା ଏକ କାର ଓ ମାରଣାସ୍ତ୍ରଗୁଡ଼ିକୁ ପୋଲିସ ଜବତ କରିଛି। ଏନେଇ ଆଳି ଥାନାରେ ମାମଲା ରୁଜୁ କରାଯାଇଛି।

ସୂଚନାଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ଆଳି ଥାନା ଧୋୟାଞ୍ଚଳ ଅନ୍ତର୍ଗତ ଜୁଆଣିଆ ଗ୍ରାମର ନବଘନ ପରିଡ଼ାଙ୍କ ଘରେ ପଶି ହୃଷୀକେଶ ଓ ତାଙ୍କ ୪ ସହଯୋଗୀ ଡକାୟତି କରିଥିଲେ। ସେମାନେ ପରିବାର ସଦସ୍ୟଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ଏଥିସହ ନବଘନ, ସ୍ତ୍ରୀ ରକ୍ମଣୀ ଓ ବୋହୂ ଗୀତାଞ୍ଜଳିଙ୍କୁ ଆକ୍ରମଣ କରି ଘର ଆଲମିରାରୁ ସୁନାଗହଣା ଓ ଟଙ୍କା ଲୁଟ୍ କରି ଫେରାର ହୋଇଯାଇଥିଲେ। ଅଭିଯୋଗ ପରେ ଆଇଆଇସି ସଲିଲ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରିବା ସହ ଡକାୟତମାନଙ୍କ ପିଛା କରିଥିଲେ। ଡକାୟତମାନେ କାରରେ କଟକ-ଚାନ୍ଦବାଲି ରାଜ୍ୟରାଜପଥ ଦେଇ ଯାଉଥିବାବେଳେ ଗରାପୁର ଛକରେ ସ୍ପେଶାଲ ସ୍କ୍ୱାଡ, ଆଳି ଓ ସଦର ପୋଲିସ ସେମାନଙ୍କୁ ରୋକିବାକୁ ଉଦ୍ୟମ କରିଥିଲା। ମାତ୍ର ଡକାୟତମାନେ ନ ଅଟକିବାରୁ ପୋଲିସ ପକ୍ଷରୁ ଗୁଳିଚାଳନା କରାଯାଇଥିଲା।

## ପିଆଜ ଦରକୁ ନେଇ ଭାଜପାର ଅଭିଯୋଗ

# ରାଜ୍ୟ ସରକାର ଜାଣିଶୁଣି ପଦକ୍ଷେପ ନେଉନାହାନ୍ତି

**ଭୁବନେଶ୍ୱର, ୨୮।୯ (ବ୍ୟୁରୋ):** ପିଆଜ ଦର ହୁ ହୁ ହୋଇ ବଢୁଥିବାବେଳେ ରାଜ୍ୟ ସରକାର କେବଳ ଗଣମାଧ୍ୟମରେ ବୟାନ ଦେଉଛନ୍ତି । ସାଧାରଣ ଖାଉଟିଙ୍କୁ କିଭଳି ଶସ୍ତାରେ ପିଆଜ ମିଳିବ ସେଥିପାଇଁ ଆଦୌ ଯତ୍ନବାନ ନାହାନ୍ତି । କେନ୍ଦ୍ର ସରକାର ଶସ୍ତାରେ ରାଜ୍ୟଗୁଡିକୁ ପିଆଜ ଦେବା ପାଇଁ ଘୋଷଣା କରିଥିବାବେଳେ ରାଜ୍ୟ ସରକାର ଏହାର ଲାଭ ନେଉନାହାନ୍ତି ବୋଲି ଭାଜପା ଅଭିଯୋଗ କରିଛନ୍ତି।

ଓଡିଶାରେ ପିଆଜ ଦର ଦିନକୁ ଦିନ ବଢିବାରେ ଲାଗିଛି । ଏପରି ସ୍ଥିତିରେ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ମନ୍ତବ୍ୟ କଳାବଜାରୀଙ୍କୁ ପ୍ରୋତ୍ସାହନ ଦେବା ଭଳି । ଆସନ୍ତା ଦୀପାବଳି ପର୍ଯ୍ୟନ୍ତ ଦର ଉଚ୍ଚା ରହିବ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ ଏହି ବିବୃତି ଅସାଧୁ ବେପାରି ଓ ଷ୍ଟକ ରଖୁଥିବା ବେପାରୀମାନଙ୍କୁ ସୁହାଇଛି ବୋଲି ରାଜ୍ୟ ଭାଜପା ସମ୍ପାଦକ କାଳନ୍ଦି ସାମଲ ଅଭିଯୋଗ କରିଛନ୍ତି ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

Telnet Towers Co.
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇ-ୱେ ପାର୍ଶ୍ୱ ଜମିରେ
ଡିଜିଟାଲ ମଲ୍ଟିମିଡିଆ ଟାୱାର୍ ଲଗାନ୍ତୁ।
ଅଗ୍ରିମ: 70 ଲକ୍ଷ
ଭଡ଼ା: 60 ହଜାର
+ ଏଗ୍ରିମେଣ୍ଟ
09625373491, 07827396829
www.telnettowers.com
Add.: Hamiltonganj, Uttar Latabari (WB)

FINANCE

ନବରାତ୍ରିର ଶୁଭ ଅବସରରେ ଋଣ ଧମାକା
ଭାରତର Govt. Regd. ନଂ.1 କମ୍ପାନୀ
DURGA FINANCE LTD.
Reg. No. U6519TN198PLC008555
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଓ ସମସ୍ତ ଋଣ
3-4 ଦିନରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ବ୍ୟବସାୟିକ ସୁଯୋଗ ପାଇଁ ଯୋଗାଯୋଗ କରନ୍ତୁ
9499218733
7302958798
H.No. 12, Sohana, Distt. Mohali

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
ମହାଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ Reg No. MH32820D788
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
7894582823
H.No. 10, Mandi Road, Bathinda Punjab.

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨୦ ଲକ୍ଷ, ଭଡ଼ା 60,000 + ବାଇକ୍ ।
20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

ଆପଣଙ୍କ ଅତି ନିଜର ଭାଇ ଆପଣଙ୍କ ସେବାରେ
ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9450741373
B-34/7 A Block Vijay Enclave, Burari, New Delhi

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଧରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ ।
ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

BUSINESS

ASTROLOGY

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ ।
ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



"କ୍ରିକେଟର୍ ଏମ୍.ଏସ୍. ଧୋନିଙ୍କ ଅବସର ନେବାର ନିଷ୍ପତ୍ତି ଅନ୍ୟ କେହିନୁହେଁ, କେବଳ ସେ ହିଁ ନେଇପାରିବେ।
-ସୁଶାନ୍ତ ସିଂ ରାଜପୁତ, ବଲିଉଡ୍ ଅଭିନେତା

# ମସ୍ତିଷ୍କରେ ସ୍ମୃତିକୁ ସାଇତି ରଖେ ଏକେଟି ପ୍ରୋଟିନ୍

ମନୁଷ୍ୟ ମସ୍ତିଷ୍କରେ ଛୋଟବେଳଠାରୁ ବଡ଼ ହେବା ପର୍ଯ୍ୟନ୍ତ ଅନେକ ସ୍ମୃତି ରହିଥାଏ। ଧୀରେ ଧୀରେ କେତେକ ଘଟଣା ଭଲ ଭାବେ ମନେ ମଧ୍ୟ ପଡ଼ି ନ ଥାଏ। ମସ୍ତିଷ୍କରେ ବିଭିନ୍ନ ଘଟଣାକୁ ସାଇତି ରଖିବାରେ ଏକେଟି ପ୍ରୋଟିନ୍ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏହା ସହିତ ମସ୍ତିଷ୍କରେ ଥିବା ଏକେଟି-୧, ଏକେଟି-୨ ଓ ଏକେଟି-୩ ଆଦି ୩ ପ୍ରକାର ମସ୍ତିଷ୍କ



କୋଷିକା ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି ବୋଲି କଲୋରାଡୋ ବିଶ୍ୱବିଦ୍ୟାଳୟର ଗବେଷକ ଜାଣିବାକୁ ପାଇଛନ୍ତି। ଏକେଟି-୧ କୋଷିକା ମସ୍ତିଷ୍କର ସର୍ବାଧିକ ଅଂଶରେ ବ୍ୟାପି ରହିଥାଏ। ଏହା ନ୍ୟୁରୋନ୍ ଓ ସିୟାନାପଜ୍‌କୁ ସଶକ୍ତ କରିଥାଏ। ଫଳରେ ଅଭିଜ୍ଞତା ସ୍ମୃତି ରୂପେ ସଂରକ୍ଷିତ ହୋଇଥାଏ। ସେହିପରି ଏକେଟି-୨ କୋଷିକା ସ୍ପାଇନାଲ୍ କର୍ଡ ଓ ମସ୍ତିଷ୍କର କାର୍ଯ୍ୟପ୍ରଣାଳୀକୁ ସହଜ କରିଥାଏ। ଏହା ଅସ୍ଥିକଣିକାରେ ଅଧିକ ପରିମାଣରେ ରହିଥାଏ। ଏହାର ଆକାର ତାରକା ସଦୃଶ। ମସ୍ତିଷ୍କାଘାତ ଓ ମସ୍ତିଷ୍କ କର୍କଟରେ ଏହି କୋଷିକା ପ୍ରଭାବିତ ହୋଇଥାଏ। ସ୍ମୃତି ଶକ୍ତିର ବିକାଶରେ ଏହା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥାଏ। ଏକେଟି-୩ କୋଷିକା ଦ୍ୱାରା ମୁଖ୍ୟତଃ ମସ୍ତିଷ୍କ ବିକାଶ କାର୍ଯ୍ୟ ସମ୍ପନ୍ନ ହୋଇଥାଏ। ଏହା ମସ୍ତିଷ୍କର ତରଙ୍ଗାୟିତ ଅଂଶକୁ ବିକଶିତ କରିଥାଏ, ଯାହାଦ୍ୱାରା ବିଭିନ୍ନ ଘଟଣାବଳୀ ଦୀର୍ଘଦିନ ପର୍ଯ୍ୟନ୍ତ ସ୍ମୃତିରେ ସାଇତି ହୋଇ ରହିଥାଏ। ଗବେଷକ ମୂଷାମାନଙ୍କଠାରେ ଏକେଟି ପ୍ରୋଟିନ୍ ପ୍ରୟୋଗ କରିଥିଲେ। ପରବର୍ତ୍ତୀ ସମୟରେ ଏହାର ଉପଯୋଗ ମନୁଷ୍ୟ ଉପରେ କରାଯାଇଥିଲା।

# ଭାରତର ଗ୍ରେଟା 'ରିଧିମା'



## ଜଳବାୟୁ ପରିବର୍ତ୍ତନ ଲାଗି ସରକାରଙ୍କୁ ଦୋଷାରୋପ

**ନୂଆଦିଲ୍ଲୀ:** ଜଳବାୟୁ ପରିବର୍ତ୍ତନ ବିଶ୍ୱ ଲାଗି ଏକ ସତର୍କଘଣ୍ଟି। ଏଥିଲାଗି ବିଶ୍ୱବ୍ୟାପୀ ସଚେତନତା ସୃଷ୍ଟି କରାଯାଉଥିବାବେଳେ ସେଭଳି ସୁଫଳ ମିଳୁନାହିଁ। ଏଥିଲାଗି ବିଭିନ୍ନ ଦେଶ କଡ଼ା ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ଭାଷଣବାଜିରେ ସୀମିତ ରହିବା ଲଜ୍ଜାର ବିଷୟ। ଜଳବାୟୁ କର୍ମୀ ସ୍ୱେଡେନ୍‌ର ଗ୍ରେଟା ଥନ୍‌ବର୍ଗ(୧୬)ଙ୍କ ଉତ୍ତେଜିତ ଭାଷଣ ବିଶ୍ୱନେତାଙ୍କୁ ଅଡୁଆରେ ପକାଇଥିବାବେଳେ ଭାରତୀୟ ଜଳବାୟୁ କର୍ମୀ ହରିଦ୍ୱାରନିବାସୀ ରିଧିମା ପାଣ୍ଡେ(୧୧) ମଧ୍ୟ ପରିବେଶ ସନ୍ତୁଳନ ରକ୍ଷା ଓ ଜଳବାୟୁ ପରିବର୍ତ୍ତନକୁ ନେଇ ସରକାରଙ୍କ ଉପରେ ବର୍ଷିଛନ୍ତି। ଗ୍ରେଟା ଓ ରିଧିମାଙ୍କ ସହିତ ବିଶ୍ୱର ୧୬ଜଣ ଏନେଇ ଜାତିସଂଘ ଜଳବାୟୁ କାର୍ଯ୍ୟକାରୀ କମିଟିରେ ପିଟିଶନ ଦାଖଲ କରି ସରକାରଙ୍କ ଅବହେଳାକୁ ଦାୟୀ କରିବା ସହ ବିକ୍ଷୋଭ ଜାରି ରଖିବାକୁ କହିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ସରକାର କଠୋର ପଦକ୍ଷେପ ନେବାର ସମୟ ଆସିଛି ବୋଲି ରିଧିମା କହିଛନ୍ତି।

ରିଧିମା ଏବେ ଅଷ୍ଟମ ଶ୍ରେଣୀର ଛାତ୍ରୀ। ୨୦୧୭ରେ ସେ ଜଳବାୟୁ ପରିବର୍ତ୍ତନକୁ ନେଇ ଚିନ୍ତା ପ୍ରକଟ କରିବା ସହ ସରକାରଙ୍କ ବିରୋଧରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲରେ ପିଟିଶନ ଫାଇଲ କରି ଚର୍ଚ୍ଚାକୁ ଆସିଥିଲେ। ଦେଶରେ ବୃଦ୍ଧି ପାଉଥିବା ପରିବେଶ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନକୁ ନେଇ ସେ ସରକାରୀ ପଦକ୍ଷେପକୁ ଦୋଷ ଦେଇଥିଲେ। ଖାଲି କାଗଜ କଲମରେ ନୁହେଁ, ପ୍ରତ୍ୟକ୍ଷଭାବେ ଦୃଢ ପଦକ୍ଷେପ ଗ୍ରହଣ କରିବା ଦରକାର ବୋଲି ସେ ସରକାରଙ୍କୁ ପରାମର୍ଶ ଦେଇଥିଲେ। କିଛିମାସ ତଳେ ସେ ବାପାଙ୍କ ସହ ଓସ୍‌ଲୋ ଓ ପରେ ନ୍ୟୁୟର୍କ ଗସ୍ତକରି ଜଳବାୟୁ କର୍ମୀଙ୍କ ସହ ମିଶିଥିଲେ। ପରେ ନ୍ୟୁୟର୍କ ସମିଟ୍‌ରେ ଭାଗ ନେଇଥିଲେ। ଥନ୍‌ବର୍ଗ, ଆଲେକ୍‌ଜାଣ୍ଡ୍ରିଆ ଭିଲ୍ଲାସେନର,ଟିଆରା ସଚ୍ଚି, କାଟାରିନା ଲୋରେଞ୍ଜୋ, ଇରିଶ୍ ଡୁକ୍ୱେନ୍ସ ପ୍ରମୁଖଙ୍କ ସହ ରିଧିମା ଜଳବାୟୁ ପରିବର୍ତ୍ତନ ନେଇ ଅଭିଯାନ ଚଳାଇଥିଲେ। ସରକାରଙ୍କ ଆନ୍ତରିକତାର ଅଭାବ ଯୋଗୁ ଏଭଳି ସ୍ଥିତି ଉପୁଜିଛି ବୋଲି ଜଳବାୟୁ କର୍ମୀ ରିଧିମା କହିଛନ୍ତି। ଗଙ୍ଗା ସଫେଇ ନେଇ ଡିଣ୍ଡିମ ପିଟାଯାଉଥିଲେ ହେଁ ଏଥିରେ ସେଭଳି ଅଗ୍ରଗତି ପରିଲକ୍ଷିତ ହୋଇନାହିଁ। ପଡ଼ିଥିବା ମାଳମାଳ ପଲିଥିନ୍, କଳକାରଖାନାର ବର୍ଜ୍ୟବସ୍ତୁ, ଅଳିଆ ଆବର୍ଜନାକୁ ଦେଖିଲେ ଯେ କେହି ଅନୁଭବ କରିପାରିବ ବୋଲି ରିଧିମା କହିଛନ୍ତି। ମା' ବୋଲି କୁହାଯାଉଥିବା ଗଙ୍ଗା ଏବେ ପୂତିଗନ୍ଧମୟ, ଦୂଷିତ ଜଳପୂର୍ଣ୍ଣ ହୋଇ ରହିଛି। ସେହିଭଳି ଧାର୍ମିକ ପୀଠ ହରିଦ୍ୱାର ଭୟଙ୍କର ବାୟୁ ପ୍ରଦୂଷଣର ଶିକାର ହୋଇଛି। ପଲିଥିନ ନିଷିଦ୍ଧ କରାଯାଇଥିଲେ ହେଁ ସରକାରୀ ଉଦାସୀନତାରୁ ଏହା ସଫଳ ରୂପ ନେଇପାରୁ ନାହିଁ। ଆମ ଆଡୁ ପ୍ଲାଷ୍ଟିକ୍ ବନ୍ଦ ହେଲେ କମ୍ପାନୀ ତିଆରି କରିବା ବନ୍ଦ କରିଦେବ ବୋଲି ସେ ମତ ଦେଇଛନ୍ତି। ପରିବେଶକୁ ସନ୍ତୁଳିତ କରିବା ଲାଗି ଲୋକ ସଚେତନ ହେବା ସହ ସରକାର କଠୋର ପଦକ୍ଷେପ ଗ୍ରହଣ କରିବାକୁ ରିଧିମା ପରାମର୍ଶ ଦେଇଛନ୍ତି।

# ହାପି ବାର୍ଥଡେ'



ଲତା ମଙ୍ଗେସକର

**ନୂଆଦିଲ୍ଲୀ:** ସଂଗୀତ ସମ୍ରାଜ୍ଞୀ ଲତା ମଙ୍ଗେସକର, ଅଭିନେତା ରଣବୀର କପୁର ଓ ଅଭିନେତ୍ରୀ ମୌନି ରୟ ସେପ୍ଟେମ୍ବର ୨୮ରେ ପାଳିଛନ୍ତି ନିଜ ନିଜର ଜନ୍ମଦିନ। ଲତା ନିଜର ୯୦ତମ ଜନ୍ମଦିବସ ପାଳନ କରିଥିବାବେଳେ ରଣବୀର ୩୭ତମ ଓ ମୌନି ୩୪ତମ ଜନ୍ମଦିନ ପାଳନ କରିଛନ୍ତି। ଏହି ତିନି ଲୋକପ୍ରିୟ ତାରକାଙ୍କ ଜନ୍ମଦିନ ଅବସରରେ ପୂରା ବଲିଉଡ୍ ଓ ପ୍ରଶଂସକଙ୍କ ପକ୍ଷରୁ ଶୁଭକାମନାର ସୁଅ ଛୁଟିଛି।

## ୯୦ବର୍ଷରେ ଲତା

ଶନିବାର ନିଜର ୯୦ତମ ଜନ୍ମଦିନ ପାଳିଛନ୍ତି ସୁନାମଧନ୍ୟା ଗାୟିକା ଭାରତ ରତ୍ନ ଲତା ମଙ୍ଗେସକର। ୧୯୨୯ ସେପ୍ଟେମ୍ବର ୨୮ରେ ମଧ୍ୟପ୍ରଦେଶର ଇନ୍ଦୋର ସହରରେ ଏକ ମରାଠୀ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ଲତା। ତାଙ୍କ ଜନ୍ମଦିନ ଅବସରରେ ସୋସିଆଲ ମିଡିଆରେ ଶୁଭେଚ୍ଛାର ସୁଅ ଛୁଟିଛି। ସଚିନ ତେନ୍ଦୁଲକରଙ୍କଠାରୁ ବିଗ୍ ବି ଅମିତାଭ୍‌ଙ୍କ ପର୍ଯ୍ୟନ୍ତ ସମସ୍ତେ ଲତାଙ୍କୁ ଦୀର୍ଘାୟୁ ଓ ସୁସ୍ଥ ଜୀବନର କାମନା ପୂର୍ବକ ଜନ୍ମଦିନର ଶୁଭକାମନା ଜଣାଇଛନ୍ତି। ଭାରତ ରତ୍ନ ସମ୍ମାନ ସମେତ ଲତାଙ୍କୁ ପଦ୍ମବିଭୂଷଣ, ପଦ୍ମଭୂଷଣ, ଦାଦା ସାହେବ ଫାଲ୍‌କେ ଆୱାର୍ଡ ଭଳି ଅନେକ ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କୁ କୁଇନ୍ ଅଫ୍ ମେଲୋଡି, ଡଟର୍ ଅଫ୍ ନେଶନ୍, ଭଏସ୍ ଅଫ୍ ନେଶନ୍ ଓ ଭଏସ୍ ଅଫ୍ ମିଲେନିୟମ୍ ବୋଲି ମଧ୍ୟ କୁହାଯାଏ।

## ୩୭ରେ ରଣବୀର



ଶନିବାର ନିଜର ୩୭ତମ ଜନ୍ମଦିନ ପାଳିଛନ୍ତି ବଲିଉଡ୍ ହ୍ୟାଣ୍ଡସମ୍ ହଙ୍କ୍ ରଣବୀର କପୁର। ତାଙ୍କର ଏହି ଖୁସିର ଦିନରେ ପୂରା ବଲିଉଡ୍ ସମେତ ପ୍ରଶଂସକମାନେ ଶୁଭକାମନା ଜଣାଉଛନ୍ତି। ରଣବୀରଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ସୋସିଆଲ ମିଡିଆରେ ଆଲିୟା ଶେୟାର କରିଛନ୍ତି କେନିଆ ଟ୍ରିପ୍‌ର ଫଟୋ। ନିକଟରେ ଦୁହେଁ ଛୁଟି କାଟିବାକୁ କେନିଆ ଯାଇଥିଲେ। ସେହି ସ୍ମୃତିକୁ ସୋସିଆଲ ମିଡିଆରେ ଶେୟାର କରି ଆଲିୟା ସ୍ପେଶାଲ ୱିଶ୍ କରିଛନ୍ତି ରଣବୀରଙ୍କୁ, ଯେଉଁଥିରେ ରଣବୀରଙ୍କ ମା' ନିତୁ ମଧ୍ୟ କମେଣ୍ଟ ଦେଇଛନ୍ତି। ରଣବୀରଙ୍କ ବାର୍ଥ ଡେ' ସେଲିବ୍ରେଶନ ପାର୍ଟିରେ ଶାହରୁଖ ଖାନ, ଗୌରୀ ଖାନ, ଦୀପିକା ପାଦୁକୋନ, ଆକାଶ ଅମ୍ବାନୀ, ଆଦିତ୍ୟ ରୟ କପୁର, ଜୋୟା ଅଖତର୍‌ଙ୍କ ଭଳି ତାରକାମାନେ ଯୋଗ ଦେଇଥିଲେ। ଅନ୍ୟପଟେ ଫ୍ୟାମିଲି ସେଲିବ୍ରେଶନରେ ଆଲିୟା ସାମିଲ ଥିଲେ। ପାଇଁ ଆଜିକାଲି ଚର୍ଚ୍ଚାରେ ଅଛନ୍ତି।

## ନାଗୀନ୍‌ଙ୍କୁ ଛୁଇଁଲା ୩୪



ଟିଭି ପରଦାର ଲୋକପ୍ରିୟ ନାଗୀନ୍ ନିଜର ୩୪ତମ ଜନ୍ମଦିନ ପାଳିଛନ୍ତି। ଆଜ୍ଞା ଆମେ କହୁଛୁ ମୌନି ରୟଙ୍କ କଥା, ଯିଏ ଟିଭିରେ ପପୁଲାର ନାଗୀନ୍ କ୍ୟାରେକ୍ଟରରୁ ବଲିଉଡର ହଟ୍ ଆକ୍ଟ୍ରେସ ଭାବେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ଏକତା କପୁରଙ୍କ ସିରିୟଲ 'କ୍ୟୁଁ କି ଶାଶ୍ ଭି କଭି ବହୂ ଥି'ରୁ ଅଭିନୟ ଦୁନିଆରେ ପାଦ ଦେଇଥିବା ମୌନି ଅକ୍ଷୟ କୁମାରଙ୍କ ସୁପରହିଟ୍ ଫିଲ୍ମ 'ଗୋଲ୍ଡ'ରୁ ବଲିଉଡ୍ ଏଣ୍ଟ୍ରୀ କରିଥିଲେ। ଏବେ ରାଜକୁମାର ରାଓଙ୍କ ସହ ଅପ୍‌କମିଂ ଫିଲ୍ମ 'ମେଡ୍ ଇନ୍ ଚାଇନା'ରେ ମୌନି ପୁଣି ନଜରକୁ ଆସିବେ। ସବୁବେଳେ ନିଜ ଆଟିଚ୍ୟୁଡ୍ ପାଇଁ ଚର୍ଚ୍ଚାରେ ରହୁଥିବା ଟିଭି ଦୁନିଆର ଏହି ନାଗୀନ୍ ନିଜ ଅପକମିଂ ଫିଲ୍ମର 'ଓଢ଼ନୀ ଓଢ଼୍ଁ...' ଗୀତ ପାଇଁ ଆଜିକାଲି ଚର୍ଚ୍ଚାରେ ଅଛନ୍ତି।

# 'ଲାଲ୍ କପ୍ତାନ୍'ର ଦ୍ୱିତୀୟ ଟ୍ରେଲର ରିଲିଜ୍



**ନୂଆଦିଲ୍ଲୀ:** ସୈଫ୍ ଅଲୀ ଖାନ୍‌ଙ୍କ ଅପ୍‌କମିଂ ଫିଲ୍ମ 'ଲାଲ୍ କପ୍ତାନ୍'ର ଦ୍ୱିତୀୟ ଟ୍ରେଲର ରିଲିଜ୍ ହୋଇଯାଇଛି। ଟ୍ରେଲର ଆରମ୍ଭରୁ ଦୀପକ ଡୋବରିୟାଲଙ୍କୁ ଦେଖିବାକୁ ମିଳିଛି। ଦୀପକଙ୍କ ଲୁକ୍ ମଧ୍ୟ ସୈଫ୍‌ଙ୍କ ଭଳି ହିଁ ଦମ୍‌ଦାର ଜଣାପଡୁଛି। ୧ମିନିଟ୍ ୨୯ ସେକେଣ୍ଡର ଏହି ଟ୍ରେଲରରେ ସୈଫ୍, ଦୀପକ ଓ ସୋନାକ୍ଷୀଙ୍କୁ ଦେଖିବାକୁ ମିଳିଛି। ଦୀପକ ଦୁଇଟି କୁକୁରଙ୍କୁ ଇଙ୍ଗିତ କରି ସୁଖୀରାମ୍ ଓ ଦୁଃଖୀରାମ ଡାଏଲଗ୍ କହୁଛନ୍ତି। ଜଣାପଡୁଛି ଫିଲ୍ମରେ ସେ ସୁଖୀରାମ ଚରିତ୍ରରେ ଅଭିନୟ କରିଛନ୍ତି। ସେହିପରି ଟ୍ରେଲରରେ ସୋନାକ୍ଷୀ ସିହ୍ନାଙ୍କ ଝଲକ୍ ଦେଖିବାକୁ ମିଳିଛି, କିନ୍ତୁ ତାଙ୍କ ପୂରା ଚେହେରା ଦେଖାଯାଉନାହିଁ।

## ଦୀପକ ଡୋବରିୟାଲ ଓ ସୋନାକ୍ଷୀ ସିହ୍ନାଙ୍କ ପ୍ରଥମ ଲୁକ୍

ଏହାସହ ପ୍ରଥମ ଟ୍ରେଲର ଭଳି ୨ୟ ଟ୍ରେଲରରେ ସୈଫ୍‌ଙ୍କ ଦମ୍‌ଦାର ଲୁକ୍ ସହ ଡାଏଲଗ୍ ମଧ୍ୟ ରହିଛି। ସେ ଶିକାରକୁ ଯାଉଥିବା ଜଣାପଡୁଛି। ଫିଲ୍ମଟି ଅକ୍ଟୋବର ୧୮ରେ ରିଲିଜ୍ ହେବ। ମୁହଁରେ ଭସ୍ମ ଓ ଆଖିରେ କଜଳ ଲଗାଇ ନାଗା ସାଧୁଙ୍କ ଚରିତ୍ରରେ ଏକ ଭୟଙ୍କର ରୂପରେ 'ଲାଲ୍ କପ୍ତାନ୍'ରେ ସୈଫ୍ ନଜରକୁ ଆସିବେ।

# କୁକୁର କାନ୍ଦିଲେ ଦଣ୍ଡ

**କାନ୍‌ବେରା:** ବିଶ୍ୱସ୍ତ ପ୍ରାଣୀ ତାଲିକାରେ ଶୀର୍ଷରେ ରହିଛି କୁକୁର। ହେଲେ ଭାରତରେ କୁକୁରଙ୍କ ଦୟନୀୟ ଅବସ୍ଥା ନ କହିବା ବରଂ ଭଲ। କେବଳ ବୁଲା କୁକୁର ନୁହନ୍ତି, ବୟସ ଗଡ଼ିଗଲା ପରେ ସାରା ଜୀବନ ସେବା ଯୋଗାଇ ଆସୁଥିବା ଅତି ଆପଣାର ପୋଷା କୁକୁରଟିକୁ ବି ମାଲିକ ଘରୁ ବାହାର କରିଦେବାକୁ ସାମାନ୍ୟ ସଙ୍କୋଚ କରନ୍ତିନି। ଦେଶରେ ଏପରି ଘଟଣା ଅତି ସାଧାରଣ। ସହର ହେଉ କି ଗ୍ରାମାଞ୍ଚଳ, ଖୋଜି ବୁଲିଲେ ଗଳିକନ୍ଦିରେ ଏପରି ହଜାରେ ଦୃଶ୍ୟ ଅତି ସହଜରେ ଦେଖିବାକୁ ମିଳିଯିବ। ଏହାର କାରଣ ଏଠାରେ ପାଳିତ



ପ୍ରାଣୀଙ୍କ ସୁରକ୍ଷା ପାଇଁ କାମକରୁନି କଡ଼ା ଆଇନ।

ହେଲେ ସମାନ ଘଟଣା ଯଦି ଅଷ୍ଟ୍ରେଲିଆରେ ଘଟେ, ତେବେ କୁକୁର ମାଲିକଙ୍କୁ ଗଣିବାକୁ ପଡ଼ିବ ମୋଟା ଅଙ୍କର ଜରିମାନା। କେବଳ ଏତିକି ନୁହେଁ, ଦୈନିକ ପୋଷା କୁକୁରକୁ ୨ ଘଣ୍ଟା ପଦାରେ ବୁଲାଇବା ମଧ୍ୟ ବାଧ୍ୟତାମୂଳକ। କୁକୁରକୁ ୨୪ ଘଣ୍ଟା ଘରେ ବାନ୍ଧି ରଖିବା କିମ୍ବା ନିର୍ଯାତନା ଦେଉଥିବା ଅଭିଯୋଗ ଯଦି ଆସେ ତେବେ କଥା ସରିଲା। ଏଥିଲାଗି ଜଣକୁ ୨୭୦୦ ଆମେରିକୀୟ ଡଲାର (ଭାରତୀୟ ମୁଦ୍ରାରେ ହାରାହାରି ୧ଲକ୍ଷ ୯୦ ହଜାର ଟଙ୍କା) ଦଣ୍ଡ ଗଣିବାକୁ ପଡ଼ିବ।ଦ୍ୱୀପ ମହାଦେଶ ଅଷ୍ଟ୍ରେଲିଆର ରାଜଧାନୀ କାନ୍‌ବେରାରେ ସରକାର ପୋଷାଜନ୍ତୁଙ୍କ ସୁରକ୍ଷା ଲାଗି ଆନିମଲ ୱେଲଫେୟାର ରିଜୋଲ୍ୟୁଶନ ଆମେଣ୍ଡମେଣ୍ଟ ବିଲ୍‌କୁ ସଂଶୋଧନ କରିଛନ୍ତି। ଏଥିରେ ପାଳିତ ପ୍ରାଣୀଙ୍କ ସୁରକ୍ଷା ଲାଗି କଡ଼ା ନିୟମ ଲାଗୁ କରାଯାଇଛି। ଜଣେ ମାଲିକ ନିଜର ପୋଷା କୁକୁର ପାଇଁ ଖାଇବା, ପିଇବା, ରହିବା ବ୍ୟବସ୍ଥାର ସୁବନ୍ଦୋବସ୍ତ କରିବା ବାଧ୍ୟତାମୂଳକ କରାଯାଇଛି। ଏଥିରେ ଖିଲାପ କଲେ ତୁରନ୍ତ ଜରିମାନା ଆଦାୟ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ଗୃହପାଳିତ ପ୍ରାଣୀଙ୍କ ପ୍ରତି ଦାୟିତ୍ୱବୋଧ ବଢ଼ିବ ଏବଂ ସେମାନେ ଅବହେଳିତ ହୋଇ ରହିବେ ନାହିଁ। କୁକୁରକୁ କନ୍ଦାଇଲେ କେହି ନିସ୍ତାର ପାଇବେ ନାହିଁ। ଏପରି ମହତ୍ ଉଦ୍ଦେଶ୍ୟ ରଖି କାନ୍‌ବେରାରେ ଏହି ଆଇନ ଲାଗୁ କରାଯାଇଛି।



## ହଷ୍ଟେଲ ଛାଡ଼ିଲେ ୧୦୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀ

**ଗୁଣପୁର, ୨୮।୯ (ଡି.ଏନ.ଏ):** ରାୟଗଡା ଜିଲା ଚିନାସାରି ପଞ୍ଚାୟତ ଗାଡିଆବାଙ୍ଗ ପ୍ରାଥମିକ ସେବାଶ୍ରମର ୧୦୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀ ହଷ୍ଟେଲ ଛାଡିଛନ୍ତି। ପ୍ରଧାନ ସେବିକା ଏବଂ ସହକାରୀ ଶିକ୍ଷକଙ୍କ ମଧ୍ୟରେ ବିବାଦ ଯୋଗୁଁ ପିଲାମାନେ ହଷ୍ଟେଲ ଛାଡିଥିବା ଶୁଣିବାକୁ ମିଳିଛି। ସେବାଶ୍ରମରେ ପଢୁଥିବା ୨୦୧ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୮୦ ଜଣ ହଷ୍ଟେଲରେ ରହୁଛନ୍ତି। ଶୁକ୍ରବାର ଅଭିଭାବକ-ଶିକ୍ଷକ ସମ୍ମିଳନୀରେ ଶିକ୍ଷକଙ୍କ ମଧ୍ୟରେ ବିବାଦ ଯୋଗୁଁ କେତେଜଣ ଅଭିଭାବକ ନିଜ ପିଲାଙ୍କୁ ନେଇ ଚାଲିଯାଇଛନ୍ତି।



# ୩ ଦିନରେ ଧରାହେଲେଣି ୧୫୪ ଦଲାଲ

ଭୁବନେଶ୍ୱର,୨୮।୯(ବ୍ୟୁରୋ)

- ଶନିବାର ହସ୍ପିଟାଲରୁ ୯, ଆର୍‌ଟିଓରୁ ୨୨ ଦଲାଲ ଗିରଫ
- ଥାନା, ତହସିଲ ଅଫିସକୁ ଦଲାଲମୁକ୍ତ ପାଇଁ ଦାବି

ସ୍ୱଚ୍ଛତା ଓ ଲୋକଙ୍କୁ ଶୋଷଣରୁ ମୁକ୍ତ କରିବା ପାଇଁ ରାଜ୍ୟ ସରକାର ଦଲାଲ ଧରା ଅଭିଯାନକୁ ଜୋର୍‌ଦାର କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ପୋଲିସ ବିଭିନ୍ନ ହସ୍ପିଟାଲ ଓ ଆର୍‌ଟିଓରେ ଚଢ଼ାଉ କରି ଦଲାଲଙ୍କୁ ଧରୁଛି। ତିନି ଦିନରେ ୧୫୪ ଦଲାଲଙ୍କୁ ଗିରଫ କରାଗଲାଣି। ଏମାନଙ୍କ ମଧ୍ୟରେ ହସ୍ପିଟାଲ ପରିସରରୁ ୭୫ ଓ ଆର୍‌ଟିଓ ସମ୍ମୁଖରୁ ୭୯ଜଣ ରହିଛନ୍ତି। ପ୍ରଥମ ଦିନ ୨୬ ତାରିଖରେ ହସ୍ପିଟାଲରୁ ୩୫ଜଣ ଓ ଆରଟିଓ ସମ୍ମୁଖରୁ ୧୩ଜଣ ଏବଂ ଦ୍ୱିତୀୟ ଦିନରେ ହସ୍ପିଟାଲରୁ ୩୧ ଓ ଆର୍‌ଟିଓରୁ ୪୪ଜଣ ଗିରଫ ହୋଇଥିଲେ। ତେବେ ଶନିବାର ତୃତୀୟ ଦିନରେ ରାଜ୍ୟର ବିଭିନ୍ନ ହସ୍ପିଟାଲ ଓ ଆର୍‌ଟିଓରୁ ୩୧ଜଣ ଦଲାଲଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ଯାଜପୁର ଆର୍‌ଟିଓରୁ ୯ଜଣ, ଜଗତସିଂହପୁରରୁ ୧, ପୁରୀରୁ ୧, ଖୋର୍ଦ୍ଧାରୁ ୩, କନ୍ଧମାଳରୁ ୪, କୋରାପୁଟରୁ ୨, ଝାରସୁଗୁଡା ଆର୍‌ଟିଓରୁ ୨ଜଣ ଦଲାଲ ଗିରଫ ହୋଇଥିବାବେଳେ ଖୋର୍ଦ୍ଧା ହସ୍ପିଟାଲରୁ ୧, କଳାହାଣ୍ଡି ମେଡିକାଲରୁ ୩, ଭଦ୍ରକରୁ ୨ ଓ ଭୁବନେଶ୍ୱର ଏମ୍ସରୁ ୩ଜଣ ଦଲାଲଙ୍କୁ ଗିରଫ କରିଛି ପୋଲିସ। ଏହି ଦଲାଲମାନଙ୍କ ସହ ନର୍ସିଂହୋମ୍ ମାଲିକ, ରୋଗ ନିରୂପଣ କେନ୍ଦ୍ର, ସ୍ୱାସ୍ଥ୍ୟ ଅଧିକାରୀ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ ପରିବହନ ଅଧିକାରୀଙ୍କ ସହ ସମ୍ପର୍କ ଅଛି କି ନାହିଁ ତାହାର ତଦନ୍ତ କରାଯାଇ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ଡିଜି ବି.କେ. ଶର୍ମା କହିଛନ୍ତି। ଏସବୁ ସ୍ଥାନରୁ ଯେପର୍ଯ୍ୟନ୍ତ ଦଲାଲ ନ ହଟିଛନ୍ତି ସେପର୍ଯ୍ୟନ୍ତ ଚଢ଼ାଉ ଜୋର୍‌ଦାର ଜାରି ରହିବ ବୋଲି ଶର୍ମା ଜଣାଇଛନ୍ତି।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଏଭଳି ପଦକ୍ଷେପକୁ ଆଇନଜୀବୀ ଚିତ୍ତରଞ୍ଜନ ଦାସ ସ୍ୱାଗତ କରିଛନ୍ତି। ସେ କୁହନ୍ତି, ପରିବହନ ସଂସ୍ଥା ଓ ଡାକ୍ତରଖାନାରେ ଦଲାଲ ଗିରଫ କଲେ ସମାଧାନ ହେବନି। କର୍ମଚାରୀମାନେ ବି ଦଲାଲଙ୍କ ସହ ଜଡ଼ିତ ଅଛନ୍ତି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ। ଏହାଛଡା ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଥାନାଗୁଡ଼ିକରେ ସବୁବେଳେ ଦଲାଲ ବୁଲୁଛନ୍ତି। କୌଣସି ମକଦ୍ଦମା ଥାନାକୁ ଆସିଲେ ଖାକି ବାବୁମାନେ ସିଧାସଳଖ ଅର୍ଥ ନ ମାଗି ଦଲାଲଙ୍କ ଜରିଆରେ ଡିଲ୍ କରି ମାମଲାକୁ ରଫାଦଫା କରିଥାନ୍ତି। ଏପରିକି ଲାଞ୍ଚ କାରବାର ବେଳେ ଧରାପଡ଼ିବା ଭୟ ଥିବାରୁ ଦଲାଲ ହିଁ ମଧ୍ୟସ୍ଥ ସାଜି ପୋଲିସ ପକେଟ ଗରମ କରିଥାନ୍ତି। ଥାନା ଭଳି ତହସିଲ, ଜବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟ, ମ୍ୟୁନିସିପାଲିଟି, ବ୍ଲକ, ପଞ୍ଚାୟତ ଆଦି ସରକାରୀ ସ୍ଥାନରେ ଦଲାଲ ରାଜ୍‌କୁ ବି ହଟାଯିବା ଜରୁରୀ। ଏଥିପାଇଁ ନିୟମିତ ଚଢ଼ାଉ କରାଯାଇ ଦଲାଲଙ୍କୁ ଗିରଫ କରାଯାଉ ବୋଲି ସେ ଦାବି କରିଛନ୍ତି।

# ରାଜଭବନରେ ଓଡ଼ିଆ ଖାଦ୍ୟ ଖାଇଲେ, ଗଛ ଲଗାଇଲେ

ଭୁବନେଶ୍ୱର,୨୮।୯(ବ୍ୟୁରୋ)



ରାଜଭବନ ପରିସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଗଛ ଲଗାଉଛନ୍ତି।

ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶନିବାର ଅପରାହ୍ନ ୪ଟା ୨୦ରେ ସ୍ୱତନ୍ତ୍ର ବିମାନରେ ଦିଲ୍ଲୀ ଫେରିଯାଇଛନ୍ତି। ସକାଳେ ରାଷ୍ଟ୍ରପତି ଗୋପାଳପୁର ଆର୍ମି ଏୟାର ଡିଫେନ୍ସ କଲେଜର ପାସିଂଆଉଟ୍ ସେରିମନିରେ ଯୋଗଦେଇଥିଲେ। ସେଠାରୁ ହେଲିକପ୍ଟର ଯୋଗେ ତାଙ୍କ ଧର୍ମପତ୍ନୀଙ୍କ ସହ ଆସି ପୂର୍ବାହ୍ନ ୧୧ଟା ୪୦ରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚିଥିଲେ। ଏହାପରେ ସେମାନଙ୍କୁ କଡ଼ା ସୁରକ୍ଷା ବଳୟରେ କାର୍‌କେଡ୍‌ରେ ରାଜଭବନକୁ

### ଫେରିଗଲେ ରାଷ୍ଟ୍ରପତି

ନିଆଯାଇଥିଲା। ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ସେମାନଙ୍କୁ ସ୍ୱାଗତ କରିଥିଲେ। ରାଷ୍ଟ୍ରପତିଙ୍କ ପାଇଁ ସେଠାରେ ମଧ୍ୟାହ୍ନଭୋଜନରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଓଡ଼ିଆ ଖାଦ୍ୟର ବ୍ୟବସ୍ଥା କରାଯାଇଥିଲା। ରାଷ୍ଟ୍ରପତି ଓ ତାଙ୍କ ଧର୍ମପତ୍ନୀ ଓଡ଼ିଆ ଖାଦ୍ୟର ଭୂରିଭୂରି ପ୍ରଶଂସା କରିଥିଲେ। ଏହାପରେ ସେମାନେ ରାଜଭବନ ପରିସରରେ ଚାରାରୋପଣ କରିଥିଲେ। ଏହି ଅବସରରେ ରାଜ୍ୟପାଳ ତାରକସିରେ ନିର୍ମିତ ଗଣେଶ ମୂର୍ତ୍ତି ଉପହାର ଦେଇଥିଲେ, ଯାହାକୁ ରାଷ୍ଟ୍ରପତି ଦିଲ୍ଲୀ ଫେରିବା ସମୟରେ ସାଥିରେ ନେଇଥିଲେ। ରାଷ୍ଟ୍ରପତି ରାଜଭବନରେ କିଛି ସମୟ ଭ୍ରମଣ କରିଥିଲେ। ପ୍ରାୟ ୪ ଘଣ୍ଟା ବିତାଇବା ପରେ ରାଜଭବନ ଛାଡ଼ି ବିମାନବନ୍ଦର ଅଭିମୁଖେ ଯାଇଥିଲେ। ବିମାନ ବନ୍ଦରରେ ରାଷ୍ଟ୍ରପତିଙ୍କୁ ବିଦାୟ ଦେବା ପାଇଁ ରାଜ୍ୟପାଳଙ୍କ ସମେତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟଶାସନ ସଚିବ ଅସିତ ତ୍ରିପାଠୀ, ପୋଲିସ ଡିଜି ବି.କେ. ଶର୍ମା, ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହିଥିଲେ। ରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ ବିମାନବନ୍ଦର ସହ ରାଜଭବନ ପର୍ଯ୍ୟନ୍ତ ୧୦ ପ୍ଲାଟୁନ ପୋଲିସ ଫୋର୍ସ ଓ ୫୦ଜଣ ଅଫିସର ମୁତୟନ ଥିଲେ। ରାଷ୍ଟ୍ରପତିଙ୍କ ସହ ଅନ୍ୟ ଏକ ବିମାନରେ ସେନାମୁଖ୍ୟ ବିପିନ ରାୱତ୍ ଆସିଥିଲେ। ସମସ୍ତ ଗସ୍ତ କାର୍ଯ୍ୟକ୍ରମବେଳେ ରାଷ୍ଟ୍ରପତିଙ୍କ ପାଖେ ପାଖେ ରହିଥିଲେ।

# ରକ୍ତମୁଖା ସାଜିଛି ଶାସକ ବିଜେଡି: ଭାଜପା

ଭୁବନେଶ୍ୱର,୨୮।୯(ବ୍ୟୁରୋ)


ସିଇଓଙ୍କ କାର୍ଯ୍ୟାଳୟରେ ଅଧିକାରୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି ଭାଜପା ପ୍ରତିନିଧି।

ବିଜେପୁର ଉପନିର୍ବାଚନ ପୂର୍ବରୁ ଶାସକ ବିଜେଡି ବିରୋଧୀଙ୍କୁ ଆକ୍ରମଣ କରି ଭୟର ଆତଙ୍କ ସୃଷ୍ଟି କରୁଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଶୁକ୍ରବାର ଭାଜପା ଯୁବନେତା ମନୋରଞ୍ଜନ ମେହେରଙ୍କୁ ଛୁରାମାଡ କରି ମରଣାନ୍ତକ ଆକ୍ରମଣ ଘଟଣାରେ ବିଜେଡିକୁ ସିଧାସଳଖ ଦାୟୀ କରିଛି ଦଳ । ଏହି ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ ଦାବି ସହ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଭାଜପା ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ କାର୍ଯ୍ୟାଳୟର ଦୃଷ୍ଟି ଆକର୍ଷଣ କରିଛନ୍ତି।

ଦଳର ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ୨୦୧୮ ଉପନିର୍ବାଚନରେ ଅନୁରୂପଭାବେ ଗୁଳିମାଡ କରାଯାଇଥିଲା। ଶାସକ ବିଜେଡି ବିରୋଧୀଙ୍କୁ ଭୟଭୀତ କରି ନିର୍ବାଚନ ଜିତିବାକୁ ଚେଷ୍ଟା କରୁଛି।

### ସିଇଓଙ୍କୁ ଭେଟିଲା ଭାଜପା ପ୍ରତିନିଧି ଦଳ

ରାଜ୍ୟ ସରକାରଙ୍କ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଇଙ୍ଗିତରେ ଏପରି ଆକ୍ରମଣ କରାଯାଇଛି। ସେହିଭଳି ଶାସକ ଦଳ ନିର୍ଦ୍ଦେଶରେ ପୋଲିସ କାମ କରୁଥିବାରୁ ଅପରାଧୀ ଖୁଲମଖୁଲା ଅପରାଧ ଘଟାଇ ଚାଲିଛନ୍ତି। ବିଜେପୁରରେ ଭୟର ବାତାବରଣ ସୃଷ୍ଟି କରିଥିବା ଅପରାଧୀଙ୍କ ଉପରେ କଡ଼ା ନଜର ରଖିବା ସହ ଏହି ଉପନିର୍ବାଚନକୁ ମୁକ୍ତ ଅବାଧ ଏବଂ ନିରପେକ୍ଷ କରାଯାଉ ବୋଲି ସମୀର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ପ୍ରତିନିଧି ଦଳରେ ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ସତ୍ୟ ପଣ୍ଡା, ହିତେଶ ମହାପାତ୍ର ଏବଂ ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ଠାକୁର ରଞ୍ଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ହେଟା ଆକ୍ରମଣରେ ଜଣେ ଗୁରୁତର

**ବନ୍ତଳା/ ଛେଣ୍ଡିପଦା/ ଅନୁଗୋଳ, ୨୮।୯ (ଡି.ଏନ.ଏ.):** ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଅନ୍ତୁଳିଆ ଫରେଷ୍ଟ ବିଟ୍ ଅଧୀନରେ ଥିବା କମ୍ପାଟମେଣ୍ଟ ୩ କୁରୁଟାପ ଜଙ୍ଗଲକୁ ଶନିବାର ସକାଳେ ଛତୁ ତୋଳିବାକୁ ଯାଇଥିବା ଅନ୍ତୁଳିଆ ଗ୍ରାମର ଚିତ୍ତ ଦଳବେହେରା(୫୫) ହେଟା ବାଘ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ସେଠାରୁ କଟକ ବଡ଼ମେଡିକାଲ ପଠାଇ ଦିଆଯାଇଛି। ଖବରପାଇ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଗୁରୁତରଙ୍କ ଚିକିତ୍ସା ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ସେହିପରି ଅନୁଗୋଳ ଡିଏଫ୍ଓ ଭି. କାର୍ତ୍ତିକ ମଧ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ବିଭାଗ ପକ୍ଷରୁ ଏକଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିବାକୁ ଘୋଷଣା କରିବା ସହ କ୍ଷତ ଚିହ୍ନରୁ ଏହା ହେଟା ବାଘ ଆକ୍ରମଣ ବୋଲି ଜଣାପଡୁଥିବା କହିଛନ୍ତି।

- ଡ୍ୟାନ୍ସ ବାର୍ ଖୋଲିବା ପ୍ରସଙ୍ଗ: ଭାଜପାର ଅଭିଯୋଗ

# ଦୋମୁହାଁ ନୀତି ଅବଲମ୍ବନ କରୁଛନ୍ତି ରାଜ୍ୟ ସରକାର

**ଭୁବନେଶ୍ୱର,୨୮।୯(ବ୍ୟୁରୋ):** ୨୦୧୮ରେ ରାଜ୍ୟ ସରକାର ଶପିଂମଲଗୁଡିକରେ ମଦ ବିକ୍ରିକୁ ବନ୍ଦ କରିବା ସହ ଏହା ଓଡ଼ିଶାର ସଂସ୍କୃତି ଓ ପରମ୍ପରା ବିରୋଧୀ ବୋଲି ଦର୍ଶାଇଥିଲେ। ହେଲେ ସେହି ରାଜ୍ୟ ସରକାର ନିକଟରେ ଡ୍ୟାନ୍ସ ବାର୍ ଖୋଲିବାକୁ ଅନୁମତି ଦେଉଛନ୍ତି। ତେଣୁ ସଂସ୍କୃତି କଥା କହୁଥିବା ସରକାର ପ୍ରକୃତରେ ଡ୍ୟାନ୍ସ ବାର୍ ଖୋଲି ଦୋମୁହାଁ ନୀତି ଅବଲମ୍ବନ କରିଥିବା ଭାଜପା ନେତ୍ରୀ ଡ. ଲେଖାଶ୍ରୀ ସାମନ୍ତସିଂହାର ଶନିବାର ଅଭିଯୋଗ କରିଛନ୍ତି। ଲେଖାଶ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର ୨୦୧୮ରେ ହାଇକୋର୍ଟର ସତ୍ୟପାଠରେ ଓଡ଼ିଶାର ଐତିହ୍ୟ, ସଂସ୍କୃତି ପରମ୍ପରା ଦିଲ୍ଲୀ, ଗୁରୁଗାଁଓ ଭଳି ଅଞ୍ଚଳରୁ ସମ୍ପୂର୍ଣ୍ଣ ଅଲଗା । ଶପିଂମଲରେ ମଦ ଦୋକାନ ଖୋଲିବାକୁ ଅନୁମତି ଦେବୁ ନାହୁଁ । ମଦ ବିକି ରାଜସ୍ୱ କମାଇବା ଜନକଲ୍ୟାଣ କାମ ନୁହେଁ ବୋଲି ଉଲ୍ଲେଖ କରିଥିଲେ। ହେଲେ ସରକାର ନିକଟରେ ୭ଟି ଡ୍ୟାନ୍ସ ବାର୍ ପାଇଁ ଅନୁମତି ଦେବା ନିନ୍ଦନୀୟ ଘଟଣା ବୋଲି ଲେଖାଶ୍ରୀ କହିଛନ୍ତି। ସେହିପରି ଓଡ଼ିଶାର ସଂସ୍କୃତି ସମ୍ବନ୍ଧରେ ଅବଗତ ନ ଥିବା ଅଣଓଡ଼ିଆ ଅଫିସରମାନେ ବିଭିନ୍ନ ନୀତି ପ୍ରଣୟନ କରୁଛନ୍ତି। ଓଡ଼ିଶା ସଂସ୍କୃତିରେ ଡ୍ୟାନ୍ସ ବାରର ପରିକଳ୍ପନା ନାହିଁ । ଓଡ଼ିଆ ସଂସ୍କୃତିରେ ମହିଳାମାନଙ୍କୁ ସର୍ବୋଚ୍ଚ ସ୍ଥାନରେ ରଖାଯାଇଥାଏ । ହେଲେ ଡ୍ୟାନ୍ସ ବାର୍ ଖୋଲିବା ଭଳି ନିଷ୍ପତ୍ତି ମହିଳା ବିରୋଧୀ ମାନସିକତାର ପରିଚୟ ବୋଲି ଲେଖାଶ୍ରୀ ଅଭିଯୋଗ କରିଛନ୍ତି।

# ଏମ୍ସ ଡାକ୍ତରୀ ଟିମ୍ ଆସିବାକୁ ଚିଠି ଲେଖିଲେ କର୍ତ୍ତୃପକ୍ଷ

**କଟକ ଅଫିସ,୨୮।୯:** କନ୍ଧମାଳର ଯୋଡାମୁଣ୍ଡ ଶିଶୁ ଜଗା-କାଳିଆ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ କାଳିଆର ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭେଣ୍ଟିଲେଟରେ ରଖାଯାଇଛି। ତାଙ୍କ

### ଏସ୍‌ସିବି ଭେଣ୍ଟିଲେଟରରେ କାଳିଆ

ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଏସ୍‌ସିବି ମେଡିକାଲର ଡାକ୍ତରୀ ଟିମ୍ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଦିଲ୍ଲୀ ଏମ୍ସର ଡାକ୍ତରୀ ଟିମ୍ ସହ କଥାହୋଇ କାର୍ଯ୍ୟ କରୁଛନ୍ତି। ନିମୋନିଆ ସହ ଛାତିରେ ସଂକ୍ରମଣ ହେବାରୁ କାଳିଆର ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟୁଥିବା ଏସ୍‌ସିବି ମେଡିକାଲର ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା କହିଛନ୍ତି। ନିମୋନିଆ କାଳିଆ ପାଇଁ ଅଧିକ ଜଟିଳ ପରିସ୍ଥିତି ସୃଷ୍ଟି କରିଛି। କାଳିଆ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା ସୃଷ୍ଟି ହୋଇଛି। କିନ୍ତୁ ଭେଣ୍ଟିଲେଟରରେ ରଖିବା ପରଠାରୁ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଏମ୍ସ ଡାକ୍ତରଙ୍କ ପରାମର୍ଶକ୍ରମେ କାଳିଆଙ୍କ ବିଭିନ୍ନ ପରୀକ୍ଷା କରାଯାଇଛି। ରିପୋର୍ଟ ଆସିବା ପରେ ଏମ୍ସକୁ ଜଣାଇବ ଏସ୍‌ସିବି ଡାକ୍ତରୀ ଟିମ୍। ଡା. ଦୀପକ ଗୁପ୍ତା ଓ ପେଡିଆଟିକ ଆଇସିୟୁ କେୟାର ମୁଖ୍ୟ ରାକେଶ ଲୋଧାଙ୍କୁ ପଠାଇବା ନିମନ୍ତେ ଏମ୍ସକୁ ଚିଠି ଲେଖିଛନ୍ତି ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷ। କାଳିଆର ଚିକିତ୍ସା ଦାୟିତ୍ୱରେ ଥିବା ପ୍ରଫେସର ସୁଧାଂଶୁ ମିଶ୍ର, ସଞ୍ଜୀବ ମିଶ୍ର, ଜ୍ଞାନ ବେହେରାଙ୍କ ସହ ତାଙ୍କର ଟିମ ଏମ୍ସ ଡାକ୍ତରୀ ଟିମ ସହ ଭିଡିଓ କନଫରେନ୍ସିଂ ମାଧ୍ୟମରେ କଥା ହୋଇଛନ୍ତି।

## ଜୁନାଗଡ଼ ନର୍ସିଂ ଛାତ୍ରୀ ଗଣବଳାତ୍କାର ଘଟଣା

# ଲିଫ୍ଟ ଦେଇଥିବା ବସ୍ ଡ୍ରାଇଭର ଗିରଫ

ଜୁନାଗଡ଼/ଭବାନୀପାଟଣା,୨୮।୯(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ବନମାଳୀପୁର ନିକଟ ଘନ ସଂରକ୍ଷିତ ଜଙ୍ଗଲରେ ଜଣେ ନର୍ସିଂ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଥିଲା । ଏହାର ଭିଡ଼ିଓ ଭାଇରାଲ ହୋଇଥିଲା । ଏହି ଘଟଣାରେ ସଂପୃକ୍ତା ଛାତ୍ରୀଙ୍କୁ ଲିଫ୍ଟ ଦେଇଥିବା ବସ୍ ଡ୍ରାଇଭର ତଥା ଧର୍ମଗଡ଼ ବ୍ଲକ ପର୍ଲା ଗ୍ରାମର ଲଳିନ୍ଦ୍ର ଶବରଙ୍କୁ ପୋଲିସ ଗିରଫ କରିଛି ।


ବସ୍ ଡ୍ରାଇଭର ଲଳିନ୍ଦ୍ର ଶବର।

ଶନିବାର ପୀଡ଼ିତାଙ୍କ ବୟାନ ନିଆଯିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଡାକ୍ତରମାଇନା ପରେ ଲଳିନ୍ଦ୍ରଙ୍କୁ ଜୁନାଗଡ଼ ଜେଏମ୍‌ଏଫ୍‌ସିଙ୍କ କୋର୍ଟରେ ହାଜର କରାଯାଇଥିଲା। ଅଭିଯୁକ୍ତଙ୍କ ପକ୍ଷରୁ କୌଣସି ଓକିଲ ମାମଲା ଲଢୁ ନ ଥିବାରୁ ତାଙ୍କ ଜାମିନ ଆବେଦନ ହୋଇପାରି ନ ଥିଲା । ଫଳରେ ତାଙ୍କୁ ଧର୍ମଗଡ଼ ଉପଖଣ୍ଡ କାରାଗାରକୁ ପଠାଇ ଦିଆଯାଇଛି ।

ଗୁରୁବାର ପୀଡ଼ିତା ଏକ ୱେବ୍‌ଚ୍ୟାନେଲକୁ ସାକ୍ଷାତ୍‌କାର ଦେଇ କହିଥିଲେ, ଏହି ଘଟଣାରେ ତାଙ୍କୁ ବାଇକ୍‌ରେ ଲିଫ୍ଟ ଦେଇଥିବା ବସ୍ ଡ୍ରାଇଭର ଲଳିନ୍ଦ୍ର ମୁଖ୍ୟ ଖଳନାୟକ । ସେ ମଧ୍ୟ ତାଙ୍କୁ ବଳାତ୍କାର କରିଥିଲେ। ତାଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଫାଶୀ ଦିଆଯାଉ। ନଚେତ୍ ସେ ଆତ୍ମହତ୍ୟା କରିବେ ବୋଲି ଧମକ ଦେଇଥିଲେ। ଗୁରୁବାର ସନ୍ଧ୍ୟାରେ ଏହି ଘଟଣାରେ ନାବାଳକଙ୍କୁ ଛାଡ଼ି ପୋଲିସ ୮ଜଣ ଅଭିଯୁକ୍ତଙ୍କୁ ଜୁନାଗଡ଼ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରିଥିଲା। ଅଭିଯୁକ୍ତଙ୍କ ପକ୍ଷରୁ କୌଣସି ଓକିଲ ମାମଲା ଲଢୁ ନ ଥିବାରୁ ସମସ୍ତଙ୍କୁ ଧର୍ମଗଡ଼ ଉପଖଣ୍ଡ କାରାଗାରକୁ ପଠାଯାଇଥିଲା। ସେହିପରି ନାବାଳକଙ୍କୁ ଭବାନୀପାଟଣା ଜୁଭେନାଇଲ ବୋର୍ଡରେ ହାଜର କରାଯାଇଥିଲା। ଅନ୍ୟପକ୍ଷେ ଏହି ଘଟଣାକୁ ନେଇ କଳାହାଣ୍ଡିରେ ରାଜନୀତି ଜୋର ଧରିଛି। ଭାଜପା ଏହି ଘଟଣାରେ ବିଜେଡିର ଲିଙ୍କ୍ ଥିବା କହୁଥିବା ବେଳେ ବିଜେଡି ଏହାକୁ ଖଣ୍ଡନ କରିଛି।

**OFFICE OF THE NOTIFIED AREA COUNCIL, KASHINAGAR, GAJAPATI**
**Ph & Fax No.06815-284215, e-Mail : kasinagarn.hud@nic.in**

No.2029/NAC, Dated: 27.09.2019, TENDER CALL NOTICE :- Sealed tenders are invited from the registered firms / Agencies having adequate experience in sanitation activities like door to door collection of Garbage/Waste (Dry and Wet Waste Separately), Street sweeping, Cleaning of Drains, Bush Cutting, Transportation of Waste to MCC / MRF / Dumping Yard etc. to undertake the job of sanitation services at 13 no. of wards of N.A.C., Kashinagar. The agency should have executed similar nature of works in other Municipality / NAC / Hospital / Govt. Sectors of the state. The intending agency should have minimum 3 years experience in the above sector of having solvency in STCC / GST ITCC) EPF / Labour license may quote their rate in the prescribed schedule which is available in the office of NAC Kashinagar from 09.10.2019 to 15.10.2019 up to 04.00 PM during office hours (except Govt. Holidays) on cash / DD payment of Rs. 10,000/- only. The filled in schedule along with the EMD of Rs 52,000/- only in shape of Bank Draft drawn on any Bank in favour of the undersigned will be received in the sealed cover on or before 16.10.2019 and will be opened on 17.10.2019 at 11.00 AM in presence of the agency or their authorized representatives if any. The bids will be received only speed / registered post only. The office is not responsible for any postal delay. The successful bidder should deposit the Bank Guarantee of Rs. 1.50 Lakh. If the last date of receipt and opening of tender happens to be a Govt. holiday, then the next working day will be treated as last date of receipt and opening date at the same time. The tender received beyond the scheduled date will be rejected. The authority reserves the right to reject any or all quotation call without assigning any reason thereof. **Sd./- Executive Officer, NAC, Kashinagar, Gajapati**

**ଏସ୍.ଇ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୧୯/୪୯, ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଂ.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର – ୭୨୧୩୦୧ଙ୍କ ଦ୍ୱାରା ସମ୍ପୃକ୍ତ ସାମଗ୍ରୀ ପାଇଁ ଦର୍ଶିତ ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି ଏବଂ ଏହାକୁ ୧୫.୩୦ ଘଟିକାରେ ଖୋଲାଯିବ। **ଟେଣ୍ଡର ନଂ.:** ଇ-କେଜିପି-ଦକ୍ଷିଣ-୨୪-୨୦୧୯। **କାର୍ଯ୍ୟର ବର୍ଣ୍ଣନା:** ଡିଭିଜନାଲ ଇଞ୍ଜିନିୟର (ଦକ୍ଷିଣ)/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ୪ (ଚାରି) ଗୋଟି, ବାଲେଶ୍ୱର ଷ୍ଟେଶନରେ ୨ (ଦୁଇ ଗୋଟି) ଓ ଜଳେଶ୍ୱର ଷ୍ଟେଶନରେ (୨ ଗୋଟି), ଇଲେକ୍ଟ୍ରିକ୍ ଟ୍ରାକ୍ସନ୍ ଏଲିଭେଟର୍‌ର ବ୍ୟବସ୍ଥା ସଂକ୍ରାନ୍ତରେ ସିଭିଲ ଇଞ୍ଜିନିୟରିଂ କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ₹୬୧,୧୪,୮୫୯.୩୬। **ଅମାନତ ରାଶି:** ₹୧,୨୨,୩୦୦/-। **ଟେଣ୍ଡର କାଗଜପତ୍ର ମୂଲ୍ୟ:** ₹୫,୦୦୦/-। **ଖୋଲାଯିବା ତାରିଖ:** ୨୧।୧୦।୨୦୧୯। **କାର୍ଯ୍ୟର ସମାପ୍ତି ଅବଧି:** ୧୨ (ବାର) ମାସ। **ବିଡିଂ ଆରମ୍ଭ ତାରିଖ:** ତା୦୭।୧୦।୨୦୧୯ରିଖରୁ ତା୨୧।୧୦।୨୦୧୯ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ସ୍ୱତନ୍ତ୍ରତା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। (PR-799)

| କ୍ର. ନଂ. | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକରରେ) | ପ୍ରକଳ୍ପ ପାଇଁ ଆବଶ୍ୟକୀୟ ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୨୬୧ | | ୨୩୬୯ | ୦.୧୩ | ୦.୦୬ | ସନ୍ଧ୍ୟା ମିଶ୍ର, ପିତା– ହୃଷୀକେଶ ମିଶ୍ର ଓଗେର | |
| ୨୬୨ | | ୨୫୯୦ | ୦.୪୩ | ୦.୦୩ | ସନ୍ଧ୍ୟା ମିଶ୍ର, ପିତା– ହୃଷୀକେଶ ମିଶ୍ର ଓଗେର | |
| ୨୬୩ | | ୨୮୪୩ | ୦.୧୦ | ୦.୦୪ | ସନ୍ଧ୍ୟା ମିଶ୍ର, ପିତା– ହୃଷୀକେଶ ମିଶ୍ର ଓଗେର | |
| ୨୬୪ | | ୨୯୦୬ | ୦.୨୮ | ୦.୦୬ | ସନ୍ଧ୍ୟା ମିଶ୍ର, ପିତା– ହୃଷୀକେଶ ମିଶ୍ର ଓଗେର | |
| ୨୬୫ | ୩୧୫ | ୬୭୦ | ୦.୧୫ | ୦.୦୯ | ସାବିତ୍ରୀ ପାଣି, ସ୍ୱାମୀ– ଲଳିତ କୁମାର ପାଣି | |
| ୨୬୬ | ୩୧୬ | ୨୮୩୭ | ୦.୦୮ | ୦.୦୫ | ସାରଙ୍ଗଧର ଖଟୁଆ, ପିତା– ବୈଷ୍ଣବ ଓଗେର | |
| ୨୬୭ | ୩୧୬ | ୨୮୯୫ | ୦.୨୫ | ୦.୦୬ | ସାରଙ୍ଗଧର ଖଟୁଆ, ପିତା– ବୈଷ୍ଣବ ଓଗେର | |
| ୨୬୮ | ୩୧୮ | ୮୯୮ | ୦.୦୫ | ୦.୦୫ | ଶ୍ରୀହରି ଦାସ, ପିତା– ବାଞ୍ଛାନିଧି ଓଗେର | |
| ୨୬୯ | ୩୨୧ | ୬୫୧ | ୦.୨୭ | ୦.୧୭ | ସୁକ ଶତପଥି, ପିତା– ଗୁନ | |
| ୨୭୦ | | ୭୩୦ | ୦.୦୮ | ୦.୦୪ | ସୁକ ଶତପଥି, ପିତା– ଗୁନ | |
| ୨୭୧ | | ୭୫୩ | ୦.୦୫ | ୦.୦୫ | ସୁକ ଶତପଥି, ପିତା– ଗୁନ | |
| ୨୭୨ | | ୭୫୫ | ୦.୧୬ | ୦.୧୬ | ସୁକ ଶତପଥି, ପିତା– ଗୁନ | |
| ୨୭୩ | | ୭୬୦ | ୦.୧୧ | ୦.୦୧ | ସୁକ ଶତପଥି, ପିତା– ଗୁନ | |
| ୨୭୪ | | ୨୭୪୭ | ୦.୦୭ | ୦.୦୧ | ସୁକ ଶତପଥି, ପିତା– ଗୁନ | |
| ୨୭୫ | | ୪୨୯ | ୦.୨୬ | ୦.୦୨ | ସୁକ ଶତପଥି, ପିତା– ଗୁନ | |
| ୨୭୬ | ୩୨୫ | ୬୫୪ | ୦.୪୯ | ୦.୩୦ | ସୁନାକର ମାହୁନ୍ତ, ପିତା– ଭୋବନି ଓଗେର | |
| ୨୭୭ | | ୭୨୬ | ୦.୦୫ | ୦.୦୨ | ସୁନାକର ମାହୁନ୍ତ, ପିତା– ଭୋବନି ଓଗେର | |
| ୨୭୮ | | ୭୭୧ | ୦.୯୫ | ୦.୦୧ | ସୁନାକର ମାହୁନ୍ତ, ପିତା– ଭୋବନି ଓଗେର | |
| ୨୭୯ | ୩୨୭ | ୬୫୮ | ୦.୧୫ | ୦.୦୬ | ସୁରେନ୍ଦ୍ର ନାୟକ, ପିତା– ଗୁଣନିଧି | |
| ୨୮୦ | ୩୨୭ | ୬୫୭/୩୬୬୨ | ୦.୦୭ | ୦.୦୪ | ସୁରେନ୍ଦ୍ର ନାୟକ, ପିତା– ଗୁଣନିଧି | |
| ୨୮୧ | ୩୩୧ | ୨୧୯ | ୦.୧୯ | ୦.୦୮ | ହରିହର ଦାସ, ପିତା– ମାଟିଆ | |
| ୨୮୨ | ୩୪୦/୧ | ୧୦୫୯ | ୦.୧୫ | ୦.୦୯ | ନୃସିଂହ ଚରଣ ଦାସ, ପିତା– ବୃନ୍ଦାବନ | |
| ୨୮୩ | ୩୪୦/୨ | ୭୩୭ | ୦.୦୬ | ୦.୦୬ | ମୀନକେତନ ପାଢ଼ୀ, ପିତା– ଗୋବିନ୍ଦ ପାଢ଼ୀ | |
| ୨୮୪ | ୩୪୦/୧୧ | ୨୧୪୫/୩୮୮୭ | ୦.୦୯ | ୦.୦୯ | ନରହରି ମାହୁନ୍ତ, ପିତା– ନରେନ୍ଦ୍ର | |
| ୨୮୫ | ୩୪୦/୧୬ | ୭୫୬ | ୦.୦୬ | ୦.୦୬ | ବଟକୃଷ୍ଣ ପଣ୍ଡା, ପିତା– ଗୁଣନିଧି ଓଗେର | |
| ୨୮୬ | | ୭୫୭ | ୦.୧୦ | ୦.୧୦ | ବଟକୃଷ୍ଣ ପଣ୍ଡା, ପିତା– ଗୁଣନିଧି ଓଗେର | |
| ୨୮୭ | | ୭୫୮ | ୦.୦୪ | ୦.୦୪ | ବଟକୃଷ୍ଣ ପଣ୍ଡା, ପିତା– ଗୁଣନିଧି ଓଗେର | |
| ୨୮୮ | ୩୪୦/୨୬ | ୨୧୫୦/୩୯୦୧ | ୦.୦୫ | ୦.୦୫ | ବାଇଧର ନାୟକ, ପିତା– ଭିକାରୀ ଓଗେର | |
| ୨୮୯ | ୩୪୦/୩୭ | ୭୩୬ | ୦.୦୬ | ୦.୦୬ | ରାମଚନ୍ଦ୍ର ହୋତା, ପିତା– ଭିକାରୀ ଓଗେର | |
| ୨୯୦ | ୩୪୦/୮୫ | ୭୨୪ | ୦.୧୧ | ୦.୦୩ | ଗଗନ ବିହାରୀ ଦାସ, ପିତା– ସନାତନ ଓଗେର | |
| ୨୯୧ | ୩୪୦/୯୫ | ୪୨୧ | ୦.୧୧ | ୦.୦୮ | ଅକ୍ଷୟ କୁମାର ଦାସ, ପିତା– ରଘୁନାଥ | |
| ୨୯୨ | ୩୪୦/୧୦୧ | ୨୧୩୮ | ୦.୦୯ | ୦.୦୧ | ଭୀମସେନ ନାୟକ, ପିତା– ପୁରୁଷୋତ୍ତମ ଓଗେର | |
| ୨୯୩ | ୩୪୦/୧୦୭ | ୩୯ | ୦.୨୫ | ୦.୦୫ | ପ୍ରଭାତୀ ବେହେରା, ସ୍ୱାମୀ– ଭରତ ଚନ୍ଦ୍ର ବେହେରା | |
| ୨୯୪ | | ୨୮ | ୦.୧୦ | ୦.୦୪ | ପ୍ରଭାତୀ ବେହେରା, ସ୍ୱାମୀ– ଭରତ ଚନ୍ଦ୍ର ବେହେରା | |
| ୨୯୫ | | ୩୯/୩୭୯୨ | ୦.୨୯ | ୦.୦୪ | ପ୍ରଭାତୀ ବେହେରା, ସ୍ୱାମୀ– ଭରତ ଚନ୍ଦ୍ର ବେହେରା | |
| ୨୯୬ | ୩୪୦/୧୩୦ | ୨୯ | ୧.୦୩ | ୦.୪୭ | ପାଣ୍ଡୁ ମହାରଣା, ପିତା– ପଦନ | |
| ୨୯୭ | ୩୪୦/୧୩୩ | ୬୫୮/୩୭୯୩ | ୦.୩୫ | ୦.୩୫ | ସନାତନ ଦାସ, ପିତା– ମନୁ | |
| ୨୯୮ | ୩୪୦/୧୩୬ | ୫୦୯ | ୦.୧୫ | ୦.୦୭ | ପୁରୁସ୍ତମ ମଲିକ, ପିତା– ଫଉଜ | |
| ୨୯୯ | | ୫୧୦ | ୦.୦୬ | ୦.୦୬ | ପୁରୁସ୍ତମ ମଲିକ, ପିତା– ଫଉଜ | |
| ୩୦୦ | ୩୪୦/୧୩୭ | ୨୧୪୬ | ୦.୦୮ | ୦.୦୬ | ହୃଷୀକେଶ ନାୟକ, ପିତା– କାମଦେବ | |
| ୩୦୧ | | ୨୧୪୭ | ୦.୧୬ | ୦.୦୭ | ହୃଷୀକେଶ ନାୟକ, ପିତା– କାମଦେବ | |
| ୩୦୨ | ୩୪୦/୧୭୬ | ୮୪୬ | ୦.୦୭ | ୦.୦୭ | ଶୁଭେନ୍ଦୁ ମିଶ୍ର, ପିତା– କୁମ୍ଭ | |
| ୩୦୩ | ୩୪୦/୧୮୨ | ୧୦୫୫ | ୦.୧୩ | ୦.୧୩ | କୃତ୍ତିବାସ ସାହୁ, ପିତା– ନାଥ | |
| ୩୦୪ | ୩୪୦/୧୮୫ | ୨୧୨୮ | ୦.୪୬ | ୦.୩୨ | ପ୍ରହଲ୍ଲାଦ ମାହୁନ୍ତ, ପିତା– ଗଙ୍ଗାଧର ଓଗେର | |
| ୩୦୫ | | ୨୧୨୯ | ୦.୧୫ | ୦.୦୫ | ପ୍ରହଲ୍ଲାଦ ମାହୁନ୍ତ, ପିତା– ଗଙ୍ଗାଧର ଓଗେର | |
| ୩୦୬ | ୩୪୦/୧୯୫ | ୫୧୯ | ୦.୧୭ | ୦.୧୫ | ନିଗମ ପ୍ରସାଦ ପାଣି, ପିତା– ଲଳିତ ମୋହନ ଓଗେର | |
| ୩୦୭ | ୩୪୦/୨୧୧ | ୧୮୪୧ | ୦.୧୪ | ୦.୧୪ | ନିର୍ମଳ ଦାସ, ପିତା– ବୀରବର ଓଗେର | |
| ୩୦୮ | ୩୪୦/୨୧୪ | ୪୦୭ | ୦.୧୧ | ୦.୦୬ | କାର୍ତ୍ତିକ ପଣ୍ଡା, ପିତା– ଚୈତନ୍ୟ ଓଗେର | |
| ୩୦୯ | ୩୪୦/୨୨୭ | ୩୯୩ | ୦.୧୧ | ୦.୦୫ | ସନ୍ତୋଷ କୁମାର ପଣ୍ଡା, ପିତା– ଅନନ୍ତ ଚରଣ ଓଗେର | |
| ୩୧୦ | ୩୪୦/୨୫୩ | ୬୫୯ | ୦.୨୫ | ୦.୦୬ | କୁନା ମାହୁନ୍ତ, ପିତା– ହାଡ଼ିବନ୍ଧୁ | |
| ୩୧୧ | | ୬୬୦ | ୦.୨୧ | ୦.୧୨ | କୁନା ମାହୁନ୍ତ, ପିତା– ହାଡ଼ିବନ୍ଧୁ | |
| ୩୧୨ | ୩୪୦/୨୬୪ | ୩୯୨ | ୦.୧୨ | ୦.୦୫ | ମନମୋହନ ମାହୁନ୍ତ, ପିତା– ଭରତ ଚନ୍ଦ୍ର | |
| ୩୧୩ | ୩୪୦/୨୬୯ | ୨୪୭ | ୦.୦୭ | ୦.୦୧ | ମହେଶ୍ୱର ଦାସ, ପିତା– ବିଦ୍ୟାଧର ଓଗେର | |
| ୩୧୪ | | ୨୩୨ | ୦.୩୦ | ୦.୦୫ | ମହେଶ୍ୱର ଦାସ, ପିତା– ବିଦ୍ୟାଧର ଓଗେର | |
| ୩୧୫ | | ୨୩୪ | ୦.୨୦ | ୦.୦୪ | ମହେଶ୍ୱର ଦାସ, ପିତା– ବିଦ୍ୟାଧର ଓଗେର | |
| ୩୧୬ | ୩୪୦/୨୬୯ | ୭୪୯ | ୦.୧୪ | ୦.୧୨ | ମହେଶ୍ୱର ଦାସ, ପିତା– ବିଦ୍ୟାଧର ଓଗେର | |
| ୩୧୭ | | ୭୫୦ | ୦.୦୫ | ୦.୦୫ | ମହେଶ୍ୱର ଦାସ, ପିତା– ବିଦ୍ୟାଧର ଓଗେର | |
| ୩୧୮ | | ୭୩୫/୩୮୯୬ | ୦.୦୮ | ୦.୦୮ | ମହେଶ୍ୱର ଦାସ, ପିତା– ବିଦ୍ୟାଧର ଓଗେର | |
| ୩୧୯ | ୩୪୦/୨୯୦ | ୪୦୫ | ୦.୨୪ | ୦.୧୭ | ବ୍ରହ୍ମାନନ୍ଦ ଦାସ, ପିତା– ନାରାୟଣ ଓଗେର | |
| ୩୨୦ | ୩୪୦/୩୦୪ | ୨୨୧ | ୦.୨୧ | ୦.୦୭ | ରଞ୍ଜନ କୁମାର ଦାସ, ପିତା– ହରିହର | |
| ୩୨୧ | | ୪୦୨ | ୦.୩୬ | ୦.୧୩ | ରଞ୍ଜନ କୁମାର ଦାସ, ପିତା– ହରିହର | |
| ୩୨୨ | ୩୪୦/୩୦୭ | ୨୬ | ୦.୦୭ | ୦.୦୨ | ବ୍ରହ୍ମାନନ୍ଦ ଦାସ, ପିତା– ନାରାୟଣ | |
| ୩୨୩ | ୩୪୦/୩୨୧ | ୨୨୭ | ୦.୨୫ | ୦.୧୨ | ପ୍ରେମାନନ୍ଦ ଦାସ, ପିତା– ଦୁର୍ଯ୍ୟୋଧନ ଓଗେର | |
| ୩୨୪ | ୩୪୦/୩୨୯ | ୪୦୧ | ୦.୩୬ | ୦.୧୫ | ଗୋପୀନାଥ ମିଶ୍ର, ପିତା– ଚୈତନ୍ୟ | |
| ୩୨୫ | ୩୪୦/୩୬୬ | ୪୨୦ | ୦.୧୫ | ୦.୧୧ | ପ୍ରିୟବ୍ରତ ଦାସ, ପିତା– ଅକ୍ଷୟ | |
| ୩୨୬ | ୩୪୦/୩୮୦ | ୪୦୬ | ୦.୧୧ | ୦.୧୧ | ପ୍ରଶାନ୍ତ କୁମାର ପଣ୍ଡା, ପିତା– ଚୈତନ୍ୟ | |
| ୩୨୭ | ୩୪୦/୩୯୮ | ୮୪୧ | ୦.୧୧ | ୦.୦୬ | ରଘୁନାଥ ବାରିକ, ପିତା– ଦୁର୍ଗାଚରଣ | |
| ୩୨୮ | | ୮୪୩ | ୦.୦୫ | ୦.୦୩ | ରଘୁନାଥ ବାରିକ, ପିତା– ଦୁର୍ଗାଚରଣ | |
| ୩୨୯ | ୩୪୦/୩୯୮ | ୮୫୦ | ୦.୧୩ | ୦.୦୭ | ରଘୁନାଥ ବାରିକ, ପିତା– ଦୁର୍ଗାଚରଣ | |
| ୩୩୦ | ୩୪୦/୪୦୧ | ୪୧ | ୦.୮୬ | ୦.୩୨ | ଜୟଦେବ ଜଟ, ପିତା– ନବୀନ ଓଗେର | |
| | | | ମୋଟ | ୨୫.୪୦ | | |

ଗ୍ରାମର ମୋଟ ପ୍ଲଟ ସଂଖ୍ୟା: ୩୩୦ (ତିନିଶହ ତିରିଶ) ମୋଟ ଅଧିଗୃହୀତ ଜମି: ୨୫.୪୦ ଏକର

24034/14/0023/1920

ସ୍ୱା./– ଜିଲ୍ଲାପାଳ, ଢେଙ୍କାନାଳ

## ସଂକ୍ଷେପରେ

### ଗୋଟିପୁଅ ନୃତ୍ୟରେ କୋଣାର୍କ ନିର୍ମାଣ

ଭୁବନେଶ୍ୱର, ୨୮।୯(ବ୍ୟୁରୋ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଶନିବାର ରବୀନ୍ଦ୍ରମଣ୍ଡପଠାରେ 'ଆମ ଲୋକକଳା: ଆମ ସଂସ୍କୃତି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୟୂରଭଞ୍ଜର ଛଉ ନୃତ୍ୟ ଓ ପୁରୀ ଜିଲା ରଘୁରାଜପୁରର ଗୋଟିପୁଅ ନୃତ୍ୟ ପରିବେଷିତ ହୋଇଥିଲା। ଗୋଟିପୁଅ ଦଳ ତାଙ୍କ ଅଭିନୟରେ କୋଣାର୍କ ନିର୍ମାଣରେ ଧରମାଙ୍କ ଅଭିନୟ ପ୍ରଦର୍ଶନ କରିଥିଲେ। ଗୋଟିପୁଅ ନୃତ୍ୟରେ ଓଡ଼ିଶୀ ନୃତ୍ୟଶୈଳୀ ପ୍ରତୀକିତ ହୋଇଥିବାବେଳେ ଛଉ ନୃତ୍ୟରେ ବୀରରସର ତାତ୍ପର୍ଯ୍ୟ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟ ଅତିଥି ଓ ଜଳସମ୍ପଦ ବିଭାଗ ଅତିରିକ୍ତ ଶାସନ ସଚିବ ରାଜେନ୍ଦ୍ର ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କଳା ସଂସ୍କୃତି ସଂଘର ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଲବିଶୋୟୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ରାଜ୍ୟର ଐତିହ୍ୟ ଓ ପରମ୍ପରାକୁ ପରିପୁଷ୍ଟ କରୁଥିବା ଲୋକକଳାର ପ୍ରଚାର ପ୍ରସାର ପାଇଁ ବିଭାଗ ପକ୍ଷରୁ ଏପରି କାର୍ଯ୍ୟକ୍ରମ ପ୍ରତି ମାସରେ ଅନୁଷ୍ଠିତ ହେଉଛି।

### ୫ରୁ ଓଟିଡିସିର ଡାଣ୍ଡିଆ ଉତ୍ସବ



ଭୁବନେଶ୍ୱର, ୨୮।୯(ବ୍ୟୁରୋ): ଓଡ଼ିଶା ଟୁରିଜମ୍ ଡେଭଲପ୍‌ମେଣ୍ଟ କର୍ପୋରେଶନ (ଓଟିଡିସି) ପକ୍ଷରୁ ପ୍ରଥମ ଥର ପାଇଁ ଦଶହରାରେ ଡାଣ୍ଡିଆ ନୃତ୍ୟ ଉତ୍ସବ ପାଳନ କରାଯିବ। ଅକ୍ଟୋବର ୫ରୁ ୭ତାରିଖ ପର୍ଯ୍ୟନ୍ତ ପାନ୍ଥନିବାସଠାରେ ଏହା ଆୟୋଜିତ ହେବ। ପ୍ରତିଦିନ ସନ୍ଧ୍ୟା ସାଢ଼େ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲିବ। ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କୁ ଡାଣ୍ଡିଆ ନୃତ୍ୟର ଏକ ପ୍ଲାଟ୍‌ଫର୍ମ ଯୋଗାଇଦେବା ପାଇଁ ଓଟିଡିସି ଏହି କାର୍ଯ୍ୟକ୍ରମ ହାତକୁ ନେଇଛି। ଜଣକ ପିଛା ୬୯୯ଟଙ୍କା ପ୍ରବେଶ ଶୁଳ୍କ ରଖାଯାଇଥିବାବେଳେ ଦୁଇଜଣ ଗଲେ ୧୨୯୯ଟଙ୍କା ଦେବାକୁ ପଡ଼ିବ। ଏଥିପାଇଁ ଅନ୍‌ଲାଇନ୍‌ରେ ମଧ ଟିକେଟ୍ କରିପାରିବେ। ଅନ୍‌ଲାଇନ୍‌ରେ ଟିକେଟ୍ କରିବା ପାଇଁ www.panthanivas.com ଏବଂ ଅଫ୍‌ଲାଇନ୍ ପାଇଁ ପାନ୍ଥନିବାସ ମ୍ୟାନେଜରଙ୍କ ସହ ଯୋଗାଯୋଗ କରିବାକୁ ଓଟିଡିସି ପକ୍ଷରୁ କୁହାଯାଇଛି। ଶନିବାର ପାନ୍ଥନିବାସଠାରେ ଓଟିଡିସି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଧକ୍ଷ ଶ୍ରୀମୟୀ କର ଏହି ସୂଚନା ଦେଇଛନ୍ତି। ସେହିପରି ଚଳିତବର୍ଷ ଅକ୍ଟୋବର ୨ରେ ମହାତ୍ମା ଗାନ୍ଧୀଙ୍କ ୧୫୦ବର୍ଷ ଜୟନ୍ତୀ ପାଳନ କରାଯିବ। ଏହି ଉପଲକ୍ଷେ ଓଟିଡିସି ପକ୍ଷରୁ ଲୋୟର ପିଏମ୍‌ଜିରେ ମହାତ୍ମା ଗାନ୍ଧୀଙ୍କ ଜୀବନୀ ଉପରେ ଏକ ସ୍ୟାଣ୍ଡ୍ ଆନିମେଶନ ଶୋ' ସହ କିଛି ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ଗାନ୍ଧିଜୀଙ୍କ ଗଭୀର ଦେଶପ୍ରେମ ଓ ଅବଦାନକୁ ଏହି ଶୋ' ମାଧମରେ ପ୍ରଦର୍ଶିତ କରାଯିବ। ସେଦିନ ସନ୍ଧ୍ୟା୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ।



### ନୀତୁ ଅଗ୍ରୱାଲ

ମୁମ୍ବାଇର ଏଆର୍ ଏଣ୍ଟରଟେନ୍‌ମେଣ୍ଟ ଗ୍ରୁପ୍ ପକ୍ଷରୁ ଲୋକପ୍ରିୟ ବ୍ୟୁଟି ପାଜେଣ୍ଟ 'ଏଆର୍ ମିସେସ୍ ଇଣ୍ଡିଆ'ର ୨୦୧୯ ସଂସ୍କରଣ ପାଇଁ ଆୟୋଜିତ ଭୁବନେଶ୍ୱର ସିଟି ଅଡିଶନ୍‌ରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରି ନୀତୁ ଅଗ୍ରୱାଲ୍ 'ଏଆର୍ ମିସେସ୍ ଇଣ୍ଡିଆ ଭୁବନେଶ୍ୱର' ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି। ନୀତୁ ଲୁଧିଆନାର ହୋଇଥିବାବେଳେ ସେ ଭୁବନେଶ୍ୱରର ରାମାବତାର ଅଗ୍ରୱାଲଙ୍କୁ ପ୍ରାୟ ୧୩ ବର୍ଷ ତଳେ ବିବାହ କରିଥିଲେ। ଗତବର୍ଷ ସେ ଜଣେ ପାର୍ଟନରଙ୍କ ସହ ମିଶି ପଟିଆରେ ଭିଆଇସିସି ଇନ୍‌ଷ୍ଟିଚ୍ୟୁଟ୍ ନାମରେ ଏକ ବ୍ୟବସାୟିକ ସଂସ୍ଥା ଆରମ୍ଭ କରିଛନ୍ତି।

## ନୀଳାଚଳ ଅର୍ବାନ ହାଟ ପ୍ରତି ପ୍ରଶାସନର ଅଣଦେଖା

# ଅସ୍ତିତ୍ୱ ହରାଉଛି ସାଢ଼େ ୩କୋଟିର ପ୍ରକଳ୍ପ

ହେମନ୍ତ କୁମାର ନାୟକ
ପୁରୀ ଅଫିସ, ୨୮।୯



**କାହାକୁ ନେଇ ବିଶ୍ୱ ଐତିହ୍ୟ ସହର ସ୍ୱପ୍ନ**

ଓଡ଼ିଶା ହସ୍ତଶିଳ୍ପ ଓ ହସ୍ତକଳାର ବିକାଶ ହେବ। ହସ୍ତଶିଳ୍ପୀଙ୍କ ଆର୍ଥିକ ମାନଦଣ୍ଡ ସୁଧୁରିବ। ଓଡ଼ିଶା ହସ୍ତକଳା, ହସ୍ତଶିଳ୍ପ ସାମଗ୍ରୀ ଦେଶ ବିଦେଶରେ ପହଞ୍ଚିବ। ପୁରୀକୁ ଆସୁଥିବା ପର୍ଯ୍ୟଟକମାନେ ଏସବୁ ସାମଗ୍ରୀ ଦେଖିବା ସହ କ୍ରୟ କରିବେ। ଏହାଦ୍ୱାରା ହସ୍ତଶିଳ୍ପୀଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହେବା ସହ ପର୍ଯ୍ୟଟକଙ୍କ ଆଗମନ ମଧ ବୃଦ୍ଧି ପାଇବ। ଏଥିସହ ପୁରୀକୁ ବିଶ୍ୱ ଐତିହ୍ୟ ସହର ଭାବେ ଗଢାଯିବ। ଏମିତି ମହତ ଉଦ୍ଦେଶ୍ୟ ନେଇ ପୁରୀରେ ନୀଳାଚଳ ଅର୍ବାନ ହାଟର ପରିକଳ୍ପନା କରାଯାଇଥିଲା। ସାଢେ ୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଏହି ହାଟ ଏବେ ଅସ୍ତିତ୍ୱ ହରାଉଛି। ପ୍ରଶାସନର ଅଣଦେଖା ଯୋଗୁ ଏହିପ୍ରକଳ୍ପ ଉଜୁଡ଼ିଯିବାକୁ ବସିଛି। ପୁରୀକୁ ବିଶ୍ୱ ଐତିହ୍ୟ ସହର କରିବାର ସ୍ୱପ୍ନ କେବଳ ଲୋକଦେଖାଣିଆ ବୋଲି ଏଥିରୁ ସ୍ପଷ୍ଟ ହେଉଥିବା ସାଧାରଣରେ ଆଲୋଚନା ଚାଲିଛି।

ପୁରୀ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ। ଏଠାକୁ ପ୍ରତିଦିନ ଦେଶ ବିଦେଶରୁ ବହୁ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ଆସୁଛନ୍ତି। ସେମାନଙ୍କୁ ଆକୃଷ୍ଟ କରିବା ଲାଗି ପୁରୀ ଜିଲା ମତ୍ସ୍ୟ ସମ୍ପଦ କାର୍ଯ୍ୟାଳୟ ସମ୍ମୁଖରେ ପ୍ରାୟ ସାଢେ ୩କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ତିଆରି କରାଯାଇଥିଲା ନୀଳାଚଳ ଅର୍ବାନ ହାଟ। ଏହା ପରିସରରେ ମୁକ୍ତାକାଶ ମଞ୍ଚ ଓ ମ୍ୟୁଜିକାଲ ଫାଉଣ୍ଟେନ (ବାଦ୍ୟ ନିର୍ଝରିଣୀ) ମଧ ନିର୍ମାଣ ହୋଇଥିଲା। ଏହି ପ୍ରକଳ୍ପକୁ ୨୦୦୯ ଡିସେମ୍ବର ୯ରେ ତତ୍କାଳୀନ ରାଷ୍ଟ୍ରପତି ପ୍ରତିଭା ଦେବୀ ସିଂ ପାଟିଲ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ତତ୍କାଳୀନ ରାଜ୍ୟପାଳ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ ଉପସ୍ଥିତ ଥିଲେ। ଏହି ଅବସରରେ ହାଟ ପରିସରସ୍ଥ ବିଭିନ୍ନ ଦୋକାନ ବୁଲି ଓଡ଼ିଶା ହସ୍ତଶିଳ୍ପ ଓ ହସ୍ତକଳାର ପ୍ରଶଂସା କରିଥିଲେ ପୂର୍ବତନ ରାଷ୍ଟ୍ରପତି। ହେଲେ ଏହି ବୃହତ୍ ପ୍ରକଳ୍ପ ଏବେ ଅଲୋଡ଼ା ହୋଇଯାଇଛି। ନା ଏଠି ଓଡ଼ିଶା ହସ୍ତକଳା, ହସ୍ତଶିଳ୍ପ ସାମଗ୍ରୀ ବିକ୍ରି ହେଉଛି ନା ବାଦ୍ୟର ତାଳେ ତାଳେ ଜଳଫୁଆରା ନୃତ୍ୟର ମଜା ଉଠାଉଛନ୍ତି ପର୍ଯ୍ୟଟକ। ଜରାଜୀର୍ଣ୍ଣ ହୋଇପଡ଼ିଛି ଅର୍ବାନ ହାଟ। ପାଚେରି ଭାଙ୍ଗିଗଲାଣି, ଦୋକାନ ଘର କବାଟ ଭାଙ୍ଗି ଆଁ କରିଛି। ଅଚଳ ହୋଇପଡ଼ିଛି ମ୍ୟୁଜିକାଲ ଫାଉଣ୍ଟେନ। ମୁକ୍ତାକାଶ ମଞ୍ଚ ବି ଖାଁ ଖାଁ। ପର୍ଯ୍ୟଟକଙ୍କୁ ଆକୃଷ୍ଟ ଲାଗି ହାଟ କାନ୍ଥ, ପାଚେରିରେ ଅଙ୍କାଯାଇଥିବା ଓଡ଼ିଶାର ପାରମ୍ପରିକ ଚିତ୍ରକଳାରୁ ରଙ୍ଗ ଉଡ଼ିଗଲାଣି।

ଅର୍ବାନ ହାଟରେ ୩୬ଟି ଦୋକାନ ଘର ରହିଛି। ଉଦ୍‌ଘାଟନୀ ଅବସରରେ ଦୋକାନ ଘରଗୁଡ଼ିକରେ ଓଡ଼ିଶାର ପାରମ୍ପରିକ ହସ୍ତଶିଳ୍ପ ଓ ହସ୍ତକଳା ସାମଗ୍ରୀର ପସରା ଶୋଭା ପାଉଥିଲା। କିନ୍ତୁ ଉଦ୍‌ଘାଟନର କିଛିମାସ ପରେ ବିକ୍ରିବଟା ହେଲା ନାହିଁ। ଏଠାକୁ ପର୍ଯ୍ୟଟକ ଆସିଲେ ନାହିଁ। ଫଳରେ ଗୋଟିକ ପରେ ଗୋଟିଏ ଦୋକାନରେ ତାଲା ଝୁଲିବା ଆରମ୍ଭ ହେଲା। ପ୍ରଶାସନ ପକ୍ଷରୁ ମଧ ଏ ନେଇ କୌଣସି ଉଦ୍ୟମ ହେଲା ନାହିଁ। ଏଥିଯୋଗୁ ଦୋକାନଘରଗୁଡ଼ିକ ଏବେ ଏକପ୍ରକାର ଭୂତକୋଠି ପାଲଟିଛି। ବର୍ତ୍ତମାନ ଗୋଟିଏ ଦୋକାନ (ସମ୍ବଲପୁରୀ ବସ୍ତ୍ରାଳୟ) ଖୋଲୁଥିବାବେଳେ ଅନ୍ୟଗୁଡ଼ିକ ବନ୍ଦ ହୋଇ ପଡ଼ିଛି। ଏହି ସମ୍ବଲପୁରୀ ବସ୍ତ୍ରାଳୟରେ ସେମିତି ବେପାର ବି ହେଉନାହିଁ। ପ୍ରକଳ୍ପର ଏପରି ସ୍ଥିତି ପାଇଁ ଜାଗା ଚିହ୍ନଟକୁ ସହରବାସୀ ଦାୟୀ କରିଛନ୍ତି। ଯେଉଁ ସ୍ଥାନରେ ଅର୍ବାନ ହାଟ ତିଆରି ହୋଇଛି ତାହା ଉପଯୁକ୍ତ ନୁହେଁ। ପର୍ଯ୍ୟଟକମାନେ ସେଠାକୁ ଯିବା ପରିବର୍ତ୍ତେ ବଡ଼ଦାଣ୍ଡ ଓ ସମୁଦ୍ରକୂଳକୁ ବୁଲି ଯିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଫଳରେ ଏହି ହାଟ ଦୃଷ୍ଟି ଆଢୁଆଳରେ ରହିଯାଇଛି। ଅର୍ବାନ ହାଟକୁ ପର୍ଯ୍ୟଟକଙ୍କ ଯାତାୟାତ ଲାଗି ସେମିତି ସୁବିଧା ନାହିଁ ବୋଲି କହିଛନ୍ତି ପଟଚିତ୍ର ସେଣ୍ଟରର ମୁଖ୍ୟ ସରୋଜ କୁମାର ବେହେରା। ସରକାର ପୁରୀକୁ ବିଶ୍ୱ ଐତିହ୍ୟ ସହର ଭାବେ ଗଢିବାକୁ ସ୍ୱପ୍ନ ଦେଖୁଛନ୍ତି। ହେଲେ ଓଡ଼ିଶା ହସ୍ତଶିଳ୍ପ ଓ ହସ୍ତକଳାର ବିକାଶ ସାଙ୍ଗକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ ପାଇଁ ତିଆରି କରାଯାଇଥିବା ଅର୍ବାନ ହାଟ ଆଜି ଉଜୁଡ଼ିଯିବାକୁ ବସିଛି। ଏହାକୁ କିପରି ପୁନଶ୍ଚ କାର୍ଯ୍ୟକ୍ଷମ କରାଯାଇପାରିବ ଏଥିପ୍ରତି ସରକାର ଧ୍ୟାନ ଦେବା ଦରକାର ବୋଲି ସହରବାସୀ ମତବ୍ୟକ୍ତ କରିଛନ୍ତି।




ବିଶ୍ୱ ହୃତ୍‌ପିଣ୍ଡ ଦିବସର ଅବ୍ୟବହିତ ପୂର୍ବରୁ ଶନିବାର ପୁରୀ ବେଳାଭୂମିରେ ଶିଳ୍ପୀ ମାନସ ସାହୁଙ୍କ ବାଲୁକା କଳା।

## ହାଇକୋର୍ଟରେ ଉତ୍କଳ ସମ୍ମିଳନୀ ବିବାଦ

### ପ୍ରତିପକ୍ଷଙ୍କୁ ନୋଟିସ ଜାରି

କଟକ ଅଫିସ, ୨୮।୯

ଉତ୍କଳ ସମ୍ମିଳନୀ କଟକ ଜିଲା ଶାଖାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ହାଇକୋର୍ଟରେ ପହଞ୍ଚିଛି। ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ଡ. ରବି ରଞ୍ଜନ ସାହୁ ମାମଲା ରୁଜୁ କରିଥିବାବେଳେ ହାଇକୋର୍ଟ ବିଚାରପତି ଡ. ଏ.କେ ରଥଙ୍କ ଖଣ୍ଡପୀଠ ଏହାକୁ ଗ୍ରହଣ କରି ୨୦ଜଣ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଡ. ସାହୁ ତାଙ୍କ ପିଟିଶନ୍‌ରେ ଦର୍ଶାଇଛନ୍ତି ଯେ, ସେ ଉତ୍କଳ ସମ୍ମିଳନୀର ସଭାପତିଭାବେ ନିର୍ବାଚିତ ହୋଇଥିଲେ। କେତେଜଣ କର୍ମକର୍ତ୍ତା ଏକପାଖିଆଭାବେ ବୈଠକ ଡାକି ଓ ବିଶୃଙ୍ଖଳିତ ଆଚରଣର ଆଳ ଦେଖାଇ ତାଙ୍କ ବିରୋଧରେ ନିଷ୍ପତ୍ତି ନେଇଥିଲେ। ଏ ନେଇ ଗତ ୨୦୧୮ରେ ସେ ଅଦାଲତରେ ମାମଲା ଦାଏର କରିଥିବାବେଳେ ତାହା ବିଚାରାଧୀନ ରହିଛି। ମୂଳ ମାମଲା ବିଚାରାଧୀନ ରହିଥିବାବେଳେ କେବଳ ଅନ୍ତରୀଣ ରହିତାଦେଶକୁ କଟକ ୫ମ ଅତିରିକ୍ତ ବରିଷ୍ଠ ସିଭିଲ ଜଜ୍‌ଙ୍କ ଅଦାଲତ ଖାରଜ କରି ଦେଇଥିଲେ। ଅଦାଲତଙ୍କ ଏହି ଆଦେଶକୁ ଚ୍ୟାଲେଞ୍ଜ କରି ଡ. ସାହୁ ହାଇକୋର୍ଟକୁ ଆସିଥିଲେ। ପରବର୍ତ୍ତୀ ଶୁଣାଣି ଆସନ୍ତା ନଭେମ୍ବର ୫ତାରିଖରେ ଅନୁଷ୍ଠିତ ହେବ।

## ଟ୍ରାଫିକ ନିୟମ ନେଇ ସଚେତନତା ଅଭିଯାନ ଶୁଭାରମ୍ଭ

# ଲୋକେ ସଚେତନ ହେଲେ ସଡକ ସୁରକ୍ଷିତ

ଭୁବନେଶ୍ୱର,୨୮।୯(ବ୍ୟୁରୋ)




କାର୍ଯ୍ୟକ୍ରମରେ ଟ୍ରାଫିକ ଡିସିପି ସାଗରିକା ନାଥ ଓ ଅନ୍ୟମାନେ।

ସଡକ ସୁରକ୍ଷା ଓ ଟ୍ରାଫିକ ନିୟମକୁ ନେଇ ଭୁବନେଶ୍ୱର ସହରରେ ଲୋକଙ୍କୁ କରାଯିବ ସଚେତନ। ପ୍ରତି ଅଞ୍ଚଳର ସ୍ଥାନୀୟ ବାସିନ୍ଦାକୁ ଏଥିରେ ସାମିଲ କରାଯିବ। ଅଞ୍ଚଳର ୟୁଥ କ୍ଲବ, ସାମାଜିକ ସଙ୍ଗଠନ, ଅଟୋ ସଂଘ, ପୂଜା ମଣ୍ଡପ କମିଟି, ବରିଷ୍ଠ ନାଗରିକ, ସାହି ମୁରବୀ ଏହି କାର୍ଯ୍ୟକ୍ରମରେ ଯୋଡି ହେବେ। ସେମାନେ ନିଜ ଅଞ୍ଚଳର ଲୋକଙ୍କୁ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନତା ବାର୍ତ୍ତା ବାଣ୍ଟିବେ। 'ଜୟ ଓଡିଶା' ଓ କମିଶନରେଟ ପୋଲିସ ପକ୍ଷରୁ ମିଳିତ ଭାବେ ଏଭଳି ସଚେତନତା ଅଭିଯାନ ଶନିବାର ଆରମ୍ଭ କରାଯାଇଛି। ଶହୀଦନଗର ସ୍ଥିତ ଏକ ହୋଟେଲରେ ଶନିବାର ଏହି ଅଭିଯାନର ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ଡିସିପି (ଟ୍ରାଫିକ) ସାଗରିକା ନାଥ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଡକ ଦୁର୍ଘଟଣାରେ ଅନେକ ମୂଲ୍ୟବାନ ଜୀବନ ଯାଉଛି। ସମସ୍ତେ ଟ୍ରାଫିକ ନିୟମକୁ ନେଇ ସଚେତନ ହେଲେ ଏହି ମୂଲ୍ୟବାନ ଜୀବନ ବଞ୍ଚିପାରିବ। ପୋଲିସ ଲୋକଙ୍କୁ ସଚେତନ କରୁଛି। ଏବେ ସମସ୍ତେ ମିଶି ସଚେତନ କରିବାକୁ ପଡିବ ବୋଲି ଟ୍ରାଫିକ ଡିସିପି ସାଗରିକା ନାଥ କହିଛନ୍ତି। ଆମେ ନିଜ ସଚେତନ ହୋଇ ଆଖପାଖର ସମସ୍ତଙ୍କୁ ସଚେତନ କରିବା ଏହି ଅଭିଯାନର ଉଦ୍ଦେଶ୍ୟ। ଲୋକେ ସଚେତନ ହେଲେ ସଡକ ଆପେ ସୁରକ୍ଷିତ ହୋଇଯିବ ବୋଲି 'ଜୟ ଓଡିଶା' ପ୍ରତିଷ୍ଠାତା ରୁଦ୍ରନାରାୟଣ ସାମନ୍ତ ରାୟ କହିଛନ୍ତି। ଆସନ୍ତା ସପ୍ତାହ ବ୍ୟାପୀ ଏହି ସଚେତନତା ଅଭିଯାନ ଚାଲିବ। ରବିବାର ୟୁନିଟ୨, ୟୁନିଟ ୩ ଓ ଅଶୋକନଗର, ଆଚାର୍ଯ୍ୟବିହାର, ବାଣୀବିହାର ଓ ୟୁନିଟ-୯ ଅଞ୍ଚଳରେ ସଚେତନତା ଅଭିଯାନ ହେବ। ୩୦ ତାରିଖରେ ଲକ୍ଷ୍ମୀସାଗର, ଝାରପଡା, ବୁଦ୍ଧେଶ୍ୱରୀ, ବରଗଡ, ବାପୁଜୀନଗର, ୟୁନିଟ-୧, ୟୁନିଟ-୬ ଓ ପଳାସପଲ୍ଲୀରେ କାର୍ଯ୍ୟକ୍ରମ ହେବ। ୧ରେ ନୂଆପଲ୍ଲୀ, ୟୁନିଟ-୪, ୟୁନିଟ-୮ ଓ ୟୁନିଟ-୫, ଖଣ୍ଡଗିରି, ବରମୁଣ୍ଡା, ଜାଗମରା ଓ ଗଙ୍ଗନଗରରେ ସଚେତନା କାର୍ଯ୍ୟକ୍ରମ ହେବ। ୩ତାରିଖରେ ଆଇଆରସି ଭିଲେଜ, ଜୟଦେବ ବିହାର, ସାଲିଆସାହି, ଚନ୍ଦ୍ରଶେଖରପୁର, କିଟ ଅଞ୍ଚଳ, ନୀଳାଦ୍ରିବିହାରରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ଜୟ ଓଡିଶା ପ୍ରତିଷ୍ଠାତା ରୁଦ୍ର ନାରାୟଣ କହିଛନ୍ତି।

## ସିପେଟରେ ହିନ୍ଦୀ ପଖୱାଡା, କବି ସମ୍ମିଳନୀ




ଭୁବନେଶ୍ୱର, ୨୮।୯(ବ୍ୟୁରୋ): ହିନ୍ଦୀ ପଖୱାଡା ଉପଲକ୍ଷେ ଶୁକ୍ରବାର ସିପେଟ୍‌ଠାରେ ଏକ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୀ କବି ଏ.କେ. ଚାନ୍ଦ ଓ କିଶାନ ଖଣ୍ଡେଲୱାଲ ଛାତ୍ରୀଛାତ୍ରଙ୍କୁ କବିତା ଶୁଣାଇ ମନୋରଞ୍ଜନ କରିବା ସହ ହିନ୍ଦୀ ଦିବସ ବିଷୟରେ ବୁଝାଇଥିଲେ। ମୁଖ୍ୟ ଆକର୍ଷଣ ଥିଲା ସିପେଟ ଅଧାପକଙ୍କ ଦ୍ୱାରା ପ୍ରାୟୋଜିତ ହିନ୍ଦୀ ଭାଷା ଆଧାରିତ ନାଟକ। ପଖୱାଡାରେ ଆୟୋଜିତ ବକ୍ତୃତା, ଚିତ୍ରାଙ୍କନ, ରଚନା ଲିଖନ ଓ କୁଇଜ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପନିର୍ଦ୍ଦେଶିକା ନିହାରୀକା ପରିଡା, ପ୍ରଶାସନିକ ଅଧିକାରୀ ଜୟନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## 'ଆର୍ଥିକ ଲାଭ ଓ ସମ୍ପର୍କ ପ୍ରକାଶକଙ୍କୁ ପ୍ରଲୁବ୍ଧ କରୁଛି'

ଭୁବନେଶ୍ୱର, ୨୮।୯(ବ୍ୟୁରୋ)

ରୁଚିଗତ ସମ୍ପାଦନା ଓ ନିଷ୍ଠାପର ବ୍ୟବସାୟିକତା ହେଉଛି ପ୍ରକାଶନର ବିଶେଷତ୍ୱ। କିନ୍ତୁ ଆମ ରାଜ୍ୟରେ ଯେକୌଣସି ଲୋକ ନିଜ ନାମରେ ବହି ଛପାଇବାକୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଆର୍ଥିକ ଲାଭ ଓ ସମ୍ପର୍କ ପ୍ରକାଶକଙ୍କୁ ପ୍ରଲୁବ୍ଧ କରୁଛି। ଫଳରେ ପ୍ରକାଶକୀୟ ସ୍ୱାଧୀନତା ଓ ବିଚାରବୋଧରେ ବିଚ୍ୟୁତି ଦେଖାଦେଇଛି। ଏହାକୁ ଦୂର କରିବାକୁ ହେଲେ ପ୍ରକାଶକ ଓଡ଼ିଆ ପୁସ୍ତକ ପ୍ରକାଶନର ପରିବେଶ ଉପରେ ଉପଯୁକ୍ତ ଅନୁଶୀଳନ କରିବା ଉଚିତ ବୋଲି 'କାବ୍ୟଲୋକ' ପତ୍ରିକାର ସମ୍ପାଦକ ଭିକାରୀ ଧଳ କହିଛନ୍ତି। ଭୁବନେଶ୍ୱର ସାହିତ୍ୟ ସମାଜ ଆନୁକୂଲ୍ୟରେ ଶନିବାର କୃଷକ ସମାଜଠାରେ ଆୟୋଜିତ ମାସିକ ଅଧିବେଶନରେ ଧଳ ଯୋଗଦେଇ 'ଓଡ଼ିଆ ପ୍ରକାଶନର ସ୍ଥିତି ଓ ବିକୃତି' ଉପରେ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ଉପସଭାପତି କବି ରକ୍ଷକ ନାୟକ ସଭାପତିତ୍ୱ କରିଥିବାବେଳେ ମିନତି ମିଶ୍ର 'ଏ ମାସର କବି' ଭାବରେ ସ୍ୱରଚିତ କବିତା ପାଠ କରିଥିଲେ। ସଭାପତି ତଥା କବି ସୂର୍ଯ୍ୟ ମିଶ୍ର ମଧ ତାଙ୍କ ବକ୍ତବ୍ୟରେ ଓଡ଼ିଆ ପ୍ରକାଶନର ସ୍ଥିତି ଓ ବିକୃତି ଉପରେ ମୁକ୍ତ ମନ୍ତବ୍ୟ ରଖିଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ଅସିତ୍



ସନ୍ତୋଷ



କାଦିର



ସୁଶାନ୍ତ



ନିର୍ମଳ



କଲ୍ୟାଣୀ



କାଜୋଲ



ନିଲୋଫର୍

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/



ଅଧ୍ୟବସାୟ ସଙ୍ଗେ ସଙ୍ଗେ ସୌଭାଗ୍ୟ ଛାଇ ଭଳି ଚାଲିଥାଏ।
- ଗୋଲ୍ଡସ୍ମିଥ୍



# ଏ ସପ୍ତାହର କାର୍ଯ୍ୟକ୍ରମ

### ୨୯।୯।୨୦୧୯(ରବିବାର)

**ଭୁବନେଶ୍ୱର**

- ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଯୁବ ସାମ୍ମୁଖ୍ୟ ପକ୍ଷରୁ ସ୍ୱଚ୍ଛ ଭୁବନେଶ୍ୱର ଅଭିଯାନ, ଖଣ୍ଡଗିରି ଟୁରିଷ୍ଟ ବସ୍ ଷ୍ଟପ, ସକାଳ ୭ଟା।
- ସୀତାରାମ ପରିବାର ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ, ବିଚିତ୍ରବୀର ମହାବୀର ଦେବସ୍ଥାନ, ସାହାଣୀ କାଶୀପୁର, ତମାଣ୍ଡୋ, ସକାଳ ୭ଟା ୩୦।
- ଭାରତ ବିକାଶ ପରିଷଦ ଚନ୍ଦ୍ରଶେଖରପୁର ଶାଖା ପକ୍ଷରୁ ରାଷ୍ଟ୍ରୀୟ ବୃନ୍ଦଗାନ ପ୍ରତିଯୋଗିତା, ଆଇଏମ୍ଏମ୍ଟି ଅଡିଟୋରିୟମ୍, ସକାଳ ୯ଟା।
- ଆର୍ଯ୍ୟ ସମାଜ ପକ୍ଷରୁ ନବମାତୃକା ପୂଜା, ଆର୍ଯ୍ୟ ସମାଜ ଶହୀଦ ନଗର, ପୂର୍ବାହ୍ନ ୧୦ଟା ୩୦।
- ପରିବହନ ମାଲିକ ଓ ଶ୍ରମିକ ମିଳିତ ମଞ୍ଚ ପକ୍ଷରୁ କନ୍‌ଭେନସନ୍, ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରସ୍, ପୂର୍ବାହ୍ନ ୧୧ଟା।
- ମାନସିକ ଅନଗ୍ରସର ପିଲାଙ୍କ ଅଭିଭାବକ ସଂଘର ସାଧାରଣ ସଭା, ଲୋହିଆ ଏକାଡେମୀ, ପୂର୍ବାହ୍ନ ୧୧ଟା।
- ରାମକୃଷ୍ଣ ମିଶନ ପକ୍ଷରୁ ଆଲୋଚନାଚକ୍ର, ରାମକୃଷ୍ଣ ମଠ, ବିବେକାନନ୍ଦ ହଲ୍, ଅପରାହ୍ନ ୪ଟା ୪୫।
- କଳିଙ୍ଗ ଲିଟରେଚର୍ ଫେଷ୍ଟିଭାଲ୍(କେଏଲ୍ଏଫ୍)ର ନବମ ମାସିକ ସାରସ୍ୱତ କାର୍ଯ୍ୟକ୍ରମ, ଅକ୍ସଫୋର୍ଡ ବୁକ୍‌ଷ୍ଟୋର, ଦ୍ୱିତୀୟ ମହଲା, ସିମ୍ଫୋନି ହଲ୍, ରୁଦ୍ରପୁର, ସନ୍ଧ୍ୟା ୫ଟା।
- ରାଜ ଏଣ୍ଟରଟେନମେଣ୍ଟ ପକ୍ଷରୁ କିଶୋର କୁମାର ସନ୍ଧ୍ୟା, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

**କଟକ**

- ସ୍ୱାଧୀନତା ସଂଗ୍ରାମୀ ସ୍ମାରକୀ ସଂସଦ ପକ୍ଷରୁ ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ସମାରୋହ ପାଳନ, କଟକ ଗାନ୍ଧୀ ଭବନ, ଅପରାହ୍ନ ୫ଟା।
- ପ୍ରଫେସର କେଶବ ଚନ୍ଦ୍ର ସାହୁଙ୍କ ୧୭ତମ ସ୍ମୃତି ଦିବସ ପାଳନ, ପ୍ରଫେସର କେଶବଚନ୍ଦ୍ର ସାହୁ ମହିଳା ମହାବିଦ୍ୟାଳୟ, ପ୍ରଫେସରପଡ଼ା, ପୂର୍ବାହ୍ନ ୧୧ଟା।
- କଟକ କ୍ରେଡିଟ କୋଅପରେଟିଭ ସୋସାଇଟିର ୨୧ତମ ପ୍ରତିଷ୍ଠା ଦିବସ, କ୍ରେଡିଟକୋ ପରିସର, ଅରୁଣୋଦୟ ମାର୍କେଟ, ପୂର୍ବାହ୍ନ ୧୧ଟା ୩୦।

**ବଡ଼ମ୍ବା**

- ଖାରୋଡ଼ବାସିନୀ ମା'ମହାକାଳୀଙ୍କ ନବରାତ୍ର ପୂଜା ଆରମ୍ଭ, ଖାରୋଡ଼ସ୍ଥିତ ମହାକାଳୀପୀଠ, ଅପରାହ୍ନ ୫ଟା।

**ଖୋର୍ଦ୍ଧା**

- ରାଧାନାଥ ରଥଙ୍କ ଜୟନ୍ତୀ, ଡିଏଭି ପବ୍ଲିକ ସ୍କୁଲ, ଅପରାହ୍ନ ୩ଟା ୩୦।
- ପାଇକ ବିଦ୍ରୋହର ଅନାଲୋଚିତ ଅଧ୍ୟାୟ ଆଲୋଚନା ଚକ୍ର ଓ ସାମ୍ପ୍ରତିକ ସ୍ଥିତିରେ ଗାନ୍ଧୀ ଦର୍ଶନର ପ୍ରାସଙ୍ଗିକତା, ଜିଲା ସଂସ୍କୃତି ଭବନ, ଅପରାହ୍ନ ୩ଟା।

### ୩୦।୯।୨୦୧୯(ସୋମବାର)

**ଭୁବନେଶ୍ୱର**

- କଳିଙ୍ଗ ଷ୍ଟୁଡେଣ୍ଟ ଫେଡେରେଶନ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ମୂର୍ତ୍ତି ସଫେଇ, ଗାନ୍ଧୀ ପାର୍କ, ଜନତା ମଇଦାନ, ସକାଳ ୭ଟା।
- ଭବନସ୍ ସେଣ୍ଟର ଫର୍ କମ୍ୟୁନିକେଶନ ଆଣ୍ଡ ମ୍ୟାନେଜମେଣ୍ଟର ସମାବର୍ତ୍ତନ ଉତ୍ସବ, ଭାରତୀୟ ବିଦ୍ୟାଭବନ, କେଏମ୍ ମୁନ୍‌ସି ହଲ୍, ପୂର୍ବାହ୍ନ ୧୧ଟା।
- ଆଇପିଇ ଗ୍ଲୋବାଲ ପକ୍ଷରୁ 'କ୍ଲୋଜ୍ ଦି ଗ୍ୟାପ୍' ଚିତ୍ରକଳା ପ୍ରଦର୍ଶନୀ, ହୋଟେଲ ଟ୍ରାଇଡେଣ୍ଟ, ଅପରାହ୍ନ ୪ଟା।
- ଦୀକ୍ଷା ସମ୍ମାନ ସମାରୋହ, ସୂଚନା ଭବନ, ସନ୍ଧ୍ୟା ୫ଟା।
- ଓଡ଼ିଶା ବନ ଉନ୍ନୟନ ନିଗମର ୫୮ତମ ପ୍ରତିଷ୍ଠା ଦିବସ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା।

**ଖୋର୍ଦ୍ଧା**

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ଭୁବନେଶ୍ୱର ବ୍ଲକ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।

### ୨।୧୦।୨୦୧୯(ବୁଧବାର)

**ଭୁବନେଶ୍ୱର**

- ସେଣ୍ଟ ଆର୍‌ନଲ୍ଡ ସ୍କୁଲ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ, କଳିଙ୍ଗ ବିହାର, ଏଚ୍ଆଇଜି ୪୮୯, ସକାଳ ୭ଟା ୩୦।
- ବିଜେଇଏମ୍ ସ୍କୁଲ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ, ବିଜେବି ନଗର ସ୍କୁଲ ପରିସର, ୭ଟା ୩୦।
- ତୁତୁନୁ ଫାଉଣ୍ଡେଶନ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ, ଇଡକଲ୍ ଅଡିଟୋରିୟମ୍, ସନ୍ଧ୍ୟା ୬ଟା।

### ୪।୧୦।୨୦୧୯(ଶୁକ୍ରବାର)

**ଭୁବନେଶ୍ୱର**

- ସାର୍ବଜନୀନ ଦୁର୍ଗାପୂଜା ସମିତି ଭିଏସ୍ଏସ୍ ନଗର ପକ୍ଷରୁ ବିଲ୍ୱାଧିବାସ, ଭିଏସ୍ଏସ୍ ନଗର, ସକାଳ ୮ଟା।
- ରେସିଡେଣ୍ଟସ୍ ୱେଲଫେୟାର ଆସୋସିଏଶନ୍ ପକ୍ଷରୁ ସାର୍ବଜନୀନ ଦୁର୍ଗାପୂଜା, ଷଷ୍ଠୀ, ଶୈଳଶ୍ରୀ ବିହାର, ଅପରାହ୍ନ ୨ଟା।
- ଝାରପଡ଼ା ଦୁର୍ଗାପୂଜା ସମିତି ପକ୍ଷରୁ ଦୁର୍ଗାପୂଜା, ତପଃ ଷଷ୍ଠୀ, ଝାରପଡ଼ା ପୂଜାମଣ୍ଡପ, ଅପରାହ୍ନ ୩ଟା।
- ନେତାଜୀ ଯୁବକ ସଂଘ ପକ୍ଷରୁ ସାର୍ବଜନୀନ ୪୩ତମ ହରପାର୍ବତୀ ପୂଜା, ଷଷ୍ଠୀ, ବଡ଼ଗଡ଼ ପୂଜାମଣ୍ଡପ, ଅପରାହ୍ନ ୩ଟା ୯।
- ସାର୍ବଜନୀନ ଦୁର୍ଗାପୂଜା ସମିତି ପୁରୁଣା ଷ୍ଟେଶନ ବଜାର ପକ୍ଷରୁ ଦୁର୍ଗା ପୂଜା, ତପ୍ତ ଷଷ୍ଠୀ, ପୂଜା ମଣ୍ଡପ, ସନ୍ଧ୍ୟା ୬ଟା।
- ସଂଘଶ୍ରୀ କ୍ଲବ୍ ପକ୍ଷରୁ ସାର୍ବଜନୀନ ଦୁର୍ଗାପୂଜା, ମହାଷଷ୍ଠୀ, ବେଙ୍ଗଲୀ କଲୋନୀ ଦୁର୍ଗାପୂଜା ମଣ୍ଡପ, ଲକ୍ଷ୍ମୀସାଗର, ସନ୍ଧ୍ୟା ୭ଟା।

### ୫।୧୦।୨୦୧୯(ଶନିବାର)

**ଭୁବନେଶ୍ୱର**

- ସାର୍ବଜନୀନ ଦୁର୍ଗାପୂଜା ସମିତି ଭିଏସ୍ଏସ୍ ନଗର ପକ୍ଷରୁ ମହାସପ୍ତମୀ ପୂଜା, ଭିଏସ୍ଏସ୍ ନଗର, ସକାଳ ୭ଟା ୩୦।
- ରେସିଡେଣ୍ଟସ୍ ୱେଲଫେୟାର ଆସୋସିଏଶନ୍ ପକ୍ଷରୁ ସାର୍ବଜନୀନ ଦୁର୍ଗାପୂଜା, ମହାସପ୍ତମୀ, ଶୈଳଶ୍ରୀ ବିହାର, ସକାଳ ୮ଟା।
- ଝାରପଡ଼ା ଦୁର୍ଗାପୂଜା ସମିତି ପକ୍ଷରୁ ଦୁର୍ଗାପୂଜା, ମହାସପ୍ତମୀ, ଝାରପଡ଼ା ପୂଜାମଣ୍ଡପ, ପୂର୍ବାହ୍ନ ୯ଟା ୩୬।
- ଶ୍ରୀ ଶ୍ରୀ ମହାବୀର ପୂଜା କମିଟି ନୂଆସାହି ପକ୍ଷରୁ ମହାବୀର ଦେବଙ୍କ ପୂଜା, ନୂଆସାହି ନୟାପଲ୍ଲୀ, ପୂର୍ବାହ୍ନ ୧୧ଟା।
- ସାର୍ବଜନୀନ ଦୁର୍ଗାପୂଜା ସମିତି ପୁରୁଣା ଷ୍ଟେଶନ ବଜାର ପକ୍ଷରୁ ଦୁର୍ଗା ପୂଜା, ମହାସପ୍ତମୀ, ପୂଜା ମଣ୍ଡପ, ସନ୍ଧ୍ୟା ୬ଟା।
- ସଂଘଶ୍ରୀ କ୍ଲବ୍ ପକ୍ଷରୁ ସାର୍ବଜନୀନ ଦୁର୍ଗାପୂଜା, ମହାସପ୍ତମୀ, ବେଙ୍ଗଲୀ କଲୋନୀ ଦୁର୍ଗାପୂଜା ମଣ୍ଡପ, ଲକ୍ଷ୍ମୀସାଗର, ସନ୍ଧ୍ୟା ୭ଟା।

**ଖୋର୍ଦ୍ଧା**

- ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକଙ୍କ ପୁଣ୍ୟତିଥି ପାଳନ, କେନ୍ଦ୍ର ସମବାୟ ବ୍ୟାଙ୍କ ଛକ, ପୂର୍ବାହ୍ନ ୯ଟା।



କଟକ ରାଣୀହାଟ ପୂଜାମଣ୍ଡପରେ ମା'ଙ୍କ ମୃଣ୍ମୟୀ ପ୍ରତିମାରେ ଜଣେ ଶିଳ୍ପୀ ଖଡି ପ୍ରଲେପ ଦେଉଛନ୍ତି।

## ପୋଲିସ ଏନ୍‌କାଉଣ୍ଟର ପ୍ରସଙ୍ଗ

# ଟିଂକି, ବିଶ୍ୱରଞ୍ଜନଙ୍କ ପରେ କାହା ପାଳି

**ପୁରୀ ଅଫିସ, ୨୮।୯**

- ପୋଲିସ ଛତ୍ରଛାୟା ତଳେ କାୟା ବିସ୍ତାରିଥିଲେ ୨ ଅଭିଯୁକ୍ତ
- ବାଲି ଓ ବନ୍ଧୁକ ଚୋରା ଚାଲାଣ କରୁଥିଲେ ଟିଂକି

ଗତ ୯ତାରିଖରେ ପୋଲିସର ପୃଥକ ଏନ୍‌କାଉଣ୍ଟରରେ ଆହତ ହୋଇ ଦୁଇ ଦୁର୍ଦ୍ଦାନ୍ତ ଅଭିଯୁକ୍ତ ଟିଂକି ଓରଫ ସୟାମତ ଖାଁ ଓ ବିଶ୍ୱରଞ୍ଜନ ସାହୁ ଏବେ ପୁରୀ ଜେଲରେ ଅଛନ୍ତି। ଏବେ ପୁଣି ପୋଲିସ ଆଉ କେତେଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଏନ୍‌କାଉଣ୍ଟର କରିବାକୁ ଯୋଜନା ଚଳାଇଥିବା ଶୁଣିବାକୁ ମିଳୁଛି। ତେଣୁ ଏହି ଦୁଇ ଅପରାଧୀଙ୍କ ପରେ କାହା ପାଳି ପଡ଼ିବ ତାହା ସାଧାରଣରେ ପ୍ରଶ୍ନ ହୋଇଛି।

ସୂଚନା ଅନୁଯାୟୀ, ୨୦୦୪ରେ ଅପରାଧ ଦୁନିଆରେ ପାଦ ଥାପିଥିଲେ ଟିଂକି। ସେ ନିଜର ଗ୍ୟାଙ୍ଗ ଗଢି ଆପରାଧିକ କାର୍ଯ୍ୟକଳାପ ଜାରି ରଖିଥିଲେ। ତାଙ୍କ ନାମରେ ପୁରୀ ସମେତ ଭୁବନେଶ୍ୱର, କଟକ ଓ ଗଞ୍ଜାମ ଜିଲାର ବିଭିନ୍ନ ଥାନାରେ ୨୩ଟି ମାମଲା ରହିଥିବାବେଳେ ସେ ବାଲି ଓ ବନ୍ଧୁକ ଚୋରା ଚାଲାଣରେ ଲିପ୍ତ ଥିଲେ ବୋଲି ଜଣାପଡ଼ିଛି। ସିପସରୁବାଲି, ବଳିଆପଣ୍ଡା ଅଞ୍ଚଳରୁ ଦୈନିକ ଟନ୍ ଟନ୍ ବାଲି ଚାଲାଣ କରି ଟିଂକି ଲକ୍ଷାଧିକ ଟଙ୍କା ଆଦାୟ କରୁଥିଲେ। ପୋଲିସକୁ ମୋଟା ଅଙ୍କର ବଟି ଦେଇ ସେ ନିଜ ଅପରାଧ ସାମ୍ରାଜ୍ୟର କାୟା ବିସ୍ତାର କରିଥିଲେ। ପୋଲିସ ଛତ୍ରଛାୟା ତଳେ ସୁରକ୍ଷିତ ରହି ନିଜ ଅପରାଧ ସାମ୍ରାଜ୍ୟ ଗଢିଥିବା ଟିଂକିଙ୍କ ଏନକାଉଣ୍ଟରକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ପୋଲିସର ମୋଷ୍ଟ ୱାଣ୍ଟେଡ ତାଲିକାରେ ରହିଥିବା ଟିଂକିଙ୍କୁ ଧରିବା ଲାଗି ଦୀର୍ଘଦିନ ଧରି ଜାଲ ବିଛାଯାଇଥିଲା ବୋଲି ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି। ସେହିପରି ୨୦୧୯ରେ ଅପରାଧ ଦୁନିଆରେ ପାଦ ଦେଇଥିଲେ ବିଶ୍ୱରଞ୍ଜନ। ତାଙ୍କ ନାମରେ ସଦର, ଟାଉନ, ତାଳବଣିଆ ଓ ବାସେଳିସାହି ଥାନାରେ ୫ଟି ମାମଲା ରହିଛି। ସେ ଏକ ଗ୍ୟାଙ୍ଗ ଗଢି ନିଜ କାୟା ବିସ୍ତାର ଲାଗି ଯୋଜନା କରୁଥିବାବେଳେ ପୋଲିସ ଗୁଳିରେ ଆହତ ହୋଇ ଧରାପଡ଼ିଥିଲେ।

## ଓଡ଼ିଶା ବି.ଏଡ୍ କନିଷ୍ଠ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ

**ଭୁବନେଶ୍ୱର, ୨୮।୯(ବ୍ୟୁରୋ):** ଓଡ଼ିଶା ବି.ଏଡ୍ କନିଷ୍ଠ ଶିକ୍ଷକ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି ଅଜୟ କୁମାର ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟର ବିଭିନ୍ନ ଜିଲା ଓ ବ୍ଲକରୁ ଶତାଧିକ ଶିକ୍ଷକନେତା ଯୋଗଦେଇ ସରକାରଙ୍କ ବି.ଏଡ୍ ଶିକ୍ଷକ ମାରଣ ନୀତିର ତୀବ୍ର ସମାଲୋଚନା କରିଥିଲେ। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ଅଭିରାମ ପରମହଂସ ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସରୋଜ କୁମାର ପଣ୍ଡାଙ୍କୁ ରାଜ୍ୟ ସଂଘର ସଭାପତି ଭାବେ ମନୋନୀତ କରାଯାଇଥିଲା। ସେହିପରି ରୂପେଶ କୁମାର ସାହୁଙ୍କୁ ସାଧାରଣ ସମ୍ପାଦକ, ଅକ୍ଷୟ କୁମାର ପୃଷ୍ଟିଙ୍କୁ ମହାସଚିବ, ଲଲାଟେନ୍ଦୁ ମହଲ ଓ ଅର୍ଚ୍ଚନା ଜେନାଙ୍କୁ କାର୍ଯ୍ୟକାରୀ ସଭାପତି, ପଦ୍ମଲୋଚନ ଘଡ଼େଇଙ୍କୁ ଉପସଭାପତି, ସୁଦୀପ୍ତ ପରିଡ଼ାଙ୍କୁ ଯୁଗ୍ମ ସମ୍ପାଦକ, ମକର କେତନ ସାହୁଙ୍କୁ କୋଷାଧ୍ୟକ୍ଷ, ପୂର୍ଣ୍ଣଚନ୍ଦ୍ର ଖଟୁଆଙ୍କୁ ଆବାହକ ଏବଂ ରାଖାଲ ମହାନ୍ତ, ଟି. ରାଜାରାମ ପାତ୍ର, ଭୀମସେନ ମହାରଣା, ସୁମିତ୍ରା ମହାରଣା, ସୁମନ ସାହୁଙ୍କୁ ରାଜ୍ୟ ସଂଯୋଜକ ଭାବେ ଚୟନ କରାଯାଇଥିଲା। ଏହାସହ ରାଜ୍ୟ ସଂଘର ଉପଦେଷ୍ଟା ଭାବେ ଅଜୟ କୁମାର ଧଳ, ଦେବେନ୍ଦ୍ର କୁମାର ନାୟକ, ଦୁର୍ଯ୍ୟୋଧନ ଦାସ, ଉମେଶ ଚନ୍ଦ୍ର ନାୟକ ଓ ପ୍ରଦ୍ୟୁମ୍ନ ବାରିକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସର୍ବସମ୍ମତିକ୍ରମେ ସମସ୍ତ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ହସ୍ତାନ୍ତର ପରେ, ଆଗାମୀ ଦିନରେ ଶିକ୍ଷକମାନଙ୍କ କଲ୍ୟାଣ ନିମନ୍ତେ ସଂଘ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଜୀବିତ ନାବାଳକଙ୍କୁ ମୃତ ଦର୍ଶାଇ ଗିରଫ କରିବା ଘଟଣା

# ତତ୍କାଳୀନ ଡିଏସ୍‌ପି, ଇନ୍‌ସପେକ୍ଟରଙ୍କୁ ନୋଟିସ

**ଭୁବନେଶ୍ୱର,୨୮।୯(ବ୍ୟୁରୋ)**

ଜଣେ ନାବାଳକ ଜୀବିତ ଥାଇ ତାଙ୍କୁ ମୃତ ଦର୍ଶାଇଥିଲା ବରଗଡ଼ ଜିଲା ପାଇକମାଳ ଥାନା ପୋଲିସ। ଏପରି କି ଏହି ମାମଲାର ତଦନ୍ତ ନ କରି ପୋଲିସ ଦୁଇଜଣ ଯୁବକଙ୍କୁ ଗିରଫ କରି ଅଡୁଆରେ ପଡ଼ିଥିଲା। ଏହି ମାମଲାରେ ଓଡ଼ିଶା ମାନବିକ ଅଧିକାର କମିଶନ (ଓଏଚ୍ଆର୍‌ସି) ତତ୍କାଳୀନ ବରଗଡ଼ ଡିଏସ୍‌ପି ଏଲ୍.ଏନ୍. ମହାନ୍ତି ଓ ପାଇକମାଳ ଥାନା ଅଧିକାରୀ ପି.କେ. କର୍ଣ୍ଣଙ୍କୁ ଜବାବ ରଖିବା ପାଇଁ ନୋଟିସ କରିଛନ୍ତି। କମିଶନ୍‌ର ତତ୍କାଳୀନ ସଦସ୍ୟ ବିଚାରପତି ରଘୁବୀର ଦାଶ ଗତ ଜୁନ୍ ୧୧ରେ ଏହି ଦୁଇ ଅଧିକାରୀକୁ ସେପ୍ଟେମ୍ବର ୨୬ ସୁଦ୍ଧା ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସେମାନେ ନିର୍ଦ୍ଧାରିତ ସମୟରେ ଜବାବ ରଖି ନ ଥିଲେ କିମ୍ବା ଅଧିକ ସମୟ ମାଗି ନ ଥିଲେ। ତଥାପି ସ୍ୱାଭାବିକ ନ୍ୟାୟ ପ୍ରଦାନ ପାଇଁ କମିଶନ ସଦସ୍ୟ ଅସୀମ ଅମିତାଭ ଦାସ ଜବାବ ରଖିବା ପାଇଁ ଆଉ ଥରେ ସୁଯୋଗ ଦେଇଛନ୍ତି। ଆସନ୍ତା ଅକ୍ଟୋବର ୩୦ ସୁଦ୍ଧା ଜବାବ ଦାଖଲ ପାଇଁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ପାଇକମାଳ ପିପାଲିପାଳି ଗ୍ରାମର ମନୋରଞ୍ଜନ ଦଣ୍ଡସେନାଙ୍କ ନାବାଳକ ପୁଅ ନିଖୋଜ ନେଇ ପଦ୍ମପୁର ଥାନାରେ ୨୦୧୬ ଡିସେମ୍ବର ୭ରେ ଏକ ଅଭିଯୋଗ ହୋଇଥିଲା। ତେବେ ପାଇକମାଳ ପୋଲିସ ଉକ୍ତ ନାବାଳକଙ୍କ ମୋବାଇଲ୍ ଫୋନ୍‌କୁ ଉଦ୍ଧାର କରିବା ସହ ହାଲୁ ଗୁର୍ଲା ଓ ରାଘବ ନାୟକଙ୍କୁ ଗିରଫ କରି ପଦ୍ମପୁର କୋର୍ଟରେ ହାଜର କରିଥିଲା। ପରବର୍ତ୍ତୀ ସମୟରେ ନାବାଳକଙ୍କୁ ହତ୍ୟା କରିବା ସହ ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ଏହି ଦୁଇଜଣଙ୍କ ବିରୋଧରେ ୨୦୧୭ ଅକ୍ଟୋବର ୨୨ରେ ଚାର୍ଜସିଟ୍ ଦାଖଲ କରିଥିଲା ପୋଲିସ। କିନ୍ତୁ ୨୦୧୮ ମେ ୮ ତାରିଖରେ ନିଖୋଜ ନାବାଳକ କଲିକତାରୁ ଘରକୁ ଫେରିବା ପରେ ପୋଲିସର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ହୋଇଥିଲା। ମାନବାଧିକାର କର୍ମୀ ବିଜୟ କୁମାର ପଣ୍ଡା, ଚନ୍ଦ୍ରନାଥ ଡାନି, ବିଶ୍ୱପ୍ରିୟ କାନୁନ୍‌ଗୋ ଓଏଚ୍ଆର୍‌ସିରେ ଅଭିଯୋଗ କରିଥିଲେ। କ୍ରାଇମବ୍ରାଞ୍ଚ ତଦନ୍ତ କରି କମିଶନଙ୍କୁ ୨୦୧୮ ଅକ୍ଟୋବର ୩୦ରେ ରିପୋର୍ଟ ଦେଇଥିଲେ। ରିପୋର୍ଟ ଅନୁଯାୟୀ କମିଶନ୍‌ର ତତ୍କାଳୀନ ସଦସ୍ୟ ରଘୁବୀର ଦାଶ ଥାନା ଅଧିକାରୀ ଓ ଡିଏସ୍‌ପିଙ୍କୁ ଜବାବ ରଖିବା ପାଇଁ ନୋଟିସ କରିଥିଲେ।



ଭୁବନେଶ୍ୱର ସୂଚନା ଭବନରେ ଶନିବାର ସମ୍ଭାବନା ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ସୁରସମ୍ରାଜ୍ଞୀ ସନ୍ଧ୍ୟା କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ।

## ଆଇଏମ୍ଆଇରେ ଏଚଆର କନ୍‌କ୍ଲେଭ

**ଭୁବନେଶ୍ୱର, ୨୮।୯(ବ୍ୟୁରୋ)**

ଇଣ୍ଟରନ୍ୟାଶନାଲ ମ୍ୟାନେଜମେଣ୍ଟ ଇନଷ୍ଟିଚ୍ୟୁଟ୍ ଭୁବନେଶ୍ୱର ଆନୁକୂଲ୍ୟରେ ଶନିବାର ଏଚଆର କନ୍‌କ୍ଲେଭ ଅନୁଷ୍ଠିତ ହୋଇଯାଇଛି। ଏହି କନ୍‌କ୍ଲେଭରେ 'ଅର୍ଗାନାଇଜେଶନାଲ ଏକ୍ସଲେନ୍ସ ଥ୍ରୁ ହ୍ୟୁମାନ କ୍ୟାପିଟାଲ' ବିଷୟରେ ଆଲୋଚନା ହୋଇଥିଲା। ଅନୁକମ୍ପା, ବିନମ୍ରତା ଓ ସହାନୁଭୂତି ଏଚଆର ଅଧିକାରୀଙ୍କ ନିକଟରେ ଅନ୍ତର୍ନିହିତ ହେବା ଜରୁରୀ ବୋଲି ଆଲୋଚନାରେ ମତପ୍ରକାଶ ପାଇଥିଲା। ଆଲୋଚନାରେ କ୍ରେଡିଟ ସୁଇସ୍‌ର ହେମନ୍ତ ସେଠିଆ, କୋଟାକ୍ ମହିନ୍ଦ୍ରା ବ୍ୟାଙ୍କର ବିବେକ ଜୈନ, ମଥୁଟ୍‌ର କନିଷ୍କା ଦାସ, ଡାଲମିଆର ରାଜେଶ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।

## ଧରମ୍‌ପାଲ୍ ଗୁଲାଟିଙ୍କୁ 'କିସ୍ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ସମ୍ମାନ'





ମହାଶୟ ଧରମପାଲ୍ ଗୁଲାଟିଙ୍କୁ କିସ୍ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ସମ୍ମାନ ଦିଆଯାଉଛି।

**ଭୁବନେଶ୍ୱର, ୨୮।୯(ବ୍ୟୁରୋ)**

କିସ୍ ପକ୍ଷରୁ 'କିସ୍: ଗାନ୍ଧୀ ଦର୍ଶନର ବାସ୍ତବ ପ୍ରତିଫଳନ' ଶୀର୍ଷକ ଦିନିକିଆ ଆଲୋଚନାଚକ୍ର, ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଶନିବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ତଥା ପର୍ଯ୍ୟଟନ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ପ୍ରଫେସର ଶାନ୍ତନୁ ଆଚାର୍ଯ୍ୟ, ଶିଶୁ ସାହିତ୍ୟିକ ଦାସ ବେନହୁର, ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ, କିସ୍ ଓ କିଟ୍ ସଭାପତି ଶାଶ୍ୱତୀ ବଳ, ଉପସଭାପତି ଉମାପଦ ବୋଷ ପ୍ରମୁଖ ଯୋଗଦେଇଥିଲେ। ଗାନ୍ଧିଜୀ ସର୍ବଦା କହିଥିଲେ, ସମାଜର ଅବହେଳିତଙ୍କ ଉନ୍ନତି ନିମନ୍ତେ ଶିକ୍ଷା ହିଁ ମୁଖ୍ୟ ଆୟୁଧ, ଯାହା କିସ୍‌ରେ ଆଜି ପ୍ରତିଫଳିତ ହୋଇଛି ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ ଏମ୍‌ଡିଏଚ୍ କମ୍ପାନୀର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ପଦ୍ମଭୂଷଣ ମହାଶୟ ଧରମପାଲ୍ ଗୁଲାଟିଙ୍କୁ କିସ୍ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ସଭା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ଅନୁଭବ ମହାନ୍ତିଙ୍କ ସମେତ ସମାଜର ବିଭିନ୍ନ ବର୍ଗର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

## ଦୁର୍ଘଟଣାରେ ଗୁରୁତର ୨ ଯୁବକଙ୍କ ମୃତ୍ୟୁ

# ପରିବାର ଏବେ ବେସାହାରା

- ଦୀନବନ୍ଧୁଙ୍କ ୩ ଝିଅଙ୍କ ଭବିଷ୍ୟତ ଅନ୍ଧକାର
- ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି

**ସାକ୍ଷୀଗୋପାଳ, ୨୮।୯:(ସ୍ୱ.ପ୍ର.)**

ସତ୍ୟବାଦୀ ଥାନା ଅନ୍ତର୍ଗତ ୩୧୬ ନଂ. ଜାତୀୟ ରାଜପଥର ସାକ୍ଷୀଗୋପାଳ ଓଭରବ୍ରିଜ୍ ଉପରେ ଶୁକ୍ରବାର ରାତିରେ ଏକ ସଡ଼କ ଦୁର୍ଘଟଣା ଘଟିଥିଲା। ଏଥିରେ ଗୁରୁତର ଆହତ ହୋଇଥିବା ୨ ବାଇକ୍ ଆରୋହୀଙ୍କର ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ମୃତ୍ୟୁ ହୋଇଯାଇଛି। ସେମାନେ ହେଲେ ସେବକ ସାହିର ଜ୍ଞାନରଞ୍ଜନ ଶତପଥୀ (ପାକା) ଓ ଗବପଡ଼ା ଗ୍ରାମର ଦୀନବନ୍ଧୁ ସ୍ୱାଇଁ (କାଳିଆ)। ଦୁହିଙ୍କୁ ପ୍ରଥମେ ସାକ୍ଷୀଗୋପାଳ ଡାକ୍ତରଖାନା ଓ ପରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଜ୍ଞାନରଞ୍ଜନଙ୍କର ମୃତ୍ୟୁ ହୋଇଯାଇଥିଲା। ସେହିପରି ଦୀନବନ୍ଧୁଙ୍କୁ କଟକ ବଡ ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁଇ ରୋଜଗାରିଆ ଯୁବକଙ୍କୁ ହରାଇ ସେମାନଙ୍କ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ଦୁହେଁ ନିଜ ପରିବାର ପାଇଁ ସାହାରା ଥିଲେ। ଜ୍ଞାନରଞ୍ଜନଙ୍କ ବିୟୋଗରେ ବେସାହାରା ହୋଇପଡ଼ିଥିବା ତାଙ୍କ ବୃଦ୍ଧ ବାପା ସତ୍ୟ ନାରାୟଣ ଶତପଥୀ ଓ ବୃଦ୍ଧା ମାତାଙ୍କ ଆଖିରୁ ଲୁହ ଶୁଖୁନାହିଁ। ସେହିପରି ଦୀନବନ୍ଧୁଙ୍କ ବିଧବା ମା' ବୁଦ୍ଧି ସ୍ୱାଇଁ (୭୯) ଦୀର୍ଘଦିନ ହେଲା ପକ୍ଷାଘାତ ରୋଗରେ ଆକ୍ରାନ୍ତ ଥିବାବେଳେ ଏବେ ପୁତ୍ରହରା ଦୁଃଖ ତାଙ୍କୁ ବେଶି କଷ୍ଟ ଦେଉଛି। ଦୀନବନ୍ଧୁଙ୍କ ସ୍ତ୍ରୀ ମିଳି (୩୫)ଙ୍କୁ ଏବେ ପରିବାର ଚିନ୍ତା ଘାରିଛି। କିପରି ପରିବାର ଚଳାଇବେ ଓ ୩ ଝିଅଙ୍କୁ ପାଠ ପଢାଇ ମଣିଷ କରିବେ ସେହି ଚିନ୍ତା କରି ନ ଖାଇ ନ ପିଇ ବିଛଣାରେ ପଡ଼ିରହିଛନ୍ତି। ନବମ ଶ୍ରେଣୀରେ ପଢୁଥିବା ବଡଝିଅ ମିତାଲିଙ୍କ ସମେତ ଅନ୍ୟ ଦୁଇ ଝିଅ ମାମାଲି (୭) ଏବଂ ରୂପାଲି (୪)ଙ୍କ ଭବିଷ୍ୟତ ଏବେ ଅନ୍ଧକାର ଆଡ଼କୁ ଠେଲି ହୋଇଯାଇଛି। ସାନ ଝିଅ ଦୁହେଁ କିଛି ବୁଝି ନ ପାରି ବାପାଙ୍କ ଫେରିବା ବାଟକୁ ଚାହିଁ ବସିଛନ୍ତି। ଏହି ଦୁଇ ଗରିବ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ସହ ୩ ଝିଅଙ୍କ ପାଠପଢା ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ରାଜ୍ୟସ୍ତରୀୟ ଆଇନ ସାକ୍ଷରତା ମହୋତ୍ସବ

# କେନ୍ଦୁଝରର ଡାଲ୍‌ସାକୁ ଶ୍ରେଷ୍ଠ ପୁରସ୍କାର

**କଟକ ଅଫିସ, ୨୮।୯**

ଓଡ଼ିଶା ଜୁଡିସିଆଲ୍ ଏକାଡେମୀରେ ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ଶନିବାର ରାଜ୍ୟସ୍ତରୀୟ ଆଇନ ସାକ୍ଷରତା ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ କେନ୍ଦୁଝର ଜିଲା ଆଇନସେବା ପ୍ରାଧିକରଣ(ଡାଲ୍‌ସା)କୁ ଶ୍ରେଷ୍ଠ ଜିଲା ଆଇନସେବା ପ୍ରାଧିକରଣ ଓ ବଲାଙ୍ଗୀର ମହିମୁଣ୍ଡର ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଶ୍ରେଷ୍ଠ ଆଇନ ସାକ୍ଷରତା କ୍ଲବ୍ ଭାବେ ପୁରସ୍କୃତ କରାଯାଇଛି। ସେହିପରି କେନ୍ଦ୍ରାପଡ଼ା ସରକାରୀ ବାଳିକା ବିଦ୍ୟାଳୟ ଦ୍ୱିତୀୟ ଓ କୋରାପୁଟ ଜିଲା ଜୟପୁର ସିଟି ହାଇସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲା। ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷ ତଥା ହାଇକୋର୍ଟ ବିଚାରପତି ସଞ୍ଜୁ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀ ଓ ସଫଳତା ହାସଲ କରିଥିବା ପ୍ରାଧିକରଣର ସଦସ୍ୟମାନଙ୍କୁ ପୁରସ୍କୃତ କରିଥିଲେ। ଉତ୍ସବରେ ଶ୍ରେଷ୍ଠ ପାରାଲିଗାଲ ଭଲେଣ୍ଟିୟର ଭାବେ କଟକ ଜିଲାର ବିଭୂତି କୁମାର ରାୟ, ଶ୍ରେଷ୍ଠ ପ୍ୟାନେଲ ଆଇନଜୀବୀ ଭାବେ କେନ୍ଦୁଝରର ତାରିଣୀ ପ୍ରସାଦ ପୋଥାଳ ଓ କଟକ ଜିଲାର ଶ୍ରେଷ୍ଠ ଆଇନଜୀବୀ ଭାବେ ବିଜୟ କୁମାର ପଣ୍ଡାଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ କଳା ପ୍ରତିଯୋଗିତା ହୋଇଥିଲା। ଏଥିରେ ବରଗଡ଼ କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ର ହିତାଂଶୁ ଶେଖର ପ୍ରଧାନ ପ୍ରଥମ, ବାଲେଶ୍ୱର ଟାଉନ ହାଇସ୍କୁଲ ଛାତ୍ରୀ ବିନ୍ଦୁ ସୁକେଶିନି ଦାଶ ଦ୍ୱିତୀୟ ଓ କଟକ କାଜିବଜାର ସରକାରୀ ବାଳିକା ବିଦ୍ୟାଳୟ ଛାତ୍ରୀ ସାବିତ୍ରୀ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରବନ୍ଧ ପ୍ରତିଯୋଗିତାରେ ବଲାଙ୍ଗୀର ମୁରିବାହାଲସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ର ସୌରଭ କୁମାର ପାଣିଗ୍ରାହୀ ପ୍ରଥମ, ପୁରୀ ବଳଗଣ୍ଡି ହାଇସ୍କୁଲ ଛାତ୍ର କୌଶିକ ମିଶ୍ର ଦ୍ୱିତୀୟ ଏବଂ ଫୁଲବାଣୀ ତୁଡ଼ିପାଜୁସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ଛାତ୍ରୀ ସମୀକ୍ଷା ମହାନ୍ତି ତୃତୀୟ ସ୍ଥାନ ହାସଲ କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ପୁରୀ ଜିଲା ସ୍କୁଲ ଛାତ୍ରୀ ସ୍ୱର୍ଣ୍ଣପ୍ରଭା ପଣ୍ଡା ପ୍ରଥମ, ଦେବଗଡ଼ର ବୁଢ଼ାପାଲ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଈପ୍‌ସିତା ପ୍ରଧାନ ଦ୍ୱିତୀୟ ଓ ବଲାଙ୍ଗୀର ମୁରିବାହାଲ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ଅଭିଜିତ ଖମାରୀ ତୃତୀୟ ସ୍ଥାନ ରଖି ପୁରସ୍କୃତ ହୋଇଥିଲେ। ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ସଚିବ ଦେବାଶିଷ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ହାଇକୋର୍ଟ ବିଚାରପତି ବିଆର୍ ଷଡ଼ଙ୍ଗୀ, ଜଷ୍ଟିସ୍ ଏସ.କେ. ସାହୁ ଯୋଗଦେଇଥିଲେ।



# ଅଳ୍ପ ବୟସରୁ ମେଦବହୁଳତା ଓ ହୃଦ୍‌ରୋଗ







ପ୍ରଫେସର ଡା. ରମାରମଣ ଷଡ଼ଙ୍ଗୀ

**ସମସ୍ତଙ୍କର ଧାରଣା ଯେ, ପାଶ୍ଚାତ୍ୟ ଦେଶରେ ବେଶି ମୋଟାପଣିଆ ଦେଖାଯାଏ। କିନ୍ତୁ ବର୍ତ୍ତମାନ ଭାରତ ମୋଟାପଣିଆର ଗନ୍ତାଘର ପାଲଟିଯାଇଛି। ବିଶେଷଭାବରେ ସାରା ବିଶ୍ୱର ସବୁ ଦେଶ ଅପେକ୍ଷା ଭାରତରେ ହିଁ ଅଳ୍ପ ବୟସରେ ମେଦବହୁଳଙ୍କ ସଂଖ୍ୟା ବଢ଼ିଚାଲିଛି– ଯାହାକି ହୃଦ୍‌ରୋଗ ଭଳି ଗୁରୁତର ସ୍ୱାସ୍ଥ୍ୟଜନିତ ଜଟିଳତା ସୃଷ୍ଟି କରୁଛି...**

ବର୍ତ୍ତମାନ ଶାରୀରିକ ପରିଶ୍ରମର ଅଭାବ, ଅସନ୍ତୁଳିତ ଖାଦ୍ୟାଭ୍ୟାସଠାରୁ ଆରମ୍ଭ କରି ଅନେକ କାରଣରୁ ଆମ ଦେଶରେ ଅଳ୍ପ ବୟସରୁ ଅନେକଙ୍କଠାରେ ମେଦବହୁଳତା ରୋଗ ଦେଖିବାକୁ ମିଳୁଛି। ଓଜନ ବେଶି ହେବାରୁ ଭବିଷ୍ୟତରେ ମଧୁମେହ ରୋଗ, ଉଚ୍ଚ ରକ୍ତଚାପ ଏବଂ ରକ୍ତରେ ଚର୍ବିର ଆଧିକ୍ୟ ବା ହାଇ କୋଲେଷ୍ଟରଲ ରୋଗର ଆଶଙ୍କା ବୃଦ୍ଧି ପାଉଛି। ବେଳେବେଳେ ଏସବୁ ରୋଗ ଅଳ୍ପ ବୟସ୍କଙ୍କଠାରେ ବି ଦେଖିବାକୁ ମିଳୁଛି, ଯାହାକି ପରବର୍ତ୍ତୀ ସମୟରେ ହୃଦ୍‌ରୋଗର କାରଣ ସାଜୁଛି।

ଅନେକଙ୍କର ଓଜନ କିଛି କେ.ଜି. ବଢ଼ିଗଲେ ମଧ୍ୟ ସେମାନେ ବେଶି ମୋଟା ହୁଅନ୍ତି ନାହିଁ। କେତେଙ୍କର ଶରୀର ସାଧାରଣ ଫ୍ରେମ୍‌ଠାରୁ ବଡ଼ ଫ୍ରେମ୍‌ର ଥାଏ। ଏହାଛଡ଼ା ବର୍ଦ୍ଧନଶୀଳ ବୟସ ସହ ବିଭିନ୍ନ ପର୍ଯ୍ୟାୟରେ ଶରୀରରେ ଅଲଗା ଅଲଗା ଚର୍ବି ଗଚ୍ଛିତ ହୋଇଥାଏ। ତେଣୁ ବଢୁଥିବା ଓଜନ କେତେ କ୍ଷତିକାରକ, ତାହା ସହଜରେ ଜାଣିହୁଏ ନାହିଁ ଏବଂ କେବେକେବେ ଏହା ଜଟିଳ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ତେଣୁ ଏହାକୁ ଜାଣିବା ଲାଗି ଡାକ୍ତରଙ୍କ ପରାମର୍ଶ କ୍ରମେ ବୟସ, ଓଜନ ଓ ଉଚ୍ଚତାର ମାପକାଠି ଅର୍ଥାତ୍ ବଡିମାସ୍ ଇଣ୍ଡେକ୍ସ ନିଆଯାଇ ରକ୍ତ ପରୀକ୍ଷା କରାଯାଏ।

**କାରଣ :**

**୧– ଜୀବନଶୈଳୀ :**ବର୍ତ୍ତମାନ ଅନେକଙ୍କର ଜୀବନଶୈଳୀ ହିଁ ସେମାନଙ୍କଠାରେ ବିଭିନ୍ନ ରୋଗର ମୁଖ୍ୟ କାରଣ। ବ୍ୟାୟାମ ନ କରି ଅଳ୍ପ ପରିଶ୍ରମ କରିବା ସହ ଉଚ୍ଚ କ୍ୟାଲୋରିଯୁକ୍ତ ଖାଦ୍ୟ ଖାଇବା, ମୃଦୁ ପାନୀୟ ପିଇବା ଦ୍ୱାରା ମେଦ ବୃଦ୍ଧି ହେଉଛି, ଯାହାକି ପରବର୍ତ୍ତୀ ସମୟରେ ହୃଦ୍‌ରୋଗ ଆଶଙ୍କା ବୃଦ୍ଧି କରୁଛି।

**୨– ଖାଦ୍ୟ :**ଘରୋଇ ସନ୍ତୁଳିତ ଆହାର ଗ୍ରହଣ ନ କରି ବର୍ତ୍ତମାନ ଅଧିକାଂଶ ନିୟମିତ ଭାବରେ ଉଚ୍ଚ କ୍ୟାଲୋରିଯୁକ୍ତ ଖାଦ୍ୟ ଯଥା– ଫାଷ୍ଟଫୁଡ୍ ଓ ଜଙ୍କ୍‌ଫୁଡ୍, ବାହାରେ ମିଳୁଥିବା ଛଣାଛଣି, ସ୍ନାକ୍ସ, ଆଇସକ୍ରିମ୍ ଆଦି ଖାଇବାକୁ ବେଶି ପସନ୍ଦ କରୁଛନ୍ତି, ଯାହା ଓଜନ ବୃଦ୍ଧି ସହ ବିଭିନ୍ନ ରୋଗର ମୁଖ୍ୟ କାରଣ।

**୩– ବ୍ୟାୟାମର ଅଭାବ :**ଦିନ ଥିଲା ଫାଙ୍କା ସମୟ ମିଳିବାମାତ୍ରେ ପିଲାମାନେ ବାହାରେ ଖେଳକୁଦ କରୁଥିଲେ। ହେଲେ ବର୍ତ୍ତମାନ ଭିଡିଓ ଗେମ୍‌ଠୁ ଆରମ୍ଭ କରି ବିଭିନ୍ନ ଇନ୍‌ଡୋର ଗେମ୍ ଖେଳିବା ସହ ଖାଉଛନ୍ତି। ଫଳରେ ଶାରୀରିକ ବ୍ୟାୟାମ ଆଦୌ ହେଉନାହିଁ। ଏଣୁ କ୍ୟାଲୋରି ଖର୍ଚ୍ଚ ନ ହୋଇ ମେଦ ବୃଦ୍ଧି ହେଉଛି। କେବଳ ଏତିକି ନୁହେଁ; ମୋବାଇଲ୍, କମ୍ପ୍ୟୁଟର ଆଦିର ଦୀର୍ଘ ବ୍ୟବହାର ବି ଏଥିପାଇଁ ଦାୟୀ।

**୪– ପରିବାରରେ ମୋଟାପଣିଆ :** ଯାହାର ପରିବାରରେ ମା'ବାପା, ଜେଜେବାପା, ଜେଜେମା, ଅଜା, ଆଈ ବା ଅନ୍ୟ ଭାଇଭଉଣୀମାନେ ମୋଟା ଥା'ନ୍ତି, ସେମାନଙ୍କଠାରେ ବଂଶଗତ ମୋଟାପଣିଆ ଦେଖାଯାଏ।

**୫– ମାନସିକ କାରଣ :**ଅନେକେ ବିଭିନ୍ନ କାରଣରୁ ମାନସିକ ଚାପ ଭିତରେ ଥାଆନ୍ତି। ଏହାସହ ଭାବପ୍ରବଣତା ଓ ବିରକ୍ତି ଭାବକୁ ଏଡାଇବାକୁ ଯାଇ ଆବଶ୍ୟକତାଠାରୁ ଅଧିକ ଖାଇଦିଅନ୍ତି, ଯାହାକି ମେଦବୃଦ୍ଧି କରି ବିଭିନ୍ନ ରୋଗ ଉପୁଜାଇଥାଏ।

**ଜଟିଳତା :**ଏମାନଙ୍କର ଶାରୀରିକ, ମାନସିକ ଓ ସାମାଜିକ ସ୍ତରରେ ଅନେକ ଜଟିଳତା ଦେଖାଦେଇଥାଏ।

**ଶାରୀରିକ ଜଟିଳତା :**

୧– **ଟାଇପ୍–୨ ମଧୁମେହ ରୋଗ:** ଆଦୌ କାମ ନ କରି କେବଳ ବସି ବସି ପାଠ ପଢ଼ିବା, ଭିଡିଓ ଗେମ୍ ଖେଳିବା, କମ୍ପ୍ୟୁଟର, ଟିଭି ଦେଖିବା ଯୋଗୁଁ ଟାଇପ୍–୨ ମଧୁମେହ ରୋଗ ହେବାର ଆଶଙ୍କା ବଢ଼ିଯାଏ।

**୨– ମେଟାବୋଲିକ୍ ସିଣ୍ଡ୍ରୋମ୍:** ମୋଟା ହେବା ଯୋଗୁ ଅଳସୁଆ ହେଲେ, ଭବିଷ୍ୟତରେ ହୃଦ୍‌ରୋଗ, ମଧୁମେହ ରୋଗ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜିଥାଏ। ଏହାଦ୍ୱାରା ଉଚ୍ଚ ରକ୍ତଚାପ, ରକ୍ତରେ ଶର୍କରା ଓ ଚର୍ବିର ଆଧିକ୍ୟ ବିଶେଷ ଭାବରେ (ଏଲଡିଏଲ) କୋଲେଷ୍ଟରଲ ହେଲେ ଏହାର କମ୍ ଅନୁପାତ (କମ୍ ଏଚ୍‌ଡିଏଲ) ତଥା ପେଟରେ ଚର୍ବି ଜମିଯିବା ଭଳି ଜଟିଳତା ଦେଖାଦେଇଥାଏ।

**୩– ଉଚ୍ଚ ରକ୍ତଚାପ ଓ କୋଲେଷ୍ଟରଲର ଆଧିକ୍ୟ:** ଯଦି ଖାଦ୍ୟ ପଦାର୍ଥ ସ୍ୱାସ୍ଥ୍ୟକର ହୋଇ ନ ଥାଏ, ତେବେ ଉଚ୍ଚ ରକ୍ତଚାପ ଓ କୋଲେଷ୍ଟରଲ ବଢ଼ିଯିବା ଭଳି ଅସୁବିଧା ହୋଇଥାଏ । ଏହାଦ୍ୱାରା ଧମନୀର ଭିତରପଟ କାନ୍ଥରେ ଚର୍ବିଅଂଶ ଜମିଯିବାରୁ ଧମନୀ ସରୁ ଓ ଟାଣ ହୋଇଯାଏ। ଏଥିପାଇଁ ହୃଦ୍‌ଘାତ ଓ ମସ୍ତିଷ୍କାଘାତ ହୋଇଥାଏ।

**୪– ଶ୍ୱାସରୋଗ:** ମେଦବୃଦ୍ଧି ହେଲେ ଶ୍ୱାସରୋଗର ଆଶଙ୍କା ବଢ଼ିଥାଏ।

**୫– ନିଦ୍ରାଗତ ବିଶୃଙ୍ଖଳା:** ପ୍ରତିରୋଧକ ନିଦ୍ରାଗତ ବିଶୃଙ୍ଖଳା ହୋଇ ଶ୍ୱାସରୁଦ୍ଧ ହେବା (ଅବଷ୍ଟ୍ରକଟିଭ୍ ସ୍ଲିପ୍ ଆପିଆ) ଗୋଟିଏ ଗୁରୁତର ରୋଗ, ଯେଉଁଥିରେ ଶ୍ୱାସନଳୀ ବାରମ୍ବାର ବନ୍ଦ ହୋଇଯାଏ ଏବଂ ନିଦରେ ଶୋଇଥିବା ବେଳେ ଏହା ଖୋଲିଯାଏ।

**୬– ନନ୍ ଆଲ୍‌କୋହଲିକ୍ ଫ୍ୟାଟି ଲିଭର ଡିଜିଜ୍:** ଏହି ରୋଗର କୌଣସି ଲକ୍ଷଣ ନଥିଲେ ମଧ୍ୟ ଏହା ଯକୃତରେ ଚର୍ବି ଜମିବାରେ ସାହାଯ୍ୟ କରେ । ଜମାଟବନ୍ଧା ଚର୍ବି ଯକୃତ ବା ଲିଭରରେ କ୍ଷତ ସୃଷ୍ଟିକରି ଲିଭରକୁ ନଷ୍ଟ କରିଦିଏ।

**ସାମାଜିକ ଓ ମାନସିକ ଜଟିଳତା :**

ଅନେକଙ୍କୁ ମୋଟାପଣ ପାଇଁ ବେଶୀ ଥଟ୍ଟା ଓ ତାଚ୍ଛିଲ୍ୟପରାର ସମ୍ମୁଖୀନ ହେବାକୁ ପଡିଥାଏ। ଫଳରେ ସେମାନେ ନିଜ ଉପରୁ ଆତ୍ମସମ୍ମାନ ଓ ଆତ୍ମବିଶ୍ୱାସ ହରାଇବା ସହ ସବୁବେଳେ ଉଦ୍‌ବେଗ ଜନିତ ଅବସ୍ଥାରେ ରହିଥାନ୍ତି। କେବେକେବେ ଏଥିପାଇଁ ସେମାନେ ଅବସାଦ ଗ୍ରସ୍ତ ହୋଇପଡନ୍ତି ଏବଂ ସେମାନଙ୍କଠାରେ ହୃଦ୍‌ରୋଗ ଆଙ୍କା ବଢ଼ିଥାଏ।

**ପ୍ରତିଷେଧକ ବ୍ୟବସ୍ଥା:**

– ଅଧିକ ମିଠା, ତେଲମସଲାଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ୍ ନ ଖାଇ ସନ୍ତୁଳିତ ଖାଦ୍ୟାଭ୍ୟାସ କରନ୍ତୁ। ପ୍ରଚୁର ପାଣି ପିଅନ୍ତୁ।

– ଖାଇବା ସମୟରେ ମୋବାଇଲ, ଟିଭି ଆଦି ଦେଖନ୍ତୁ ନାହିଁ।

– ଶାରୀରିକ ବ୍ୟାୟାମ କରନ୍ତୁ ଏବଂ ଆବଶ୍ୟକ ମାତ୍ରାରେ ଶୋଇବାକୁ ଚେଷ୍ଟା କରନ୍ତୁ।

– ଅଳ୍ପ ବୟସରେ ମେଦବୃଦ୍ଧି ହେଉଥିଲେ ଡାକ୍ତରଙ୍କ ପରାମର୍ଶକ୍ରମେ ମଝିରେ ମଝିରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇନିଅନ୍ତୁ।

–ହୃଦ୍‌ବକ୍ଷ ଶଲ୍ୟ ବିଶେଷଜ୍ଞ
ମୋ– ୯୪୩୭୦୫୫୦୦୭

## ଏ ସପ୍ତାହର ପ୍ରଶ୍ନ

୧– 'ଗାର୍ଲ ପାୱାର: ଇଣ୍ଡିଆନ୍ ଓମେନ୍ ହୁ ବ୍ରୋକ୍ ଦ ରୁଲ୍‌ସ' ପୁସ୍ତକ ........... ଲେଖିଛନ୍ତି ?
୨– ମେନ୍ସ ୱାର୍ଲ୍ଡ ବକ୍ସିଂ ଚାମ୍ପିୟନ୍‌ଶିପ୍‌ର ଫାଇନାଲ୍‌କୁ ଯାଇଥିବା ପ୍ରଥମ ଭାରତୀୟ ବକ୍ସର୍......... ?
୩– ଇଣ୍ଟରନ୍ୟାଶନାଲ୍ ଡେ ଅଫ୍ ସାଇନ୍ ଲାଙ୍ଗୁଏଜ୍ ୨୦୧୯ର ଥିମ୍ ..............?
୪– ପୃଥିବୀର ପ୍ରଥମ ଓଟ ଚିକିତ୍ସାଳୟ......... ଠାରେ ପ୍ରତିଷ୍ଠା କରାଯାଇଛି ?
୫– ଭାରତୀୟ ବାୟୁସେନାର ନୂଆ ମୁଖ୍ୟ ଭାବେ......... ଯୋଗ ଦେଇଛନ୍ତି ?

## ଗତ ଥରର ଉତ୍ତର

୧ ଏ ସଙ୍ଗ୍ ଅଫ୍ ଆଇସ୍ ଆଣ୍ଡ ଫାୟାର
୨ ସାଗରମଥା
୩ ତାମିଲନାଡୁ
୪ ଦିଲ୍ଲୀ
୫ ଡା. ଖ୍ରୀଷ୍ଟିଆନ୍ ବର୍ନାର୍ଡା

## ଉତ୍ତର ଦାତା



ସହିଦ କୁମାର ବେହେରା
ଢେଙ୍କାନାଳ



ରୋହିତ କୁମାର ଦାସ
ଯାଜପୁର



ସୁପ୍ରିୟା ବେହେରା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସବୁଠୁ ଦାମୀ ଘର–୨୦୧୯

| | |
|---|---|
| ୧– ଆଣ୍ଟିଲା | ୧ ବିଲିଅନ୍ ଡଲାର |
| ୨– ଭିଲା ଲିଓପୋଲ୍ଡା | ୭୩୬ ମିଲିଅନ୍ ଡଲାର |
| ୩– ଫାୟାରଫିଲ୍ଡ ପଣ୍ଡ୍ | ୧୯୮ ମିଲିଅନ୍ ଡଲାର |
| ୪– ଦି ହାର୍ଷ୍ଟ ମାନସନ୍ | ୧୬୫ ମିଲିଅନ୍ ଡଲାର |
| ୫– ଫ୍ରାଞ୍ଜକ୍ ଭିଲା | ୧୬୧ ମିଲିଅନ୍ ଡଲାର |
| ୬– ଦି ପିନାକ୍ଲ | ୧୫୫ ମିଲିଅନ୍ ଡଲାର |
| ୭– ଦି ମାନର୍ | ୧୫୦ ମିଲିଅନ୍ ଡଲାର |
| ୮–ଫ୍ଲର୍ ଡି ଲିସ୍ | ୧୨୫ ମିଲିଅନ୍ ଡଲାର |
| ୯– ସିଲିକନ୍ ଭ୍ୟାଲି ମାନସନ୍ | ୧୦୦ ମିଲିଅନ୍ ଡଲାର |
| ୧୦– ରିବୋଲୋଭେଭ୍ ଇଷ୍ଟେଟ୍ | ୯୫ ମିଲିଅନ୍ ଡଲାର |

ଅଭୁଲା ଅନୁଭୂତି

# କେମିତି ଦେହରେ ଜୋସ୍ ଆସିଲା ଜାଣିନି



ଅମରେନ୍ଦ୍ର ନାରାୟଣ ଷଡ଼ଙ୍ଗୀ
ଅବସରପ୍ରାପ୍ତ ପ୍ରାଧ୍ୟାପକ ଓ ଅଧ୍ୟକ୍ଷ

ପିଲାଦିନ ସତରେ କେଡ଼େ ସୁନ୍ଦର ! ମନେପଡୁଛି, ସେତେବେଳେ ପଞ୍ଚମ ଶ୍ରେଣୀରେ ପଢୁଥାଏ। ଖରାଦିନ ସକାଳୁଆ କ୍ଲାସ୍ ସାରି ଘରକୁ ଚାଲିଆସେ ଏବଂ ପୁଣିଥରେ ୨ଟା ବେଳେ ସ୍କୁଲକୁ ଯାଏ। କାରଣ ପ୍ରଧାନଶିକ୍ଷକ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଲାଗି ଆମ କେତେଜଣଙ୍କୁ ବାଛି ଥାଆନ୍ତି ଏବଂ ସ୍କୁଲ୍ ଛୁଟି ପରେ ଆମକୁ ପୁନର୍ବାର ପଢ଼ାଇଥାନ୍ତି। ପ୍ରତିଦିନ ଆମେ ସ୍କୁଲ୍ ଛୁଟି ପରେ ଘରୁ ଖାଇପିଇ ପୁଣି ଆସିବା ବେଳକୁ ସାର୍ ନିଘୋଡ଼ ଦିନରେ ଶୋଇ ଘୁଙ୍ଗୁଡି ମାରୁଥା'ନ୍ତି। ତେଣୁ ସେ ଉଠିବା ପର୍ଯ୍ୟନ୍ତ ପାଖାପାଖି ଏକ ଘଣ୍ଟା ଆମକୁ ଖେଳକୁଦ କରିବାକୁ ସମୟ ମିଳିଯାଏ। ଥରେ ଏଇ ଖେଳକୁଦ ଭିତରେ ହଠାତ୍ ଅଭିନୟ କରିବା ପାଇଁ ମନ ବଳିଲା। ଗାଁରେ ଅପେରାଦେଖା ଅନୁଭୂତିରୁ ପିଲାଳିଆ ଭାବନାରେ ଛୋଟିଆ ନାଟକଟିଏ ଲେଖିଲି। ଆଉ ପ୍ରତିଦିନ ଏହି ଫାଙ୍କା ସମୟରେ ନ ଖେଳି ସାଙ୍ଗମାନଙ୍କୁ ଶିଖାଇ ଧୁମ୍ ରିହର୍ସାଲ କଲୁ। ଯଦିଓ ସେହି ନାଟକ କେଉଁଠି ମଞ୍ଚସ୍ଥ ହେବାର ସମ୍ଭାବନା ନ ଥିଲା, ତଥାପି ସାଙ୍ଗମାନଙ୍କ କରତାଳିରେ ନିଜକୁ ବଡ଼ ନାଟ୍ୟକାର, ନିର୍ଦ୍ଦେଶକ ଓ ଅଭିନେତା ଭାବି ୫ମ ଶ୍ରେଣୀ ଛାତ୍ରଟିର ଛାତି ଫୁଲି ଉଠୁଥିଲା। ନାଟକ କରିବାର ସେଇ ପ୍ରଥମ ପିଲାଳିଆ ନିଶାର ପୁଲକ ହିଁ ମୋତେ ପରବର୍ତ୍ତୀ ଜୀବନରେ ମଞ୍ଚଶିଳ୍ପୀ ହେବା ପାଇଁ ପ୍ରେରିତ କରିଥିଲା। ଇତିମଧ୍ୟରେ କିଛି ବର୍ଷ ବିତିଗଲା। କଲେଜ ଜୀବନରେ ଅନେକ ମଞ୍ଚରେ ଅଭିନୟ କରିବାର ସୁଯୋଗ ମିଳିଲା। ଅନେକ ପୁରସ୍କାର ମଧ୍ୟ ପାଇଲି। ଥରେ ଜଣେ ନାଟୁଆ ସାଙ୍ଗର ଅକାଳ ମୃତ୍ୟୁଖବର ମିଳିଲା ଏବଂ ତା' ସ୍ମୃତିରେ 'କୃଷ୍ଣଚନ୍ଦ୍ର ମେମୋରିଆଲ୍ କ୍ଲବ୍' କରି ଅନେକ ନାଟକ ପରିବେଷଣ କଲି। ହେଲେ 'ସଂଗୀତା' ନାଟ୍ୟ ସଂସ୍ଥାରେ ଯୋଗ ଦେବା ପରେ ମୋତେ ଅଭିନୟ ଜୀବନର ବାସ୍ତବ ସନ୍ତୋଷ ମିଳିଲା।

ଦିନକର ଘଟଣା। ତାଳଚେରରେ ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତାରେ ନାଟକ 'ଈଶ୍ୱର ଫେରିଯାଅ' ମଞ୍ଚସ୍ଥ ହେବାର ଥାଏ। ମୋର ଏଥିରେ ମୁଖ୍ୟ ଚରିତ୍ର, ଏଣେ ମୋତେ ୧୦୪ ଜ୍ୱର। ଦେହ ଥରୁଥାଏ। ନିର୍ଦ୍ଦେଶକ ଗୋପାଳ ଦେ' ମୋତେ ପଚାରିଲେ– ଅଭିନୟ କରିପାରିବ ତ ? ମାନସିକ ସ୍ତରରେ ଦୃଢ଼ ହୋଇ 'ହଁ' କହି ମଞ୍ଚକୁ ଓହ୍ଲାଇଲି। ଏକାଥରେ ମଞ୍ଚରେ ୧ ଘଣ୍ଟା ୧୫ ମିନିଟ୍‌ର ଅଭିନୟ। କେମିତି ଦେହରେ ଜୋସ୍ ଆସିଲା ଜାଣିନି। ନାଟକ ସରି ପରଦା ପଡ଼ିବା ବେଳକୁ ମୁଁ ଏକରକମ ମୂର୍ଚ୍ଛା ଯିବା ଉପରେ। ହେଲେ ଉଦ୍ୟମ ବ୍ୟର୍ଥ ଗଲାନି, ଆମ ନାଟକ ଶ୍ରେଷ୍ଠ ବିବେଚିତ ହେଲା ଏବଂ ମୁଁ ଶ୍ରେଷ୍ଠ ଅଭିନେତା ଭାବେ ପୁରସ୍କୃତ ହେଲି। ଅଭିନୟ, ନିର୍ଦ୍ଦେଶନା ପାଇଁ ବହୁ ପୁରସ୍କାର ଓ ପ୍ରଶଂସା ପାଇଛି, ହେଲେ ସେଦିନ ପୁରସ୍କାର ପାଇବାର ମୁହୂର୍ତ୍ତ ମୋ' ଜୀବନର ଅଭୁଲା ସ୍ମୃତି।

# ମୋବାଇଲ ଧରୁଥିଲେ..

ଯୁ | ଥ୍ | ଆ | ଲ | ର୍ଟ






**ବର୍ତ୍ତମାନ ସମୟରେ ମୋବାଇଲ ସମସ୍ତଙ୍କ ଲାଗି ଏକ ଅତ୍ୟାବଶ୍ୟକ ଉପକରଣ ପାଲଟିଯାଇଛି। କେବଳ ଯୋଗାଯୋଗ ଲାଗି ନୁହେଁ ନିଜର ଫଟୋ, ଭିଡିଓ, ସାର୍ଟିଫିକେଟ୍, ବ୍ୟାଙ୍କ ଡିଟେଲ୍ ଭଳି ବିଭିନ୍ନ ପର୍ସନାଲ୍ ଡାଟା ଠାରୁ ଆରମ୍ଭ କରି ଅଫିସିଆଲ ଡାଟା ପର୍ଯ୍ୟନ୍ତ ସବୁକିଛି ଷ୍ଟୋର କରି ରଖି ହେଉଛି। ହେଲେ କେବେ କେବେ ଫୋନ୍ ହଜିବା କିମ୍ବା ଚୋରି ହେବା ଆଶଙ୍କା ବି ଥାଏ। ତେଣୁ କେତେକ ଦିଗ ପ୍ରତି ଦୃଷ୍ଟି ଦିଅନ୍ତୁ...**

❖ପ୍ରଥମ କଥା ହେଉଛି ମୋବାଇଲ ଫୋନ ନ ହଜିବା କିମ୍ବା ଚୋରି ନ ହେବା ଲାଗି ବାହାରକୁ ଯିବା ବେଳେ ଏହାକୁ ବ୍ୟାଗ୍ କିମ୍ବା ପକେଟ୍‌ରେ ଏପରି ରଖନ୍ତୁ ଯେପରି ହଠାତ୍ କାହା ନଜରକୁ ନ ଆସେ।

❖ଦ୍ୱିତୀୟ କଥା ହେଉଛି ଫୋନ୍ ଆପଣଙ୍କର ଯେତେ ପର୍ସନାଲ୍ ହେଉ ନା କାହିଁକି, ଏଥିରେ ଏଭଳି କିଛି ଡାଟା ଷ୍ଟୋର କରି ରଖନ୍ତୁ ନାହିଁ ଯାହାକି ଅନ୍ୟ ହାତରେ ଲାଗିଲେ ତାହାର ଅପବ୍ୟବହାର ଆପଣଙ୍କୁ ଅସୁବିଧାରେ ପକାଇପାରିବ।

❖ମୋବାଇଲ ଫୋନ୍‌କୁ ପାସ୍‌ୱାର୍ଡ ପ୍ରୋଟେକ୍ଟେଡ୍ ରଖନ୍ତୁ। ଏଥିପାଇଁ ଆପଣ ସିକ୍ୟୁରିଟି କୋଡ୍, ପାଟର୍ନ ହେଉ କିମ୍ବା ଫିଙ୍ଗରପ୍ରିଣ୍ଟ ଲକ୍ ସିଷ୍ଟମର ସୁବିଧା ନେଇପାରିବେ।

❖ଫୋନ୍‌ରେ କ୍ରେଡିଟ୍ କାର୍ଡ, ପାସ୍‌ୱାର୍ଡ, ଫଟୋ କିମ୍ବା ଅନ୍ୟାନ୍ୟ ମହତ୍ତ୍ୱପୂର୍ଣ୍ଣ ଡାଟା ରଖିବା ନିହାତି ଜରୁରି ଥିଲେ ପାସ୍‌ୱାର୍ଡ ମ୍ୟାନେଜମେଣ୍ଟ ସଫ୍ଟୱେର୍ ରଖିବାକୁ ଆଦୌ ଭୁଲନ୍ତୁ ନାହିଁ।

❖ଫୋନ୍‌ରେ ଅପ୍‌ଲୋଡିଂ ଏବଂ ଡାଉନ୍‌ଲୋଡିଂରେ ଲକ୍ ସିଷ୍ଟମ୍ ବ୍ୟବହାର କରନ୍ତୁ। ଯାହାଦ୍ୱାରା ଆପଣଙ୍କ ବ୍ୟତୀତ ଅନ୍ୟ କେହି ଚାହିଁଲେ ଫୋନ୍‌ରୁ କୌଣସି ଡାଟା କପି କିମ୍ବା ଫର୍‌ୱାର୍ଡ କରିପାରିବେ ନାହିଁ।

❖ଯଦି ଫୋନ୍‌ରେ ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି ତେବେ ସିକ୍ୟୁରିଟି ସିଷ୍ଟମ୍ ରଖନ୍ତୁ। ତଥାପି ଫୋନ୍ ହଜିବା ମାତ୍ରେ ପ୍ରଥମେ ସମସ୍ତ ଅନ୍‌ଲାଇନ୍ ଆକାଉଣ୍ଟର ପାସ୍‌ୱାର୍ଡ ପରିବର୍ତ୍ତନ କରିଦିଅନ୍ତୁ।

❖ଲାପ୍‌ଟପ୍ କିମ୍ବା ଡେସ୍କଟପ୍‌ରେ ଫୋନ୍‌ରେ ଥିବା ସମସ୍ତ ଡାଟାର ବ୍ୟାକ୍‌ଅପ୍ ରଖନ୍ତୁ।

❖ଯଦି କେବେ ଫୋନ୍ ହଜେ ବା ଚୋରି ହୋଇଯାଏ ତେବେ ତୁରନ୍ତ ସିମ୍ କନେକ୍ସନ୍‌କୁ ବ୍ଲକ କରିଦିଅନ୍ତୁ ଏବଂ ନିକଟସ୍ଥ ଥାନାରେ ଏକ କମ୍ପ୍ଲେନ୍ ଲେଖାଇଦିଅନ୍ତୁ । ନଚେତ୍ ଆପଣଙ୍କ ଫୋନ୍‌ର ଅପବ୍ୟବହାର କରି କେହି କୌଣସି ଆପରାଧିକ କାର୍ଯ୍ୟ କରି ଆପଣଙ୍କୁ ଅସୁବିଧାରେ ପକାଇପାରନ୍ତି।



କୃତଜ୍ଞତା ରୂପକ ଋଣକୁ ଶୁଝିବା, ଶକ୍ତିର ବାହାରେ ବୋଲି ଉଦାରମନା ଲୋକ ହିଁ ଧରି ନେଇଥାଏ।

-ଫ୍ରାଙ୍କଲିନ୍



## ସଂକ୍ଷେପରେ

### ରେଳ କର୍ମଚାରୀଙ୍କ ଝିଅଙ୍କୁ ଟାବ୍‌ଲେଟ ପ୍ରଦାନ

ଭୁବନେଶ୍ୱର, ୨୮।୯(ବ୍ୟୁରୋ): ଉଚ୍ଚ ମାଧ୍ୟମିକ ସ୍ତରରେ ପାଠ ପଢ଼ୁଥିବା ରେଳ କର୍ମଚାରୀଙ୍କ ଝିଅଙ୍କୁ ପୂର୍ବତଟ ରେଳପଥ କେନ୍ଦ୍ରୀୟ କର୍ମଚାରୀ କଲ୍ୟାଣ ପାଣ୍ଠି ତରଫରୁ ଶୁକ୍ରବାର ଟାବ୍‌ଲେଟ ପ୍ରଦାନ କରାଯାଇଛି। ମହାପ୍ରବନ୍ଧକ ବିଦ୍ୟା ଭୂଷଣ, ପ୍ରମୁଖ କାର୍ମିକ ଅଧିକାରୀ ଓ ଅନ୍ୟ ବିଭାଗୀୟ ପ୍ରମୁଖ ଅଧିକାରୀଙ୍କ ଉପସ୍ଥିତିରେ ୪୦୮ ଟାବଲେଟ ବଣ୍ଟନ କରାଯାଇଥିଲା। ଏଥିମଧ୍ୟରୁ ପୂର୍ବତଟ ରେଳପଥ ମୁଖ୍ୟାଳୟ ଓ ମଞ୍ଚେଶ୍ୱର ରେଳଡବା କାରଖାନାରେ କାର୍ଯ୍ୟରତ କର୍ମଚାରୀଙ୍କ ଝିଅମାନଙ୍କୁ ୪୭ ଓ ଅବଶିଷ୍ଟ ୩୬୧ ଟାବଲେଟକୁ ସମସ୍ତ ରେଳମଣ୍ଡଳ ଯଥା ଖୋର୍ଦ୍ଧାରୋଡ, ୱାଲଟିୟର ଏବଂ ସମ୍ବଲପୁର ରେଳମଣ୍ଡଳର କର୍ମଚାରୀଙ୍କ ଝିଅଙ୍କୁ ପ୍ରଦାନ କରାଯାଇଛି।

### ବେଦ ଜ୍ଞାନ ସପ୍ତାହ ପାଳିତ

ନରାଜ,୨୮।୯(ଡି.ଏନ୍.ଏ): ଭାରତୀୟ ମାନବ ସମ୍ବଳ ମନ୍ତ୍ରଣାଳୟ ଆୟୋଜନରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗର ପ୍ରୟାସ ଓ ମହର୍ଷି ସନ୍ଦୀପନୀ ରାଷ୍ଟ୍ରୀୟ ଦେବବିଦ୍ୟା ପ୍ରତିଷ୍ଠାନ ଉଜ୍ଜୟନ ସହଯୋଗରେ ୭ଦିନ ଧରି 'ବେଦ ଜ୍ଞାନ' ସପ୍ତାହ ପାଳିତ ହୋଇଯାଇଛି। ପ୍ରଥମ ଦିନରେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ବେଦ ବିଭାଗର ପୂର୍ବତନ ମୁଖ୍ୟ ଡ.ଦିବାକର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ମାନବଜୀବନରେ ବେଦପାଠ, ଯଜ୍ଞର ଅର୍ଥ ଓ ବିଭିନ୍ନ ଜପ ପଛର ମାହାତ୍ମ୍ୟ ଉପରେ ଏକ ସ୍ୱତନ୍ତ୍ର ଉପସ୍ଥାପନା କରିଥିଲେ। ତୃତୀୟ ଦିନରେ ଅରିଲୋରେ ଉତ୍କଳ ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗର ପୂର୍ବତନ ମୁଖ୍ୟ ଡ. ଗୋପାଳ କ୍ରିଷ୍ଣା ଦାଶ ଯୋଗଦେଇଥିଲେ। ଚତୁର୍ଥ ଦିନରେ ଜଗତଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର କୁଳପତି ଡ. ରାମାରତ୍ନମଙ୍କ ଦ୍ୱାରା ବେଦରେ ବିଜ୍ଞାନର ମହତ୍ୱ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବେଦଜ୍ଞାନର ସପ୍ତମ ଦିନ ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଡ. ଗୋଦାବରୀଶ ମିଶ୍ର ଯୋଗଦେଇ ଉପନିଷଦ ପଠନର ପ୍ରକ୍ରିୟା ଉପରେ ମତବ୍ୟକ୍ତ କରିଥିଲେ। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଡ. ମନୋରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ଶିଳ୍ପି ମିଶ୍ର ଧନ୍ୟବାଦ ଦେଇଥିଲେ।

### କାଞ୍ଚନ ଫାଉଣ୍ଡେସନର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ

ଭୁବନେଶ୍ୱର, ୨୮।୯ (ବ୍ୟୁରୋ)- କାଞ୍ଚନ ଫାଉଣ୍ଡେସନର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଅରବିନ୍ଦ ଢାଲି, ମୁଖ୍ୟବକ୍ତା ଭାବେ ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡର ସଭାପତି ସଂଗ୍ରାମକେଶରୀ ପାଇକରାୟ ଓ ସମ୍ମାନିତ ଅତିଥି ଭାବେ ସାମାଜିକକର୍ମୀ ଶୁଭଶ୍ରୀ ଦାସ ଯୋଗଦେଇଥିଲେ। ଏହି ଅବସରରେ ଫାଉଣ୍ଡେସନର ନୂତନ ଲୋଗୋ ଓ ବାର୍ଷିକ ବିବରଣୀକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସମାଜରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ପ୍ରତିଭାମାନଙ୍କୁ କାଞ୍ଚନ ଯୁବ ସ୍ୱେଚ୍ଛାସେବୀ ସମ୍ମାନ, କାଞ୍ଚନ ସମାଜିକ ଅନୁଷ୍ଠାନ ସମ୍ମାନ ଏବଂ କାଞ୍ଚନ ସମ୍ମାନ ପ୍ରଦାନ କରାଯାଇଥିଲା। ସଭାପତି ରଞ୍ଜନ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ସମ୍ପାଦକ ତାପସ ରଞ୍ଜନ ମଲ୍ଲିକ୍ ବିବରଣୀ ପାଠ କରିଥିଲେ। ଉପଦେଷ୍ଟା ଶୁଭୋଜିତ୍ ପଣ୍ଡା ବିଶ୍ୱଜିତ୍ ସାମନ୍ତରାୟ, କାମିନୀ ବିଶ୍ୱାଳ ପରିଚାଳନା କରିଥିବାବେଳେ ଶିକ୍ଷାବିତ୍ ଜିତୁ ପ୍ରସାଦ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

### ଉତ୍କଳୀୟ ଫାଉଣ୍ଡେସନର ଯୁବ ଉତ୍ସବ

ଭୁବନେଶ୍ୱର, ୨୮।୯(ବ୍ୟୁରୋ): ଓଡ଼ିଶା ବୈଷୟିକ ଜ୍ଞାନ ଓ ଉପଯୋଗ କ୍ଷେତ୍ରରେ ଏକ ନମ୍ବର ସ୍ଥାନ ଅଧିକାର କରିଛି। ଏହା କେବଳ ଓଡ଼ିଶାର ଯୁବ ସମାଜ ଦ୍ୱାରା ସମ୍ଭବ ହୋଇଛି ବୋଲି ରାଜ୍ୟ ସରକାରଙ୍କ ଆଇଟି ବିଭାଗ ପରାମର୍ଶଦାତା ଅନୁଭବ ପଟ୍ଟନାୟକ କହିଛନ୍ତି। ଉତ୍କଳୀୟ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଦ୍ୱିତୀୟ ରାଜ୍ୟସ୍ତରୀୟ ଉତ୍କଳୀୟମ ଯୁବ ଉତ୍ସବ-୨୦୧୯ରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅନୁଭବ ଏହା କହିଛନ୍ତି। ଫାଉଣ୍ଡେସନ ଅଧକ୍ଷ ରାଜୀବ ଲୋଚନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରଣପୁର ବିଧାୟକ ସତ୍ୟବ୍ରତ ପ୍ରଧାନ ଯୋଗଦେଇଥିଲେ। ଉଦ୍‌ଘାଟକ ଭାବେ ପୂର୍ବତନ ମୁମ୍ବାଇ ପୋଲିସ କମିଶନର ଅରୂପ ପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ଭାବେ ଖଦି ନିଗମ ଅଧକ୍ଷ ସଂଗ୍ରାମ କେଶରୀ ପାଇକରାୟ, ରାଜ ସୁନାଖଳା କଲେଜର ପୂର୍ବତନ ଅଧକ୍ଷ କୁବେର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରଷ୍ଟ ସଭ୍ୟା ଶୁଭଲକ୍ଷ୍ମୀ ସେନାପତି ସ୍ୱାଗତ ଭାଷଣ ଓ ରଙ୍ଗନିଧି ଦାସ ଧନ୍ୟବାଦ ଦେଇଥିଲେ।

# ରସୁଲଗଡ଼ ଫ୍ଲାଏଓଭର ତଳରାସ୍ତା ମରଣଯନ୍ତ୍ର

## ଖାଲରେ ପଡ଼ି ୨ ଦିନରେ ୭ ଆହତ



ଭୁବନେଶ୍ୱର, ୨୮।୯(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ନିକଟ ରସୁଲଗଡ଼ ଫ୍ଲାଏଓଭର ତଳ ରାସ୍ତା ପାଲଟିଛି ମରଣଯନ୍ତ୍ର। ରାସ୍ତାରେ ଏବେ ଆଣ୍ଠୁଏ ଲେଖାଏ ୮ରୁ ଉର୍ଦ୍ଧ୍ୱ ଖାଲ ଆଁ କରିରହିଛି। ପ୍ରତିଦିନ ଏହି ରାସ୍ତାରେ ଗାଡ଼ିଚାଳକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ବିଶେଷ କରି ସାମାନ୍ୟ ବର୍ଷା ହେଲେ ଅଧିକ ବିପଦ ସୃଷ୍ଟି ହେଉଛି। କାରଣ ନିକଟରେ ଥିବା ଏକ ଡ୍ରେନ୍ ପୋତି ହୋଇଯାଇଥିବାରୁ ବର୍ଷା ହେଲେ ଡ୍ରେନ ପାଣି ରାସ୍ତା ଉପରେ ଚାଲୁଛି। ଫଳରେ ଖାଲ କେଉଁଠି ଦେଖାଯାଉ ନ ଥିବାରୁ ଲୋକେ ତଳେ ପଡ଼ିଯାଉଛନ୍ତି। ଗତ ଦୁଇ ଦିନରେ ୭ ଜଣ ବାଇକ ଚାଳକ ଏହି ଖାଲରେ ପଡ଼ି ଆହତ ହେଲେଣି। ଶନିବାର ଅପରାହ୍ନରେ ଏହିଭଳି ଏକ ଘଟଣା ସେଠାରେ ଦେଖିବାକୁ ମିଳିଥିଲା। ଜଣେ ବାଇକ ତଳେ ପଡ଼ିଯିବା ପରେ ପଛରୁ ଆସୁଥିବା ଏକ ବସ୍‌ର ଚକା ତଳେ ଚାପି ହେବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ସେହିପରି ସକାଳେ ସେଠାରେ ଜଣେ ଯୁବକ ବସ୍ ଚଢୁ ଚଢୁ ଖାଲରେ ପଡ଼ି ଖଣ୍ଡିଆ ଖାବର ହୋଇଥିଲେ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଆଗକୁ ଦଶହରା ପୂଜା ଥିବାରୁ ଏହାକୁ ମରାମତି କରା ନ ଗଲେ ବଡ଼ ବଡ଼ ଦୁର୍ଘଟଣା ଘଟିବା ନିଶ୍ଚିତ ବୋଲି ସ୍ଥାନୀୟ ଲୋକେ ଆଶଙ୍କା କରୁଛନ୍ତି। ଏପରିକି ସେମାନେ ମରାମତି ତୁରନ୍ତ କରା ନ ଗଲେ ରାସ୍ତାରୋକୋ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

### ସିପିଙ୍କୁ ଟୁଇଟ୍ କରି ଜଣାଇଲେ ଯୁବକ




ଅରିନ୍ଦମ ଚକ୍ରବର୍ତ୍ତୀ ନାମକ ଜଣେ ଯୁବକ ଏହି ଖାଲଖମା ରାସ୍ତାର ଫଟୋ ଉଠାଇ ପୋଲିସ କମିଶନରଙ୍କୁ ଟୁଇଟ୍ କରି ଅଭିଯୋଗ କରିଛନ୍ତି। ସେ କହିଛନ୍ତି, କେତେଜଣ ସ୍ୱାର୍ଥପର ଅଫିସରଙ୍କ ପାଇଁ ଲୋକଙ୍କ ଜୀବନ ସହ ଖେଳଖେଳାଯାଉଛି। ବିଶେଷ କରି ବାଇକ ଚାଳକ ଏବଂ ଆମ୍ବୁଲାନ୍ସରେ ଯାଉଥିବା ରୋଗୀଙ୍କ ପ୍ରତି ସବୁବେଳେ ବିପଦ ଆଶଙ୍କା ରହୁଛି। ଏହି ସମସ୍ୟାକୁ ତୁରନ୍ତ ସମାଧାନ କରିବା ପାଇଁ ସେ ଟୁଇଟ୍‌ରେ ଜଣାଇଛନ୍ତି। ଏହାପରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ରିଟୁଇଟ୍ କରି କହିଛନ୍ତି ଯେ, ସେ ବ୍ୟକ୍ତିଗତ ଭାବେ ଏହି ଅଭିଯୋଗକୁ ଗୁରୁତ୍ୱର ସହ ନେଉଛନ୍ତି। ଏନେଇ ସେ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ସହ ଚିଠି ଲେଖିବେ। ଖୁବ୍‌ଶୀଘ୍ର ଏହି ସମସ୍ୟା ସମାଧାନ ହୋଇଯିବ ବୋଲି ଷଡ଼ଙ୍ଗୀ ଯୁବକଙ୍କୁ ଉତ୍ତର ଦେଇଛନ୍ତି।

# ଏଲ୍‌ଆଇସି ପକ୍ଷରୁ ସ୍ୱଚ୍ଛତା ହିଁ ସେବା



ଭୁବନେଶ୍ୱର, ୨୮।୯(ବ୍ୟୁରୋ)

ଭାରତୀୟ ଜୀବନ ବୀମା ନିଗମ ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅକ୍ଷୟ କୁମାର ସାହୁଙ୍କ ନେତୃତ୍ୱରେ ମଣ୍ଡଳ କାର୍ଯ୍ୟାଳୟ ଏବଂ ଶାଖା କାର୍ଯ୍ୟାଳୟ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସୂର୍ଯ୍ୟ ନଗରସ୍ଥିତ ମଣ୍ଡଳ କାର୍ଯ୍ୟାଳୟ ନିକଟସ୍ଥ ଅଞ୍ଚଳରେ ପ୍ଲାଷ୍ଟିକ ସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏକକ ବ୍ୟବହାର ହେଉଥିବା ପ୍ଲାଷ୍ଟିକ ଉପରେ ରୋକ ଲଗାଇବା ନେଇ ଲୋକଙ୍କୁ ସଚେତନ କରାଯାଇଥିଲା। ପ୍ଲାଷ୍ଟିକ ସଂଗ୍ରହ କାର୍ଯ୍ୟକ୍ରମ ଅକ୍ଟୋବର ୨ ତାରିଖ ଯାଏ ଚାଲିବ। ସଂଗୃହୀତ ପ୍ଲାଷ୍ଟିକଗୁଡ଼ିକୁ ପ୍ରକ୍ରିୟାକରଣ ନେଇ ବ୍ୟବସ୍ଥା କରାଯିବ ବୋଲି ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ସାହୁ କହିଛନ୍ତି। ଏହି ଅବସରରେ ବିପଣନ ପ୍ରବନ୍ଧକ ଅନନ୍ତ ଭୂଷଣ ରଥ ଏବଂ ଅନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

# 'ରେଳଧାରଣା ଶୌଚ ପାଇଁ ନୁହେଁ'




ଭୁବନେଶ୍ୱର, ୨୮।୯(ବ୍ୟୁରୋ)

ରେଳ ଷ୍ଟେଶନ ଓ ରେଳ ପରିସର ମଧ୍ୟରେ ଖୋଲାରେ ଶୌଚ ନ କରିବା ପାଇଁ ଆର୍‌ପିଏଫ୍ ଥାନା ପକ୍ଷରୁ ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେଶନରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ପରିବେଶ ଦୂଷିତ ନ କରି ସ୍ୱଚ୍ଛ ଭାରତ ଗଠନରେ ସାମିଲ ହେବାକୁ ଯାତ୍ରୀ ତଥା ସାଧାରଣ ଜନତାଙ୍କୁ ସଚେତନ କରାଯାଇଥିଲା। ଷ୍ଟେଶନରେ ଉପଲବ୍ଧ ଶୌଚାଳୟ ବ୍ୟବହାର କରିବାକୁ ଯାତ୍ରୀମାନଙ୍କୁ ବୁଝାଯାଇଥିଲା। ଆର୍‌ପିଏଫ୍ ପକ୍ଷରୁ କୁହାଯାଇଛି ଯେ, ସାଧାରଣତଃ କିଛି ଲୋକ ଷ୍ଟେଶନ ପରିସର ଓ ରେଳ ଧାରଣାରେ ଶୌଚ କରିଥାନ୍ତି। ଏଥିପାଇଁ ରେଲ୍‌ୱେ ଧାରା ୧୪୫ ଓ ଧାରା ୧୪୭ରେ ଦଣ୍ଡବିଧାନର ବ୍ୟବସ୍ଥା ରହିଛି ବୋଲି ଯାତ୍ରୀଙ୍କୁ ଅବଗତ କରାଯାଇଥିଲା। ସୂଚନାଯୋଗ୍ୟ, ଭୁବନେଶ୍ୱର ଷ୍ଟେଶନର ଶେଷମୁଣ୍ଡକୁ ଫାଳିକିଆ ବସ୍ତି ଲୋକେ ଧାରଣା ଓ ପରିସରରେ ଶୌଚ କରିଥାନ୍ତି। ତେବେ ଏସବୁ ସ୍ଥାନରେ ଶୌଚ ବନ୍ଦ କରିବା ସକାଶେ ଆର୍‌ପିଏଫ୍ ଏବେ ବସ୍ତି ନିକଟରେ ଏକ ଶେଡ୍ ନିର୍ମାଣ କରି ଦୁଇଜଣ କର୍ମଚାରୀଙ୍କୁ ନିୟୋଜିତ କରିଛି। ଏହାସତ୍ତ୍ୱେ ଷ୍ଟେଶନ ପରିସର ଓ ଧାରଣା ଅପରିଷ୍କାର କରୁଥିବା ଯାତ୍ରୀଙ୍କଠାରୁ ଜରିମାନା ଆଦାୟ କରାଯାଉଥିବା ସୂଚନା ଦିଆଯାଇଛି।

# ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିବ ବିଏମ୍‌ସି

ଭୁବନେଶ୍ୱର, ୨୮।୯ (ବ୍ୟୁରୋ)

ରାଜଧାନୀର ପରିମଳ ବ୍ୟବସ୍ଥା ସଜାଡ଼ିବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ବ୍ୟାପକ ପଦକ୍ଷେପ ନେଉଛି। ଏବେ କିଛି ନୂଆ ଢଙ୍ଗରେ ପରିମଳ ଓ ପରିବେଶ ସଚେତନତା ସୃଷ୍ଟି କରିବା ଲାଗି ବିଏମ୍‌ସି ଯୋଜନା କରିଛି। ଆସନ୍ତା ଗାନ୍ଧୀ ଜୟନ୍ତୀରୁ ଶିକ୍ଷାନୁଷ୍ଠାନଗୁଡ଼ିକରୁ ପିଲାଙ୍କ ମାଧ୍ୟମରେ ପରିବାରରେ ଓ ଅଭିଭାବକଙ୍କ ମାଧ୍ୟମରେ ପରିମଳ ବ୍ୟବସ୍ଥା ସଜାଡ଼ିବାକୁ ସଚେତନତା ସୃଷ୍ଟି କରାଯିବ ବୋଲି ବିଏମ୍‌ସି ସ୍ଥିର କରିଛି। ଏଥିପାଇଁ ଅକ୍ଟୋବର ୨ରୁ ସ୍କୁଲରେ ପ୍ରାର୍ଥନା ପରେ ଛାତ୍ରୀଛାତ୍ରଙ୍କୁ ପରିମଳ ବାବଦରେ ଶିକ୍ଷା ଦିଆଯିବ। ଏହି ଅବସରରେ ସମସ୍ତେ ସଫେଇବାଲାର ଭୂମିକା ନେବାକୁ ଶପଥ ନେବେ। ଜଣେ ସଫେଇ ବାଲା ହେବା ପାଇଁ କ'ଣ କରିବାକୁ ହେବ, ସେ ସମ୍ପର୍କରେ ପିଲାଙ୍କୁ ଶିକ୍ଷା ଦିଆଯିବ। ଘରେ ପଲିଥିନ୍ ବ୍ୟବହାର ନ କରିବା, ଓଦା ଅଳିଆ ପରିମାଣ କମାଇବା, ଦୁଇଟି ଅଳିଆ ଡବା ବ୍ୟବହାର କରି ଓଦା ଓ ଶୁଖିଲା ଆବର୍ଜନାକୁ ପୃଥକ୍ ରଖିବା ଆଦି ନିଜେ ଶିଖି ତାହାକୁ କାର୍ଯ୍ୟରେ ଦେଖାଇବା ସହ ଘରଲୋକଙ୍କୁ ସଚେତନ କରାଇବେ। ପରବର୍ତ୍ତୀ ସମୟରେ ଛାତ୍ରୀଛାତ୍ରଙ୍କ ଘର ଲୋକଙ୍କୁ ନେଇ ଆବାସିକ ସଂଘଗୁଡ଼ିକୁ ସଚେତନ କରାଯିବ। ଭୁବନେଶ୍ୱରରେ ଏହି ସଚେତନତା କାର୍ଯ୍ୟକ୍ରମ ୩ ପର୍ଯ୍ୟାୟ ଯଥା- ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ, ନଭେମ୍ବର ୧୪ ଶିଶୁ ଦିବସ ଏବଂ ଜାନୁୟାରୀ ୩ରେ କରାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି।

### ୟୁନାଇଟେଡ ଇଣ୍ଡିଆ ଇନସ୍ୟୁରାନ୍ସର କ୍ଷେତ୍ରୀୟ ପ୍ରଶିକ୍ଷଣ କେନ୍ଦ୍ର

ଭୁବନେଶ୍ୱର,୨୮।୯

ୟୁନାଇଟେଡ ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ ପକ୍ଷରୁ କ୍ଷେତ୍ରୀୟ ପ୍ରଶିକ୍ଷଣ କେନ୍ଦ୍ର ଏବଂ ମୋଟର ଓନ୍ ଡ୍ୟାମେଜ କ୍ଲେମ ହବ ଖାରବେଳ ନଗର, ଜନପଥ ଓସିଏଚ୍‌ସି ବିଲ୍ଡିଂରେ ଆରମ୍ଭ ହୋଇଛି। କମ୍ପାନୀର ପ୍ରବନ୍ଧକ ୱାଇ.କେ. ସିମରାୟ ଏହାକୁ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ ଏଲ୍.ଜ୍ୟୋତି ପ୍ରଶାଦ ସଭାପତିତ୍ୱ କରିଥିଲେ। କ୍ଷେତ୍ରୀୟ ପ୍ରବନ୍ଧକ ଅଞ୍ଜନ ସିହ୍ନା, ଅଭୟ ପଡ଼ିଆରୀ, ନୀରଦକାନ୍ତ ଦିକ୍ଷୀତ ଏବଂ ଦୁର୍ଗା ମାଧବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିନ୍ଦୁସାଗର, ଗୟାକୁଣ୍ଡରେ ଶ୍ରଦ୍ଧାଳୁଙ୍କ ପିଣ୍ଡଦାନ



ମଣିକର୍ଣ୍ଣିକେଶ୍ୱର ଘାଟରେ ପିଣ୍ଡଦାନ କରାଯାଉଛି।

ପୁରୁଣା ଭୁବନେଶ୍ୱର, ୨୮।୯ (ଡି.ଏନ୍.ଏ.)

ମହାଳୟା ଅବସରରେ ଅପରପକ୍ଷ ପିଣ୍ଡଦାନ ତିଥି ଶେଷ ହୋଇଛି। ଶନିବାର ସକାଳୁ ବିନ୍ଦୁସାଗରର ଉତ୍ତରେଶ୍ୱରଘାଟ, ବ୍ରହ୍ମାଘାଟ, ମୋହିନୀଘାଟ, ମଧୁବାବୁଘାଟ, ମଣିକର୍ଣ୍ଣିକେଶ୍ୱର ଘାଟରେ ହଜାର ହଜାର ଶ୍ରଦ୍ଧାଳୁ ପିଣ୍ଡଦାନ କରିଥିଲେ। ଏଥିପାଇଁ କ୍ଷେତ୍ରବାସୀ ବ୍ରାହ୍ମଣ ନିଯୋଗ ନିଯୋଗ ପକ୍ଷରୁ ୫ଟଙ୍କାର ଟିକେଟ କାଟି ଯଜମାନମାନେ ଏହି ସ୍ଥଳରେ ପିଣ୍ଡଦାନ କରିଥିଲେ। ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ନିଯୋଗର ସେବାୟତମାନେ ପିଣ୍ଡଦାନରେ ପୁରୋହିତ କାର୍ଯ୍ୟ ସମ୍ପାଦନ କରୁଥିବାବେଳେ ବିଭିନ୍ନ ଅଞ୍ଚଳରୁ ୧୦୦ରୁ ଉର୍ଦ୍ଧ୍ୱ ବ୍ରାହ୍ମଣ ପୂଜାକାର୍ଯ୍ୟ ସମାପନ କରିଥିଲେ। ଏହିସ୍ଥଳରେ ପିଣ୍ଡଦାନ କଲେ ପିତୃପୁରୁଷ ମୋକ୍ଷ ପ୍ରାପ୍ତି ହୋଇଥାନ୍ତି ବୋଲି କ୍ଷେତ୍ରବାସୀ ବ୍ରାହ୍ମଣ ସେବାୟତ ଚକ୍ରଧରଦାସ କହିଛନ୍ତି।

### ଜଳ ବିବାଦ ସମାଧାନର ବିକଳ୍ପ ସୂତ୍ର ରହିଛି

# କାବେରୀ ଭଳି ମହାନଦୀର ଅବସ୍ଥା ନ ହେଉ

ଭୁବନେଶ୍ୱର, ୨୮।୯ (ବ୍ୟୁରୋ)

ମହାନଦୀ ଟ୍ରିବ୍ୟୁନାଲର ନବମ ବୈଠକ ଓ ଶୁଣାଣି ହୋଇଛି। ଏଥିରେ ଉଭୟ ରାଜ୍ୟ ତରଫରୁ ବିଶେଷଜ୍ଞ ଦଳ ପରସ୍ପର ରାଜ୍ୟକୁ ଗସ୍ତକରି ରିପୋର୍ଟ ପ୍ରଦାନ କରିବା ବ୍ୟତୀତ ଅନ୍ୟକିଛି ବିଷୟରେ ଶୁଣାଣି ହୋଇନାହିଁ। ଟ୍ରିବ୍ୟୁନାଲର କଚ୍ଛପ ଗତି ସମସ୍ତଙ୍କୁ ମର୍ମାହତ କରିଥିବାବେଳେ ଓଡ଼ିଶାର ମୂଳ ଆବେଦନ ଉପରେ କୌଣସି ଅଗ୍ରଗତି ନ ହେବା ଦୁଃଖଦାୟକ। ଛତିଶଗଡ଼ ମହାନଦୀ ଉପରେ ନିର୍ମାଣ କରିଥିବା ବେଆଇନ ପ୍ରକଳ୍ପଗୁଡ଼ିକୁ ସ୍ଥଗିତ ରଖିବା ପାଇଁ ହୋଇଥିବା ଆବେଦନକୁ ଟ୍ରିବ୍ୟୁନାଲ ଏବେ ପର୍ଯ୍ୟନ୍ତ ବିଚାରକୁ ନ ନେବା ଦୁଃଖର ବିଷୟ। ଟ୍ରିବ୍ୟୁନାଲ ଦ୍ୱାରା କାବେରୀ ପରି ମହାନଦୀ ଅବସ୍ଥା ନ ହେଉ ବୋଲି ମହାନଦୀ ବଞ୍ଚାଓ ଆନ୍ଦୋଳନ ସଂଗଠନ କହିଛି। ଶନିବାର ରେଡ଼କ୍ରସ ଭବନରେ ସଂଗଠନ ପକ୍ଷରୁ ମହାନଦୀ 'ଜଳ ବିବାଦର ସମାଧାନ କ୍ଷେତ୍ରରେ ବିକଳ୍ପ ରାସ୍ତା' ଉପରେ ଅନୁଷ୍ଠିତ କର୍ମଶାଳାରେ ଏ ନେଇ ଆଲୋଚନା କରାଯାଇଥିଲା। ପୁଣେସ୍ଥିତ ୱାଟର କନ୍‌ଫ୍ଲିକ୍ଟ ଫୋରମ ପକ୍ଷରୁ ବିଶିଷ୍ଟ ନଦୀ ଗବେଷକ ଡ. ଟି.କେ. ଜୟ ଏକ ଚିଠା ପ୍ରସ୍ତାବ ଉପସ୍ଥାପନ କରି ସମସ୍ୟା ସମାଧାନର ବିଭିନ୍ନ ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଆମେରିକାର ଇନ୍‌ଷ୍ଟିଚ୍ୟୁଟ ଫର୍ ୱାଟର କଲଚରର ନିର୍ଦ୍ଦେଶକ ଡ. ଡେ଼ଭିଡ଼୍ ଗ୍ରୋନଫିଟ୍, ଡ. ଆବ୍ରାହମ ସାମୁଏଲ୍, ଡ. ନେହା ଭଡ଼ଭଡ଼େ ପ୍ରମୁଖ ଏହି ଚିଠା ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ।

# ପ୍ଲାଷ୍ଟିକ୍ ବର୍ଜନ ଉପରେ ଗୁରୁତ୍ୱ

## କୈବର୍ତ୍ତ ସାହି ଦୁର୍ଗାପୂଜା ସମିତି

ପୁରୁଣା ଭୁବନେଶ୍ୱର, ୨୮।୯(ଡି.ଏନ୍.ଏ.)

ଦୀର୍ଘ ୬୫ବର୍ଷ ଧରି ସ୍ଥାନୀୟ କୈବର୍ତ୍ତ ସାହିରେ ଦୁର୍ଗାପୂଜା ପାଳିତ ହୋଇଆସୁଛି। ଏକଦା ୧୦ପଇସା ଲେଖାଏ ଚାନ୍ଦା ଆଦାୟ କରି ଆରମ୍ଭ ହୋଇଥିବା ଏହି ପୂଜା ପାଇଁ ଏବେ ଚାନ୍ଦା ୧୨୦୦ଟଙ୍କାରେ ପହଞ୍ଚିଛି। ଏତଦ୍‌ବ୍ୟତୀତ ଦାନ ଦକ୍ଷିଣା, ସ୍ଥାନୀୟ ସାହି ବାସିନ୍ଦା ଓ ବ୍ୟବସାୟୀଙ୍କ ସହଯୋଗରେ ଏହି ପୂଜା ପାଳିତ ହେଉଛି। ବିଶେଷ କରି ସାହିରେ ଭାଇଚାରାକୁ ପ୍ରାଧାନ୍ୟ ଦେଉଛି ସମିତି। ଏ ବର୍ଷ ପ୍ଲାଷ୍ଟିକ ଏବଂ ପଲିଥିନ ବର୍ଜନ କରି ବାଉଁଶ ପାତିଆ ଡାଲାରେ ଭୋଗ ବଢ଼ାଯିବା ଭଳି ଏକ ସଚେତନତା ବାର୍ତ୍ତା ଦିଆଯିବ ବୋଲି ସମ୍ପାଦକ ଲକ୍ଷ୍ମୀଧର ବେହେରା କହିଛନ୍ତି। ପ୍ରଥମ ପୂଜାରେ ରାମ, ଲକ୍ଷ୍ମଣ ଓ ସୀତାଙ୍କ ମୃଣ୍ମୟ ମୂର୍ତ୍ତି ପୂଜାର୍ଚ୍ଚନା କରାଯାଇଥିଲା। ପରବର୍ତ୍ତୀ ଦୁଇବର୍ଷ ଧରି ଶିବ ଏବଂ ପାର୍ବତୀଙ୍କ ମୃଣ୍ମୟ ମୂର୍ତ୍ତି ପୂଜା କରାଯାଇଥିଲା। ସେବେଠାରୁ ମା'ଦୁର୍ଗା ଏହି ମଣ୍ଡପରେ ପୂଜା ପାଇଆସୁଛନ୍ତି। ଏଠାରେ ମହାଷ୍ଟମୀରେ ପାଣିକଖାରୁ ବଳି ଦିଆଯାଇଥାଏ। ଦୀର୍ଘ ୫ଦଶନ୍ଧି ମଧ୍ୟରେ ମା'ଦୁର୍ଗାଙ୍କ ଚାନ୍ଦି ମୁକୁଟ, ପାର୍ଶ୍ୱଦେବୀ ଲକ୍ଷ୍ମୀ, ସରସ୍ୱତୀଙ୍କ ଚାନ୍ଦି ମୁକୁଟ, ମା'ଙ୍କର ସୁନା ନୋଥଟିକା ସମିତି ପ୍ରସ୍ତୁତି କରିଛି ବୋଲି ସଭାପତି ଗୋଲକ ନାଥ ମହାଳିକ ସୂଚନା ଦେଇଛନ୍ତି। ଭସାଣି ଦିନ ଟ୍ରାଫିକ ନିୟନ୍ତ୍ରଣ କରିବା ସହ କମିଶନରେଟ ପୋଲିସ ଗାଇଡ୍ ଲାଇନ ଅନୁସାରେ ମାତ୍ର ୪ଟି ଟୁଙ୍ଗା ଏବଂ ଚାରୋଟି ବକ୍ସରେ ନିରାଡମ୍ବର ଶୋଭାଯାତ୍ରାରେ ସମ୍ବଲପୁରୀ ବାଜା, ଘଣ୍ଟ, ଡେମ୍ପ ନାଗରା ବାଜା ବଜାଯିବା ପାଇଁ ବ୍ୟବସ୍ଥା ହୋଇଛି ବୋଲି ସମିତି ପକ୍ଷରୁ କୁହାଯାଇଛି।

# 'ରେଳ କର୍ମଚାରୀ ନିଜ ସୁରକ୍ଷା ପ୍ରତି ସଚେତନ ରୁହ'

ଭୁବନେଶ୍ୱର, ୨୮।୯(ବ୍ୟୁରୋ)



କାର୍ଯ୍ୟସ୍ଥଳରେ କର୍ମଚାରୀଙ୍କ ବ୍ୟକ୍ତିଗତ ସୁରକ୍ଷା ପ୍ରତି ସାବଧାନ ରହିବାକୁ ପୂର୍ବତଟ ରେଳପଥ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଚାଲିଛି। ଗତ ୨୫ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ପୂର୍ବତଟ ରେଳପଥ ପକ୍ଷରୁ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଏକ ପରାମର୍ଶ ବାର୍ତ୍ତା ଜାରି କରାଯାଇଛି। କର୍ମଚାରୀମାନେ ନିଜ ସୁରକ୍ଷା ପ୍ରତି ସଜାଗ, ସଚେତନ ଓ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

ରେଳଯାତ୍ରୀଙ୍କ ନିରାପଦ ଯାତ୍ରାକୁ ନିଶ୍ଚିତ କରିବା ଲାଗି ରେଳ କର୍ମଚାରୀମାନେ କ୍ରମାଗତ ଭାବେ ସଜାଗ ରହି କାର୍ଯ୍ୟ କରନ୍ତି। କିନ୍ତୁ କାର୍ଯ୍ୟ କ୍ଷେତ୍ରରେ ଛୋଟ ଅସାବଧାନତା ଯୋଗୁ ଅନେକ ସମୟରେ କର୍ମଚାରୀମାନେ ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତି। ବିଶେଷକରି ରେଳ ଟ୍ରାକ୍ ମରାମତି ବା ଟ୍ରେନ ଇଞ୍ଜିନ କିମ୍ବା ବଗିକୁ ସଣ୍ଟିଙ୍ଗ୍ କରିବା ସମୟରେ କର୍ମଚାରୀମାନେ ନିଜ ସୁରକ୍ଷାକୁ ଦ୍ୱିଗୁଣିତ କରିବାକୁ ରେଳପଥ ପକ୍ଷରୁ ପରାମର୍ଶ ଦିଆଯାଇଛି। ଟ୍ରେନ ପରିଚାଳନା ବିଭାଗ, ସାଙ୍କେତିକ ଓ ଟେଲି ଯୋଗାଯୋଗ ବିଭାଗ, ସିଭିଲ ଇଞ୍ଜିନିୟରିଂ ବିଭାଗ, ମେକାନିକାଲ ବିଭାଗ, ଇଲେକ୍ଟ୍ରିକାଲ ବିଭାଗ ଓ ଲୋକୋ ସେଡ୍ କର୍ମଚାରୀମାନଙ୍କୁ ବ୍ୟକ୍ତିଗତ ସୁରକ୍ଷା ଦିଗରେ ବିଶେଷ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟକ୍ଷେତ୍ରକୁ ଆସିବା ପୂର୍ବରୁ ଯଥେଷ୍ଟ ବିଶ୍ରାମ, ସଂକେତ ଦେଲାବେଳେ ଗତିଶୀଳ ଟ୍ରେନ୍‌ଠାରୁ ନିଜକୁ ଯଥେଷ୍ଟ ବ୍ୟବଧାନ ରଖିବା, ଇଞ୍ଜିନ ଓ ବଗିକୁ ଯୋଡିବା ସମୟରେ ଠିକ୍ ଦୂରତ୍ୱ ଅବଲମ୍ବନ, ଆଇସୋଲେଟର କାର୍ଯ୍ୟକାରୀ କରିବା ସମୟରେ ଜୋତା, ଗ୍ଲୋଭ ଆଦି ପରିଧାନ କରିବା, ରାତି ସମୟରେ ସିଗ୍‌ନାଲ ବକ୍ସ ନିକଟକୁ ଯିବାବେଳେ ଟର୍ଚ୍ଚ ବ୍ୟବହାର କରିବା, ଧାରଣାରେ କାର୍ଯ୍ୟ ସମୟରେ ଖସଡା ସ୍ଥାନ ଓ ତୈଳଜାତୀୟ ସ୍ଥାନ ପ୍ରତି ବିଶେଷ ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଛି।

## ଚକେଇସିଆଣି ଦୁର୍ଗାପୂଜା

# ତୋରଣରେ ଝଲସିବ ନେପାଳ ରାଜପ୍ରାସାଦ



ମା' ଆସୁଛନ୍ତି

ଭୁବନେଶ୍ୱର, ୨୮।୯ (ବ୍ୟୁରୋ)

ଚଳିତବର୍ଷ ୧୯ ବର୍ଷରେ ପଦାର୍ପଣ କରିଛି ଚକେଇସିଆଣି ଦୁର୍ଗାପୂଜା। ଏଥର ପୂଜା ବଜେଟ ୨୨ ଲକ୍ଷ ଟଙ୍କା ରହିଥିବାବେଳେ ତୋରଣରେ ଝଲସିବ ନେପାଳ ରାଜପ୍ରାସାଦ। ଏଥିପାଇଁ ୪୦ କାରିଗର ନିୟୋଜିତ ହୋଇଥିବାବେଳେ ପାଖାପାଖି ୧୦ ଲକ୍ଷ ଖର୍ଚ୍ଚ ହେବ ବୋଲି ଚକେଇସିଆଣି ଦୁର୍ଗାପୂଜା ସମିତି ପକ୍ଷରୁ କୁହାଯାଇଛି। ଚୁଡ଼ି, ଲିଚୁରେ ୮୦ ଫୁଟ ଉଚ୍ଚ ଓ ୬୦ ଫୁଟ ଦୀର୍ଘବିଶିଷ୍ଟ ଏହି ତୋରଣ ତିଆରି ଚାଲିଛି। ଏଥିସହ ସାଢେ ୫ କିଲୋମିଟର ଅଞ୍ଚଳକୁ ରଙ୍ଗୀନ ଆଲୋକରେ ସଜାଯିବ। ୫ ବୃହତ୍ତ ଏଲ୍‌ଇଡି ତୋରଣ ସହ ଛୋଟ ବଡ଼ ଷ୍ଟ୍ରକ୍ଚର ତୋରଣ ଅନ୍ୟତମ ଆକର୍ଷଣ ସାଜିବ। ମା'ଙ୍କର ୧୫ ଫୁଟ ଉଚ୍ଚର ମୃଣ୍ମୟୀ ମୂର୍ତ୍ତି ସହ ୨୦ ଫୁଟର ମେଢ ଶୋଭା ପାଇବ। ମା' ଓ ପାର୍ଶ୍ୱ ଦେବଦେବୀ ଚାନ୍ଦି ଅଳଙ୍କାରରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ମୁକୁଟଠାରୁ ଆରମ୍ଭ କରି ତ୍ରିଶୂଳ ଓ ଝରା ଆଦି ଚାନ୍ଦିରେ ତିଆରି ହୋଇଥିବା ପୂଜା କମିଟି ପକ୍ଷରୁ ନଟବର ସ୍ୱାଇଁ, ପିଣ୍ଟୁ ରାଉତ ଓ ସଞ୍ଜୟ ଦାସ ସୂଚନା ଦେଇଛନ୍ତି।

### ଶ୍ରଦ୍ଧାଳୁଙ୍କୁ ବଣ୍ଟାଯିବ ୩୦ ହଜାର ଚାରା



ପରିବେଶ ସଚେତନତା ସୃଷ୍ଟି ପାଇଁ ପୂଜା ମଣ୍ଡପକୁ ସବୁଜିମା ଭରା କରାଯିବ। ଶ୍ରଦ୍ଧାଳୁଙ୍କୁ ପ୍ରାୟ ୩୦ ହଜାର ଚାରା ବଣ୍ଟାଯିବ। ପୂଜାକୁ ଶିଶୁ ଅନୁକୂଳ କରିବା ଉଦ୍ଦେଶ୍ୟରେ ପାଣି ମଧ୍ୟରେ ହଂସ, ହାତୀ, ବାଘ ଆଦିକୁ ଆଲୋକମାଳାରେ ସଜାଇ ପ୍ରଦର୍ଶନ କରାଯିବ।



ପୂଜା ପରିଚାଳନା ପାଇଁ ୧୦୦ ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ମହିଳାଙ୍କ ପାଇଁ ସ୍ୱତନ୍ତ୍ର ସ୍ୱେଚ୍ଛାସେବୀ ରହିବେ। ସୁରକ୍ଷା ଦୃଷ୍ଟିରୁ ମହିଳା ଓ ପୁରୁଷଙ୍କ ନିମନ୍ତେ ଅଲଗା ଅଲଗା ପ୍ରବେଶପଥ ବ୍ୟବସ୍ଥା ହେବ। ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ପାଇଁ ଶୃଙ୍ଖଳିତ ତଥା ସୁରକ୍ଷିତ ଦର୍ଶନ ଲାଗି ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯିବ।

–ଚୈତନ୍ୟ ଦାସ, ସଭାପତି

### ଭସାଣିରେ ପାରମ୍ପରିକ କଳାକାର



ଭସାଣିରେ ଏଥର ଡିଜେ ବଜାଇବା ଉପରେ ରୋକ୍ ଲଗାଯିବ। ୨୦୦ ପାରମ୍ପରିକ କଳାକାରଙ୍କୁ ସାମିଲ୍ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ୧୦୦ ଘଣ୍ଟୁଆଙ୍କ ସହ ମାଦଳ, ତୁରୀ, ପଞ୍ଜାବୀ, ଢୋଲ ବାଜା ସହ ହାତୀ, ଘୋଡ଼ା ଆଦି ଆକର୍ଷଣ ସାଜିବେ। ସପ୍ତମୀରୁ ନବମୀ ପର୍ଯ୍ୟନ୍ତ ମେଲୋଡ଼ି ପରିବେଷଣ କରାଯିବ। ଦଶମୀରେ ଭଜନ ସମାରୋହ ହେବ।

–ଦିଲୀପ ସ୍ୱାଇଁ, ଉପସଭାପତି

# SUNDAY classifieds



# MATRIMONIAL

## BRIDE WANTED

Karan boy widow 1974 Chartered Accountant Bhubaneswar (Caste-no-bar) "VAISNABI" 7008967858. D-66193

Bengali Kayastha bride for our son, B.Tech, 28years, 5'2", PSU Bank PO. 8249983304, 8788231824. D-14560

ବ୍ରାହ୍ମଣ ଘର B.Com ପଢି gift corner, ଇନ୍ସ୍ୟୁରାନ୍ସ ବ୍ୟବସାୟ କରୁଥିବା, ୩୨ ବର୍ଷ ବୟସ, ପିତା ରିଟାୟାର୍ଡ଼ ଅଫିସର, ଭୁବନେଶ୍ୱରର ସ୍ଥାୟୀ ବାସିନ୍ଦାଙ୍କ ପାଇଁ କନ୍ୟାପାତ୍ରୀ ଆବଶ୍ୟକ। 7377701129. jadabanandamohapatra@gmail.com. D-14510

Now Matrimonial ads. only on Wednesday & Sunday Book 1 Get 1 FREE

ବ୍ରାହ୍ମଣ, କରଣ, ଖଣ୍ଡାୟତ, ଗଉଡ଼ ଘରର ବରପାତ୍ର ପାଇଁ କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68201

Son age 32 B.Tech NIT Rourkela MBA ISB Hyderabad working in OYO Bangalore 30 lakhs cast-no-bar 7008986005. D-14499

Son age 29 B.Tech, M.Tech, IIT Delhi, working Deput Executive Engineer in Hyderabad, 8144589551. D-14508

## GROOM WANTED

Private ଚାକିରୀ, ବିଧବା, ଗୋଟିଏ ପୁତ୍ର ସନ୍ତାନ, Age-32, Brahmin ଝିଅଙ୍କ ପାଇଁ any caste ପୁଅ ଦରକାର। 7008080967. D-67908

Teli beautiful girl, 23, B.Sc, 5'2", 8/4 wanted suitable candidate settled near Bhubaneswar. 9861105099. D-60951

Beautiful Khandayat girl 1991, 5'5" MBBS serving Medical officer, Sunasansar: 9937512659. D-66792

Khandayat Bride JE 38, Engineer 40, Teacher 42 (Caste-no-bar) 7873374269. D-67078

Girl age 26 B.Tech, CET, M.Tech, NIT Rourkela working in Pune 22 lakhs cast-no-bar 7008986003. D-14500

ବ୍ରାହ୍ମଣ, କରଣ, ଖଣ୍ଡାୟତ, ଗଉଡ଼ ଘରର କନ୍ୟାପାତ୍ରୀ ପାଇଁ ବରପାତ୍ର ଆବଶ୍ୟକ। 7978736177. D-68202

# real estate

## SALE

**2400sqft GA plot sale at Bharatpur (Sum hospital) Bhubaneswar. Contact Deepak-9937329999. (Broker Excuse).** D-68012

**Gharabari boundary plot Infocity-2 near 200ft. road side. Direct owner-8144391451.** D-66786

ଭୁବନେଶ୍ୱର IIT ଅରଗୁଳ ରେଲୱେଷ୍ଟେସନ ଠାରେ 1200 କୁ 2,00,000/- registry free, Puja offer. Outright / Installment. 9348817649. D-66783

**Yellowzone sthitiban gharabari plot sale at AIIMS Hospital, Bhubaneswar. 7381809172.** D-66791

NH-16 ରୁ 200mtr. Distanceରେ BDA plot 30' Road, Electric ସହିତ 7,00,000/-ରେ ପିତାପଲ୍ଲୀଠାରେ ମିଳୁଅଛି। 8249662762, 8280860015. D-14537

**Residential & commercial plot in front of Krupajal Engineering college close to BBSR-Puri NH for sale @ 1300 per sqft. For details contact: 7381452871.** D-67393

ଭୁବନେଶ୍ୱର ଜଟଣୀଗେଟ୍ NH-5 ରୁ ଅଳ୍ପ ଦୂରତାରେ 1200 କୁ 2,16,000/- outrightରେ plot ମିଳୁଅଛି। 7894433357, 8144706560. D-66782

**ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952.** D-66774

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-14319

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-14330

Yellowzone plots Badagada Canalroad 1600/-, simplex Tankapaniroad 27,40,000/-, simplex BJEM-(2) 15,80,000/, plots available at Jharapada, Pipili 7735738102. D-14530

**2/3BHK ready to move Premium Duplex and Flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-14331

2000sqft land, near Baleswar over bridge @800 p. sqft, contact 8917548396 only during 8A.M. to 10A.M. D-66619

**5000sqft gharabari plot for sale at Pokhariput (Near DAV School) Bhubaneswar. Contact- Deepak: 9937329999.** D-68004

26100sqft SC land at Chhatia Byree near Byree railway station suitable for any purpose @ 300/- p.sqft. Contact 9337416139. D-66620

**4000sqft plot sale at Patia (Near Big Bazar), Bhubaneswar, Directly Buyer Contact- Deepak: 9937329999.** D-68005

**Gharabari plots at Balianta, Bhingarpur and Bagalpur. Immediate possession & registration, contact-9437147826.** D-14430

**Fully developed Gated community boundarywall plot sale near Uttara Gudiapokhari also 3BHK flat available Hanspal-9238902929, 7992736330.** D-66789

2150sqft. residential plot for sale at Garakana. Near Kendriya Vidyalaya, Bhubaneswar. Price-65lakh. 9861234908. D-68105

**Gharabari boundary plot near Kalinganagar DAV School, Sum hospital (Nuagaon) (size-2024) sqft. 1950/-, Patrapada 600mtr distance from NH- sqft. 2200/-. 9937044887, 8249240653.** D-66790

1500sqft. gharabari plots with 30ft road 8k.m from Airport 2km before OEC, Bhubaneswar for sale. 9937162220. D-66194

**213 decml gharabari sthitiban plot, yellow zone on 60ft road @ Sundarpur, Bhubaneswar, adjacent to 200ft road. Contact Owner: 9338342502.** D-68104

ଜମି ବିକ୍ରି: ନିମାପଡା (ଜିଲ୍ଲା: ପୁରୀ), ଏନ୍.ଏ.ସି. ଅନ୍ତର୍ଗତ ପାଟପୁର ମୌଜା ଛକ ପାଖ ଘରବାରି ଜମି (ରାସ୍ତା ପାର୍ଶ୍ୱ) ବିକ୍ରି କରାଯିବ। ଖାତା ନଂ.: ୧୨୭, ପ୍ଲଟ୍ ନଂ.: ୫୪୩୮, ଆଗ୍ରହୀ କ୍ରେତା ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ। ସ୍ୱା/– (ଲିଙ୍ଗରାଜ ରଥ), ଦୋଳବେଦୀ କୋଣ, ସାନଛତାମଠ, ପୁରୀ, ମୋବାଇଲ: ୬୩୭୦୮୪୦୯୭୪ ଧ–୧୪୫୪୮

**New duplex for sale near Patia Housing Board Colony. Land area of 1600sqft. & construction area of 2830sqft., price 95lakhs (Negotiable). Contact: 9439585947, 9937388797.** D-67080

**For sale 2/3 beded flats in earthquake proof quality Apartment "Avantika" under construction on GGP, Pandara, Hi-Tech Road, next Gokul Residency. Contact: 9437396718 (08-11 A.M.) No mediator please.** D-68013

## GENERAL SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ 9853089865. D-66767

# construction

Structural Design Consultancy (RCC/ Steel) by Prof. GP Meher available. 6309629747. Bhubaneswar. D-14509

**Built your Residential & Commercial Project with best quality Material @ 1349/- onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-14539

# to-let

2500sqft. and 7000sqft. well furnished commercial space (AC), Bhubaneswar-Puri mainroad (Lewis Road) Bhubaneswar, rent @ 50/-sqft. Contact: 6371001523. D-67234

**Newly built two rooms, toilet, kitchen, garage, semi furnished first floor, Chandrasekharpur. Family preferred. 7008279506.** D-66973

1st floor house 2000 sqft available for office, with basement parking, behind Bomikhal Durga Mandap. Rent Negotiable. Contact- 9437179626. D-14542

One room with attachbath for serviceholder at Acharya Vihar. M: 8847882402. D-53645

3BHK semifurnished modern flat at mainroad Unit-8, Soubhagyanagar. 9000004523. D-67709

Newly built 2200sft. available for corporates at M-7 Samanta Vihar, Nalco Square, Bhubaneswar. 9911426633. D-14525

# healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic full body massage ladies/gents smart experts therapist: 8480939300. D-66966

Herbal full body massage by smart / expert therapist. Contact: 8338067247. D-67397

Summer special mesmerizing offer expert therapeutic refreshing massage appointment. 9668374480. D-67398

Experience full body massage with us (expert). Call: 7377048581, 06742597822. D-67400

Full body herbal massage with refreshment expert therapist. 7381239385, 06742540855. D-67399

Refresh your mind and soul with best therapy at Orchid Salon/ Spa. 9937287222. D-66970

Kajal ayurvedic massage club fully relaxed by smart lady, home service available. 9937637219. D-66971

Newly open full body massage by ladies, gents therapist. 8018656899 D-60840

Ayurvedic full body massage by ladies, gents therapist. 7008773793 D-60841

Newly open fullbody massage ladies and gents full service: 7682913255. D-38563

# packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-14523

# astrology

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଳୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

## AFFIDAVIT

By virtue of an affidavit before Executive Magistrate, Cuttack Sadar, that I have changed my name from Tophan Pagal to Tophan Kumar Pal. Henceforth I shall be known as Tophan Kumar Pal for all purposes. D-14561

## ନିରୁଦ୍ଦିଷ୍ଟ



ନାମ: ନିସୁ ବିବି (୮୩), ଘର- ଭୁୟାଁ ମହଲା, ପୋ-ଗରଦପୁର, ଥାନା- ପୁରୁଣାବଜାର, ଜିଲ୍ଲା- ଭଦ୍ରକ, ସେ ୩୧.୦୮.୨୦୧୯ ରୁ ଘରୁ କେଉଁଆଡ଼େ ନିଖୋଜ ହୋଇ ଯାଇଛନ୍ତି। ସେ ଠିକ୍‌ସେ କହି ପାରନ୍ତି ନାହିଁ। ଏଣୁ କୌଣସି ବ୍ୟକ୍ତି ଯଦି ସନ୍ଧାନ ପାଆନ୍ତି ତେବେ ଉପରୋକ୍ତ ଠିକଣା କିମ୍ବା ଏହି ମୋବାଇଲ 7377332319 କୁ ସୂଚନା ଦେବାକୁ ଅନୁରୋଧ। ଧ–୧୪୫୬୩

**ପାଠକଙ୍କ ପାଇଁ ସୂଚନା**

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## 1st Birthday



**Swayam**

You may be small in size and light in weight but your presence has definitely made a mark on our heart. Happy 1st Birthday little Swayam. May lord Jagannath bless you always.

Special wishes from:
Jeja, Bou, Aja, Aai, Mama, Baba, Badababa, Badamama, Nani, Peesa, Mamu and all loving brothers and sisters.

D-14522

## ପ୍ରଥମ ଜନ୍ମଦିନ ଶୁଭେଚ୍ଛା



**ପ୍ରିୟାଂଶୀ ପାଲ**

ଶ୍ୟାମରାଇପୁର, ବସ୍ତା, ବାଲେଶ୍ୱର

ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ।

ଶୁଭେଚ୍ଛା ସହ

ଜୀଷ୍ଣୁ, ପ୍ରତିମା, ଜନାର୍ଦ୍ଦନ, କଳ୍ପନା, ଅପର୍ଣ୍ଣା, ସ୍ୱର୍ଗତ– ସହଦେବ

ଧ–୧୪୫୬୪

## ଜନ୍ମଦିନ ଶୁଭେଚ୍ଛା



**ଆୟୁଷ ପ୍ରତୀକ୍ ମିଶ୍ର**

ଜନ୍ମ ତା. ୨୯।୧୧।୨୦୦୩

(ବି.ଜେ.ବି. ନଗର, ଭୁବନେଶ୍ୱର)

ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।

ଶୁଭେଚ୍ଛାସହ:
ପାପା, ମାମା, ଅଜା, ବଡ଼ବାପା, ବଡ଼ବୋଉ, ମାମୁ, ମାଇଁ, ମଉସା, ମାଉସୀ, ଭାଇ, ଭଉଣୀମାନେ।

ଧ–୬୭୨୩୩

## ୨୮ତମ ଜନ୍ମଦିନ ଶୁଭେଚ୍ଛା



**ମନୋଜ କୁମାର ସାହୁ**

ଗ୍ରା: କୁକୁଡ଼ା ଘାଇ ପାଟଣା

ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି କାମନା ତୋତେ ସର୍ବଦା ଭଲରେ ରଖନ୍ତୁ।

ଶୁଭେଚ୍ଛା ସହ

ବାପା, ଦାଦା, ଆଶୁ, ରାନୁ, ଅନୁ, ମୁନୁ, କବିତା, ଲିଜା, ରୁପାଲି, ସନ୍ଧ୍ୟା, ପବି, ଅମୁଦାଦା, ଆଲୋକ, ବବୁଲ, ଗଣେଶ, ଶିବୁ।

ଧ–୧୪୫୫୭

## 9th Birthday Wish



**Roop Ratan Banerjee**

D/o: Manika Banerjee
Ratan Banerjee

May the good Lord continue to shower you with happiness, good future, prosperity and good health all the days of your life.

**Happy Birthday to you**

Best compliments:
Maa, Mama, Dadu, Mimi, Rimpi and Tuktuk

D-59865

## ଜନ୍ମଦିନ ଶୁଭେଚ୍ଛା



**ନିଧିଶ୍ରୀ ପ୍ରଧାନ (ନିଧୁ)**

ରଙ୍ଗବେଡ଼ା, ଏନ୍‌ଟିପିସି, କଣିହାଁ, ତାଳଚେର

୮ମ ଜନ୍ମବାର୍ଷିକ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତାକୁ ଭଲରେ ରଖନ୍ତୁ ଏତିକି କାମନା।

ଶୁଭେଚ୍ଛା ସହ

ଅଜା, ଆଇ, ଜେଜେମା, ମାମୁ, ମାଇଁ, ବାବା, ମାମା, ରନିମାମୁ, ରିଷି, ରିଓ, ପ୍ରଧାନ ପରିବାର ଓ ଦେହୁରୀ ପରିବାର।

ଧ–୬୬୮୨୩

# CLASSIFIED BOOKING STATIONS

**ANITA ADVERTISER**
S-17, BDA Market Complex, Nilakantha Nagar, Near Passport Office, Nayapalli, BBSR-12
Chinmaya Choudhury
Ph:9338991113, 9439811130
Email: anitaadvt@gmail.com

**EUREKA ADVERTISER**
N-6/259, Jaydev Vihar, Bhubaneswar
Nihar Ranjana Mohanty
Ph: 0674-2360820, 9090660177
Email: eureka.advtr@gmail.com

**ANNAPURNA COMMUNICATION**
Qtr-VII, H-185, C.S.Pur, BBSR
Prabina Kumar Mohanty
Ph: 9337336614, 7008967858

**ASSET PROPERTIES**
Plot- 3766, Lewis Road, BBSR-751014
Ph: (0674) 2435756 (Tel/Fax) 9337124748, 9439963384
Email: ramaprasad1961@gmail.com

**BISHNUPRIYA COMMUNICATION**
Shop-5, Ground Floor, P.D Market, BBSR
Contact: Chintu Choudhury
Ph: 9338301743, 9853533237

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph-9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

# ମନେ ପଡ଼ନ୍ତି

## ନବମ ବର୍ଷ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଅବନ୍ତୀ ସାମଲ**

ନୂଆହଟା, ଅନୁଗୋଳ

ତୁମେ ଯେଉଁଠି ଥାଅ ଶାନ୍ତିରେ ଥାଅ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:**
ହତଭାଗା ସ୍ୱାମୀ: ପ୍ରଫୁଲ୍ଲ କୁମାର ସାମଲ, ଜିତୁ, ପ୍ରଭାତୀ, ବବି, ରୁବି।

ଧ–୬୬୮୨୪

## ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଚିନ୍ତାମଣି ଦାସ**

ନାୟକାଣିଡ଼ି, ଭଦ୍ରକ

ଆବିର୍ଭାବ: ୦୮।୦୨।୧୯୪୩
ତିରୋଧାନ: ୨୯।୦୯।୨୦୦୭

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ। ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ। ଆପଣଙ୍କ କର୍ତ୍ତବ୍ୟ ପରାୟଣତା, ପରୋପକାରିତା ଓ ସଚ୍ଚୋଟତା ଚିର ଅବିସ୍ମରଣୀୟ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:**
ବନ୍ଧୁ ଓ ପରିବାରବର୍ଗ।

ଧ–୧୪୫୫୯

## ଏକାଦଶାହ ଉପଲକ୍ଷେ



**✓ସ୍ୱପ୍ନା ଦାସ**

ଶିକ୍ଷୟିତ୍ରୀ, ଚାନ୍ଦିଲୀ ଉ.ପ୍ରା. ବିଦ୍ୟାଳୟ, ଜେ.କେ.ପୁର, ରାୟଗଡ଼ା

ଚିନୁ, ତୋର ଏକ ପରିପୂର୍ଣ୍ଣ ସଂସାର ଥିଲେ ବି ତୋ ସୁଖର ଅନ୍ତ ଥିଲା କିନ୍ତୁ ଦୁଃଖର ଅନ୍ତ ନ ଥିଲା। ନିରାଶାର ଅନ୍ତ ଥିଲା କିନ୍ତୁ ଆଶାର ଅନ୍ତ ନ ଥିଲା, ବାପା ଓ ବୋଉ ବୋଧ ହୁଏ ଭାବିଲେ ତୋ ଦେହରେ ଆଉ ସଂସାର ଜଞ୍ଜାଳ, ଦୁଃଖ ଯନ୍ତ୍ରଣା ସହିବାକୁ ଶକ୍ତି ନାହିଁ। ତେଣୁ ସବା ସାନ ହେଲେ ବି ସେମାନେ ତାଙ୍କ ଅମୃତମୟ କୋଳକୁ ତୋତେ ନେଇଗଲେ। ଆଖିରୁ ଆମର ଲୁହ ଶୁଖୁନି। ତୋର ପବିତ୍ର ଆତ୍ମା ପ୍ରଭୁ ଶ୍ରୀ ଜଗନ୍ନାଥ ଓ ତୋର ଇଷ୍ଟଙ୍କ ପାଦପଦ୍ମରେ ବିଲୀନ ହେଉ।

ଇତି,
ତୋର, ଭାଇ-ଗିରିଜା ଶଙ୍କର ଦାସ
ଭାଉଜ-ସିପ୍ରା ଦାସ

ଧ–୬୭୦୭୬

## ଚତୁର୍ଦ୍ଦଶ ଶ୍ରାଦ୍ଧଦିବସ



**ସ୍ୱର୍ଗତା ମୋନାଲିସା ଶ୍ରୀଚନ୍ଦନ**

ଆବିର୍ଭାବ: ୨୮।୦୮।୧୯୮୩
ତିରୋଧାନ: ୨୯।୧୦।୨୦୦୫

ସ୍ୱର୍ଗୁ ପାରିଜାତ ଆସିଥିଲୁ ମର୍ତ୍ତେ, ଅଳପ ଅବଧି ପାଇଁ, ଦୁଃଖ ସାଗରରେ ଭସାଇଗଲୁ, ମୁଁ ଥଳକୂଳ ପାଉନାହିଁ। ତୋର ଅସହାୟ ଭାଇ ରହିଛି ଅନାଇ, ତୁ ଯେଉଁଠାରେ ଅଛୁ ସୁଖରେ ଥା ପ୍ରଭୁଙ୍କ ପାଖରେ ମିନତି ଏହି।

**ଶୋକସନ୍ତପ୍ତ:**
ତୋର ଅଭାଗିନୀ ମା' ଓ ହତଭାଗା ଭାଇ।

ଧ–୬୪୦୯୨

## ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ରାମଚନ୍ଦ୍ର ଚୌଧୁରୀ**

ଆବିର୍ଭାବ: ୨୦।୦୬।୧୯୩୯
ତିରୋଧାନ: ୦୭।୧୦।୨୦୦୨

ତିଥି: ଆଶ୍ୱୀନ ଶୁକ୍ଳ ପ୍ରତିପଦା

ଆପଣଙ୍କର ଅମରାତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।

**ଶୋକସନ୍ତପ୍ତ:**
ପରିବାରବର୍ଗ

ଧ–୬୭୦୭୯

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

## ସଂକ୍ଷେପରେ

### କମିପାରେ ପେଟ୍ରୋଲ ଡିଜେଲ ଦର

**ନୂଆଦିଲ୍ଲୀ,୨୮-୯:** ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ହ୍ରାସ ଘଟିଛି। ଏହା ଫଳରେ ଆଗାମୀ ଦିନରେ ଭାରତୀୟ ଉପଭୋକ୍ତାଙ୍କ ଲାଗି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ କମିବା ନେଇ ସମ୍ଭାବନା ଉପୁଜିଛି। ଗତ ସପ୍ତାହ ତୁଳନାରେ ଚଳିତ ସପ୍ତାହରେ ବ୍ରେଣ୍ଟ କ୍ରୁଡ ମୂଲ୍ୟ ୪% ହ୍ରାସ ଘଟିଛି। ଏହା ପରେ ଭାରତୀୟ ତୈଳ ବିପଣନ କମ୍ପାନୀଗୁଡିକ ଶନିବାର ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ କରି ନ ଥିବା ଜଣାପଡ଼ିଛି। ଶୁକ୍ରବାର ଇଣ୍ଟରକଣ୍ଟିନେଣ୍ଟାଲ ଏକ୍ସଚେଞ୍ଜ ବା ଆଇସିଇ ବ୍ରେଣ୍ଟ କ୍ରୁଡର ମୂଲ୍ୟ ୧.୩୭% ହ୍ରାସ ଘଟି ବ୍ୟାରେଲ ପିଛା ୬୧.୮୮ ଡଲାରରେ ବନ୍ଦ ରହିଛି। ଗତ ସପ୍ତାହ ତୁଳନାରେ ଏହି ମୂଲ୍ୟ ବ୍ୟାରେଲ ପିଛା ୨.୪୦ ଡଲାର ବା ୩.୮୯% ହ୍ରାସ ଘଟିଛି। ଗତ ସପ୍ତାହରେ ବ୍ରେଣ୍ଟ କ୍ରୁଡ ମୂଲ୍ୟ ୬୪.୨୮ ଡଲାର ରହିଥିଲା।

ସୌଦି ଆରାମକୋ କମ୍ପାନୀ ଉପରେ ଆକ୍ରମଣ ପରଠାରୁ ତେଲ ଦର ବଢିଥିବା ବେଳେ ବର୍ତ୍ତମାନ ସୁଦ୍ଧା ବ୍ରେଣ୍ଟ କ୍ରୁଡର ମୂଲ୍ୟ ବ୍ୟାରେଲ ପିଛା ୮ ଡଲାର ହ୍ରାସ ଘଟିଛି। ସୌଦି ଆରବ ଘଟଣା ପରେ ଅଶୋଧିତ ତେଲ ଦର ୨୦% ବୃଦ୍ଧି ଘଟି ବ୍ୟାରେଲ ପିଛା ୭୧.୯୫ ଡଲାର ଛୁଇଁଥିଲା। ଏହା ୨୮ ବର୍ଷର ସବୁଠାରୁ ଦୈନିକ ବଡ ଦର ବୃଦ୍ଧି ବୋଲି ଜଣାପଡିଛି। ଆମେରିକା ଦ୍ୱାରା ଇରାନ ଉପରେ ଲାଗିଥିବା ବାଣିଜ୍ୟିକ କଟକଣା ହଟାଇବା ଲାଗି ଆଲୋଚନା ଆରମ୍ଭ ହୋଇଥିବା ରିପୋର୍ଟ ଆସିବା ପରେ ଏହାର ପ୍ରଭାବ ବଜାର ଉପରେ ପଡିଛି। ଆସନ୍ତା ସପ୍ତାହ ସୁଦ୍ଧା ତେଲ ଦର ଆହୁରି କମିପାରେ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ଆରାମକୋ ଘଟଣା ପରେ ଭାରତରେ ପେଟ୍ରୋଲ ଦର ପ୍ରାୟ ୨.୫ ଟଙ୍କା ଏବଂ ଡିଜେଲ ୧.୯୯ ଟଙ୍କା ପର୍ଯ୍ୟନ୍ତ ବଢ଼ିଛି। ଅନ୍ତର୍ଜାତୀୟ ବଜାରରେ ଦର କମିବା ଯୋଗୁ ଏହାର ପ୍ରଭାବ ଭାରତ ବଜାର ଉପରେ ମଧ ପରିଲକ୍ଷିତ ହେବ ବୋଲି କେଡିଆ ଆଡଭାଇଜରିର ନିର୍ଦ୍ଦେଶକ ଅଜୟ କେଡିଆ କହିଛନ୍ତି।

### ଡାଇକିନର ନୂଆ ସ୍ପ୍ଲିଟ୍ ଏସି

**ଭୁବନେଶ୍ୱର,୨୮-୯:** ଡାଇକିନ ଏୟାର କଣ୍ଡିସନିଂ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ ନୂଆ ସ୍ପ୍ଲିଟ୍ ଏସି ବଜାରକୁ ଆସିଛି। ଏହାର ବଜାର ଦର ୧୬,୪୦୦ ଟଙ୍କା ରହିଛି। ନୂଆ ଜିଟିଏଲ୍ ୨୮-୩ ଷ୍ଟାର୍ଟ ଅଣ ଇନଭର୍ଟର ଏସି ଭାରତୀୟ ବଜାରରେ ବଡ ଧରଣର ପରିବର୍ତ୍ତନ ଆଣିପାରିବ ବୋଲି ଆଶା କରାଯାଉଛି। କମ୍ ବିଜୁଳି ଶକ୍ତିରେ ଏହି ଏସି କାମ କରିବ। ୧୦୦ ବର୍ଗଫୁଟ ପରିମିତ ସ୍ଥାନକୁ ନେଇ ଏହି ଏସିକୁ ଡିଜାଇନ କରାଯାଇଛି। ସବୁ ବର୍ଗର ଗ୍ରାହକ ଏହି ଏସିକୁ କିଣି ନିଜ ଘରେ ଲଗାଇ ପାରିବେ। ଏଥିରେ ଏଚ୍ଏଫ୍ସି ରେଫ୍ରିଜରାଣ୍ଟ ରହିଛି। ଗ୍ରାହକ ଏଥିରେ ୱେ୍ୟାରଲେସ ରିମୋଟ ପାଇପାରିବେ। ଏଥିରେ ପାୱାର ଚିଲ୍ ବଟନ ମଧ ସାମିଲ କରାଯାଇଛି। ମେକ୍ ଇନ୍ ଇଣ୍ଡିଆରେ ପ୍ରଡକ୍ଟ ଉତ୍ପାଦନ ଲାଗି ନିଷ୍ପତ୍ତି ହୋଇଥିବା ଡାଇକିନ ଇଣ୍ଡିଆର ସିଇଓ କେ.ଜେ.ଜାୱା କହିଛନ୍ତି। ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ପୂରଣ ଦିଗରେ ଏହା ସହାୟକ ହୋଇ ପାରିବ ବୋଲି ସେ କହିଛନ୍ତି।

### ଆଲ୍ଲାହାବାଦ ବ୍ୟାଙ୍କର ନୂଆ ଏଟିଏମ୍

**ଭୁବନେଶ୍ୱର,୨୮-୯:** ଆଲ୍ଲାହାବାଦ ବ୍ୟାଙ୍କର ନୂଆ ଏଟିଏମ୍ ସ୍ଥାନୀୟ ନୂଆପଲ୍ଲୀସ୍ଥିତ ମଣ୍ଡଳ କାର୍ଯ୍ୟାଳୟ ପରିସରରେ ଶୁଭାରମ୍ଭ ହୋଇଛି। ମଣ୍ଡଳ ମୁଖ୍ୟ ସନ୍ଦୀପ କୁମାର ଘୋଷାଲ ଏହାକୁ ଉଦ୍ଘାଟନ କରିଥିଲେ। ଅଧିକରୁ ଅଧିକ ଗ୍ରାହକଙ୍କ ନିକଟରେ ଇ-ସେବା ପହଞ୍ଚାଇବା ଲକ୍ଷ୍ୟରେ ଏଭଳି ପଦକ୍ଷେପ ବ୍ୟାଙ୍କ ପକ୍ଷରୁ ଗ୍ରହଣ କରାଯାଇଛି। ଏହି ଅବସରରେ କର୍ମଚାରୀ ଏବଂ ଗ୍ରାହକମାନେ ଉପସ୍ଥିତ ଥିଲେ। ଘୋଷାଲ ଏଟିଏମ୍ର ବହୁଳ ବ୍ୟବହାର ପ୍ରଚାର ପ୍ରସାର ଉପରେ ଏଥିରେ ଗୁରୁତ୍ୱାରୋପ କରିଥିଲେ।

### ଆନ୍ଧ୍ର ବ୍ୟାଙ୍କ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ୱାକାଥନ

**ଭୁବନେଶ୍ୱର,୨୮-୯:** ଆନ୍ଧ୍ର ବ୍ୟାଙ୍କ ସ୍ୱଚ୍ଛତା ହିଁ ସେବା ଅଭିଯାନ ଅନ୍ତର୍ଗତ ମଧୁସୂଦନ ନଗର ଶାଖାଠାରୁ ଏକ ୱାକାଥନ ଅନୁଷ୍ଠିତ ହୋଇଥିଲା। ଏଥିରେ ମଣ୍ଡଳ କାର୍ଯ୍ୟାଳୟ, ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ବିଭିନ୍ନ ଶାଖାର ଅଧିକାରୀମାନେ ଯୋଗ ଦେଇଥିଲେ। ସେମାନେ ପ୍ଲାକାର୍ଡ ଧରି ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ କରିଥିଲେ। ସର୍କଲ ମହାପ୍ରବନ୍ଧକ ରମାକାନ୍ତ ପ୍ରଧାନ, ଆଞ୍ଚଳିକ ମହାପ୍ରବନ୍ଧକ କେ.ବି.ବି.ଏନ୍.ଏସ୍. ରାମମୂର୍ତ୍ତି ଏଥିରେ ଯୋଗ ଦେଇଥିଲେ। ଅକ୍ଟୋବର ୨ରେ ଖଣ୍ଡଗିରି ଅଞ୍ଚଳରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

> ସରକାରୀ ଏଜେନ୍ସି ନିକଟରେ ପର୍ଯ୍ୟାପ୍ତ ଡାଟା ଥିବା ସତ୍ତ୍ୱେ ସେମାନେ ଅଯଥାରେ ବାଣିଜ୍ୟ ଗୋଷ୍ଠୀଙ୍କୁ ହଇରାଣ କରୁଥିବା ଅତ୍ୟନ୍ତ ଉଦ୍ବେଗଜନକ।
> – ଅଜୟ ପିରାମଲ, ଅଧ୍ୟକ୍ଷ, ପିରାମଲ ଗ୍ରୁପ



> ଦେଶର ୩ ପ୍ରମୁଖ ବନ୍ଦରରୁ ପବନ ଶକ୍ତି ଉତ୍ପାଦନ ଲାଗି କେନ୍ଦ୍ର ସରକାର ଯୋଜନା ରଖିଛନ୍ତି।
> – ନୀତିନ ଗଡକରୀ, କେନ୍ଦ୍ର ସଡକ ଏବଂ ପରିବହନ ମନ୍ତ୍ରୀ



# ଭେଣ୍ଡର ବକେୟା ଶୀଘ୍ର ପ୍ରଦାନ ନେଇ ରାଷ୍ଟ୍ରାୟତ୍ତ ସଂସ୍ଥାଙ୍କୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୨୮-୯**

**ଅଭିବୃଦ୍ଧି ଲାଗି କେନ୍ଦ୍ରର ପଦକ୍ଷେପ**

- ଅକ୍ଟୋବର ୧୫ ସୁଦ୍ଧା ବକେୟା ପୈଠ ନେଇ କୁହାଗଲା
- ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମୁଖ୍ୟଙ୍କୁ ଭେଟିଲେ ସୀତାରାମନ
- ଭେଣ୍ଡରଙ୍କ ଲାଗି ଶୀଘ୍ର ପୋର୍ଟାଲ ବ୍ୟବସ୍ଥା
- ପେମେଣ୍ଟ ଏବଂ ବିଲ୍ ଟ୍ରାକ କରିବା ହେବ ସହଜ
- ୪ ତ୍ରୈମାସର ଖର୍ଚ୍ଚ ଯୋଜନା ତଥ୍ୟ ମଗାଗଲା



ଦେଶରେ ଅର୍ଥନୈତିକ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାକୁ ସରକାର ପଦକ୍ଷେପ ନେଇଛନ୍ତି। ଏହି ଧାରାରେ ଆସନ୍ତା ମାସ ୧୫ ସୁଦ୍ଧା ଭେଣ୍ଡର ଏବଂ କଣ୍ଟ୍ରାକ୍ଟରଙ୍କ ସମସ୍ତ ବକେୟା ପ୍ରଦାନ କରିବା ଲାଗି ସରକାର ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡିକୁ ଶନିବାର ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ଦେଶର ଅଭିବୃଦ୍ଧି ସର୍ବନିମ୍ନ ସ୍ତରରେ ରହିଛି। ଏହା ସରକାରଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ବିଭିନ୍ନ କ୍ଷେତ୍ରର ଖର୍ଚ୍ଚ ବୃଦ୍ଧି ଦ୍ୱାରା ଅର୍ଥ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ଲାଗି ସରକାର ଏଭଳି ଏକ ପ୍ରୟାସ କରିଥିବା ଜଣାପଡିଛି। ନୂଆଦିଲ୍ଲୀଠାରେ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମୁଖ୍ୟମାନଙ୍କ ସହ ଶନିବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବୈଠକ କରିବା ସହ ସଂସ୍ଥାଗୁଡିକର ପୁଞ୍ଜି ବିନିଯୋଗ କାର୍ଯ୍ୟକ୍ରମକୁ ସମୀକ୍ଷା କରିଛନ୍ତି।

ଏହି ଅବସରରେ ନିର୍ମଳା କହିଛନ୍ତି ଯେ, ଅକ୍ଟୋବର ୧୫ ସୁଦ୍ଧା ଏକ ପୋର୍ଟାଲ ବ୍ୟବସ୍ଥା କରିବାକୁ ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡିକୁ କୁହାଯାଇଛି। ଏଠାରେ ସେବା ଯୋଗାଣକାରୀ, ଭେଣ୍ଡର ଏବଂ କଣ୍ଟ୍ରାକ୍ଟରମାନେ ସେମାନଙ୍କ ପେମେଣ୍ଟ ଏବଂ ବିଲ୍କୁ ଟ୍ରାକ କରିବାକୁ ସକ୍ଷମ ହେବେ। ଏହା ଦ୍ୱାରା ନଗଦ ସମସ୍ୟା ହ୍ରାସ କରାଯାଇ ପାରିବ ବୋଲି ନିର୍ମଳା ସ୍ପଷ୍ଟ କରିଛନ୍ତି। ସେହିଭଳି ଭେଣ୍ଡର ଏବଂ କଣ୍ଟ୍ରାକ୍ଟରଙ୍କ ସହ ଦ୍ୱନ୍ଦ୍ୱ ଯୋଗୁ ଫଇସଲା ହୋଇ ପାରି ନ ଥିବା ପେମେଣ୍ଟ ସମ୍ପର୍କିତ ବୁଝାମଣାରେ କେତେ ସମୟ ଲାଗୁଛି ତା'ର ବିସ୍ତୃତ ତଥ୍ୟ ଉପରେ ସଂସ୍ଥାଗୁଡିକର ପକ୍ଷ ଲୋଡା ଯାଇଛି।

ଆଗାମୀ ୪ ତ୍ରୈମାସ ଲାଗି ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡିକ ସେମାନଙ୍କ ଖର୍ଚ୍ଚ ସଂକ୍ରାନ୍ତ ଯୋଜନା ପ୍ରଦାନ କରିବାକୁ କୁହାଯାଇଛି। ଅର୍ଥ ସଚିବ ରାଜୀବ କୁମାର କହିଛନ୍ତି, ୩୪ କେନ୍ଦ୍ରୀୟ ସଂସ୍ଥା ଅଗଷ୍ଟ ମାସ ଶେଷ ସୁଦ୍ଧା ୪୮,୦୭୭ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଚଳିତ ବର୍ଷ ଡିସେମ୍ବର ସୁଦ୍ଧା କମ୍ପାନୀଗୁଡିକ ଆଉ ୫୦,୧୫୯ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା ରଖିଛନ୍ତି। ସେହିଭଳି ଜାନୁଆରୀ ମାର୍ଚ୍ଚ ତ୍ରୈମାସରେ କମ୍ପାନୀଗୁଡିକ ୫୪,୭୦୦ କୋଟି ଟଙ୍କା ବିନିଯୋଗ କରିବେ। ଏଥିରେ ବ୍ୟୟ ସଚିବ ଗିରିଶ ଚନ୍ଦ୍ର ମୁର୍ମୁ କହିଛନ୍ତି ଯେ, ୨୪୨ ରାଷ୍ଟ୍ରାୟତ୍ତ ସଂସ୍ଥାର ମୋଟ ଖର୍ଚ୍ଚ ମିଶିଲେ ପ୍ରାୟ ୪ ଲକ୍ଷ କୋଟି ଟଙ୍କା ହେବ।



## ରାଜଧାନୀରେ କ୍ୟାରେଟ୍ଲେନର ଦ୍ୱିତୀୟ ଷ୍ଟୋର

**ଭୁବନେଶ୍ୱର,୨୮-୯(ବ୍ୟୁରୋ)**

ପ୍ରମୁଖ ଗହଣା ବ୍ରାଣ୍ଡ ତନିଷ୍କର ପାର୍ଟନରଶିପ ଷ୍ଟୋର କ୍ୟାରେଟଲେନର ଦ୍ୱିତୀୟ ଶୋ'ରୁମ ସ୍ଥାନୀୟ ଚନ୍ଦ୍ରଶେଖରପୁରଠାରେ ଖୋଲିଛି। ତନିଷ୍କ ଷ୍ଟୋର ନିକଟରେ ଏହା ଖୋଲିଥିବା ବେଳେ କ୍ୟାରେଟ୍ଲେନର ୭୧ତମ ଷ୍ଟୋର। ଏହାକୁ କ୍ୟାରେଟ୍ଲେନର ଫ୍ରାଞ୍ଚାଇଜି ଓନର ମାନିକ ହଂସ, ଯୋଗେନ୍ଦ୍ର ହଂସ, ଲିପ୍ସା ନାୟକ ହଂସ, ଲେଖିକା ଇତିସାମନ୍ତ ଶୁଭାରମ୍ଭ କରିଛନ୍ତି। ୨୦୦୦ ବର୍ଗଫୁଟ ସ୍ଥାନରେ ଶୋ'ରୁମଟି ଅବସ୍ଥିତ। ଗ୍ରାହକଙ୍କୁ ଗହଣା କ୍ରୟର ଏକ ଭିନ୍ନ ଅନୁଭୂତି ପ୍ରଦାନ କରିବାରେ ଏହା ସହାୟକ ହେବ। କ୍ୟାରେଟ୍ଲେନର ସଦ୍ୟତମ ଡିଜାଇନଯୁକ୍ତ ଗହଣା ପକେଟକୁ ସୁହାଇଲା ଭଳି ମୂଲ୍ୟରେ ଗ୍ରାହକ ଏଠାରେ ଲାଭ କରିପାରିବେ। ୨୦୦୮ରେ ମିଥୁନ ସାଚେତି ଏବଂ ଶ୍ରୀନିବାସନ ଗୋପାଳନଙ୍କ ଦ୍ୱାରା କ୍ୟାରେଟ୍ଲେନ ପ୍ରତିଷ୍ଠା କରାଯାଇଥିଲା। ଗ୍ରାହକଙ୍କୁ ସହଜରେ ଉପଲବ୍ଧ ହେଲା ଭଳି ଗହଣା ଏହା ପ୍ରସ୍ତୁତ କରିଥାଏ। ଏହା ଦେଶର ପ୍ରମୁଖ ଅନ୍ଲାଇନ ଗହଣା ବ୍ରାଣ୍ଡ ଭାବେ ମଧ ଲୋକପ୍ରିୟତା ହାସଲ କରିଛି। କ୍ୟାରେଟ୍ଲେନ ଡଟ୍ କମ୍ ଦ୍ୱାରା ଗ୍ରାହକ କମ୍ପାନୀରୁ ଶପିଂ କରିଥାନ୍ତି। ମାତ୍ର ଅଫ୍ଲାଇନରେ ଉପସ୍ଥିତି ବଢାଇବା ଲାଗି ଏକାଧିକ ଚ୍ୟାନେଲକୁ କ୍ୟାରେଟ୍ଲେନ ଗୁରୁତ୍ୱ ଦେଇଛି। ୨୦୧୬ରେ ତନିଷ୍କ ଏବଂ କ୍ୟାରେଟ୍ଲେନ ଚୁକ୍ତିରେ ସାମିଲ ହୋଇଥିଲେ। କ୍ୟାରେଟ୍ଲେନର ଗୁଣବତ୍ତା ଜରିଆରେ ଗ୍ରାହକଙ୍କୁ ଗହଣା ଯୋଗାଣ ଏହାର ଲକ୍ଷ୍ୟ ଥିଲା ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି।



## ଅରୁନ୍ଧତୀର ଲକ୍ଷପତି ଲକି ଡ୍ର ବିଜେତା

**ଭୁବନେଶ୍ୱର,୨୮-୯**

ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଲକ୍ଷପତି ଲକି ଡ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗଡର ସ୍ୱୟଂସିଦ୍ଧା ମଣ୍ଡପଠାରେ ଲକ୍ଷପତି ଚୟନ କରାଯାଇଥିବା ଶୋ'ରୁମ ପକ୍ଷରୁ ସୂଚନା ରହିଛି। ଏହି ଅବସରରେ ଫେଷ୍ଟିଭ ଅଫର ଶୁଭାରମ୍ଭ ହୋଇଛି। ୨୦ ବର୍ଷ ଧରି ଏଭଳି ଅଫର ପ୍ରଦାନ କରାଯାଉଛି। ଚଳିତ ବର୍ଷ ୨ଟି ପର୍ଯ୍ୟାୟରେ ୫୦ ଜଣ ଲକ୍ଷପତି ହେବାର ସୁଯୋଗ ପାଇପାରିବେ ବୋଲି ସୂଚନା ରହିଛି। ଲକିଡ୍ରରେ ଭାଗ୍ୟଶାଳୀ ବିଜେତା ହୋଇ ଲକ୍ଷପତି ହୋଇଥିବା ଗ୍ରାହକଙ୍କ ମଧ୍ୟରେ ଭୁବନେଶ୍ୱର ଶାଖାର ୬, ବଲାଙ୍ଗୀର ଶାଖାର ୪, ସମ୍ବଲପୁର ଶାଖାର ୪ ଏବଂ ଭବାନୀପାଟଣାରୁ ୨ ଗ୍ରାହକ ଅଛନ୍ତି। କାର୍ଯ୍ୟକ୍ରମରେ ଅରୁନ୍ଧତୀର ଏମ୍ଡି ବ୍ରହ୍ମାନନ୍ଦ ମେହେର, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ, ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାହକଙ୍କ ବିଶ୍ୱାସ ଗୁଣବତ୍ତା ସେବା ଯୋଗାଣରେ ସହାୟତା କରିଛି ବୋଲି ଏମ୍ଡି ମେହେର କହିଛନ୍ତି। କାର୍ଯ୍ୟକ୍ରମରେ ବ୍ରାଣ୍ଡ ଆମ୍ବାସାଡର ଅର୍ଚ୍ଚିତା ସାହୁ, ଅଭିନେତା ରାଇମୋହନ, ସାମାଜିକ କର୍ମୀ ଲଳିତ ନାୟକ, ହରିନାରାୟଣ ପୂଜାରୀ, କିଶୋର ରଥ ପ୍ରମୁଖ ଯୋଗ ଦେଇଥିଲେ।

## ଦେଶରେ ଲାଗୁ ହେଉନି ଠିକ୍ ଅର୍ଥନୈତିକ ନୀତି: ସୁବ୍ରମଣ୍ୟନ ସ୍ୱାମୀ

**ମୁମ୍ବାଇ,୨୮-୯**

ଦେଶରେ ଠିକ୍ ଅର୍ଥନୈତିକ ନୀତି ଲାଗୁ ହେଉ ନ ଥିବା ଭାଜପା ନେତା ସୁବ୍ରମଣ୍ୟନ ସ୍ୱାମୀ ଶନିବାର କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମେକ ଇନ୍ ଇଣ୍ଡିଆ ଭଳି କିଛି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ହେଲେ ସମଗ୍ର ଅର୍ଥନୀତିକୁ ଦେଖିଲେ ଅନେକ କିଛି ଅଭାବ ରହିଥିବା ସେ କହିଛନ୍ତି। ଏଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସ୍ୱାମୀ କହିଛନ୍ତି, ଜବାହରଲାଲ ନେହେରୁ ଦେଶ ଉପରେ ବଳପୂର୍ବକ ସୋଭିଏଟ୍ ଅର୍ଥନୈତିକ ମଡେଲ ଲଦିଦେଲେ। ଫଳରେ ଅର୍ଥନୀତିକୁ ଏହା ନିମ୍ନଗାମୀ କରିଛି। ବର୍ତ୍ତମାନ ସରକାର ଅନେକ ପଦକ୍ଷେପ ଉପରେ କାର୍ଯ୍ୟ କରୁଥିବା ବେଳେ ସାରା ଦେଶର ସମସ୍ୟା ସମାଧାନ ହେଲା ଭଳି ନୀତି ଉପରେ କାମ ଏଯାଏ ହେବା ସମ୍ଭବ ହୋଇ ନାହିଁ। ଏନେଇ ଚିନ୍ତା କରିବାର ଆବଶ୍ୟକତା ରହିଛି। ସେହିଭଳି ସେ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନଙ୍କୁ ସମାଲୋଚନା କରିଛନ୍ତି। ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଲାଗି ଉଚ୍ଚ ସୁଧହାର ଭଳି ରାଜନଙ୍କ ପଦକ୍ଷେପକୁ ସେ ନାପସନ୍ଦ କରିଛନ୍ତି। ଏହା ଦ୍ୱାରା ଦେଶରେ ବେକାରି ସମସ୍ୟା ବଢିବା ସହ କ୍ଷୁଦ୍ର ଶିଳ୍ପଗୁଡିକ ସମସ୍ୟା ସାମ୍ନା କଲେ ବୋଲି ସେ ମତ ରଖିଛନ୍ତି। ବ୍ୟାଙ୍କଗୁଡିକ ଋଣ ପ୍ରଦାନ ବେଳେ ସୁଧହାରକୁ ୯%ରୁ ଅଧିକ ନ କରିବା ନେଇ ସରକାର ନିଶ୍ଚିତ କରାଇବା ଆବଶ୍ୟକ ବୋଲି ସେ କହିଛନ୍ତି। ଏହା ହେଲେ ନିବେଶ ଏବଂ ଅଭିବୃଦ୍ଧି ହାର ବଢିବ। ଏହାବାଦ ସଞ୍ଚୟ ବଢାଇବା ଲାଗି ଆୟକରକୁ ବାଦଦେବା ଉଚିତ। ନେହେରୁଙ୍କ ସମୟରେ ଦେଶର ଅଭିବୃଦ୍ଧି ଧାରା ୩.୫%ରୁ ଅଧିକ ହେବ ନାହିଁ ବୋଲି ବିବେଚନା କରାଯାଉଥିଲା। ବର୍ତ୍ତମାନ ବାର୍ଷିକ ୧୦% ଅଭିବୃଦ୍ଧି ହାସଲ କରିବା ସମ୍ଭବ ବୋଲି ବିଚାର କରାଯାଉଛି। ଦେଶବାସୀଙ୍କ ନିକଟରେ ଏ ନେଇ କ୍ଷମତା, ଦକ୍ଷତା ଏବଂ ସମ୍ବଳ ରହିଥିବା ସ୍ୱାମୀ ସ୍ପଷ୍ଟ କରିଛନ୍ତି।



## ଆଇଫୋନର ୩ ନୂଆ ମଡେଲ ଶୁଭାରମ୍ଭ

**ଭୁବନେଶ୍ୱର,୨୮-୯(ବ୍ୟୁରୋ)**

ଆପଲ୍ କମ୍ପାନୀ ପକ୍ଷରୁ ଆଇଫୋନର ୩ ନୂଆ ମଡେଲ ବଜାରକୁ ଆସିଛି। ସ୍ଥାନୀୟ ଶହୀଦ ନଗରସ୍ଥିତ ଲକ୍ଷ୍ମୀ ମୋବାଇଲଠାରେ ଆଇଫୋନ ୧୧, ୧୧ ପ୍ରୋ ଏବଂ ୧୧ ପ୍ରୋ ମାକ୍ସକୁ ବଜାର ପ୍ରବେଶ କରାଯାଇଛି। ଷ୍ଟୋର ଓନର ନକୁଳ ସୁବୁଦ୍ଧି, ବିତରକ ଅଭିଷେକ ପୋଦ୍ଦାର, ବିତରଣ ପ୍ରବନ୍ଧକ ପୀୟୁଷ କୁମାର ଏହି ମଡେଲଗୁଡ଼ିକୁ ଉନ୍ମୋଚନ କରିଥିଲେ। ଆଇଫୋନ ୧୧ର ମୂଲ୍ୟ ୬୪,୯୦୦ ଟଙ୍କାରୁ ୭୯,୯୦୦ ଟଙ୍କା ରହିଥିବା ପୋଦ୍ଦାର କହିଛନ୍ତି। ଏହା ୬୪ ଜିବି, ୧୨୮ ଜିବି ଏବଂ ୨୫୬ ଜିବି ବର୍ଗରେ ଆସୁଛି। ଆଇଫୋନ ୧୧ ଉପରେ ଏଚ୍ଡିଏଫ୍ସି କାର୍ଡରେ ୬ ହଜାର ଟଙ୍କାର କ୍ୟାଶବ୍ୟାକ ଏବଂ ଆଇଫୋନ ୧୧ ପ୍ରୋ ଉପରେ ୭ ହଜାର ଟଙ୍କାର କ୍ୟାଶବ୍ୟାକ ମିଳୁଛି। ମଡେଲ ବଜାର ପ୍ରବେଶ ଅବସରରେ ଗ୍ରାହକଙ୍କଠାରୁ ଏହା ଭଲ ରେସପନ୍ସ ଲାଭ କରିଛି। ପ୍ରଥମ ଦିନରେ ରାଜଧାନୀରେ ୨୫୦ ପ୍ରିବୁକ ଅର୍ଡର କମ୍ପାନୀ ଲାଭ କରିଛି। ଏହା ସହ ଆଇଫୋନ ସିରିଜ ୫ ଘଣ୍ଟା ମଧ ଏହି ଅବସରରେ ବଜାର ପ୍ରବେଶ କରାଯାଇଥିଲା। କ୍ୟାଶବ୍ୟାକ ସ୍କିମ ପରେ ଏହା ୩୭ ହଜାର ଟଙ୍କାରେ ଉପଲବ୍ଧ ହେବ। ଏହି ମଡେଲଗୁଡିକ ଦ୍ୱାରା ବ୍ୟବସାୟ ୩ ଗୁଣ ଅଭିବୃଦ୍ଧି ହେବା ନେଇ ବିତରକ ଆଶା ରଖିଛନ୍ତି। ଏହାବାଦ ମଡେଲଗୁଡିକ ଟେକ୍ଜୋନ, ଟେକ୍ ଆଣ୍ଡ୍ରା, ସିଷ୍ଟମ ମୋବାଇଲ, ୟୁନିକର୍ନ ଭଳି ଷ୍ଟୋର ଗୁଡିକରେ ବଜାର ପ୍ରବେଶ କରାଯାଇଛି।



## ଜେଡ୍ଟିଇ-ଆମିଟି ୟୁନିଭର୍ସିଟି ମଧ୍ୟରେ ସହଭାଗିତା

**ନୂଆଦିଲ୍ଲୀ,୨୮-୯**

ପ୍ରମୁଖ ଟେକ୍ନୋଲୋଜି କମ୍ପାନୀ ଜେଡ୍ଟିଇ କର୍ପୋରେଶନ ଏବଂ ଆମିଟି ୟୁନିଭର୍ସିଟି ଷ୍ଟ୍ରାଟେଜିକ ସହଭାଗିତାରେ ସାମିଲ ହୋଇଛନ୍ତି। ଏହାଦ୍ୱାରା ଉଭୟେ ସ୍କଲାରଶିପ ପ୍ରୋଗ୍ରାମ, ତାଲିମ ଏବଂ ଉନ୍ନତୀକରଣ, ନିଯୁକ୍ତି ଏବଂ ଛାତ୍ରୀଛାତ୍ର ବିକାଶ ନେଇ ବିଭିନ୍ନ ପଦକ୍ଷେପ ଉପରେ କାର୍ଯ୍ୟ କରିବେ। ଜେଡ୍ଟିଇ ଗତ ୨୦ ବର୍ଷ ଧରି ଭାରତୀୟ ବଜାରରେ ନିଜର ଉପସ୍ଥିତି ଜାହିର କରିଛି। ୫-ଜି ଇନୋଭେଶନ ସହ ଅତ୍ୟାଧୁନିକ ଟେଲିକମ୍ୟୁନିକେଶନ ସିଷ୍ଟମ, ମୋବାଇଲ ଡିଭାଇସ, ଏଣ୍ଟରପ୍ରାଇଜ ଟେକ୍ନୋଲୋଜି ସଲ୍ୟୁଶନ ପ୍ରଦାନ କ୍ଷେତ୍ରରେ ଜେଡ୍ଟିଇ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଛାତ୍ରୀଛାତ୍ରଙ୍କ ସଶକ୍ତୀକରଣ ଦିଗରେ ଏହି ଚୁକ୍ତି ସହାୟକ ହେବ ବୋଲି ଜେଡ୍ଟିଇ ଇଣ୍ଡିଆର ସିଇଓ ଡେଜିଗନେଟ୍ ୟାନ ଜିଓ କହିଛନ୍ତି। ଏହି ଚୁକ୍ତି ଛାତ୍ରୀଛାତ୍ରଙ୍କ ଟେକ୍ନୋଲୋଜି ଦକ୍ଷତା ବୃଦ୍ଧିରେ କାମ କରିବ ବୋଲି ଆମିଟି ସ୍କୁଲ ଅଫ ଫିଲ୍ମ ଆଣ୍ଡ ଡ୍ରାମାର ଅଧ୍ୟକ୍ଷା ପୂଜା ଚୌହାନ କହିଛନ୍ତି।

## ଡ୍ୟୁକ୍ ଅଧ୍ୟକ୍ଷ କୋମଲ କୁମାର ଜୈନ ସମ୍ମାନିତ



**ସିମ୍ଲା,୨୮-୯**

ଦେଶର ବୟନ ତଥା ଫ୍ୟାଶନ ଶିଳ୍ପକୁ ଉଲ୍ଲେଖନୀୟ ଯୋଗଦାନ ଲାଗି ଡ୍ୟୁକ୍ ଫ୍ୟାଶନ୍ସ ଇଣ୍ଡିଆ ଲିମିଟେଡର ଅଧ୍ୟକ୍ଷ କୋମଲ କୁମାର ଜୈନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ହିମାଚଳ ରତ୍ନ କଫି ଟେବୁଲ ବୁକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର, କୋମଲ କୁମାର ଜୈନ ଏବଂ ତାଙ୍କ ସ୍ତ୍ରୀ କାଞ୍ଚନ ଜୈନଙ୍କୁ ସମ୍ମାନିତ କରିଥିଲେ। ଏହି ପୁରସ୍କାର ଲାଭ କରି ଅତ୍ୟନ୍ତ ଖୁସି ବୋଲି ଅଧ୍ୟକ୍ଷ ଜୈନ କହିଛନ୍ତି। ଲୋକଙ୍କ ଭଲ ପାଇବା ସହ ଡ୍ୟୁକ୍ ଏତେ ଆଗକୁ ଯାଇ ପାରିଛି। ଗ୍ରାହକଙ୍କୁ ସର୍ବଦା ଗୁଣବତ୍ତା ଏବଂ ନୂତନତ୍ୱ ପ୍ରଦାନ ଦିଗରେ କାର୍ଯ୍ୟ କରୁଛୁ। ସୁଲଭ ମୂଲ୍ୟର ଅନ୍ତର୍ଜାତୀୟ ସ୍ତରର ଡିଜାଇନ ଏବଂ ଷ୍ଟାଇଲ ପ୍ରଦାନକୁ କମ୍ପାନୀ ଗୁରୁତ୍ୱ ଦେଉଛି। ଦେଶର ଅର୍ଥନୀତି ବିକାଶ କ୍ଷେତ୍ରରେ ବୟନ ଶିଳ୍ପର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର କହିଛନ୍ତି।

## ଲକ୍ଷ୍ମୀ ବିଳାସ ବ୍ୟାଙ୍କ ବିରୋଧରେ ପିସିଏ କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ,୨୮-୯**



ରିଜର୍ଭ ବ୍ୟାଙ୍କ ଲକ୍ଷ୍ମୀ ବିଳାସ ବ୍ୟାଙ୍କ ବିରୋଧରେ ପ୍ରମ୍ପଟ କରେକ୍ଟିଭ ଆକ୍ସନ (ପିସିଏ)କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବ୍ୟାଙ୍କର ନିର୍ଦ୍ଦେଶକଙ୍କ ବିରୋଧରେ ଠକେଇ ଅଭିଯୋଗ ଆସିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ହୋଇଥିବା ଏହା ଷ୍ଟକ ଏକ୍ସଚେଞ୍ଜକୁ ଶନିବାର ସୂଚନା ଦେଇଛି। ଦିଲ୍ଲୀ ପୋଲିସର ଅର୍ଥନୈତିକ ଅପରାଧ ଶାଖା ଉକ୍ତ ଅଭିଯୋଗ ଉପରେ ତଦନ୍ତ କରୁଛି। ବୃହତ୍ ପରିମାଣର ଏନ୍ପିଏ, ବିପଦ ପରିଚାଳନା ଲାଗି ପର୍ଯ୍ୟାପ୍ତ ପୁଞ୍ଜି ଅଭାବ ଏବଂ ଲଗାତର ୨ ବର୍ଷ ଧରି ଆସେଟ ଉପରେ ନକାରାତ୍ମକ ରିଟର୍ନ ଭଳି ଅସୁବିଧାକୁ ବିଚାର କରି କେନ୍ଦ୍ରୀୟ ବ୍ୟାଙ୍କ ଏଭଳି କାର୍ଯ୍ୟାନୁଷ୍ଠାନ ନେଇଛି। ବ୍ୟାଙ୍କ ବୋର୍ଡ ବିରୋଧରେ ଠକେଇ ଏବଂ ଅର୍ଥ ହେରଫେର ନେଇ ଗୁରୁତର ଅଭିଯୋଗ ଆସିଛି। ଇଣ୍ଡିଆ ବୁଲ୍ସ ହାଉସିଂ ଫାଇନାନ୍ସ ଏବଂ ଲକ୍ଷ୍ମୀ ବିଳାସ ବ୍ୟାଙ୍କ ମିଶ୍ରଣ ନେଇ ପ୍ରସ୍ତାବ ରହିଥିବା ବେଳେ ଏଭଳି କାର୍ଯ୍ୟାନୁଷ୍ଠାନ ଉକ୍ତ ବ୍ୟାଙ୍କ ଲାଗି ସମସ୍ୟା ସୃଷ୍ଟି କରିବା ନେଇ ଆଶଙ୍କା କରାଯାଉଛି। ମିଶ୍ରଣ ପ୍ରସ୍ତାବ ବର୍ତ୍ତମାନ ରିଜର୍ଭ ବ୍ୟାଙ୍କର ମଞ୍ଜୁରୀ ଅପେକ୍ଷାରେ ରହିଛି।

ଆର୍ଥିକ ବର୍ଷ ୨୦୧୯ରେ ବ୍ୟାଙ୍କର ନେଟ୍ଏନ୍ପିଏ ୭.୪୯% ରହିଛି। ସେହିଭଳି ପୁଞ୍ଜି ପର୍ଯ୍ୟାପ୍ତତା ଅନୁପାତ ୭.୭୨% ଏବଂ ସମ୍ପତ୍ତିରୁ ରିଟର୍ନ (-)୨.୩୨% ରହିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ବ୍ୟାଙ୍କ ୮୯୪.୧୦ କୋଟି କ୍ଷତି ସହିଛି। ପିସିଏ କାର୍ଯ୍ୟାନୁଷ୍ଠାନ ଦ୍ୱାରା ବ୍ୟାଙ୍କର ପରଫରମାନ୍ସ ବୃଦ୍ଧି, ଦୈନନ୍ଦିନ କାର୍ଯ୍ୟ ପ୍ରଣାଳୀରେ ଦକ୍ଷତା, ଜମା ଗ୍ରହଣ ଏବଂ ପୁନଃ ନେଣଦେଣରେ ସୁଧାର ଆସିବା ନେଇ ବ୍ୟାଙ୍କ ଆଶାବାଦି ରହିଛି। କେବଳ ଲକ୍ଷ୍ମୀ ବିଳାସ ବ୍ୟାଙ୍କ ନୁହେଁ ରାଷ୍ଟ୍ରାୟତ୍ତ ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଇଡିବିଆଇ ଏବଂ ୟୁକୋ ବ୍ୟାଙ୍କ ମଧ ପିସିଏ ପରିସରରେ ଅଛନ୍ତି। ଏହି ମାମଲାରେ ତଦନ୍ତକାରୀ ଏଜେନ୍ସିଗୁଡିକୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦିଆଯିବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

“ଅଭିଜ୍ଞତା ସତ୍ତ୍ୱେ ଆଗାମୀ ବିଶ୍ୱ ଚାମ୍ପିୟନଶିପ୍‌କୁ ନେଇ ନର୍ଭସ ରହିଛି। ସମୟ ଉପରେ ସବୁ ନିର୍ଭର କରେ। ମୁଁ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିବି କିନ୍ତୁ ପଦକ ଜିତିବା ଉପରେ ଗ୍ୟାରେଣ୍ଟି ଦେବିନି। – ଏମ୍.ସି. ମେରୀକମ୍, ଅଭିଜ୍ଞ ଭାରତୀୟ ବକ୍ସର



“ ‘ଅଲିମ୍ପିକ୍ସରେ ପଦକ ଜିତିବା ପାଇଁ କେବଳ ବକ୍ସିଂ ଜାରି ରଖିଛି। ଆଜି ପର୍ଯ୍ୟନ୍ତ ଯେଉଁସବୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛି ସବୁଥିରେ ପଦକ ଜିତିଛି। –ସରିତା ଦେବୀ, ଷ୍ଟାର୍ ଭାରତୀୟ ବକ୍ସର



## ସଂକ୍ଷେପରେ

### ରୁଥ୍ ଜିତିଲେ ପ୍ରଥମ ସ୍ୱର୍ଣ୍ଣ



ଦୋହା, ୨୮।୯: ଦୋହାରେ ଚାଲିଥିବା ଆଇଏଏଏଫ୍ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ପ୍ରଥମ ଆଥ୍‌ଲେଟ୍ ଭାବେ କେନିଆର ଧାବିକା ରୁଥ୍ ଚେପନଗେଟିଚ୍ ସ୍ୱର୍ଣ୍ଣ ପଦକ ଜିତିବାର କୃତିତ୍ୱ ହାସଲ କରିଛନ୍ତି। ମହିଳା ବିଭାଗ ମାରାଥନ (୪୨.୧୯୫ କି.ମି.)ରେ ୨୫ ବର୍ଷୀୟା ରୁଥ୍ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ମହିଳା ମାରାଥନରେ ଶୀର୍ଷ ମାନ୍ୟତା ରୁଥ୍ ଟାଇଟଲ୍ ଫେଭରାଇଟ୍ ରହିଥିଲେ। ସେ ଏହି ଦୂରତାକୁ ୨ ଘଣ୍ଟା ୩୨ ମିନିଟ୍ ଓ ୪୩ ସେକେଣ୍ଡରେ ଫିନିଶ କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ସ୍ଥାନୀୟ ସମୟ ଶୁକ୍ରବାର ରାତି ୧୧ଟା ୫୯ରେ ଏହି ମାରାଥନ ଆରମ୍ଭ ହୋଇଥିଲା। ରାତି ପାଖାପାଖି ୨ଟା ୩୦ରେ ରୁଥ୍ ଫିନିଶିଂ ଲାଇନ୍ ଅତିକ୍ରମ କରିଥିଲେ। ଡିଫେଣ୍ଡିଂ ଚାମ୍ପିୟନ ବାହାରିନର ଧାବିକା ରୋଜ୍ ଚେଲିମୋ (୨:୩୩:୪୬) ଓ ନାମ୍ବିଆର ହେଲାଲିଆ ଜୋହାନ୍ସ (୨:୩୪:୧୫) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିଲେ। ମୋଟ୍ ୬୮ ପ୍ରତିଯୋଗୀ ରନିଂ ଆରମ୍ଭ କରିଥିଲେ ମଧ୍ୟ ପ୍ରବଳ ଗରମ କାରଣରୁ ୨୩ଜଣ ଫିନିଶ୍ କରିବାରେ ବିଫଳ ରହିଥିଲେ। ଏହାକୁ ନେଇ ପ୍ରତିଯୋଗୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖିବାକୁ ମିଳିଥିଲା।

### ରାହୁଲଙ୍କ ଏକ ହଜାର ପିକେଏଲ୍ ପଏଣ୍ଟ

ପଞ୍ଚକୁଲା, ୨୮।୯ (ପି.ଟି.): ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ରେ ଶନିବାର ଏଠାରେ ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଗୁଜରାଟ ଫରଚ୍ୟୁନ୍‌ଜିଆଣ୍ଟ୍ସ ୫୦-୨୧ ପଏଣ୍ଟରେ ଏକପାଖିଆ ଭାବେ ତାମିଲ ଥଲାଇଭାସକୁ ପରାସ୍ତ କରିଛି। ବିଜୟୀ ଗୁଜରାଟ ପକ୍ଷରୁ ରୋହିତ୍ (୧୧ ପଏଣ୍ଟ) ଓ ସୋନୁ (୧୫ ପଏଣ୍ଟ) ସୁପର୍-୧୦ ସ୍କୋର କରିଥିଲେ। ପିକେଏଲ୍‌ର ଚଳିତ ସିଜନରେ ୩ୟଥର ଲାଗି ତାମିଲ ପ୍ରତିପକ୍ଷ ଦଳକୁ ୫୦ ପଏଣ୍ଟ ସ୍କୋର କରିବାର ସୁଯୋଗ ଦେଇଛି। ପରାଜୟ ସତ୍ତ୍ୱେ ଥଲାଇଭାସର ରାଇଡର୍ ରାହୁଲ ଚୌଧୁରୀ ପିକେଏଲ୍‌ରେ ମୋଟ୍ ଉପରେ ୧୦୦୦ ପଏଣ୍ଟ ସ୍କୋର କରିବାର ସୌଭାଗ୍ୟ ଲାଭ କରିଛନ୍ତି। ବିଜୟ ସହ ଗୁଜରାଟ (୪୪ ପଏଣ୍ଟ) ଟେବୁଲ ତାଲିକାର ୮ମ ସ୍ଥାନରେ ରହିଛି। ସେହିଭଳି ୧୯ ମ୍ୟାଚ୍‌ରୁ ୧୩ ପରାଜୟବରଣ କରି ତାମିଲ ୧୨ ଦଳୀୟ ଟେବୁଲ ତାଲିକାର ସର୍ବନିମ୍ନରେ ଅପରିବର୍ତ୍ତିତ ରହିଛି।

## ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍

# ନିରାଶ କଲେ ଦୂତୀ

### ୧୦୦ମି. ହିଟ୍‌ରେ କ୍ୱାଲିଫାଏ କରିବାରେ ବିଫଳ

ଦୋହା,୨୮।୯(ପି.ଟି.)

ଏଠାରେ ଚାଲିଥିବା ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୧୭ତମ ସଂସ୍କରଣ ଦ୍ୱିତୀୟ ଦିବସରେ ପହଞ୍ଚିଛି। ପ୍ରଥମ ଦିନ ଭଳି ଦ୍ୱିତୀୟ ଦିବସରେ ମଧ୍ୟ ଭାରତୀୟ ଆଥଲେଟମାନେ ବିଫଳ ପ୍ରଦର୍ଶନ କରିଛନ୍ତି। ଦେଶର ଦ୍ରୁତତମ ଧାବିକା ଦୂତୀ ଚାନ୍ଦ ୧୦୦ମିଟର ହିଟ୍‌ରେ କ୍ୱାଲିଫାଏ କରିବାରେ ବିଫଳ ହୋଇଛନ୍ତି। ଅର୍ଥାତ ଦୂତୀ ଏହି ହିଟକୁ ଅତିକ୍ରମ କରିପାରିନାହାନ୍ତି। ଶନିବାର ରାତି ୭ଟା ୩୦ରେ ଦୂତୀ ହିଟ୍ ନମ୍ବର ୩ରେ ଅଂଶଗ୍ରହଣ କରିଥିଲେ। ଏହି ହିଟ୍‌ରେ ସେ ୧୧.୪୮ ସେକେଣ୍ଡ ସମୟ ନେଇ ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ଦୌଡ଼ରେ




ଦୂତୀ ବେଶ୍ ଭଲ ଆରମ୍ଭ କରିଥିଲେ। ତାଙ୍କର ରିଆକ୍ସନ ଟାଇମ ମଧ୍ୟ ସବୁଠାରୁ ଦ୍ରୁତ ଥିଲା। ତାଙ୍କର ରିଆକ୍ସନ ଟାଇମ୍ ୦.୧୬୮ ସେକେଣ୍ଡ ରହିଥିଲା। ଏପରିକି ସେ ଅଧା ଦୂରତାକୁ ଅତିକ୍ରମ କରିବାରେ ସବୁଠାରୁ ଆଗରେ ଥିଲେ। ତେବେ ସେ ଏହାର ଫାଇଦା ଉଠାଇପାରି ନ ଥିଲେ ଓ ଏହାପରେ କଥା ଅଲଗା ହୋଇଥିଲା ଏବଂ ସେ ଅନ୍ୟମାନଙ୍କ ପଛରେ ପଡିଯାଇଥିଲେ। ଚଳିତ ସେସନରେ ଦୂତୀଙ୍କର ଏହା ସବୁଠାରୁ ଖରାପ ପ୍ରଦର୍ଶନ ସାବ୍ୟସ୍ତ ହୋଇଛି। ମୋଟ ଉପରେ ୪୭ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ଦୂତୀ ୩୭ତମ ସ୍ଥାନରେ ରହି ଚାମ୍ପିୟନଶିପ୍‌ରୁ ବାଦ୍ ପଡିଛନ୍ତି। ଏହା ପୂର୍ବରୁ ଫେଡେରେଶନ କପ୍ ଅବସରରେ ଦୂତୀ ଗତ ଫେବୃୟାରୀରେ ୧୧.୫୧ ଓ ମାର୍ଚ୍ଚରେ ୧୧.୬୧ ସେକେଣ୍ଡ ସମୟ ନେଇଥିଲେ। ସେମିଫାଇନାଲ ପାଇଁ ଶେଷ କ୍ୱାଲିଫାୟର ଟାଇମିଂ ୧୧.୩୧ ସେକେଣ୍ଡ ରହିଥିଲା। ଏହା ମଧ୍ୟ ଦୂତୀଙ୍କ ଦକ୍ଷତା ତଥା ପହଞ୍ଚ ମଧ୍ୟରେ ଥିଲା। ତେବେ ସେ ଏହି ଟାଇମିଂ ମଧ୍ୟ ହାସଲ କରିପାରି ନ ଥିଲେ। ଏଥିସହିତ ଦୂତୀ ସେମିଫାଇନାଲ ପାଇଁ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଛନ୍ତି। ସେମିଫାଇନାଲ ପାଇଁ ଯୋଗ୍ୟତା ହାସଲ କରିଥିଲେ ସେ ୨୦୨୦ ଟୋକିଓ ଅଲିମ୍ପିକ୍ସ କୋଟା ହାସଲ କରିଥାନ୍ତେ। ଟୋକିଓ ଅଲିମ୍ପିକ୍ସ କ୍ୱାଲିଫିକେଶନ ଷ୍ଟାଣ୍ଡାର୍ଡ ୧୧.୧୫ ସେକେଣ୍ଡ ରହିଛି।

ହିଟ୍ ନମ୍ବର ୩ରେ ଅଲିମ୍ପିକ ଚାମ୍ପିୟନ ଜାମାଇକାର ଏଲାଇନ ଥମ୍ପସନ ୧୧.୧୪ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନରେ ରହି କ୍ୱାଲିଫାଏ



ଦୂତୀ ଚାନ୍ଦ।

କରିଛନ୍ତି। ସେହିପରି ତ୍ରିନିଦାଦ ଓ ଟବାଗୋର କେଲି-ଆନ ବାପ୍ଟିଷ୍ଟ ୧୧.୨୧ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିବା ସହ କ୍ୱାଲିଫାଏ କରିଛନ୍ତି। ସେହିପରି ଆମେରିକାର ମୋରୋଲେକ ଅକିନୋସୁନ ୧୧.୨୩ ସେକେଣ୍ଡ ସମୟ ନେଇ କ୍ୱାଲିଫାଏ କରିଛନ୍ତି। ସେହିପରି ଏହି ହିଟ୍‌ରେ ଚାଇନାର ଜି ମାନକି ୧୧.୨୮, ଫ୍ରାନ୍ସର ଓର୍ଲାନ ଓମ୍ପିସା ଡିଜାନଗୁ ୧୧.୩୪, ବ୍ରିଟେନର ଆଶା ଫିଲିପ୍ ୧୧.୩୫ ସେକେଣ୍ଡ ସମୟ ନେଇ ଯଥାକ୍ରମେ ଚତୁର୍ଥ, ପଞ୍ଚମ ଓ ଷଷ୍ଠ ସ୍ଥାନରେ ରହିଛନ୍ତି। କେବଳ ନର୍ଦର୍ନ ମାରିନା ଆଇଲାଣ୍ଡର ଜାରିନାଏ ସାପୋଙ୍ଗ ୧୩.୧୪ ସେକେଣ୍ଡ ନେଇ ଦୂତୀଙ୍କ ପଛକୁ ରହିଥିଲେ। ୬ଟି ହିଟ୍‌ର ପ୍ରଥମ ୩ଜଣ ପ୍ରତିଯୋଗୀ ଓ ପରବର୍ତ୍ତୀ ୬ଜଣ ଦ୍ରୁତତମ ପ୍ରତିଯୋଗୀ ସେମିଫାଇନାଲ ପାଇଁ କ୍ୱାଲିଫାଏ କରିଛନ୍ତି। ଉଲ୍ଲେଖଥାଉ କି, ଗତ ୨୦୧୭ ଲଣ୍ଡନ ବିଶ୍ୱ ଚାମ୍ପିୟନଶିପ୍‌ରେ ମଧ୍ୟ ଦୂତୀ ୧୦୦ ମିଟର ହିଟ୍‌ରେ ୧୨.୦୭ ସେକେଣ୍ଡ ସମୟ ନେଇଥିଲେ ଓ ସେମିଫାଇନାଲ ପାଇଁ ଯୋଗ୍ୟତା ହାସଲ କରିପାରି ନ ଥିଲେ। ତେବେ ଚଳିତ ବର୍ଷ ଏପ୍ରିଲରେ ୨୩ ବର୍ଷୀୟା ଦୂତୀ ଦୋହା ଏସିଆନ ଚାମ୍ପିୟନଶିପ୍‌ରେ ୧୧.୨୬ ସେକେଣ୍ଡ ନେଇ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ଜାତୀୟ ରେକର୍ଡ ସ୍ଥାପନ କରିଥିଲେ। ଏହି ପ୍ରଦର୍ଶନକୁ ମଧ୍ୟ ସେ ଦୋହରାଇବାରେ ବିଫଳ ହୋଇଛନ୍ତି।

### ଜବିର ସେମିରୁ ବାଦ୍

ଦୂତୀ ଚାନ୍ଦଙ୍କ ପରେ ଅନ୍ୟତମ ଭାରତୀୟ ଆଥଲେଟ ଏମ୍‌ପି ଜବିର ମଧ୍ୟ ବାଦ୍ ପଡିଛନ୍ତି। ପୁରୁଷ ୪୦୦ମିଟର ହର୍ଡଲ୍ସ ରେସ୍‌ରେ ଜବିର ନିରାଶ କରିଛନ୍ତି। ସେ ୪୦୦ମି. ହର୍ଡଲ୍ସ ରେସ୍‌ର ସେମିଫାଇନାଲରେ ୪୯.୭୧ ସେକେଣ୍ଡ ସମୟ ନେଇ ପଞ୍ଚମ ସ୍ଥାନରେ ରହିଥିଲେ। ଏଥିସହିତ ସେ ଫାଇନାଲକୁ ଉଠିବାରେ ବିଫଳ ହୋଇଛନ୍ତି।

## ଭାରତୀୟ ମିକ୍ସଡ ରିଲେ ଦଳକୁ ଅଲିମ୍ପିକ ଯୋଗ୍ୟତା



ବିଶ୍ୱ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିନରେ ମିକ୍ସଡ ୪ ଗୁଣା ୪୦୦ ରିଲେ ଦଳ ଭାରତୀୟ ଶିବିରରେ ଖୁସି ଆଣିଦେଇଛି। ଭାରତୀୟ ମିକ୍ସଡ ରିଲେ ଦଳ ଫାଇନାଲରେ ପ୍ରବେଶ କରିଛି। ଏଥିସହିତ ଏହି ଦଳ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛି। ମହମ୍ମଦ ଆନସ, ଭି.କେ. ବିସ୍ମୟ, ଜିସ୍ନା ମାଥ୍ୟୁ ଓ ଟମ୍ ନିର୍ମଳଙ୍କୁ ନେଇ ଗଠିତ ଭାରତୀୟ ଦଳ ଶନିବାର ଅନୁଷ୍ଠିତ ସେମିଫାଇନାଲରେ ହିଟ୍ ନମ୍ବର ୨ରେ ୩ ମିନିଟ ୧୬.୧୪ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହିଥିଲା। ଏଥି ସହିତ ଏହି ଦଳ ଆସନ୍ତାବର୍ଷ ଟୋକିଓ ଆୟୋଜନ ହେବାକୁଥିବା ଅଲିମ୍ପିକ୍ସ ପାଇଁ ଟିକେଟ ହାସଲ କରିଛି। ଦୁଇଟି ହିଟ୍‌ର ଶ୍ରେଷ୍ଠ ୩ଟି ଦଳ ଓ ପରବର୍ତ୍ତୀ ଦୁଇଟି ଦ୍ରୁତତମ ଦଳ ଫାଇନାଲ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ରବିବାର ଫାଇନାଲ ଖେଳାଯିବ। ଏହି ରିଲେ ରେସ୍‌ର ଫାଇନାଲରେ ପ୍ରବେଶ କରିଥିବା ଶ୍ରେଷ୍ଠ ୮ଟି ଦଳ ସିଧାସଳଖ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

## କୋଲେମାନ ବର୍ଷର ଦ୍ରୁତତମ ଧାବକ



ଆମେରିକା ଧାବକ କ୍ରିଷ୍ଟିଆନ କୋଲେମାନ ବିଶ୍ୱ ଚାମ୍ପିୟନଶିପ୍ ପୁରୁଷ ୧୦୦ ମିଟର ରେସର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ସେମିଫାଇନାଲ ରେସରେ ସେ ୯.୮୮ ସେକେଣ୍ଡ ସମୟ ନେଇ ଏହି ଦୂରତା ଅତିକ୍ରମ କରିବା ସହ ଫାଇନାଲରେ ସ୍ଥାନ ପକ୍କା କରିଥିଲେ। ଏଥିସହ ୨୩ ବର୍ଷୀୟ କୋଲେମାନ ୧୦୦ ମିଟର ରେସରେ ଚଳିତ ବର୍ଷ ଦ୍ରୁତତମ ଧାବକ ସାବ୍ୟସ୍ତ ହୋଇଛନ୍ତି। ସେହିଭଳି ଅନ୍ୟ ଏକ ସେମିଫାଇନାଲରେ ବିଶ୍ୱର ଅନ୍ୟତମ ଷ୍ଟାର ସ୍ପ୍ରିଣ୍ଟର ଆମେରିକାର ଜଷ୍ଟିନ ଗାଟ୍‌ଲିନ ୩ୟ ସ୍ଥାନ ହାସଲ କରିଛନ୍ତି। ଏହି ହିଟ୍ସରେ କାନାଡାର ଆନ୍ଦ୍ରେ ଡିଗ୍ରାସେ (୧୦.୦୭) ଓ ଜାମାଇକାର ଯୋହାନ ବ୍ଲାକେ (୧୦.୦୯)ଙ୍କ ପଛକୁ ଗାଟ୍‌ଲିନ (୧୦.୦୯) ୩ୟ ସ୍ଥାନରେ ରହି ଫାଇନାଲରେ ପହଞ୍ଚିଥିଲେ।

## ଖେଳୁଆଡ଼ ମନୋଭାବ



**ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍:** ପୁରୁଷ ୫୦୦୦ ମିଟର ଦୌଡରେ ଅରୁବା ଦେଶର ଆହତ ଧାବକ ଜୋନାଥନ ବୁସ୍‌ବିଙ୍କୁ ଫିନିସ୍ ଲାଇନ୍ ଅତିକ୍ରମ କରାଇବାରେ ସାହାଯ୍ୟ କରୁଛନ୍ତି ଗୁଏନା ବିସାଉ ଦେଶର ଧାବକ ବ୍ରାଇମା ସୁନ୍‌କାର ଡାବୁ।

### ଅନ୍ତିମ ଦୁଇ ଟି୨୦ ପାଇଁ ଭାରତୀୟ ଦଳ ଅପରିବର୍ତ୍ତିତ

ନୂଆଦିଲ୍ଲୀ, ୨୮।୯ (ପି.ଟି.)

ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ବିପକ୍ଷରେ ସୁରଟରେ ଚାଲିଥିବା ଟି୨୦ ସିରିଜ ଅନ୍ତିମ ୨ ମ୍ୟାଚ୍ ଲାଗି ଶନିବାର ଭାରତୀୟ ମହିଳା କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ପୂର୍ବରୁ ପ୍ରଥମ ୩ଟି ମ୍ୟାଚ୍ ପାଇଁ ଘୋଷିତ ହୋଇଥିବା ଦଳରେ କୌଣସି ପରିବର୍ତ୍ତନ ନ କରିବା ଲାଗି ସର୍ବଭାରତୀୟ ସିନିୟର ମହିଳା କ୍ରିକେଟ୍ ଚୟନ କମିଟି ଶନିବାର ନିଷ୍ପତ୍ତି ନେଇଛି ବୋଲି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ସିରିଜର ପ୍ରଥମ ମ୍ୟାଚ୍‌କୁ ଜିତି ଭାରତ ୧-୦ରେ ଅଗ୍ରଣୀ ରହିଛି। ଦ୍ୱିତୀୟ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଥିବାବେଳେ ୩ୟ ମ୍ୟାଚ୍ ରବିବାର ଖେଳାଯିବ।

## ପାର୍ବତୀଙ୍କ ଭଳି ପ୍ରତିଭା ବିରଳ

କଟକ ଅଫିସ,୨୮।୯

ଖୋର୍ଦ୍ଧା ଜଟଣୀସ୍ଥିତ ରେଳବାଇ ସମ୍ମିଳନୀ କକ୍ଷରେ ଅନ୍ତର୍ଜାତୀୟ ତାରକା ପାର୍ବତୀ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଗତ ଅଗଷ୍ଟରେ ଇଟାଲୀର ଟୋରିନୋ ସହରରେ ଅନୁଷ୍ଠିତ ୟୁରୋପିଆନ ମାଷ୍ଟର୍ସ ଗେମରେ ଭାରତ ପାଇଁ ପାର୍ବତୀ ଡବଲ ପଦକ ବିଜୟୀ ହୋଇ ଫେରିଥିଲେ। ସଟ୍‌ପୁଟରେ ବ୍ରୋଞ୍ଜ ଓ ଡିସକସ୍‌ରେ ପାର୍ବତୀ ରୌପ୍ୟ ପଦକ ଜିତିଥିଲେ। ଡିଭିଜନାଲ ରେଲୱେ ମ୍ୟାନେଜର(ଡିଆର୍‌ଏମ୍) ଶଶିକାନ୍ତ ସିଂ ପାର୍ବତୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ଭଳି ପ୍ରତିଭା ଓଡ଼ିଶାରେ ବିରଳ ବୋଲି ମତବ୍ୟକ୍ତ କରିଥିଲେ। ‘ପାର୍ବତୀ ପଦକ ଜିତି ଓଡ଼ିଶା ପାଇଁ ଅନେକ ଗୌରବ ଆଣି ସାରିଲେଣି। ଆହୁରି ଅନେକ ବାକି ଅଛି। ଜାପାନଠାରେ ହେବାକୁ ଥିବା



ସମ୍ବର୍ଦ୍ଧିତ ହେବା ଅବସରରେ ପାର୍ବତୀ ସେଠୀ।

ଆଗାମୀ ବିଶ୍ୱ ମାଷ୍ଟର୍ସ ଚାମ୍ପିୟନଶିପ ନିମନ୍ତେ ତାଙ୍କୁ ଏବେଠାରୁ ଶୁଭେଚ୍ଛା ଜଣାଇବା ସହ ପ୍ରସ୍ତୁତି ନିମନ୍ତେ ରେଲୱେ ତରଫରୁ ସମସ୍ତ ସହଯୋଗ କରାଯିବ’ ବୋଲି ଡିସିଏମ୍ ସିଂ କହିଥିଲେ। ବରିଷ୍ଠ ଡିସିଏମ୍ ପି.କେ. ସାମଲ, ଏସିଏମ୍ ଦୀନବନ୍ଧୁ ସାହୁ ଏହି ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଥିଲେ। ସୂଚନାଥାଉକି, କଟକର ପାର୍ବତୀ ଗତ କିଛିବର୍ଷରେ ବିଭିନ୍ନ ଅନ୍ତର୍ଜାତୀୟସ୍ତରୀୟ ଟୁର୍ନାମେଣ୍ଟରେ ଲଗାତର ଭାବେ ପଦକ ଜିତି ଆସୁଛନ୍ତି। ୟୁରୋପିଆନ ମାଷ୍ଟର୍ସ ଗେମରେ ସେ ପଦକ ଜିତିବା ପରେ ସର୍ବଭାରତୀୟସ୍ତରରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଥିଲା। ଏପରିକି ମୁଖ୍ୟମନ୍ତ୍ରୀ ମଧ୍ୟ ଟୁଇଟ ଯୋଗେ ପାର୍ବତୀଙ୍କୁ ପ୍ରଶଂସା କରିଥିଲେ।

## ଗୁରୁକୁଳ ଏଆଇଟିଏ-ଓଟିଏ ଟେନିସ

# ଅଂଶୁ ଚାମ୍ପିୟନ

ଭୁବନେଶ୍ୱର, ୨୮।୯ (ସ୍ପୋର୍ଟ୍ସ ବ୍ୟୁରୋ)

ଏକ ଲକ୍ଷ ପୁରସ୍କାର ରାଶିବିଶିଷ୍ଟ ଗୁରୁକୁଳ ଏଆଇଟିଏ-ଓଟିଏ ପୁରୁଷ ଟେନିସ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସୋର୍ଟ ଟେନିସ କମ୍ପ୍ଲେକ୍ସ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସରେ ଅଂଶୁ କୁମାର ଭୂୟାଁ ଚାମ୍ପିୟନ ହୋଇଛନ୍ତି। ଫାଇନାଲ ମ୍ୟାଚ୍‌ରେ ଏକ ନମ୍ବର ସିଡ୍ ମାନ୍ୟତାପ୍ରାପ୍ତ ଅଂଶୁ ୬-୩, ୬-୩ ସିଧାସଳଖ ସେଟ୍‌ରେ ୩ୟ ସିଡ୍ ପଶ୍ଚିମବଙ୍ଗର ଅର୍ଘ୍ୟ ଦାସଙ୍କୁ ହରାଇଛନ୍ତି। ଏକ ଲକ୍ଷ ପୁରସ୍କାର ରାଶିବିଶିଷ୍ଟ ଟୁର୍ନାମେଣ୍ଟରେ ଅଂଶୁ କୁମାରଙ୍କ ଏହା କ୍ରମାଗତ ୨ୟ ଟାଇଟଲ୍ ଥିଲା। ପୂର୍ବରୁ ସେ ଏଠାରେ ଅନୁଷ୍ଠିତ ଅନ୍ୟ ଏକ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିଲେ।

ଚାମ୍ପିୟନ ଅଂଶୁ ଓ ରନର୍ସଅପ୍ ଅର୍ଘ୍ୟଙ୍କୁ ଯଥାକ୍ରମେ ୧୨,୫୦୦ ଓ ୮,୪୦୦ ଟଙ୍କା ପୁରସ୍କାର ରାଶି ମିଳିଥିଲା। ସେହିଭଳି ଟୁର୍ନାମେଣ୍ଟରୁ ଅଂଶୁଙ୍କୁ ୨୦ ଓ ଅର୍ଘ୍ୟଙ୍କୁ ୧୫ ଏଆଇଟିଏ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ମିଳିଛି। ଟୁର୍ନାମେଣ୍ଟ ନିର୍ଦ୍ଦେଶକ ପ୍ରଦୀପ ପ୍ରଧାନ ଅତିଥିଭାବେ ଯୋଗଦେଇ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯତୀନ ବସ୍ୟ (ଟୁର୍ନାମେଣ୍ଟ ରେଫରି), ଚିନ୍ମୟ ପ୍ରଧାନ (ଗୁରୁକୁଳ ରିସୋର୍ଟ ନିର୍ଦ୍ଦେଶକ) ଓ ପ୍ରକାଶ ପଟ୍ଟନାୟକ (ଓଟିଏ ମ୍ୟାନେଜର) ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ। ଏହି ପ୍ରତିଯୋଗିତାରେ ପଶ୍ଚିମବଙ୍ଗ, ତାମିଲନାଡୁ, ତେଲେଙ୍ଗାନା, କର୍ଣ୍ଣାଟକ, ଆନ୍ଧ୍ର ପ୍ରଦେଶ, ମହାରାଷ୍ଟ୍ର, ଛତିଶଗଡ଼, ଉତ୍ତର ପ୍ରଦେଶ, ଦିଲ୍ଲୀ, ମଧ୍ୟପ୍ରଦେଶ ଓ ଆୟୋଜକ ଓଡ଼ିଶାକୁ ମିଶାଇ ୧୧ଟି ରାଜ୍ୟର ୪୭ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ।



ଟ୍ରଫି ସହ ଅତିଥିଙ୍କ ଗହଣରେ ଅଂଶୁ ଓ ଅର୍ଘ୍ୟ।

## ବାରବାଟୀ ଷ୍ଟାଡିୟମ: ସୁଧୁରିନି ଫନୀ ପ୍ରକୋପ

# ଅନିଶ୍ଚିତତାରେ ଭାରତ-ୱେଷ୍ଟଇଣ୍ଡିଜ ମ୍ୟାଚ୍

କଟକ ଅଫିସ,୨୮।୯

ବାରବାଟୀ ଷ୍ଟାଡିୟମରେ ନ ହୋଇପାରେ ଆସନ୍ତା ଭାରତ-ୱେଷ୍ଟଇଣ୍ଡିଜ ବିପକ୍ଷ ଅନ୍ତର୍ଜାତୀୟ ମ୍ୟାଚ୍। ଏବେ ସୁଦ୍ଧା ଫନୀ ପ୍ରଭାବର କ୍ଷୟକ୍ଷତି ପୂରଣ ହୋଇନି। ଭଙ୍ଗାରୁଜା ଅବସ୍ଥାରେ ପଡ଼ିଛି ରାଜ୍ୟର ଏହି ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ କ୍ରିକେଟ ଷ୍ଟାଡିୟମ। ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରିବା ଭଳି ପରିସ୍ଥିତି ମଧ୍ୟ ନାହିଁ। ଏଣୁ ଓଡ଼ିଶାର କ୍ରୀଡ଼ାପ୍ରେମୀ ନିରାଶ ହେବାର ଆଶଙ୍କା ସୃଷ୍ଟି ହେଲାଣି। ଅନ୍ୟପକ୍ଷରେ କ୍ଷୟକ୍ଷତି ଆକଳନ ରିପୋର୍ଟ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ନିକଟକୁ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ପଠାଯାଇଥିଲେ ମଧ୍ୟ ଏଯାଏଁ ଉତ୍ତର ଆସିନି। ବିସିସିଆଇ ନିର୍ବାଚନ ହେବା ପରେ ବୋଧହୁଏ ବାରବାଟୀର କ୍ଷୟକ୍ଷତି ପ୍ରତି ଦୃଷ୍ଟି ଦିଆଯିବ। ସେତେବେଳକୁ ନେଡ଼ିଗୁଡ଼ କହୁଣିକୁ ବୋହି ଯାଇଥିବା ଭଳି ସ୍ଥିତି ଉପୁଜି ସାରିଥିବ। ଓସିଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ମ୍ୟାଚ୍ ଆୟୋଜନ କରିବାକୁ ହେଲେ ଆଉ କିଛିଦିନ ମଧ୍ୟରେ ମରାମତି କାମ ଆରମ୍ଭ କରିବାକୁ ହେବ। ବିସିସିଆଇ ନିର୍ବାଚନ ପରେ କାମ ଆରମ୍ଭ ହେଲେ ମ୍ୟାଚ ପୂର୍ବରୁ ସରିବା ମୁସ୍କିଲ। ଏଣୁ ଅନିଶ୍ଚିତତା ମଧ୍ୟରେ ରହିଛି ଆସନ୍ତା ଅନ୍ତର୍ଜାତୀୟ ମ୍ୟାଚ।

ଆସନ୍ତା ଡିସେମ୍ବର ୬ ତାରିଖରୁ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ଦଳ ଭାରତରେ ୩ଟି ଟି୨୦ ଓ ୩ଟି ଏକଦିବସୀୟ ମ୍ୟାଚ୍ ଖେଳିବ। ଏକଦିବସୀୟ ସିରିଜର ଚୂଡ଼ାନ୍ତ ତଥା ୩ୟ ମ୍ୟାଚ୍‌ଟି ବାରବାଟୀ ଷ୍ଟାଡିୟମରେ ଖେଳାଯିବ ବୋଲି ନିଷ୍ପତ୍ତି ହୋଇଛି। ୪୫ହଜାର ଦର୍ଶକ କ୍ଷମତା ବିଶିଷ୍ଟ ଏହି ଷ୍ଟାଡିୟମ ଏବେ ଭଙ୍ଗାରୁଜା ଅବସ୍ଥାରେ ଅଛି। ଗତ ମେ ୩ରେ ସାମୁଦ୍ରିକ ଝଡ଼ ଫନୀ ପ୍ରଭାବରେ ସମ୍ପୂର୍ଣ୍ଣ ରାଜ୍ୟ ପ୍ରଭାବିତ ହୋଇଥିବା ବେଳେ ଏଥିରୁ ବାରବାଟୀ ଷ୍ଟାଡିୟମ ମଧ୍ୟ ବାଦ୍ ପଡ଼ି ନ ଥିଲା। ଫନୀ ପ୍ରଭାବରେ ପ୍ରାୟ ୨୦ କୋଟି ଟଙ୍କାର କ୍ଷତି ହୋଇଥିଲା। ସମସ୍ତ ଫ୍ଲଡ ଲାଇଟ୍‌ର ବଲବ ଭାଙ୍ଗିଯାଇଥିବାବେଳେ କର୍ପୋରେଟ ବକ୍ସ, ମିଡ଼ିଆ ଗ୍ୟାଲେରି, ସ୍ପେଶାଲ ଏନ୍‌କ୍ଲୋଜର, ସମ୍ମିଳନୀ କକ୍ଷ ସମେତ ବିଭିନ୍ନ ପାର୍ଶ୍ୱ ଭାଙ୍ଗି ନଷ୍ଟ ହୋଇଯାଇଛି। ଏହାଛଡ଼ା ଗତ ମାସରେ କିଛି ଗ୍ୟାଲେରିରୁ ପ୍ଲାଷ୍ଟର ମଧ୍ୟ ଖସୁଥିବା ଦେଖିବାକୁ ମିଳିଥିଲା। ଓଡ଼ିଶା ଅଲିମ୍ପିକ ଆସୋସିଏଶନ(ଓଓଏ) ପକ୍ଷରୁ ଏହିସ୍ଥାନ



ଗୁଡ଼ିକରେ ଜାଲ ବାନ୍ଧି ଦିଆଯାଇଥିଲା। ଗତ ଅଗଷ୍ଟ ୭ ତାରିଖରେ କିମ୍ବଦନ୍ତୀ କ୍ରିକେଟର କପିଳ ଦେବଙ୍କ କମ୍ପାନୀ ‘ଦେବ ମସ୍କୋ’ ବାରବାଟୀ ଷ୍ଟାଡିୟମର କ୍ଷୟକ୍ଷତି ଆକଳନ କରି ଫେରିଥିଲା। କମ୍ପାନୀର ୨ଜଣ ବରିଷ୍ଠ ଅଧିକାରୀ ଆକଳନ ଦାୟିତ୍ୱରେ ଆସିଥିଲେ। ବର୍ଷା ଯୋଗୁ ଏମାନେ ଷ୍ଟାଡିୟମର ସମସ୍ତ ଭାଗ ବୁଲିପାରି ନ ଥିବାବେଳେ ଆକଳନ ଶେଷ କରିଥିଲେ ବୋଲି ସୂଚନା ଦେଇଥିଲେ। ତେବେ କ୍ଷୟକ୍ଷତି କେତେ ଘଟିଛି ସେ ରିପୋର୍ଟ ସେମାନେ ଫେରିବା ପରେ ମେଲ୍ ଯୋଗେ ଓଡିଶା କ୍ରିକେଟ ଆସୋସିଏଶନ(ଓସିଏ) ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)କୁ ଜଣାଇଥିଲେ। ‘ଦେବ ମସ୍କୋ’ କମ୍ପାନୀ କେବଳ ଫ୍ଲଡ ଲାଇଟ ମରାମତି କାର୍ଯ୍ୟ ହାତକୁ ନେବ। ଏହି କମ୍ପାନୀ ଏକଥା ବି ସ୍ପଷ୍ଟ କରିଥିଲା ଯେ, କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଅତିବେଶିରେ ଏକ ମାସ ସମୟ ଲାଗିବ। ଯଦି କେବଳ ଫ୍ଲଡ ଲାଇଟ ମରାମତିକୁ ଏକମାସ ସମୟ ଆବଶ୍ୟକ ତେବେ ଷ୍ଟାଡିୟମକୁ ସମ୍ପୂର୍ଣ୍ଣ ଭାବେ ସଜାଡିବାକୁ କେତେ ସମୟ ଲାଗିବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଗତ ଶୁକ୍ରବାର ଶେଷ ହୋଇଛି ଓସିଏର କର୍ମକର୍ତ୍ତା ନିର୍ବାଚନ। ଏହାପରେ ଆସନ୍ତା ଅକ୍ଟୋବର ୨୨ରେ ବିସିସିଆଇ ନିର୍ବାଚନ ଦିନ ଧାର୍ଯ୍ୟ ହୋଇଛି। ବିସିସିଆଇ ନିର୍ବାଚନ ସରିଲେ ହିଁ ଓସିଏକୁ ପାଣ୍ଠି ଦିଆଯିବ ବୋଲି ଓସିଏର ଜଣେ ଅଧିକାରୀ କହିଛନ୍ତି। ଯଦି ଏପରି ହୁଏ ତାହେଲେ ବାରବାଟୀକୁ ମରାମତି କରାଯାଇ ମ୍ୟାଚ କରାଯିବା କାଠିକର ପାଠ ହେବ।

### ୱେଷ୍ଟଇଣ୍ଡିଜର ୪ର୍ଥ ଗସ୍ତ

ଆସନ୍ତା ଅନ୍ତର୍ଜାତୀୟ ମ୍ୟାଚ ବାରବାଟୀରେ ହେଲେ ଏହାହେବ ୱେଷ୍ଟଇଣ୍ଡିଜ ଦଳ ନିମନ୍ତେ ଓଡ଼ିଶାକୁ ୪ର୍ଥ ଗସ୍ତ। ପ୍ରଥମଥର ନିମନ୍ତେ ୧୯୯୪ ନଭେମ୍ବର ୯ରେ ଭାରତ ବିପକ୍ଷରେ ଏଠାରେ ଏକ ଏକଦିବସୀୟ ମ୍ୟାଚ୍ ୱେଷ୍ଟଇଣ୍ଡିଜ ଖେଳିଥିଲା। ପରେ ୨୦୦୭ ମସିହା ଜାନୁୟାରୀ ୨୪ ଓ ୨୦୧୧ ମସିହା ନଭେମ୍ବର ୨୯ ତାରିଖରେ ମଧ୍ୟ ୱେଷ୍ଟଇଣ୍ଡିଜ ଭାରତ ବିପକ୍ଷରେ ଏକଦିବସୀୟ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ଖେଳିଛି। ଅନ୍ୟପକ୍ଷରେ ବାରବାଟୀ ଷ୍ଟାଡିୟମରେ ଏହା ହେବ ୨୧ତମ ଅନ୍ତର୍ଜାତୀୟ ଏକଦିବସୀୟ ମ୍ୟାଚ୍।



ମହେନ୍ଦ୍ର ସିଂ ଧୋନୀ କ୍ୟାରିୟରରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଅବସର କେବେ ନେବାକୁ ହେବ ସେ ଭଲ ଭାବରେ ବୁଝନ୍ତି।

– ଶିଖର ଧାୱନ, ଭାରତୀୟ ଓପନିଂ ବ୍ୟାଟ୍ସମ୍ୟାନ।



ଆଇସିସି ବିଶ୍ୱକପ୍ ସେମିଫାଇନାଲରେ ମହେନ୍ଦ୍ର ସିଂ ଧୋନୀ ଆଉଟ୍ ହେବା ପରେ ମୋ ଆଖି ଛଳଛଳ ହୋଇଯାଇଥିଲା।

–ଭାରତୀୟ ସ୍ପିନର ଯୁଜବେନ୍ଦ୍ର ଚହଲ

## ସଂକ୍ଷେପରେ

### ଚାଇନା ପାରା-ବ୍ୟାଡ୍‌ମିଣ୍ଟନ
## ଦୁଇ ପଦକ ନିଶ୍ଚିତ କଲେ ପ୍ରମୋଦ

**ଭୁବନେଶ୍ୱର, ୨୮।୯(ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶାର ଷ୍ଟାର୍ ଶଟ୍‌ଲର ପ୍ରମୋଦ ଭଗତ ଚାଇନାର ଯୁହାଙ୍ଗ ଝାଙ୍ଗଝୋଉଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଉଭୟ ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସ ବିଭାଗର ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହ ସେ ୨ଟି ପଦକ ନିଶ୍ଚିତ କରିଛନ୍ତି। ଶନିବାର ଖେଳାଯାଇଥିବା ସିଙ୍ଗଲ୍ସ ସେମିଫାଇନାଲ ମ୍ୟାଚ୍‌ରେ ପ୍ରମୋଦ ୨୧-୧୫, ୧୯-୨୧, ୨୧-୧୦ ଗେମ୍‌ରେ ଜାପାନର ଡାଇସୁକେ ଫୁଜିହାରାଙ୍କୁ ପରାସ୍ତ କରିଛନ୍ତି। ପ୍ରମୋଦ ରବିବାର ଖେଳାଯିବାକୁ ଥିବା ଫାଇନାଲ ମୁକାବିଲାରେ ଇଂଲଣ୍ଡର ଡାନିଏଲ୍ ବେଥେଲଙ୍କୁ ଭେଟିବେ। ସେହିଭଳି ଡବଲ୍ସରେ ପ୍ରମୋଦ ଓ ତାଙ୍କ ସାଥୀ ଖେଳାଳି ମନୋଜ ସରକାର ସେମିଫାଇନାଲରେ ସହଜ ବିଜୟ ଲାଭ କରିଛନ୍ତି। ପ୍ରମୋଦ ଓ ମନୋଜ ଯୋଡ଼ି ୨୪-୨୨, ୨୧-୧୪ ଗେମ୍‌ରେ ଚାଇନା ଯୋଡ଼ି ଜିଆଓୟୁ ଚେନ୍ ଓ ୟୁୟାଙ୍ଗ୍ ଗାଓଙ୍କୁ ହରାଇ ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ତେବେ ଫାଇନାଲରେ ଅଲ୍‌ଇଣ୍ଡିଆ ମୁକାବିଲା ଦେଖିବାକୁ ମିଳିବ। ପ୍ରମୋଦ-ମନୋଜ ଯୋଡ଼ି ଏବଂ ଅନ୍ୟତମ ଭାରତୀୟ ଯୋଡ଼ି ବିକ୍ରମ କୁମାର ଓ ସୁହାସ ଲି ମଧ୍ୟରେ ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହେବ।

## କ୍ରୀଡ଼ାମନ୍ତ୍ରୀଙ୍କ ଅଚାନକ କଳିଙ୍ଗ ଷ୍ଟାଡିୟମ ଗସ୍ତ

**ଭୁବନେଶ୍ୱର, ୨୮।୯ (ସ୍ପୋର୍ଟ୍ସ ବ୍ୟୁରୋ):** ରାଜ୍ୟର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଶନିବାର ଅଚାନକ କଳିଙ୍ଗ ଷ୍ଟାଡିୟମ ଗସ୍ତ କରି କର୍ମକର୍ତ୍ତାଙ୍କୁ ଚକିତ କରିଦେଇଛନ୍ତି। ସେଠାରେ ଭିତ୍ତିଭୂମି ଏବଂ ନିର୍ମାଣ କାର୍ଯ୍ୟର ତଦାରଖ କରିଛନ୍ତି। ୨୦୨୦ରେ ଏଠାରେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ଆୟୋଜନ ହେବ। ସେଥିନେଇ ଏବେ ପଡ଼ିଆ ପ୍ରସ୍ତୁତି, ଷ୍ଟାଡିୟମର ଆଧୁନିକୀକରଣ ଏବଂ ପୁନଃ ନିର୍ମାଣ କାର୍ଯ୍ୟ ଚାଲିଛି। କ୍ରୀଡ଼ାମନ୍ତ୍ରୀ ଏହି ସମସ୍ତ କାର୍ଯ୍ୟର ସମୀକ୍ଷା କରିଥିଲେ। ଗୋପୀଚାନ୍ଦ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଏକାଡେମୀ ପାଇଁ ଥିବା ୩ ଏକର ଜମି ବୁଲି ଦେଖିବା ସହ ଗଗନ ନାରଙ୍ଗ ଶୁଟିଂ ହାଇ ପରଫର୍ମାନ୍ସ ସେଣ୍ଟର, ଗେଟ୍ ନଂ-୧ ସ୍ଥିତ ହାଇ ପର୍ମାନ୍ସ ହଷ୍ଟେଲ ନିର୍ମାଣ ସମ୍ପର୍କରେ ପଚାରି ବୁଝିଥିଲେ। ମନ୍ତ୍ରୀଙ୍କ ପରିଦର୍ଶନ ଅବସରରେ ଶାସନ ସଚିବ ରଞ୍ଜିତ ପରିଡ଼ା ଓ କଳିଙ୍ଗ ଷ୍ଟାଡିୟମ୍‌ର ଅଫିସର ଇନ୍‌ଚାର୍ଜ୍ୟ ବାରିଜ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## କୋରିଆ ଓପନରେ ଭାରତ ଅଭିଯାନ ଶେଷ

**ଇଞ୍ଚିଅନ,୨୮।୯(ପିଟି):** ଏଠାରେ ଚାଲିଥିବା କୋରିଆ ଓପନ ୫୦୦ ଟୁର୍ନାମେଣ୍ଟରେ ଭାରତୀୟ ଶଟଲର ପାରୁପଲ୍ଲୀ କାଶ୍ୟପଙ୍କ ଅଭିଯାନ ଶନିବାର ଶେଷ ହୋଇଛି। ସେମିଫାଇନାଲରେ କାଶ୍ୟପ ୧୩-୨୧, ୧୫-୨୧ ଗେମରେ ବିଶ୍ୱର ନଂ ୧ କେଣ୍ଟୋ ମୋମୋଟାଙ୍କଠାରୁ ହାରିଯାଇଛନ୍ତି।

# ରୋହିତ ବିଫଳ: ଅଭ୍ୟାସ ମ୍ୟାଚ ଡ୍ର

**ବିଜୟନଗରମ,୨୮।୯(ପି.ଟି.)**

ଭାରତୀୟ ବୋର୍ଡ ସଭାପତି ଏକାଦଶ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ୩ ଦିନିଆ ଅଭ୍ୟାସ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି। ଓପନର ହିସାବରେ ନୂଆ ଭୂମିକାରେ ଅଧିନାୟକ ରୋହିତ ଶର୍ମା ବିଫଳ ହୋଇଛନ୍ତି। ମାତ୍ର ଦୁଇଟି ବଲ୍ ଖେଳି ସେ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଛନ୍ତି। ତେବେ ମିଡଲ ଅର୍ଡରରେ ପ୍ରିୟଙ୍କ ପଞ୍ଚାଲ, ଉଇକେଟକିପର ବ୍ୟାଟ୍ସମ୍ୟାନ ଶ୍ରୀକର ଭରତ ଓ ସିଦ୍ଧେଶ ଲାଡ ଅର୍ଦ୍ଧଶତକ ହାସଲ କରି ଦଳକୁ ବିପର୍ଯ୍ୟୟରୁ ରକ୍ଷା କରିଛନ୍ତି।

ସ୍ଥାନୀୟ ଡ. ପିଭିଜି ରାଜୁ ଏସିଏ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଖେଳାଯାଇଥିବା ଏହି ମ୍ୟାଚର ପ୍ରଥମ ଦିବସର ଖେଳ ବର୍ଷା ଯୋଗୁ ବାତିଲ ହୋଇଥିଲା। ଦ୍ୱିତୀୟ ଦିବସରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକା ଓପନର ଏଡେନ ମାର୍କ୍ରାମଙ୍କ ଶତକ ସହାୟତାରେ ୬୪ ଓଭରରେ ୬ ଉଇକେଟ ହରାଇ ୨୭୯ ରନ କରି ଇନିଂସ ଘୋଷଣା କରିଥିଲା। ଜବାବରେ ବ୍ୟାଟିଂ ଆରମ୍ଭ କରି ଭାରତ ମ୍ୟାଚ ଶେଷହେବା ବେଳକୁ ୬୪ ଓଭରରେ ୮ ଉଇକେଟ ହରାଇ ୨୬୫ ରନ ସଂଗ୍ରହ କରିଛି।

ରୋହିତ ଶର୍ମା ଖାତା ଖୋଲିବା ପୂର୍ବରୁ ଭର୍ନନ ଫିଲାଣ୍ଡରଙ୍କ ବଲ୍‌ରେ ବଦଳ ଖେଳାଳି ତଥା ଉଇକେଟ କିପର ହେନେରିଚ କ୍ଲାସେନଙ୍କୁ କ୍ୟାଚ ଦେଇ ପ୍ରଥମେ ପ୍ୟାଭିଲିୟନ ଫେରିଥିଲେ। ବଲ୍ ରୋହିତଙ୍କ ବ୍ୟାଟ୍‌ର ଏଜ୍ ନେଇଥିଲା ଓ ସେ ଚକ୍‌ମା ଖାଇଥିଲେ। ଅନ୍ୟତମ ଓପନର ମୟଙ୍କ ଅଗ୍ରୱାଲ ୯୨ଟି ବଲ ଖେଳି ୬ ଚୌକା ସହ ୩୯ ରନ ସଂଗ୍ରହ କରି ସ୍ପିନର କେଶବ ମହାରାଜାଙ୍କ ବଲ୍‌ରେ ଫିଲାଣ୍ଡରଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ସେହିପରି ବେଙ୍ଗଲ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ଅଭିମନ୍ୟୁ



ରୋହିତ ଶର୍ମା

### ପଞ୍ଚାଲ, ସିଦ୍ଧେଶ, ଭରତଙ୍କ ଅର୍ଦ୍ଧଶତକ

ଈଶ୍ୱରନ ମାତ୍ର ୧୩ ରନ କରି କାଗିସୋ ରାବାଡ଼ାଙ୍କ ବଲ୍‌ରେ ମାରକ୍ରାମଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ପଞ୍ଚାଲ ୬୦ ରନର ଉପଯୋଗୀ ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେ ୭୭ଟି ବଲ୍‌ର ସମ୍ମୁଖୀନ ହୋଇ ୧୦ ଚୌକା ଓ ଗୋଟିଏ ଛକା ମାରିଥିଲେ। ପଞ୍ଚାଲ ଫିଲାଣ୍ଡରଙ୍କ ବଲ୍‌ରେ ଡୁପ୍ଲେସିଙ୍କୁ କ୍ୟାଚ ଦେଇଥିଲେ। ଅଭିଜ୍ଞ କରୁନ ନାୟାର ମହାରାଜଙ୍କ ବଲ୍‌ରେ କ୍ଲାସେନଙ୍କୁ କ୍ୟାଚ୍ ଦେଇ ଆଉଟ ହେବା ପୂର୍ବରୁ ୧୯ ରନ ସଂଗ୍ରହ କରିଥିଲେ। ଏହାପରେ ଉଇକେଟକିପର ବ୍ୟାଟ୍ସମ୍ୟାନ ଶ୍ରୀକର ଭରତ ଦ୍ରୁତଗତିରେ ରନ୍ ସଂଗ୍ରହ କରି ୫୭ଟି ବଲ୍‌ରୁ ୭ ଚୌକା ଓ ୫ଟି ଛକା ସହ ୭୧ ରନ କରି ମହାରାଜଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ଜଲାଜ ସାକସେନା ୨ରନ କରି ଆଉଟ ହୋଇଥିବା ବେଳେ ଧର୍ମେନ୍ଦ୍ର ସିନ୍ ଜାଡେଜା ଖାତା ଖୋଲିପାରି ନ ଥିଲେ। ତେବେ ମୁମ୍ବାଇ ବ୍ୟାଟ୍ସମ୍ୟାନ ସିଦ୍ଧେଶ ଲାଡ ୮୯ଟି ବଲର ସମ୍ମୁଖୀନ ହୋଇ ୭ ଚୌକା ଓ ୧ ଛକା ସହ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଅପରାଜିତ ରହିଥିଲେ। ଷଷ୍ଠ ଉଇକେଟ ଯୋଡିରେ ଭରତ ଓ ଲାଡ ୨୦ ଓଭରରେ ୧୦୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ ମହାରାଜ ସର୍ବାଧିକ ୩, ଫିଲାଣ୍ଡର ୨, ରାବାଡ଼ା, ଡେନ ପିଟ୍ ଓ ସେନୁରାନ ମୁଥୁସାମି ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଦ୍ୱିତୀୟ ଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୯୯/୫ରୁ ଦକ୍ଷିଣ ଆଫ୍ରିକା ଖେଳ ଆରମ୍ଭ କରିଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ଟେମ୍ବା ବଭୁମା ୫୫ ରନରୁ ଖେଳ ଆରମ୍ଭ କରି ୮୭ ରନର ଉପଯୋଗୀ ଇନିଂସ ଖେଳି ଅପରାଜିତ ରହିଥିଲେ। ଫିଲାଣ୍ଡର ୪୮ ରନ ସଂଗ୍ରହ କରି ଆଉଟ ହୋଇଥିଲେ ଓ ଦକ୍ଷିଣ ଆଫ୍ରିକା ୬ ଉଇକେଟ ହରାଇ ୨୭୯ ରନ କରି ଇନିଂସ ଘୋଷଣା କରିଥିଲା। ବୋଲିଂରେ ବୋର୍ଡ ସଭାପତି ଏକାଦଶ ତରଫରୁ ସ୍ପିନର ଧର୍ମେନ୍ଦ୍ରସିନ୍ ଜାଡେଜା ୩, ଉମେଶ ଯାଦବ ଓ ଇଶାନ ପୋରେଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

### ୱେଷ୍ଟଇଣ୍ଡିଜ୍ ଗସ୍ତ
## ଜୁନିୟର ସପୋର୍ଟ ଷ୍ଟାଫ୍ ସଦସ୍ୟଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ

**ନୂଆଦିଲ୍ଲୀ,୨୮।୯(ପି.ଟି.)**

ୱେଷ୍ଟଇଣ୍ଡିଜ ଗସ୍ତ ଅବସରରେ ଭାରତୀୟ କ୍ରିକେଟର ଦଳରେ ଜଣେ ଜୁନିୟର ସପୋର୍ଟ ଷ୍ଟାଫ୍ ସଦସ୍ୟଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ ଆସିଥିଲା। ଆଣ୍ଟିଗୁଆରେ ଜଣେ ମହିଳା ହୋଟେଲ କର୍ମଚାରୀଙ୍କୁ ସମ୍ପୃକ୍ତ ସଦସ୍ୟ ଜଣକ ଦୁର୍ବ୍ୟବହାର କରିଥିଲେ। ଆଣ୍ଟିଗୁଆରେ ଅଗଷ୍ଟ ୨୨ରୁ ୨୬ ତାରିଖ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍ ପୂର୍ବରୁ ଏହି ଘଟଣା ସାମ୍ନାକୁ ଆସିଥିଲା। ତେବେ ଚିହ୍ନି ନ ପାରିବା କାରଣରୁ ଏଭଳି ଘଟଣା ଘଟିଥିଲା ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ଅଧିକାରୀ କହିଛନ୍ତି । ପୂର୍ବତନ ଟିମ୍ ମ୍ୟାନେଜର ସୁନୀଲ ସୁବ୍ରମନିୟମ ସେପ୍ଟେମ୍ବର ୨୫ ତାରିଖରେ ଏ ସଂକ୍ରାନ୍ତରେ ପ୍ରଶାସକ କମିଟି (ସିଓଏ)କୁ ଇମେଲ୍ ଜରିଆରେ ପ୍ରଥମେ ଅଭିଯୋଗ ଆଣିଥିଲେ। ପରେ ସୁନୀଲ ତାଙ୍କର ଏହି ଅଭିଯୋଗକୁ ପ୍ରତ୍ୟାହାର କରିନେଇଥିଲେ। ସମ୍ପୃକ୍ତ ସଦସ୍ୟାଙ୍କୁ ଏ ନେଇ ପଚରାଉଚାର କରାଯିବା ଉଚିତ ବୋଲି ସେ କହିଥିଲେ।





ବିଜୁ ପଟ୍ଟନାୟକ ହିମାଳୟାନ ଏକ୍ସପେଡିଶନ କାର୍ଯ୍ୟକ୍ରମରେ ମାଉଣ୍ଟ ଷ୍ଟକ୍ କାଙ୍ଗ୍ରୀ (୨୦.୧୨୭ ଫୁଟ୍) ଆରୋହଣ କରିଥିବା ଗଣେଶ ଜେନାଙ୍କ ନେତୃତ୍ୱାଧୀନ ୧୫ଜଣିଆ ଓଡ଼ିଶା ଦଳକୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା କଳିଙ୍ଗ ଷ୍ଟାଡିୟମରେ ସମ୍ବର୍ଦ୍ଧିତ କରୁଛନ୍ତି।

## ମୁମ୍ବାଇକୁ ହରାଇଲା ଛତିଶଗଡ଼

**ବେଙ୍ଗାଲୁରୁ,୨୮।୯ (ପିଟି)**

ଚଳିତ ବିଜୟ ହଜାରେ ଟ୍ରଫିରେ ଶନିବାର ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇକୁ ଏକ ହାଇ ସ୍କୋରିଂ ମ୍ୟାଚ୍‌ରେ ଛତିଶଗଡ଼ ହରାଇ ଦେଇଛି। ଆଉ ଏକ ମ୍ୟାଚ୍‌ରେ ଲୋକେଶ ରାହୁଲଙ୍କ ଶତକ ବଳରେ କର୍ଣ୍ଣାଟକ କେରଳକୁ ହରାଇ ଦେଇଛି। ଅଲୁର କ୍ରିକେଟ ଷ୍ଟାଡିୟମଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ମୁମ୍ବାଇ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୫ ଉଇକେଟ ହରାଇ ୩୧୭ ରନ୍ କରିଥିଲା। ଦଳ ପାଇଁ ଆଦିତ୍ୟ ତାରେ ୯୦, ସୂର୍ଯ୍ୟକୁମାର ଯାଦବ ୮୧ ଓ ଅଧିନାୟକ ଶ୍ରେୟାସ ଆୟାର ୫୦ ରନ୍ କରିଥିଲେ। ଜବାବରେ ଅମନଦୀପ ଖାରେଙ୍କ ୧୦୭ ରନ୍‌ର ବିସ୍ଫୋରକ ଶତକ ବଳରେ ଛତିଶଗଡ଼ ଗୋଟିଏ ବଲ ପୂର୍ବରୁ ମ୍ୟାଚ୍ ଜିତି ନେଇଥିଲା। ଫଳରେ ଛତିଶଗଡ଼ ସମ୍ପୂର୍ଣ୍ଣ ୪ ପଏଣ୍ଟ ହାସଲ କରିଛି।

### ରାହୁଲଙ୍କ ଶତକ

ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ରାହୁଲଙ୍କ ୧୩୧ (୧୦ ଚୌକା, ୪ ଛକା)ରନ୍ ଯୋଗୁ କର୍ଣ୍ଣାଟକ ୨୯୪ରେ ଅଲଆଉଟ୍ ହୋଇଯାଇଥିଲା। ଅଧିନାୟକ ମନୀଷ ପାଣ୍ଡେ ୫୦ ରନ୍ କରିଥିଲେ। ୨୯୫ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଓହ୍ଲାଇଥିବା କେରଳ ବିଷ୍ଣୁ ବିନୋଦ ୧୦୪ ଓ ସଞ୍ଜୁ ସାମସନଙ୍କ ୬୭ ରନ୍‌ର ଇନିଂସ ସତ୍ତ୍ୱେ ୨୩୪ ରନ୍‌ରେ ସୀମିତ ରହିଥିଲା। ଫଳରେ କର୍ଣ୍ଣାଟକ ୬୦ ରନ୍‌ରେ ବିଜୟୀ ହୋଇ ୪ ପଏଣ୍ଟ ହାତେଇଛି। ଅନ୍ୟ ଏକ ମ୍ୟାଚରେ ହାଇଦ୍ରାବାଦ ୧୨୧ ରନ୍‌ର ବୃହତ୍ ବ୍ୟବଧାନରେ ସୌରାଷ୍ଟ୍ରକୁ ପରାସ୍ତ କରିଛି। ଅମ୍ବାଟି ରାୟୁଡୁଙ୍କ ନେତୃତ୍ୱାଧୀନ ହାଇଦ୍ରାବାଦ୍ ୫ ଉଇକେଟ ହରାଇ ୨୫୨ ରନ୍ କରିଥିଲା। ଜବାବରେ ସୌରାଷ୍ଟ୍ର ୧୩୧ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା।

## ଖେଲୋ ଇଣ୍ଡିଆ ଆଥ୍‌ଲେଟଙ୍କ ଲାଗି ୭.୮୭ କୋଟି ଟଙ୍କା ମଞ୍ଜୁରୀ

**ନୂଆଦିଲ୍ଲୀ, ୨୮।୯ (ପିଟି)**

ଖେଲୋ ଇଣ୍ଡିଆର ୨,୬୨୫ ଆଥ୍‌ଲେଟଙ୍କ ଆଉଟ ଅଫ୍ ପକେଟ ଭତ୍ତା ବାବଦକୁ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଶନିବାର ୭.୮୭ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଖେଲୋ ଇଣ୍ଡିଆ ଟ୍ୟାଲେଣ୍ଟ ଡେଭଲପମେଣ୍ଟ ଯୋଜନା ଅନୁଯାୟୀ, ଚୟନ ହୋଇଥିବା ଆଥ୍‌ଲେଟଙ୍କୁ ଦେଶର ବିଭିନ୍ନ ଏକାଡେମୀ ଓ ବିଦେଶରେ ଟ୍ରେନିଂ ଦିଆଯିବ। ତୃଣମୂଳ ସ୍ତରରୁ ଚିହ୍ନଟ ହୋଇଥିବା ଟ୍ୟାଲେଣ୍ଟଙ୍କୁ ସରକାରଙ୍କ ସହାୟତାରେ ଉଚିତ ଟ୍ରେନିଂ ପ୍ରଦାନ କରାଯାଏ। ମଞ୍ଜୁର ହୋଇଥିବା ଅର୍ଥ ଚଳିତ ବର୍ଷ ଅକ୍ଟୋବରରୁ ଡିସେମ୍ବର ପର୍ଯ୍ୟନ୍ତ ପ୍ରତ୍ୟେକ ଆଥ୍‌ଲେଟ ୧୦ ହଜାର ଟଙ୍କା ଲେଖାଏ ଭତ୍ତା ପ୍ରଦାନ କରାଯିବ। ମୋଟ ୨,୬୨୫ଙ୍କ ମଧ୍ୟରୁ ୧୩୧୨ ଆଥ୍‌ଲେଟ ଖେଲୋ ଇଣ୍ଡିଆ ଏକାଡେମୀରେ ଟ୍ରେନିଂ ନେଉଛନ୍ତି। ଆଉଟ ଅଫ୍ ପକେଟ ଭତ୍ତା ଦେବା ବ୍ୟତୀତ ଚିହ୍ନଟ ହୋଇଥିବା ପ୍ରତିଭାସମ୍ପନ୍ନ ଆଥ୍‌ଲେଟଙ୍କୁ କୋଚିଂ, ଡାଏଟିଂ, ଲଜିଂ, ଶିକ୍ଷା, ଆହତ ସମସ୍ୟାରୁ ବର୍ତ୍ତିବାର ଉପାୟ ଜାଣିବାକୁ ସୁଯୋଗ ଦିଆଯାଉଛି। ଖେଲୋ ଇଣ୍ଡିଆ ଏକାଡେମୀର ପ୍ରତ୍ୟେକ ଆଥ୍‌ଲେଟଙ୍କୁ ବାର୍ଷିକ ୫ ଲକ୍ଷ ଟଙ୍କାର ସ୍କଲାରଶିପ ମିଳେ। ଏଥିମଧ୍ୟରୁ ୧.୨ ଲକ୍ଷ ଆଥ୍‌ଲେଟଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ପଠାଯାଏ।

## ପୂର୍ବାଞ୍ଚଳ ଫୁଟ୍‌ବଲ ଟେନିସ ଆରମ୍ଭ



ଉଦ୍‌ଘାଟନୀ ଅବସରରେ ଅତିଥି ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି ।

**ଭୁବନେଶ୍ୱର, ୨୮।୯ (ସ୍ପୋର୍ଟ୍ସ ବ୍ୟୁରୋ)**

ନୟାପଲ୍ଲୀସ୍ଥିତ ମମତାଜ ଅଲି ଉଚ୍ଚ ବିଦ୍ୟାଳୟ ପଡ଼ିଆଠାରେ ଶନିବାର ନରେନ୍ଦ୍ର ଜେନା ମେମୋରିଆଲ ପୂର୍ବାଞ୍ଚଳ ଫୁଟ୍‌ବଲ ଟେନିସ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନର ସମ୍ପାଦକ ଡ. ସୌମ୍ୟରଞ୍ଜନ ପରିଜା ଅତିଥିଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଦୁଇଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତା ରବିବାର ଅପରାହ୍ନ ୫ଟାରେ ଉଦ୍‌ଯାପିତ ହେବ। ଏଥିରେ ପୁରୁଷ ବିଭାଗରେ ୬ ଓ ମହିଳା ବିଭାଗରେ ୪ ଦଳ ଅଂଶଗ୍ରହଣ କରୁଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥିଭାବେ ସର୍ବଭାରତୀୟ ଫୁଟ୍‌ବଲ ଟେନିସର ସମ୍ପାଦକ ପି. ସୁଗୁମାରନ, ଉପସଭାପତି ସହଦେବ ରାଉତ, ପଦ୍ମଜା ପ୍ରିୟଦର୍ଶିନୀ ଜେନା, ସିଟି କ୍ଲବର ସମ୍ପାଦକ ପ୍ରଦୀପ ରାଉତରାୟ, ଆନ୍ତର୍ଜାତିକ କ୍ରୀଡ଼ା ପରିଚାଳକ ସୁନିତା ପାତ୍ରଙ୍କ ସମେତ ବିଭିନ୍ନ ପ୍ରଦେଶରୁ ଆସିଥିବା ଅଫିସିଆଲମାନେ ଏହି ଅବସରରେ ଉପସ୍ଥିତ ରହିଥିଲେ। ସୁଜିତ ପାତ୍ର, ପଞ୍ଚାନନ ବଳ, ଆନ୍ନା କେରକେଟା, ରଶ୍ମିତା ମହାନ୍ତି, ସୁଦାମ ଚରଣ ମିଶ୍ର ଓ ସଞ୍ଜୟ କୁମାର ମଲିକ ଖେଳ ପରିଚାଳନା କରିଥିଲେ। ମମତାଜ ଅଲି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଲିଲ୍ ଖାଁ ଧନ୍ୟବାଦ ଅର୍ପଣ କରିଥିଲେ।

## ହରମନପ୍ରୀତଙ୍କ ଡବଲ୍ ଗୋଲ: ଭାରତର ବୃହତ୍ ବିଜୟ

**ଆଣ୍ଟୱେରପ୍(ବେଲଜିୟମ), ୨୮।୯(ପି.ଟି.)**

ବେଲଜିୟମ ଗସ୍ତରେ ଯାଇଥିବାର ଭାରତୀୟ ହକି ଦଳ ଦ୍ୱିତୀୟ ମ୍ୟାଚ୍‌ରେ ମଧ୍ୟ ବିଜୟ ହାସଲ କରିଛି। ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ଡ୍ରାଗ୍ ଫ୍ଲିକର ହରମନପ୍ରୀତ ସିଂଙ୍କ ଡବଲ୍‌ଗୋଲ ସହାୟତାରେ ବିଶ୍ୱ ୮ ନମ୍ବର ଦଳ ସ୍ପେନ୍‌କୁ ବୃହତ ୬-୧ ଗୋଲରେ ପରାସ୍ତ କରିଛି। ଭାରତ ଏହି ମ୍ୟାଚ୍‌ରେ ଜବରଦସ୍ତ ପ୍ରଦର୍ଶନ କରିଥିଲା। ଭାରତ ତରଫରୁ ହରମନପ୍ରୀତ ୨୮ ଓ ୩୨ତମ ମିନିଟ୍‌ରେ ଦୁଇଟି ଗୋଲ ସ୍କୋର କରିଥିଲେ। ସେହିପରି ଅଧିନାୟକ ମନପ୍ରୀତ ସିଂ ୨୪, ନୀଳକାନ୍ତ ଶର୍ମା ୩୯, ମନଦୀପ ସିଂ ୫୬ ଓ ରୁପିନ୍ଦରପାଲ ସିଂ ୫୯ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଭାରତ ଆକ୍ରମଣାତ୍ମକ ପ୍ରଦର୍ଶନ କରି ସ୍ପେନ୍ ଡିଫେନ୍ସକୁ ଭେଦ କରି ଗୋଟିଏ ପରେ ଗୋଟିଏ ଗୋଲ ସ୍କୋର କରିଥିଲା। ବଲ୍ ଅଧିକ ସମୟ ହାତରେ ରଖିଥିଲେ ମଧ୍ୟ ଭାରତ ପ୍ରଥମ କ୍ୱାର୍ଟରରେ ଗୋଟିଏ ହେଲେ ଗୋଲ ସ୍କୋର କରିପାରି ନ ଥିଲା। ତେବେ ସ୍ପେନ୍ ହାଫ୍ ଟାଇମ୍ ପୂର୍ବରୁ ଗୋଟିଏ ଗୋଲ ସ୍କୋର କରିଥିଲା। ଫଳରେ ମ୍ୟାଚ ୨-୧ ସ୍ଥିତିକୁ ଆଣିଥିଲା। ରବିବାର ଭାରତ ତା'ର ତୃତୀୟ ମ୍ୟାଚ୍‌ରେ ପୁଣି ଥରେ ସ୍ପେନ୍‌କୁ ଭେଟିବ।



ବଲ ପାଇଁ ଭାରତର ମନପ୍ରୀତ୍ ସିଂ (ଡାହାଣ) ଓ ସ୍ପେନ ଖେଳାଳିଙ୍କ ମଧ୍ୟରେ ସଂଘର୍ଷ।

## ଗୁରଜିତ୍‌ଙ୍କ ଗୋଲ ଭାରତକୁ ଜିତାଇଲା

**ମାର୍‌ଲୋ,୨୮।୯**

ଏଠାରେ ଗ୍ରେଟ୍ ବ୍ରିଟେନ ବିପକ୍ଷରେ ଶନିବାର ଖେଳାଯାଇଥିବା ମହିଳା ହକି ମ୍ୟାଚ୍‌ରେ ଗୁରଜିତ୍ କୌରଙ୍କ ଗୋଲ ଭାରତୀୟ ଦଳକୁ ବିଜୟ ଆଣି ଦେଇଛି। ଏକଦା ଭାରତ ୦-୧ ଗୋଲରେ ପଛୁଆ ଥିଲା। ହେଲେ ଶର୍ମିଳା ଦେବୀ ଓ ଗୁରଜିତ୍‌ଙ୍କ ଗୋଲ ଯୋଗୁ ଭାରତ ମ୍ୟାଚ୍‌କୁ ୨-୧ ଗୋଲରେ ଜିତି ନେଇଛି। ଏହି ବିଜୟ ସହ ଭାରତ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୧-୦ ବ୍ୟବଧାନର ଅଗ୍ରଣୀ ହାସଲ କରିଛି। ମ୍ୟାଚ୍‌ର ପ୍ରଥମ କ୍ୱାର୍ଟରରେ ଦୁଇ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ କୌଣସି ଦଳ ଗୋଲ ସ୍କୋର କରିପାରି ନ ଥିଲା। ଦ୍ୱିତୀୟ କ୍ୱାର୍ଟର ଭାରତ ନିୟନ୍ତ୍ରଣରେ ରହିଥିଲା। ପ୍ରଥମ ୫ ମିନିଟ୍‌ରେ ଟିମ୍ ଇଣ୍ଡିଆ ଦୁଇଟି ପେନାଲ୍ଟି କର୍ନର ପାଇଥିଲା। ଯାହା ବେକାର ଯାଇଥିଲା। ଏହାପରେ ଘରୋଇ ଗ୍ରେଟ୍ ବ୍ରିଟେନ ଖେଳାଳିମାନେ ଭାରତୀୟ ଗୋଲ ପୋଷ୍ଟ ଉପରେ ଘନ ଘନ ଆକ୍ରମଣ କରିଥିଲେ। ମାତ୍ର କିପର ସବିତା ପୁନିଆ ସଫଳତାର ସହ ବଲ ରୋକିଥିଲେ। ଫଳରେ ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ମ୍ୟାଚ୍‌ର ୪୬ତମ ମିନିଟ୍‌ରେ ଗ୍ରେଟ୍ ବ୍ରିଟେନ ପକ୍ଷରୁ ଇମିଲି ଡେଫ୍ରେଣ୍ଡ ଗୋଲ ସ୍କୋର କରିଥିଲେ। ଭାରତ ପାଇଁ ଶର୍ମିଳାଙ୍କ ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ମ୍ୟାଚ୍‌ର ଅନ୍ତିମ ମିନିଟ୍‌ରେ ଭାରତ ଏକ ଶର୍ଟ କର୍ନର ପାଇଥିଲା। ଯାହାକୁ ଗୁରଜିତ୍ ଗୋଲରେ ପରିଣତ କରି ଭାରତୀୟ ଦଳର ବିଜୟ ସୁନିଶ୍ଚିତ କରିଥିଲେ। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ରବିବାର ଖେଳାଯିବ।





ଗୋଲ ସ୍କୋର ପରେ ଉଲ୍ଲସିତ ଭାରତୀୟ ମହିଳା ହକି ଖେଳାଳିମାନେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୨୯/୨୦୧୯ Bhubaneswar, Sunday, September 29/2019

### ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା

## ହତ୍ୟା ଅଭିଯୋଗ ଆଣିଲେ ବାପା

ଖୁଣ୍ଟୁଣୀ,୨୮।୯(ଡି.ଏନ୍.ଏ): ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ତାଳଭାଗ ଗ୍ରାମର ପ୍ରଶାନ୍ତ ସ୍ୱାଇଁଙ୍କ ମୃତଦେହ ଏକ ପୋଖରୀରୁ ଗତ ୨୬ତାରିଖରେ ପୋଲିସ ଉଦ୍ଧାର କରିଥିଲା। ପ୍ରଶାନ୍ତଙ୍କୁ ତା'ର ସାଙ୍ଗମାନେ ଘରୁ ଡାକି ନେଇ ହତ୍ୟା କରିଥିବା ଶୁକ୍ରବାର ତାଙ୍କ ବାପା ଲିଙ୍ଗରାଜ ସ୍ୱାଇଁ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ସମ୍ପର୍କରେ ଏକ ହତ୍ୟା ମାମଲା (ନଂ.୧୧୬/୧୯) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଗତ ୨୫ତାରିଖରେ ପ୍ରଶାନ୍ତଙ୍କ କେତେଜଣ ସାଙ୍ଗ ତାଙ୍କୁ ଭୋଜି କରିବାକୁ କହି ଘରୁ ଡାକିନେଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ପ୍ରଶାନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ ସନ୍ଧାନ ପାଇ ନ ଥିଲେ। ୨୬ତାରିଖ ସକାଳେ ପ୍ରଶାନ୍ତଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ଗ୍ରାମବାସୀ ତାଙ୍କ ପରିବାରକୁ ଜଣାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୪/୧୯) ରୁଜୁ ହୋଇଥିଲା। ୨୭ତାରିଖ ସକାଳେ ପ୍ରଶାନ୍ତର ବାଇକକୁ ତା'ର ଜଣେ ସାଙ୍ଗ ତାଙ୍କ ଘର ଆଗରେ ରଖିବା ସହ ଚାବି ତାଙ୍କ ଘରେ ଦେଇଯାଇଥିଲେ। ପ୍ରଶାନ୍ତଙ୍କ ଠାରୁ ଧାର ନେଇଥିବା ଟଙ୍କା ମାଗିବାରୁ ତାଙ୍କୁ ତା'ର ସାଙ୍ଗମାନେ ହତ୍ୟା କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ ସୁଚିତ୍ର ବୀର୍ଯ୍ୟ ଦାସ କହିଛନ୍ତି।

## ଗଛକଟା ନେଇ ଗଣ୍ଡଗୋଳ: ଜଣେ ଆହତ, ୫ଅଟକ

ଚୌଦ୍ୱାର, ୨୮।୯(ଡି.ଏନ୍.ଏ.): ଚୌଦ୍ୱାର ପୌରପାଳିକା ୧୪ନଂ ୱାର୍ଡ ଅନ୍ତର୍ଗତ ମଣ୍ଡାପଡା ଓ ଦାଶରଥିପାଟଣା ଗ୍ରାମ ନିକଟରେ ଥିବା ସରକାରୀ ଜମିରେ ବନବିଭାଗ ସହାୟତାରେ ଗ୍ରାମବାସୀଙ୍କ ତରଫରୁ ସହସ୍ରାଧିକ ବୃକ୍ଷରୋପଣ କରାଯାଇଥିଲା। ଶନିବାର ମଣ୍ଡାପଡା ଗ୍ରାମର କେତେଜଣ ବ୍ୟକ୍ତି ଏହି ଜାଗାରେ ୱାଇଏମ୍‌ସିଏର ଏକ ଗୃହନିର୍ମାଣ କରିବା ଉଦ୍ଦେଶ୍ୟରେ ଲଗାଯାଇଥିବା ଗଛଗୁଡିକୁ ମେଶିନ ସାହାଯ୍ୟରେ ଓପାଡି ଦେଇଥିଲେ। ଦାଶରଥିପାଟଣା ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଏହାର ପ୍ରତିବାଦ କରିବାରୁ ଉକ୍ତ ଜମିରେ ୱାଇଏମ୍‌ସିଏ ସଂସ୍ଥାର ଗୃହନିର୍ମାଣ କରିବା ଲାଗି ସେମାନେ ଲିଜ୍ ନେଇଥିବା କହିଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ବଚସା ହୋଇ ଗଣ୍ଡଗୋଳର ରୂପ ନେଇଥିଲା। ଏଥିରେ ମଣ୍ଡାପଡା ଗ୍ରାମର ମନୋରଞ୍ଜନ ପ୍ରଧାନ ଆହତ ହୋଇଥିଲେ। ଏନେଇ ମନୋରଞ୍ଜନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ କେସ ନଂ ୩୫୨/୧୯ ଦଫା ୩୪୧/୩୨୩/୨୯୪/୩୦୭/୩୪ ଆଇପିସିରେ ଏକ ମାମଲା ରୁଜୁ କରି ଦାଶରଥିପାଟଣା ଗ୍ରାମର ୫ଜଣଙ୍କୁ ଥାନାରେ ଅଟକ ରଖିଛି।

## ଦୋକାନରୁ ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି

### ସିସିଟିଭି ଫୁଟେଜରେ ଦୁର୍ବୃତ୍ତଙ୍କ କାରନାମା

ଭୁବନେଶ୍ୱର,୨୮।୯(ବ୍ୟୁରୋ)

କିଛିଦିନ ପରେ ପୁଣି ଖଣ୍ଡଗିରି ଥାନା ଅଞ୍ଚଳରେ ମାତିଛନ୍ତି ଚୋରି ଓ ଡକାୟତି ଗ୍ୟାଙ୍ଗ୍। ଗତ ୨୫ ତାରିଖ ରାତିରେ ସମ୍ ହସ୍ପିଟାଲ ନିକଟ ଶାମପୁରର ପ୍ଲଟ ନଂ-୭୯୦/୧୩୨୫ସ୍ଥିତ ଏକ ମୋବାଇଲ୍ ଦୋକାନରୁ ଲକ୍ଷାଧିକ ଟଙ୍କାର ମୋବାଇଲ୍ ଚୋରି ହୋଇଛି। ଦୁର୍ବୃତ୍ତମାନେ ଦୋକାନର ଆଜବେଷ୍ଟସ୍ ଭାଙ୍ଗି ଭିତରେ ପଶି ପ୍ରାୟ ୩୫ ଦାମୀ ମୋବାଇଲ ଚୋରି କରି ନେଇଥିବା ମାଲିକ ରାଜକିଶୋର ଦାଶ ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନଂ-୫୩୩/୧୯ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ତେବେ ଚୋରି ବେଳର ଦୃଶ୍ୟ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜରେ ରହିଛି। ଦୁଇ ଦୁର୍ବୃତ୍ତ ମୁହଁରେ କପଡା ବାନ୍ଧି ଏପରି କାର୍‌ନାମା ଘଟାଇଥିବାରୁ ସେମାନଙ୍କୁ ଚିହ୍ନିବା କଷ୍ଟକର ହୋଇପଡୁଥିବା ପୋଲିସ କହିଛି।

ସୂଚନା ଅନୁଯାୟୀ, ରାଜକିଶୋର ରାତି ପ୍ରାୟ ୧୦ଟାରେ ଦୋକାନ ବନ୍ଦ କରି ନିକଟରେ ଥିବା ଘରକୁ ଚାଲିଯାଇଥିଲେ। ରାତି ପ୍ରାୟ ୧ଟା ୫୧ରେ ଦୁଇଜଣ ଦୁର୍ବୃତ୍ତ ପ୍ରଥମେ ସେମାନେ ଶଟର ତାଡ଼ିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ରାତି ପ୍ରାୟ ୨ଟା ୪ରେ ଜଣେ ଦୁର୍ବୃତ୍ତ ଦୋକାନ ଉପରକୁ ଚଢି ଆଜବେଷ୍ଟସ ତାଡି ଭିତରକୁ ପଶିଥିଲେ। ଏହାର କିଛି ସମୟ ପରେ ଅନ୍ୟଜଣେ ସେହିବାଟ ଦେଇ ଭିତରକୁ ପଶି କଳାକନା ବୁଲାଇଥିଲେ। ସକାଳୁ ରାଜକିଶୋର ଦୋକାନ ଖୋଲିବାକୁ ଯିବାବେଳେ ଚୋରି ସମ୍ପର୍କରେ ଜାଣିବାକୁ ପାଇଥିଲେ।











2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



କୃତଜ୍ଞତା ରୂପକ ଋଣକୁ ଶୁଝିବା, ଶକ୍ତିର ବାହାରେ ବୋଲି ଉଦାରମନା ଲୋକ ହିଁ ଧରି ନେଇଥାଏ।

-ଫ୍ରାଙ୍କଲିନ୍











ଷୋଳପୂଜା ଅବସରରେ ମା' କଟକ ଚଣ୍ଡୀଙ୍କ ଜୟଦୁର୍ଗା ବେଶ। ଗଡ଼ଚଣ୍ଡୀଙ୍କ କାଳୀ ବେଶ। ଝାଞ୍ଜିରୀମଙ୍ଗଳାଙ୍କ ଦକ୍ଷିଣକାଳୀ ବେଶ। ମଙ୍ଗଳାବାଗ ବାସନ୍ତୀଦୁର୍ଗାଙ୍କ ନୀଳ ସରସ୍ୱତୀ ବେଶ। ପୀଠାପୁର ମା' ଧାକୁଲେଇଙ୍କ ଦକ୍ଷିଣ କାଳୀବେଶ। ହରିପୁର ଦୋଳମୁଣ୍ଡାଇ ମା' ବିମଳାଙ୍କ ମାତଙ୍ଗୀ ବେଶ। ଦୋଳମୁଣ୍ଡାଇ ମା' ମଙ୍ଗଳାଙ୍କ ଦକ୍ଷିଣକାଳୀ ବେଶ।

## ସଂକ୍ଷେପରେ

### ଡିସିପିଙ୍କ ବଦଳି ଦାବି କଲା କଂଗ୍ରେସ

କଟକ ଅଫିସ, ୨୮।୯: କଟକ ସହରରେ ଆଇନ ଶୃଙ୍ଖଳା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ହେଲେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ଅନ୍ୟପକ୍ଷରେ ସହରରେ ଭାଇଚାରା ସମ୍ପର୍କରେ ଫାଟ ସୃଷ୍ଟି କରିବାକୁ ଡିସିପି ଚେଷ୍ଟା କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ଡିସିପିଙ୍କ ଏଭଳି ଆଚରଣ ବିରୋଧରେ ଶନିବାର କଟକ ନଗର(ଜିଲା) ମହିଳା କଂଗ୍ରେସ ପକ୍ଷରୁ ବକ୍ସିବଜାର ଗୋପବନ୍ଧୁ ବାଗଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବକ୍ତାମାନେ ଯୋଗଦେଇ ଡିସିପିଙ୍କ ମନମାନିକୁ ତୀବ୍ର ନିନ୍ଦା କରିବା ସହିତ ଏହି ଘଟଣାରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। କଟକ ସହରରେ ଥିବା ବିଭିନ୍ନ ମହିଳା ସଙ୍ଗଠନର କର୍ମକର୍ତ୍ତା ଯୋଗଦେଇ ଡିସିପିଙ୍କ ବଦଳି ସହ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଏହି ସଭାରେ ମହିଳା ସଭାନେତ୍ରୀ ଶୈଳବାଳା ଜେନା, ଗିରିବାଳା ବେହେରା, ଚାରୁଲତା ସାହୁ, ତୃପ୍ତି ଦାସ, ଅନିତା ନାୟକ, ଅମ୍ରିତା ଦାସ, ଶର୍ମିଷ୍ଠା ବାରିକଙ୍କ ସହ ବହୁ ନାରୀନେତ୍ରୀ ଉଦ୍‌ବୋଧନ ଦେଇଥିଲେ। ସୂଚନାଯୋଗ୍ୟ, କମିଶନରେଟ୍ ପୋଲିସ ପକ୍ଷରୁ ଅନୁଷ୍ଠିତ ଦୁର୍ଗା ପୂଜା ପ୍ରସ୍ତୁତି ବୈଠକକୁ ବିଧାୟକ ଇଂ. ମହମ୍ମଦ ମୋକିମଙ୍କୁ ଡିସିପି ନ ଡାକିବାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି।

### ବିଦ୍ୟୁତ୍ ସୁରକ୍ଷା କର୍ମଶାଳା

ଚୌଦ୍ୱାର, ୨୮।୯(ଡି.ଏନ୍.ଏ.): ଚୌଦ୍ୱାର ସେସୁ ତରଫରୁ ବିଦ୍ୟୁତ୍ ସୁରକ୍ଷା ସମ୍ପର୍କିତ ଏକ ଦିନିକିଆ କର୍ମଶାଳା ଚୌଦ୍ୱାର ସେସୁ ଅଫିସରେ ଶନିବାର ଅନୁଷ୍ଠିତ ହୋଇ ଯାଇଛି। ଏସ୍‌ଡିଓ ବେଣୁଧର ଦାସ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବିଦ୍ୟୁତ୍ ବ୍ୟବହାର ସମୟରେ ନିର୍ମାଣ କଣ୍ଟ୍ରାକ୍ଟର, ବିଦ୍ୟୁତ୍ କଣ୍ଟ୍ରାକ୍ଟର, ରାଜମିସ୍ତ୍ରି ଓ ସାଧାରଣ ନାଗରିକ କି କି ସୁରକ୍ଷା ବ୍ୟବସ୍ଥା ଅନୁସରଣ କରିବେ ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଦ୍ୟୁତ୍ ସରବରାହ ସ୍ଥାନରେ ନିର୍ମାଣ କାର୍ଯ୍ୟ ଚାଲୁଥିଲେ ମିସ୍ତ୍ରୀ, ଶ୍ରମିକ ଏବଂ ଏଥି ସହିତ ସମ୍ପୃକ୍ତ ସମସ୍ତ ବ୍ୟକ୍ତି ହେଲମେଟ, ଜୋତା ଏବଂ ସମସ୍ତ ସୁରକ୍ଷା କିଟ୍ ବ୍ୟବହାର କରିବା ବାଧ୍ୟତାମୂଳକ ବୋଲି ପ୍ରକାଶ କରିବା ସହିତ ଗୃହନିର୍ମାଣ ସମୟରେ ଘର ମାଲିକ ବିଦ୍ୟୁତ୍ ବିଭାଗ ନିକଟରୁ ଅନୁମତି ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଅଜୟ କୁମାର ଶର୍ମା, ବିନୋଦ କୁମାର ନାୟକ, ନୀଳମାଧବ ପଣ୍ଡା, ମଳୟ ନାୟକ, ପ୍ରଫୁଲ୍ଲ ବିଶ୍ୱାଳ ପ୍ରମୁଖ ଏହି କର୍ମଶାଳାରେ ଯୋଗ ଦେଇଥିଲେ।

### ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଜୟନ୍ତୀ ସମାରୋହ

କଟକ ସଦର, ୨୮।୯(ଡି.ଏନ୍.ଏ): ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷର ପ୍ରଣେତା ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ୧୪୬ତମ ଜୟନ୍ତୀ ସମାରୋହ ଶୁକ୍ରବାର କନ୍ଦରପୁର ଠାରେ ପାଳିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପ୍ରହରାଜ ପ୍ରତିଭା ପୂଜା ପରିଷଦର ମିଳିତ ଆନୁକୂଲ୍ୟରେ ରାଜ୍ୟ ଜୟନ୍ତୀ ସମାରୋହରେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିଜୟ ଚନ୍ଦ୍ର ଜେନା ଓ ଭାଗୀରଥି ମହାସୁଆର ଅତିଥିଭାବେ ଯୋଗଦେଇଥିବା ବେଳେ ପ୍ରତାପ ଧଳ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ଆଧୁନିକ ଓଡ଼ିଆ ଭାଷା ଓ ସାହିତ୍ୟର ନବନିର୍ମାଣ କାଳରେ ସ୍ୱର୍ଗତ ପ୍ରହରାଜ ଗୋଟିଏ ପୂର୍ଣ୍ଣାଙ୍ଗ ଭାଷାକୋଷ ପ୍ରଣୟନ କରି ଜାତି ପାଇଁ ଅକ୍ଷୟ କୀର୍ତ୍ତି ସ୍ଥାପନ କରିଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଓଡ଼ିଆରେ ସର୍ବୋଚ୍ଚ ନମ୍ବର ରଖିଥିବା କ୍ରିଷ୍ଣାପ୍ରିୟା ନାୟକ, ଅସୀମ ଆଦିତ୍ୟ ନନ୍ଦ ଓ ଗୀତିକବି ବାବାଜୀ ଚରଣ ଜେନାଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରତିଭା ପୂଜା ପରିଷଦ ସଭାପତି କାଳୀପ୍ରସାଦ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସଞ୍ଜୟ କୁମାର ଛୁଆଲସିଂ ସ୍ୱାଗତ ଭାଷଣ, କବି ପିତାମ୍ବର ମହାପାତ୍ର ଅତିଥି ପରିଚୟ ଓ ପୀୟୁଷ ରଞ୍ଜନ ପରିଡ଼ା ବିବରଣୀ ପାଠ କରିଥିଲେ।

# ବର୍ଷା: କଟକ ଜଳାର୍ଣ୍ଣବ

କଟକ ଅଫିସ, ୨୮।୯

ବର୍ଷା ଯୋଗୁ ଶନିବାର କଟକ ସହର ଜଳାର୍ଣ୍ଣବ ହୋଇଛି। କଟକ ମହାନଗର ନିଗମ(ସିଏମସି)ରେ ଶନିବାର ପ୍ରବଳ ବର୍ଷାରେ ସାରା ସହର ଜଳମଗ୍ନ ହୋଇପଡିଛି। ଦିନକ ପୂର୍ବରୁ ହୋଇଥିବା ଲଗାଣ ବର୍ଷାରେ ସହରରୁ ପାଣି ଛାଡି ନ ଥିବା ବେଳେ ଶନିବାର ବର୍ଷାରେ ପରିସ୍ଥିତି ବେହାଲ ହୋଇପଡିଛି। ସହରର ମୁଖ୍ୟ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଲହଡି ମାରୁଥିବାବେଳେ ମିଶନ୍‌ରୋଡ, ବାଦାମବାଡି, ଲିଙ୍କ୍‌ରୋଡ, ରାଉସାପାଟଣା, ଖାନ୍‌ନଗର, ଶଙ୍କରପୁର, ଏଲଆଇସି କଲୋନୀ, ଶିଖରପୁର, ମଙ୍ଗଳାବାଗ, ପିଠାପୁର, ସୁତାହାଟ, ଚାନ୍ଦିନୀଚୌକ, ମହମ୍ମଦିଆ ବଜାର, ମାଲଗୋଦାମ ସମେତ ସିଡିଏ ଅଞ୍ଚଳର ବହୁ ସ୍ଥାନରେ ପାଣି ଜମି ରହିଛି। ବିଭିନ୍ନ ସ୍ଥାନରେ ୧୯୦ଟି ପମ୍ପସେଟ୍ ମାଧ୍ୟମରେ ପାଣି ନିଷ୍କାସନ କରାଯାଉଛି ବୋଲି ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି।

**ବର୍ଷାରେ ଧୋଇଗଲା ମୁଖ୍ୟରାସ୍ତା**

ଦଶହରା ପାଇଁ ସାରା ସହର ସଜେଇ ହେଉଥିବାବେଳେ ମୁଖ୍ୟ ରାସ୍ତା ଏବଂ ଗଳିକନ୍ଦି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ମୁଖ୍ୟରାସ୍ତା ମରଣଯନ୍ତା ପାଲଟି ଥିବାରୁ ବିଧାୟକ ଜରୁରୀ ବୈଠକ ଡକାଇ ଖୁବ୍‌ଶୀଘ୍ର କାର୍ଯ୍ୟ ସାରିବାକୁ ଜାଇକାକୁ ନିର୍ଦ୍ଦେଶ ଦେଇଥିଲେ। ବର୍ଷା ଛାଡିବାର ୪୮ଘଣ୍ଟା ମଧ୍ୟରେ ରାସ୍ତା କାର୍ଯ୍ୟ ସରିବ ବୋଲି ଜାଇକା ପକ୍ଷରୁ କୁହାଯାଇଥିଲା। ଗୁରୁବାର ମଧ୍ୟରାତ୍ରିରେ ରାସ୍ତା କାମ ଆରମ୍ଭ ହୋଇଥିଲା। ହେଲେ ଶନିବାର ପ୍ରବଳ ବର୍ଷା ଯୋଗୁ ରାସ୍ତା ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ଏଥିଯୋଗୁ ଲୋକଙ୍କ ଯାତାୟତରେ ସମସ୍ୟା ସୃଷ୍ଟି ହୋଇଛି।

**ଘରେ ପଶିଲା ପାଣି**

ଶନିବାର ବର୍ଷା ଯୋଗୁ ଅନେକ ଘରେ ପାଣି ପଶିଛି। ଏଥିଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକେ ବିଭିନ୍ନ ପାତ୍ରରେ ପାଣି କାଢିବା ପରେ ରନ୍ଧା କାମ କରି ଖାଉଥିବା ବେହେରା ସାହି ବାସିନ୍ଦା ପ୍ରଶାନ୍ତ ପଣ୍ଡା କହିଛନ୍ତି।

**ପାଣି ଘେରରେ ଅରୁଣୋଦୟ ମାର୍କେଟ**

ଲଗାଣ ବର୍ଷାଯୋଗୁ ଅରୁଣୋଦୟ ମାର୍କେଟରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି। ଏଠାରେ ଥିବା ନୋଟାରୀକୁ କାମ ପାଇଁ ଆସୁଥିବା ଲୋକଙ୍କୁ ପାଣିରେ ପଶିବାକୁ ପଡୁଥିଲା। ଏହି ମାର୍କେଟ କମ୍ପ୍ଲେକ୍ସରେ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଅଫିସ ରହିଛି। ହେଲେ ଏଠାରୁ ପାଣି ନିଷ୍କାସନ ନିମନ୍ତେ କୌଣସି ବ୍ୟବସ୍ଥା କରାଯାଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

**ଜଳମଗ୍ନ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**

ବର୍ଷାଯୋଗୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପରିସରରେ ସ୍ଥିତି ବେହାଲ ହୋଇପଡିଛି। ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ଠାରୁ କୁଳପତି କାର୍ଯ୍ୟାଳୟ, ନିୟୁ ପିଜି ହଷ୍ଟେଲ, କମର୍ସ ବ୍ଲକ, ଭାର୍ଗବୀ ହଷ୍ଟେଲର ରାସ୍ତା ଜଳମଗ୍ନ ହୋଇଛି। ବିଶ୍ୱବିଦ୍ୟାଳୟରେ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିବାରୁ ପାଣି ଜମି ରହିଥିବା ଜଣାପଡିଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଜଳ ନିଷ୍କାସନ ହୋଇପାରି ନ ଥିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଦୀର୍ଘଦିନ ହେବା ଏଭଳି ସମସ୍ୟା ଦେଖାଦେଇଥିଲେ ମଧ୍ୟ କର୍ତ୍ତୃପକ୍ଷ କୌଣସି ବ୍ୟବସ୍ଥା କରୁ ନ ଥିବା ଅଭିଯୋଗ ହୋଇଛି। ଏପରି କି ସାମାନ୍ୟ ବର୍ଷା ହେଲେ ମଧ୍ୟ ବିଶ୍ୱବିଦ୍ୟାଳୟ ଅନ୍ତେବାସୀ ଜଳ ଘେରରେ ଘଣ୍ଟାଘଣ୍ଟା ଧରି ଫସି ରହୁଛନ୍ତି। ଏ ସମ୍ପର୍କରେ କୁଳସଚିବ ଅଶୋକ କୁମାର ଦାସ କୁହନ୍ତି, ବର୍ତ୍ତମାନ ପମ୍ପ ସାହାଯ୍ୟରେ ଜଳ ନିଷ୍କାସନ କରାଯାଉଛି। ଏହାର ସ୍ଥାୟୀ ସମାଧାନ ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଚେଷ୍ଟା ଜାରି ରହିଛି।



### ଆଣ୍ଠୁଏ ପାଣିରେ ବୁଡି ରହିଛି ଗାଡ଼ି

ସହରର କେତେକ ସ୍ଥାନରେ ଜମି ରହିଥିବା ଆଣ୍ଠୁଏ ଉଚ୍ଚର ପାଣିରେ ୨/୪ ଚକିଆ ଗାଡ଼ି ବୁଡି ରହିଥିବା ଦେଖିବାକୁ ମିଳିଛି। ପାଣି ନ କମିବା ପର୍ଯ୍ୟନ୍ତ ଗାଡି ବାହାର କରିବା କଷ୍ଟକର ବୋଲି ଲୋକେ କହିଛନ୍ତି।




ପ୍ରବଳ ବର୍ଷା ଯୋଗୁ ଲିଙ୍କ୍ ରୋଡ୍ ଅରୁଣୋଦୟ ଭବନ ପରିସର ଜଳମଗ୍ନ।



ବର୍ଷାରେ ଜଳମଗ୍ନ ରେଭେନ୍ସା ବିଶ୍ୱବିଦ୍ୟାଳୟ।

# ସିପିଆଇର ରାଜ୍ୟ ସାଙ୍ଗଠନିକ ସମ୍ମେଳନ




ସମ୍ମେଳନ ପାର୍ଟିର ସର୍ବଭାରତୀୟ ସାଧାରଣ ସମ୍ପାଦକ ଡି ରାଜା ଉଦ୍‌ବୋଧନ ଦେଉଛନ୍ତି।

କଟକ ଅଫିସ, ୨୮।୯

ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ) ପକ୍ଷରୁ ବାରବାଟୀ ଷ୍ଟାଡିୟମରେ ଶନିବାର ଦ୍ୱିଦୀବସୀୟ ରାଜ୍ୟ ସାଙ୍ଗଠନିକ ସମ୍ମେଳନ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ପାର୍ଟିର ସର୍ବଭାରତୀୟ ସାଧାରଣ ସମ୍ପାଦକ ଡି ରାଜା ଉଦ୍‌ଘାଟନ କରି କହିଥିଲେ, ଭାଜପା ସରକାର ବେଳେ ବେକାରୀ ସମସ୍ୟା, ଦରବୃଦ୍ଧି, ସଂଖ୍ୟାଲଘୁ, ଦଳିତ ମହିଳାମାନଙ୍କ ଉପରେ ହିଂସା, ବଳାତ୍କାର ବୃଦ୍ଧି ପାଇଛି। ଏସବୁଠାରୁ ଦୃଷ୍ଟି ହଟାଇବା ପାଇଁ ସାମ୍ପ୍ରଦାୟିକ ବିଦ୍ୱେଷ, ଧ୍ରୁବୀକରଣ ଓ ଆମେରିକାରେ ହାଓଡି ମୋଦି କାର୍ଯ୍ୟକ୍ରମ କରାଯାଇଛି। ଏହି ସବୁ ସଙ୍କଟ ବିରୋଧରେ ଆସନ୍ତା ଅକ୍ଟୋବର ୧୦ରୁ ୧୬ ପର୍ଯ୍ୟନ୍ତ ବାମପନ୍ଥୀ ଦଳମାନେ ଦେଶବ୍ୟାପି ଆନ୍ଦୋଳନ କରିବେ ବୋଲି ଡି. ରାଜା କହିଥିଲେ। ଏହି ସମ୍ମେଳନରେ ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଦିବାକର ନାୟକ, ଡ. ସୌରୀବନ୍ଧୁ କର, ଜିଲା ସମ୍ପାଦକ ଅମରେନ୍ଦ୍ର ମହାନ୍ତି, ଜିନ୍ମୟୀ ସାହାଣୀ, ଆଶିଷ କାନୁନ୍‌ଗୋଙ୍କ ସମେତ ସମସ୍ତ ରାଜ୍ୟ ପରିଷଦର ସଭ୍ୟାସଭ୍ୟ, ସମ୍ପାଦକ , ସହ ସମ୍ପାଦକ ଓ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ରବିବାର ସାଙ୍ଗଠନିକ ରିପୋର୍ଟ ଉପରେ ଆଲୋଚନା କରାଯାଇ ନିର୍ଦ୍ଧାରଣମାନ ଗ୍ରହଣ କରାଯିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି।

## ରାଧାନାଥ ରାୟଙ୍କ ସାଧନା ପରପିଢ଼ିକୁ ପ୍ରଭାବିତ କରିଛି

କଟକ ଅଫିସ, ୨୮।୯

ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟରେ କବିବର ରାଧାନାଥ ରାୟଙ୍କ ସାଧନା ପର ପିଢ଼ିକୁ ବହୁଭାବରେ ପ୍ରଭାବିତ କରିଛି। ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟ, ଜାତୀୟତା ଓ ଅସ୍ମିତାର ସେ ଥିଲେ ଯଥାର୍ଥ ରୂପକାର। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ପାଠ୍ୟ ପୁସ୍ତକ ପ୍ରଣୟନ ମାଧ୍ୟମରେ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ତାଙ୍କ କର୍ମମୟ ଜୀବନର ଗୋଟିଏ ଗୋଟିଏ ଦିଗ ବୋଲି ଉତ୍କଳ ସାହିତ୍ୟ ସମାଜ ପରିସରରେ ଶନିବାର ଆୟୋଜିତ କବିବର ରାଧାନାଥ ରାୟ ଜୟନ୍ତୀରେ ବକ୍ତାମାନେ କହିଛନ୍ତି। ସଭାପତି ତରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉପସଭାପତି ସଞ୍ଜିତ କୁମାର ପଟ୍ଟନାୟକ, ସମିତି ସଦସ୍ୟ ଡ. ସୁନାମଣି ରାଉତ, ବ୍ରହ୍ମାନନ୍ଦ ବିଶ୍ୱାଳ, ଗଜେନ୍ଦ୍ର କୁମାର ପାଣି, ତ୍ରିଲୋଚନ ମହାକୁଲ ଉପସ୍ଥିତ ଥିଲେ। ଅନୁଷ୍ଠାନ ପରିସରରେ ଥିବା କବିବର ରାଧାନାଥ ରାୟଙ୍କ ପ୍ରତିମୂର୍ତ୍ତି ସମେତ ଅନ୍ୟ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସଙ୍ଗଠନ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ଧନ୍ୟବାଦ ଦେଇଥିଲେ।

# ଯତୀନ୍ଦ୍ରନାଥ ନୋଡାଲ୍ ହାଇସ୍କୁଲରେ ବିଜ୍ଞାନମେଳା

**ସାଲେପୁର, ୨୮।୯(ଡି.ଏନ.ଏ.)**

ସାଲେପୁର ବ୍ଲକ ଅଧୀନ ଓଡ଼ାସିଂହଠାରେ ଥିବା ଯତୀନ୍ଦ୍ରନାଥ ନୋଡାଲ ହାଇସ୍କୁଲରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ନିହାରବାଳା ଦେବୀ ଅଧ୍ୟକ୍ଷତା କରିଥିଲେ। ମେଳାର ଛାତ୍ରୀଛାତ୍ରଙ୍କ ଦ୍ୱାରା ୨୯ ପ୍ରକଳ୍ପ ସ୍ଥାନ ପାଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବେସାରଦ୍ ଅହମ୍ମଦ୍ ଖାଁ ଏବଂ ଗାନ୍ଧୀ ବିଦ୍ୟାପୀଠ ଲେଖନପୁରର ଶିକ୍ଷକ ସନ୍ତୋଷ ଦାଶ ବିଚାରକ ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ଶ୍ରୀମାନ୍ ପ୍ରଧାନ ୧ମ, ଅଙ୍କିତ୍ ମହାନ୍ତି ୨ୟ ଓ ସିପୁନ୍ ସେଠୀ ୩ୟ ସ୍ଥାନ ହାସଲ କରିଥିଲେ। କନିଷ୍ଠ ବିଭାଗରେ ତପସ୍ୱିନୀ ବେହେରା ୧ମ, ଅର୍ଣ୍ଣବ ମିଶ୍ର ୨ୟ ଓ ପ୍ରଦୀପ୍ତ ରଞ୍ଜନ ମିଶ୍ର ୩ୟ ସ୍ଥାନ ଅଧିକାର କରିଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦାନ କରି ପ୍ରଦର୍ଶନୀକୁ ସଫଳତାର ସହ ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷକ ପ୍ରଶାନ୍ତ ଭୂୟାଁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସୁବାସ ଚନ୍ଦ୍ର ମିଶ୍ର, ସୁଶାନ୍ତ ସାହୁ, ଏମ୍‌ଏସ୍ ବେଗ୍, ଅମ୍ରିତ୍‌ଜିତ୍ ସ୍ୱାଇଁ, ଲକ୍ଷ୍ମୀପ୍ରିୟା ବେହେରା, ସ୍ନେହଲତା ରାଉତରାୟ, ମହେଶ୍ୱର ପ୍ରଧାନ, ଏମ୍‌ଏସ୍ ଅଲ୍ଲୀ, ନିଳିମା ଦାସ, ଅଶ୍ୱିନୀ ବାରଣ, ଅହଲ୍ୟା ନାୟକ, ଶରତ ଚନ୍ଦ୍ର ଦାସଙ୍କ ସହ କୁସୁପୁର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ରମାକାନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ହଷ୍ଟେଲରୁ ଲାପ୍‌ଟପ୍ ଚୋରି

କଟକ ଅଫିସ, ୨୮।୯:

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୱେଷ୍ଟ ହଷ୍ଟେଲରୁ ଗୁରୁବାର ବିଳମ୍ବିତ ରାତିରେ ଜଣେ ଅନ୍ତେବାସୀଙ୍କ ଲାପଟପ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଶନିବାର ମାଲଗୋଦାମ ପୋଲିସ ଓ କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ଘଟଣାର ତଦନ୍ତ କରିଥିଲେ। ଶୁକ୍ରବାର ସକାଳେ ସେ ଏହା ଦେଖି ହଷ୍ଟେଲ ୱାର୍ଡେନଙ୍କୁ ଜଣାଇବା ସହ ମାଲଗୋଦାମ ଥାନାରେ ଅଭିଯୋଗ କରିଥିଲେ।

## ଧନେଶ୍ୱର ରଥଙ୍କ ସ୍ମୃତି ସମାରୋହ




ଉତ୍କଳ ପୂଜନ ପରିଷଦ ପକ୍ଷରୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଉଛି।

କଟକ ଅଫିସ, ୨୮।୯:

ଉତ୍କଳ ପୂଜନ ପରିଷଦ ପକ୍ଷରୁ କର୍ମଯୋଗୀ ଧନେଶ୍ୱର ରଥଙ୍କ ସ୍ମୃତି ସମାରୋହ ସ୍ଥାନୀୟ ଶାରଳା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ହାଇକୋର୍ଟର ପୂର୍ବତନ ବିଚାରପତି ପ୍ରଫୁଲ୍ଲ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟଅତିଥି ଓ ବିଶିଷ୍ଟ ଶିଶୁ ସାହିତ୍ୟିକ ପ୍ରଫେସର ଡ. ମହେଶ୍ୱର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଇଂ. ପ୍ରଭାକର ସ୍ୱାଇଁ, ନାଟ୍ୟକାର ସଞ୍ଜିତ୍ ପଟ୍ଟନାୟକ ଯୋଗଦେଇ ଧନେଶ୍ୱରଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ବହୁବିଶିଷ୍ଟ ବ୍ୟକ୍ତିଙ୍କୁ ଉତ୍କଳ ପୂଜନ ପରିଷଦ ପକ୍ଷରୁ ସମ୍ମାନିତ କରାଯାଇଥିଲା।

## ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ଫୁଲନଖରା, ୨୮।୯(ଡି.ଏନ୍.ଏ): ପ୍ରତାପନଗରୀସ୍ଥିତ ମା' ଧାକୁଲେଇଙ୍କ ପୀଠରେ ଗୁରୁବାର କଟକ ସଦର ଥାନା ପକ୍ଷରୁ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ସୁଧାଂଶୁ ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ପୂଜାମଣ୍ଡପର ସଭାପତି, ସମ୍ପାଦକ ଓ ବୁଦ୍ଧିଜୀବୀ ଯୋଗଦେଇ ଜାତୀୟ ରାଜପଥ କଡ଼ରେ ଥିବା ପୂଜାମଣ୍ଡପକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ଅସୁବିଧା ହେଉଥିବାରୁ ସର୍ଭିସ ରୋଡରୁ ମରାମତି ସାଙ୍ଗକୁ ଅଣ୍ଡରପାସରେ ଜମି ରହୁଥିବା ପାଣିର ନିଷ୍କାସନ ପାଇଁ ଡିସିପି ଅଖିଳେଶ୍ୱର ସିଂ ବିଭାଗୀୟ ଅଧିକାରୀଙ୍କୁ କହିବାକୁ ନିବେଦନ କରିଥିଲେ। ଆସନ୍ତା ୧୦ତାରିଖ ପର୍ଯ୍ୟନ୍ତ ଚୋରା ଓ ବିଦେଶୀ ମଦ ଦୋକାନକୁ ବନ୍ଦ ରଖିବାକୁ କମିଟି କର୍ମକର୍ତ୍ତା ଡିସିପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗ୍ରାମ୍ୟ କମିଟିର ସଭାପତି ପ୍ରମୋଦ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

■ ଓଡ଼ିଶା ରାଜ୍ୟ ମିଳିତ ସ୍ୱାବଲମ୍ବୀ କାରିଗର ସଂଘ ଜିଲାସ୍ତରୀୟ ସମ୍ମିଳନୀ

# ଶ୍ରମିକମାରଣ ନୀତି ଅବଲମ୍ବନ କରୁଛନ୍ତି ସରକାର

କଟକ ଅଫିସ, ୨୮।୯

ଓଡ଼ିଶା ରାଜ୍ୟ ମିଳିତ ସ୍ୱାବଲମ୍ବୀ କାରିଗର ସଂଘ କଟକ ଜିଲା କମିଟି ପକ୍ଷରୁ ବାଖରାବାଦସ୍ଥିତ ଗାନ୍ଧୀଭବନଠାରେ ଜିଲାସ୍ତରୀୟ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ନେତା ରାଜକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ସଂଘର ରାଜ୍ୟ ସଭାପତି କମ୍ରେଡ ପ୍ରଦୀପ୍ତ ରାମ ଯୋଗଦେଇ କହିଥିଲେ, କେନ୍ଦ୍ର ଓ ରାଜ୍ୟ ସରକାର ଶ୍ରମିକମାରଣ ନୀତି ଅବଲମ୍ବନ କରୁଛନ୍ତି। ଯାହାଦ୍ୱାରା ଶ୍ରମିକମାନଙ୍କର ଜୀବନ ନିର୍ବାହ କରିବା ଦିନକୁ ଦିନ କଷ୍ଟସାଧ ହେଉଛି। କେନ୍ଦ୍ର ସରକାରଙ୍କ ଘରୋଇକରଣ ନୀତିକୁ ରାଜ୍ୟ ସରକାର କାର୍ଯ୍ୟକାରୀ କରି ବିଭିନ୍ନ ଲାଭଦାୟକ ସଂସ୍ଥା ଘରୋଇ କମ୍ପାନୀକୁ ହସ୍ତାନ୍ତର କରିବାରେ ଲାଗି ପଡିଛନ୍ତି। ଆର୍ଥିକ ମାନ୍ଦାବସ୍ଥା ଫଳରେ ଶ୍ରମିକମାନେ ବ୍ୟାପକ ଛଟେଇ ହେଉଛନ୍ତି। ତେଣୁ ଶ୍ରମିକମାନେ ନିଜର ଦାବି ହାସଲ ପାଇଁ ଆନ୍ଦୋଳନ କରିବା ଛଡା ଅନ୍ୟ ଉପାୟ ନାହିଁ ବୋଲି ସେ ଆହ୍ୱାନ ଦେଇଥିଲେ। ମୁଖ୍ୟଅତିଥି ଭାବେ କମ୍ରେଡ ଖଗେଶ୍ୱର ସେଠୀ ଯୋଗଦେଇ ସରକାର ଏଥିପ୍ରତି ପଦେକ୍ଷପ ନେବାକୁ ଅନୁରୋଧ କରିଥିଲେ। ଏହି ସମ୍ମିଳନୀରେ ବୈକୁଣ୍ଠ ରାଉତ, କାହ୍ନୁଚରଣ ସାହୁ, ଲଳିତ କୁମାର ସାହୁ, ଈଶ୍ୱର ଚନ୍ଦ୍ର ସାହୁ, ବସନ୍ତ ସାହୁ, ସମ୍ପାଦକ ଯୋଗେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସୁବାସ ରାଉତ ଧନ୍ୟବାଦ ଦେଇଥିଲେ।



କୃତଜ୍ଞତା ରୂପକ ଋଣକୁ ଶୁଝିବା, ଶକ୍ତିର ବାହାରେ ବୋଲି ଉଦାରମନା ଲୋକ ହିଁ ଧରି ନେଇଥାଏ।

-ଫ୍ରାଙ୍କଲିନ୍



## ସଂକ୍ଷେପରେ



ଟିଗିରିଆ ବ୍ଲକ ବିନ୍ଧାଣିମାସ୍ଥିତ ମା'ବୁଢ଼ୀ ମଙ୍ଗଳାଙ୍କ ଷୋଡ଼ଷ ପୂଜାର ସପ୍ତମ ଦିବସରେ ମହାକାଳୀ ବେଶ।

### ସାପ କାମୁଡ଼ାରେ ମହିଳା ଚାଷୀଙ୍କ ମୃତ୍ୟୁ

**ନିଶ୍ଚିନ୍ତକୋଇଲି,୨୮।୯(ସ୍ୱ.ପ୍ର.):** ସାପ କାମୁଡ଼ାରେ ଶନିବାର ଜଣେ ମହିଳା ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ଜିଲା ନିଶ୍ଚିନ୍ତକୋଲି ବ୍ଲକ ଅଧୀନ ରାମେଶ୍ୱରପୁର ଗ୍ରାମର ପଦନ ଦାସଙ୍କ ସ୍ତ୍ରୀ ବାସନ୍ତୀ(୬୨)। ସକାଳେ ବାସନ୍ତୀ ବିଲକୁ ଯାଇଥିଲେ। ଏହି ସମୟରେ ସେଠାରେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ଘଟଣାସ୍ଥଳରେ ସେ ଗୁରୁତର ହୋଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ନିଆଯାଉଥିଲା। ହେଲେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ପରିବାର ଲୋକେ କହିଛନ୍ତି।

### ମା' ଭଗ୍ଗାରିକାଙ୍କ କଳାବସ୍ତ୍ର ପରିଧାନ



**ବଡ଼ମ୍ବା,୨୮।୯(ଡି.ଏନ.ଏ.):** ବଡ଼ମ୍ବା ଅଧିଷ୍ଠାତ୍ରୀ ଦେବୀ ମା'ଭଗ୍ଗାରିକାଙ୍କ ଚାଲିଥିବା ଶାରଦୀୟ ପୂଜା ଶନିବାର ସପ୍ତମ ଦିବସରେ ପହଞ୍ଚିଛି। ଏହି ଅବସରରେ ମା' କଳାବସ୍ତ୍ର ପରିଧାନ କରି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ପ୍ରତିଦିନ ଭଳି ଭୋର ସମୟରେ ସ୍ନାନ କାର୍ଯ୍ୟ କରାଯିବା ପରେ ସୂର୍ଯ୍ୟପୂଜା, ବଲ୍ଲଭ, ଖେଚେଡ଼ି, ମାଛଭଜା, ଏଣ୍ଡୁରି, ଖିରି, କାକରା, ଖେଚୁଡ଼ି ତରକାରୀ ମା'ଙ୍କୁ ଦିଆଯାଇଥିଲା। ସନ୍ଧ୍ୟାରେ ଆଳତି ହୋଇଥିଲା। ପରେ ବାଟୁଳି, ବଡ଼ସିଂହାର ଓ ଶେଷରେ ଶାନ୍ତିପଣା ପ୍ରଦାନ କରାଯାଇଥିଲା।

### ଗାନ୍ଧୀ ଜୟନ୍ତୀ ପାଇଁ କଂଗ୍ରେସର ପ୍ରସ୍ତୁତି

**ଆଠଗଡ଼,୨୮।୯(ସ୍ୱ.ପ୍ର.):** ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନ ପାଇଁ ଆଠଗଡ଼ କଂଗ୍ରେସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ଉମାବଲ୍ଲଭ ରଥ ଏଥିରେ ଅଧ୍ୟକ୍ଷତା କରି ଉତ୍ସବକୁ ଧୁମ୍‌ଧାମ୍‌ରେ ପାଳନ କରିବାକୁ କହିଥିଲେ। ଏଥିସହିତ ଉତ୍କଳମଣି ଗୋପବନ୍ଧୁଙ୍କ ଜନ୍ମ ଜୟନ୍ତୀ ମହାସମାରୋହରେ ପାଳନ କରାଯିବା ଲାଗି ବୈଠକରେ ଆଲୋଚନା ହୋଇଥିଲା। ଗାନ୍ଧୀ ଜୟନ୍ତୀ ଦିନ ଭୋର ୫ଟାରେ ରାମଧୂନ ଓ ପ୍ରଭାତ ଫେରିରେ ସହର ପରିକ୍ରମା ପରେ ସଫେଇ କାର୍ଯ୍ୟକ୍ରମ, ବିଭିନ୍ନ ସ୍ଥାନରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଦଳୀୟ କାର୍ଯ୍ୟାଳୟରେ ଆଲୋଚନାଚକ୍ର ଓ ଏକ ସାଧାରଣ ସଭା ଆୟୋଜନ ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ଜୋନ୍ ସଭାପତି ସୁରେଶ ବିଶ୍ୱାଳ, ମଙ୍ଗୁଳି ପାଣି, ଅକ୍ଷୟ ମହାରଣା, ମେହବୁବ୍ ଅହମ୍ମଦ ଖାଁ, ମାନସ ଜେନା, ଜିଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଭ୍ୟ କିଶୋର ଚନ୍ଦ୍ର ସାମନ୍ତରାୟ, ଚନ୍ଦନ ନାୟକ, ଅମୂଲ୍ୟ ସାମନ୍ତରାୟ, ସଚ୍ଚିଦାନନ୍ଦ ପଣ୍ଡା, ଗଦାଧର ରାଉତ, ପ୍ରଫୁଲ୍ଲ ସାହୁ, ଗଣେଶ୍ୱର ସ୍ୱାଇଁ, ସୁନିଲ ସୁତାର, ନରେଶ ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ■ମିଳୁନି ସରକାରୀ ପ୍ରୋତ୍ସାହନ, ଦାଦନ ଗଲେଣି ଅନେକ ଶିଳ୍ପୀ

# ଲୋପ ପାଇବ ରଣସିଂହପୁର ଡୋକ୍ରା ଶିଳ୍ପ

ପ୍ରମୋଦ ରାଉତ

**ନରସିଂହପୁର,୨୮।୯(ଡି.ଏନ.ଏ.)**

■କୋଠାଘର ପାଲଟିଛି ସାତ ସପନ

■ନାନା ଅସୁବିଧାରେ କଟୁଛି ଦିନ

■ପ୍ରଶାସନ ନିକଟରେ ଖବର ନାହିଁ

ଡୋକ୍ରାଶିଳ୍ପ ପାଇଁ ରାଜ୍ୟରେ କଟକ ଜିଲାର ନରସିଂହପୁର ବ୍ଲକ ଅଧୀନ ରଣସିଂହପୁର ଗ୍ରାମ ବେଶ୍ ପରିଚିତ ହୋଇଥିଲା। ହେଲେ ବର୍ତ୍ତମାନ ଏହି ଶିଳ୍ପ ଲୋପ ପାଇବାକୁ ବସିଲାଣି। ସରକାରୀ ପ୍ରୋତ୍ସାହନ ଅଭାବ ଯୋଗୁ ଏପରି ସମସ୍ୟା ସୃଷ୍ଟି ହୋଇଛି। ଫଳରେ ଏହି କାର୍ଯ୍ୟ କରୁଥିବା ଶିଳ୍ପୀ ଓ ଶ୍ରମିକ ଏବେ ପରିବାର ପ୍ରତିପୋଷଣ ପାଇଁ ଦାଦନ ଖଟିବାକୁ ଯାଉଛନ୍ତି। ସେହିପରି ସେମାନଙ୍କୁ ସରକାରଙ୍କ ପକ୍ଷରୁ ମୌଳିକ ସୁବିଧା ମିଳି ପାରୁ ନ ଥିବା ଅଭିଯୋଗ ହୋଇଛି। ଭଙ୍ଗାଘରେ ବିପଦ ପୂର୍ଣ୍ଣ ଭାବେ ବହୁ ପରିବାରଙ୍କ ଜୀବନ ବିତୁଛି। ଗ୍ରାମର ମହିଳାମାନେ ପାଖ ଜଙ୍ଗଲରୁ କାଠ ଗୋଟାଇ ରୋଷେଇ କରୁଛନ୍ତି। ଉଜ୍ଜ୍ୱଳା ଯୋଜନା ସେମାନଙ୍କ ପାଖରେ ପହଞ୍ଚି ନାହିଁ।

ସୂଚନାଯୋଗ୍ୟ, ଗ୍ରାମରେ ୨୫ଟି ଡୋକ୍ରା ଶିଳ୍ପୀ ପରିବାର ରହୁଛନ୍ତି। ୧୯୮୦ ମସିହାରେ ତତ୍‌କାଳୀନ କଂଗ୍ରେସ ସରକାର ହରିଜନ ଆଦିବାସୀଙ୍କୁ ଯୋଗାଇଥିବା ଗୃହ ଯୋଜନାରେ ଏଠାରେ ଇନ୍ଦିରା କଲୋନୀ ସ୍ଥାପିତ ହୋଇଥିଲା। ଏହି ଘରେ ବର୍ତ୍ତମାନ ଶିଳ୍ପୀ ପରିବାର ରହୁଛନ୍ତି। ଘରଗୁଡ଼ିକ ନଷ୍ଟ ହୋଇଗଲାଣି। ବର୍ଷାଦିନ ଆସିଲେ ଗ୍ରାମର ଲୋକଙ୍କ ଦୁର୍ଦ୍ଦଶା କହିଲେ ନସରେ। ଶିଳ୍ପୀ ପୂର୍ଣ୍ଣ ଗଡତିଆ କୁହନ୍ତି, ବାପା ଜେଜେ ଅମଳରୁ ପିତ୍ତଳ କାମ କରି ଆସୁଛୁ। ୧୫ ବର୍ଷ ପୂର୍ବେ ପିତ୍ତଳ କାମର ଚାହିଦା ଥିଲା। ବହୁ କାରିଗର ପିତ୍ତଳ କାମ ନେଇ ଦିଲ୍ଲୀ, ବମ୍ବେ, କଲିକତା, ଚେନ୍ନେଇ ସହିତ ଓଡ଼ିଶାର କଟକ, ପୁରୀ, ଭୁବନେଶ୍ୱର, ରାଉରକେଲା, ସମ୍ବଲପୁର, ଅନୁଗୁଳ, ବଲାଙ୍ଗୀର ଆଦି ଅଞ୍ଚଳକୁ ବିକ୍ରି କରିବାକୁ ଯାଉଥିଲେ। କାମର ବହୁ ପ୍ରଶଂସା ମିଳୁଥିଲା। ପିତ୍ତଳର ଦାମ କମଥିଲା। ଭଲ ଦୁଇ ପଇସା ରୋଜଗାର କରୁଥିଲୁ। ମହାଲକ୍ଷ୍ମୀଙ୍କ ଗୁରୁବାର ମାଣବସା ଲାଗି ହାତୀ, ଘୋଡ଼ା, ମାଣ, ଫଳ, ଫୁଲ କାମ ସହିତ ଘର ସଜାଇବା ପାଇଁ ଶୁଆ, ଶାରୀ, ହରିଣ, ମୟୂର, କଇଁଛ, ବାଘ, ଭାଲୁ, ସିଂହ କାମ କରି ପାରୁଛୁ। ଏହି କାମ କରି ପରିବାର ଚଳାଇ ଆସୁଥିଲୁ। ମାତ୍ର ବର୍ତ୍ତମାନ ପିତ୍ତଳ ଦାମ ବଢ଼ି ଚାଲିଛି। ଜିନିଷ ଦାମ ବଢ଼ାଇଲେ ଗ୍ରାହକ ନେଉନାହାନ୍ତି। ବର୍ତ୍ତମାନ ଆମ ଗ୍ରାମର ବହୁ ଶିଳ୍ପୀ ଦାଦନ ଖଟିବାକୁ ଯାଇଛନ୍ତି। ବ୍ଲକରୁ ସିଡିପିଓ, ଜିଲା ଶିଳ୍ପ ବିଭାଗରୁ ବହୁ ଅଧିକାରୀ ଆସି ମିଟିଂ କରନ୍ତି। ମାତ୍ର କିଛି ଯୋଜନା ତାଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇନାହିଁ। ଆମକୁ କୌଣସି ବ୍ୟାଙ୍କ ଲୋନ ଦେଉନାହାନ୍ତି। ମୋ କୁଡ଼ିଆ, ଇନ୍ଦିରା ଆବାସ, ବିଜୁ ପକ୍କାଘର ସାତ ସପନ ପରିଲାଗେ।

ଶିଳ୍ପୀ ଦୁଃଖବନ୍ଧୁ ଦେହୁରୀ କୁହନ୍ତି, ବହୁ ଦିନରୁ ମୁଁ ରୋଗରେ ଆକ୍ରାନ୍ତ। ପିତ୍ତଳ କାମ ଜାଣିଛି। ମାତ୍ର ଏବେ କରିପାରୁନାହିଁ। ଚାଳ ଛପର କରି କୁଡ଼ିଆରେ ରହୁଛି। ବର୍ଷା ଲାଗି ରହିଲେ ପରଘର ବାରଣ୍ଡାରେ ରାତି ବିତୁଛି। ମାତ୍ର ସରକାର ମୋ ଦୁଃଖ ଶୁଣୁନାହାନ୍ତି। ବହୁ ନେତା ଓ ବ୍ଲକ ବାବୁଙ୍କୁ ଗୁହାରି ପରେ ବି ଘର ବଖରାଏ ମିଳିନାହିଁ। କେବଳ ୫ କିଲୋ ଚାଉଳ ମିଳୁଛି। ଗ୍ରାମର ଲତା ଗଡତିଆଙ୍କ ଦୁଃଖ ଅନେକ। ଜଙ୍ଗଲରୁ କାଠ ସଂଗ୍ରହ କରି ରୋଷେଇ କରୁଛନ୍ତି। ସେ କହିଛନ୍ତି, ଓଦା କାଠ ଯୋଗୁ ଚୁଲି ଠିକ୍‌ରେ ଜଳେନାହିଁ। ଫଳରେ ଦିନ ୪ଟାରେ ତାଙ୍କ ରୋଷେଇ ସରେ। ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ମିଳୁଥିଲେ ମଧ୍ୟ ତାହା ତାଙ୍କ ନିକଟରେ ପହଞ୍ଚି ପାରିନାହିଁ। ଗ୍ରାମରେ ଗୋଟିଏ ନଳକୂପ ରହିଛି। କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ଯୋଜନା ଏଠାରେ ବାଟବଣା। କୌଣସି ପରିବାରରେ ପାଇଖାନା ନାହିଁ। ଗ୍ରାମର ଶାନ୍ତି ପ୍ରଧାନ କୁହନ୍ତି, ଆମ ପିଲାଙ୍କ ଭାଗ୍ୟରେ ପାଠ ନାହିଁ। ଘରେ ଥିବା ପରିବାରର ପିଲା ପାଖ ଅଙ୍ଗନୱାଡ଼ିକୁ ଯାଉଛନ୍ତି। ଟିକିଏ ବଡ ହେଲେ ପାଠରେ ଡୋରି ବନ୍ଧା ହୋଇଥାଏ। ଏପରି ଦୁର୍ଦ୍ଦିନରେ ଥିବା ଶିଳ୍ପୀଙ୍କ ସମସ୍ୟା ସମ୍ପର୍କରେ ଆମେ ନରସିଂହପୁର ବିଡିଓ ପ୍ରଶାନ୍ତ ତରାଇଙ୍କୁ ପଚାରିଥିଲୁ। ସେ କହିଥିଲେ, ଶିଳ୍ପୀ ପରିବାର ଏଭଳି ସମସ୍ୟାରେ ରହୁଥିବା ନେଇ ମୋ ନିକଟରେ କୌଣସି ଅଭିଯୋଗ ହୋଇନାହିଁ। ଏବେ ମୁଁ ଜାଣିଲି। ଖୁବ୍‌ଶୀଘ୍ର ସରକାରୀ ନିୟମ ଅନୁଯାୟୀ ସେମାନଙ୍କୁ ସାହାଯ୍ୟ ଯୋଗାଇ ଦିଆଯିବ। ଏବେ ଦେଖିବାକୁ ଅପେକ୍ଷା। କେବେ ଶିଳ୍ପୀ ପରିବାରଙ୍କୁ ସହାୟତା ମିଳୁଛି।



ଜଣେ ଶିଳ୍ପୀ ନିର୍ମାଣ କରିଥିବା ବିଭିନ୍ନ ପିତ୍ତଳ ସାମଗ୍ରୀ।

## ଡିସିପିଙ୍କ ବଦଳି ଦାବିକଲା କଂଗ୍ରେସ

**କଟକ ଅଫିସ,୨୮।୯**

କଟକ ସହରରେ ଆଇନ ଶୃଙ୍ଖଳା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ହେଲେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ଅନ୍ୟପକ୍ଷରେ ସହରରେ ଭାଇଚାରା ସମ୍ପର୍କରେ ଫାଟ ସୃଷ୍ଟି କରିବାକୁ ଡିସିପି ଚେଷ୍ଟା କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ଡିସିପିଙ୍କ ଏଭଳି ଆଚରଣ ବିରୋଧରେ ଶନିବାର କଟକ ନଗର(ଜିଲା) ମହିଳା କଂଗ୍ରେସ ପକ୍ଷରୁ ବକ୍ସିବଜାର ଗୋପବନ୍ଧୁ ବାଗଠାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବକ୍ତାମାନେ ଯୋଗଦେଇ ଡିସିପିଙ୍କ ମନମାନୀକୁ ତୀବ୍ର ନିନ୍ଦା କରିବା ସହିତ ଏହି ଘଟଣାରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। କଟକ ସହରରେ ଥିବା ବିଭିନ୍ନ ମହିଳା ସଙ୍ଗଠନର କର୍ମକର୍ତ୍ତା ଯୋଗଦେଇ ଡିସିପିଙ୍କ ବଦଳି ସହ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଏହି ସଭାରେ ମହିଳା ସଭାନେତ୍ରୀ ଶୈଳବାଳା ଜେନା, ଗିରିବାଳା ବେହେରା, ଚାରୁଲତା ସାହୁ, ତୃପ୍ତି ଦାସ, ଅନିତା ନାୟକ, ଅମ୍ରିତା ଦାସ, ଶର୍ମିଷ୍ଠା ବାରିକଙ୍କ ସହ ବହୁ ନାରୀନେତ୍ରୀ ଉଦ୍‌ବୋଧନ ଦେଇଥିଲେ। ସୂଚନାଯୋଗ୍ୟ, କମିଶନରେଟ୍ ପୋଲିସ ପକ୍ଷରୁ ଅନୁଷ୍ଠିତ ଦୁର୍ଗା ପୂଜା ପ୍ରସ୍ତୁତି ବୈଠକକୁ ବିଧାୟକ ଇଂ. ମହମ୍ମଦ ମୋକିମଙ୍କୁ ଡିସିପି ନ ଡାକିବାକୁ ନେଇ କଟକ ସହରରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

## ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସହାୟତା ରାଶି ବଣ୍ଟନ

**ଟିଗିରିଆ,୨୮।୯(ଡି.ଏନ.ଏ.)**

ଟିଗିରିଆ ବ୍ଲକ ଅଞ୍ଚଳର ୧୬୩ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଶନିବାର ୨୪ ହଜାର ଟଙ୍କା ଲେଖାଏ ପ୍ରାୟ ୩୯.୧୨ ଲକ୍ଷ ଟଙ୍କା ସହାୟତା ରାଶି ବଣ୍ଟନ କରାଯାଇଛି। ଏହି ଅର୍ଥ ରାଶିରେ ସେମାନେ ଛେଳି, କୁକୁଡ଼ା ପାଳନ, ମତ୍ସ୍ୟଚାଷ ଓ ପନିପରିବା ଚାଷ ଆଦି କରିବାକୁ କୁହାଯାଇଛି। ଜିଲା ଜଳ ବିଭାଜିକା ଓ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଗାନ୍ଧୀ ପଡ଼ିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖାଦ୍ୟ ଯୋଗାଣମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଏହି ସହାୟତା ରାଶି ବଣ୍ଟନ କରିଥିଲେ। ଏଥିସହିତ ମନ୍ତ୍ରୀ ସ୍ୱାଇଁ ସଭାରେ ୩୧ଜଣ ବୁଣାକାରଙ୍କୁ ସେମାନଙ୍କ ତନ୍ତଶାଳା ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଦୁଇ ଜିଲାପରିଷଦ ସଭ୍ୟା ରଶ୍ମିତା ମହାଳିକ, ବିଜୟଲକ୍ଷ୍ମୀ ଖଟୁଆ, ସମିତିସଭ୍ୟ ସଞ୍ଜୟ କର, ଉପାଧ୍ୟକ୍ଷ ଗୌରହରି ପରିଡ଼ା ଓ ବିଧାୟକଙ୍କ ପ୍ରତିନିଧି ନିରାକାର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଅଧ୍ୟକ୍ଷା ରୂପା ଦଳେଇଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପିଡି ସୁବାସ ଚନ୍ଦ୍ର ବିଶ୍ୱାଳ, ଏପିଡି ବି.ଏନ. ମନ୍ତ୍ରୀ, ଟେକ୍ନିକାଲ ଏକ୍ସପର୍ଟ ବନୋଜ ନାୟକ ଯୋଗଦେଇ ଟଙ୍କା ବିନିଯୋଗ ଉପରେ ଗୋଷ୍ଠୀ ସଦସ୍ୟାଙ୍କୁ ବୁଝାଇଥିଲେ। ଜ୍ଞାନରଞ୍ଜନ ଆଚାର୍ଯ୍ୟ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।



ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସହାୟତା ରାଶି ବଣ୍ଟନ କରୁଛନ୍ତି।



ଡମପଡ଼ା ବ୍ଲକ ଅଧୀନ ମଦନମୋହନ ପୂଜା କମିଟି ପକ୍ଷରୁ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ଦୁର୍ଗାପୂଜା ପାଳନ ପାଇଁ ଶନିବାର ଲୋକଙ୍କୁ ସଚେତନ କରାଯାଉଛି।

## ଭାଜପା ପକ୍ଷରୁ ୬୧ ୟୁନିଟ୍ ରକ୍ତ ସଂଗ୍ରହ

**ସାଲେପୁର,୨୮।୯(ଡି.ଏନ.ଏ.)**

ସାଲେପୁର ବ୍ଲକ ଅଧୀନ ପାଗା ବଜାରଠାରେ ଭାଜପା ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ଯୋଗଦେଇ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଜିଲା ଭାଜପା ସଭାପତି ହେମନ୍ତ ସାହୁ, କୁଞ୍ଜମୋହନ ସେଠୀ, ମନୋଜ ବିଶ୍ୱାଳ, ଆଶିଷ ସିଂହ, ଗଣେଶ ରାଉତ, ଲକ୍ଷ୍ମୀଧର ନାଥ, ସୁଶାନ୍ତ ପଡ଼ିଆରୀ, ସଂଗ୍ରାମ କିଶୋର ସ୍ୱାଇଁଙ୍କ ସମେତ ବହୁ କମକର୍ତ୍ତା ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ। ଏସସିବି ମେଡିକାଲ୍ ରକ୍ତଭଣ୍ଡାରର ଡାକ୍ତର ଓ ଅନ୍ୟ କର୍ମଚାରୀ ଉପସ୍ଥିତରହି ରକ୍ତ ସଂଗ୍ରହ କରିଥିଲେ। ଭାଜପା କର୍ମକର୍ତ୍ତାଙ୍କ ସମେତ ସ୍ଥାନୀୟ ଜନସାଧାରଣ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ।

## ବାଙ୍କୀ କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗର ସ୍ୱାଗତ ଉତ୍ସବ

**ବାଙ୍କୀ,୨୮।୯(ସ୍ୱ.ପ୍ର.)**

ବାଙ୍କୀ କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ମନୋରଞ୍ଜନ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ କଲେଜ ଅଧ୍ୟକ୍ଷା ଡ. ନିବାସିନୀ ପଣ୍ଡା ଓ ମୁଖ୍ୟବକ୍ତାଭାବେ ପୂର୍ବତନ ଅଧ୍ୟକ୍ଷ ଡ. ଅମରେନ୍ଦ୍ର ମିଶ୍ର ଯୋଗଦାନ କରି ନୂତନ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଉତ୍ସବରେ ପୁରୁଷୋତ୍ତମ ତରସିଆ, ପଦ୍ମଲୋଚନା ପଣ୍ଡା ଓ ଡ.ଶ୍ୱେତାଲିନା ତ୍ରିପାଠୀ ଯୋଗଦାନ କରି ଛାତ୍ରୀଛାତ୍ର ପଢ଼ାରେ ମନନିବେଶ କରିବାକୁ ପରାମର୍ଶ ଦେଇଥିଲେ। ସମ୍ପାଦକ ଚିନ୍ମୟ ଗୋଚ୍ଛି, ରାଜେଶ ସାହୁ, ଅମିତ କୁମାର ବେହେରା, ଶୁଭେନ୍ଦୁ ମହନ୍ତ, ସାନୋଲୀ ମିଶ୍ର, ରାଜଶ୍ରୀ ମିଶ୍ର, ମିତାଲି ପ୍ରଧାନ, ଶୁଭ୍ରାବିନ୍ଦି ଭୂୟାଁ, ପ୍ରକାଶ ମିଶ୍ର ଓ ବିଜୟିନୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




ସ୍ୱାଗତ ଉତ୍ସବରେ ଯୋଗଦେଇଥିବା ଅତିଥିଙ୍କ ସହ ଛାତ୍ରୀଛାତ୍ର।

## ଯତୀନ୍ଦ୍ରନାଥ ନୋଡାଲ୍ ହାଇସ୍କୁଲରେ ବିଜ୍ଞାନମେଳା

**ସାଲେପୁର,୨୮।୯(ଡି.ଏନ.ଏ.)**

ସାଲେପୁର ବ୍ଲକ ଅଧୀନ ଓଡ଼ାସିଂହଠାରେ ଥିବା ଯତୀନ୍ଦ୍ରନାଥ ନୋଡାଲ ହାଇସ୍କୁଲରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ନିହାରବାଳା ଦେବୀ ଅଧ୍ୟକ୍ଷତା କରିଥିଲେ। ମେଳାର ଛାତ୍ରୀଛାତ୍ରଙ୍କ ଦ୍ୱାରା ୨୯ ପ୍ରକଳ୍ପ ସ୍ଥାନ ପାଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବେସାରଦ୍ ଅହମ୍ମଦ୍ ଖାଁ ଏବଂ ଗାନ୍ଧୀ ବିଦ୍ୟାପୀଠ ଲେଖନପୁରର ଶିକ୍ଷକ ସନ୍ତୋଷ ଦାଶ ବିଚାରକ ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ଶ୍ରୀମାନ୍ ପ୍ରଧାନ ୧ମ, ଅଙ୍କିତ୍ ମହାନ୍ତି ୨ୟ ଓ ସିପୁନ୍ ସେଠୀ ୩ୟ ସ୍ଥାନ ହାସଲ କରିଥିଲେ। କନିଷ୍ଠ ବିଭାଗରେ ତପସ୍ୱିନୀ ବେହେରା ୧ମ, ଅର୍ଣ୍ଣବ ମିଶ୍ର ୨ୟ ଓ ପ୍ରଦୀପ୍ତ ରଞ୍ଜନ ମିଶ୍ର ୩ୟ ସ୍ଥାନ ଅଧିକାର କରିଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦାନ କରି ପ୍ରଦର୍ଶନୀକୁ ସଫଳତାର ସହ ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷକ ପ୍ରଶାନ୍ତ ଭୂୟାଁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସୁବାସ ଚନ୍ଦ୍ର ମିଶ୍ର, ସୁଶାନ୍ତ ସାହୁ, ଏମ୍‌ଏସ୍ ବେଗ୍, ଅମ୍ରିତ୍‌ଜିତ୍ ସ୍ୱାଇଁ, ଲକ୍ଷ୍ମୀପ୍ରିୟା ବେହେରା, ସ୍ନେହଲତା ରାଉତରାୟ, ମହେଶ୍ୱର ପ୍ରଧାନ, ଏମ୍‌ଏସ୍ ଅଲ୍ଲୀ, ନିଳିମା ଦାସ, ଅଶ୍ୱିନୀ ବାରଣ, ଅହଲ୍ୟା ନାୟକ, ଶରତ ଚନ୍ଦ୍ର ଦାସଙ୍କ ସହ କୁସୁପୁର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ରମାକାନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।



ବିଜ୍ଞାନ ପ୍ରକଳ୍ପ ପରିଦର୍ଶନ କରିଥିବା ଅତିଥି ଓ ଅନ୍ୟମାନେ।

## ଦୋକାନ ଶଟର ତାଡ଼ି ଚୋରି

**ମାହାଙ୍ଗା,୨୮।୯(ସ୍ୱ.ପ୍ର.)**

ମାହାଙ୍ଗା ଥାନା ଜୟପୁର ଫାଣ୍ଡି ଅଧୀନ ଭେଡ଼ା ରାମକୃଷ୍ଣପୁର ଛକଠାରେ ଥିବା ଏକ ତେଜରାତି ଦୋକାନରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତ ଦୋକାନ ଶଟର ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ କରିଛନ୍ତି। ଏନେଇ ଦୋକାନ ମାଲିକ ଅକ୍ଷୟ ଗୋଚ୍ଛାୟତ ଶନିବାର ଜୟପୁର ଫାଣ୍ଡିରେ ଅଭିଯୋଗ ହୋଇଛନ୍ତି।

## ନୃର୍ତ୍ତାଙ୍ଗ ସରପଞ୍ଚଙ୍କୁ ଆକ୍ରମଣ ଅଭିଯୋଗ

**ମାହାଙ୍ଗା,୨୮।୯(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅଧୀନ ନୃର୍ତ୍ତାଙ୍ଗ ପଞ୍ଚାୟତ ସରପଞ୍ଚ ସବିତା ନାୟକଙ୍କୁ ଆକ୍ରମଣ କରାଯାଇଛି। ଏଥିସହିତ ତାଙ୍କ ସୁନାଚେନ ଲୁଟ ହୋଇଛି। ଏପରି କି ଘର ପୋଡ଼ି ଦେବା ସହ ତାଙ୍କୁ ଜୀବନରୁ ମାରି ଦେବାକୁ ଧମକ ମଧ୍ୟ ଦିଆଯାଇଛି। ଏନେଇ ସେ ମାହାଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଶୁକ୍ରବାର ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ସବିତା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗତ ଗୁରୁବାର ସେ କୌଣସି କାମରେ ତାଙ୍କ ପଞ୍ଚାୟତର ବିଭିନ୍ନ ୱାର୍ଡକୁ ଯାଇଥିଲେ। ସେଠାରୁ କାର୍ଯ୍ୟ ସାରି ମଳୟ ବାରିକଙ୍କ ସହ ବାଇକରେ ଘରକୁ ଫେରୁଥିଲେ। ଏହି ସମୟରେ ନୃର୍ତ୍ତାଙ୍ଗ ଗ୍ରାମର କାଳନ୍ଦୀ ବେହେରା, କୁଳମଣି ବରାଳ, ରମାକାନ୍ତ ବରାଳ, ରଞ୍ଜିତ ବରାଳ ଓ କଳ୍ପତରୁ ବେହେରା ପ୍ରମୁଖ ତାଙ୍କୁ ସେଠାରେ ଅଟକାଇବା ସହ ବିଭିନ୍ନ ମାରଣାସ୍ତ୍ର ଧରି ଆକ୍ରମଣ କରିଥିଲେ। ଏହାଦେଖି ଘଟଣାସ୍ଥଳରୁ ମଳୟ ଜୀବନ ବିକଳରେ ପଳାଇ ଯାଇଥିଲେ। ହେଲେ ସବିତା ଯାଇ ନ ପାରି ତଳେ ପଡ଼ି ଯାଇଥିଲେ। ଏହାପରେ ଅଭିଯୁକ୍ତମାନେ ତାଙ୍କୁ ମାଡ଼ି ମାରିବା ସହ ତାଙ୍କ ବେକରୁ ସୁନାଚେନ ଛିଡ଼ାଇ ନେଇଥିଲେ। ସେହିପରି ସେ ପାଖରେ ରଖିଥିବା ୫ ହଜାର ଟଙ୍କା ଛଡାଇ ନେଇ ତାଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗାଇଦେବାକୁ ଧମକ ଦେଇଥିଲେ। ଅଭିଯୋଗ ଗ୍ରହଣ କରି ପୋଲିସ ୩୪୧, ୩୨୩, ୨୯୪, ୩୦୭, ୩୭୯, ୩୫୪, ୨୫ ଓ ୩୪ରେ ମାମଲା ନଂ-୧୮୧/୧୯ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେହିପରି ରାଜନୈତିକ ଶତ୍ରୁତାରୁ ଗତ ୨୬ତାରିଖରେ ସେହି ଗ୍ରାମର କାଳନ୍ଦୀ ବେହେରାଙ୍କୁ ଗ୍ରାମର ପ୍ରଫୁଲ୍ଲ ବିଶ୍ୱାଳ, ପ୍ରମୋଦ ବିଶ୍ୱାଳ, ମଳୟ ବାରିକ ଏବଂ ତାଙ୍କର କିଛି ସହଯୋଗୀ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ଏକ ମାମଲା ନଂ-୧୭୫/୧୯ରୁଜୁ କରି ତଦନ୍ତ ଚଳାଇଥିବା ଥାନା ପକ୍ଷରୁ କୁହାଯାଇଛି। ଏହି ଘଟଣା ଏବେ ଅଞ୍ଚଳରେ ରାଜନୈତିକ ଉଷ୍ମତା ସୃଷ୍ଟି କରିଛି। ତେବେ ସରପଞ୍ଚଙ୍କୁ କ'ଣ ପାଇଁ ଆକ୍ରମଣ କରାଯାଇଛି ତା'ର କାରଣ ସ୍ପଷ୍ଟ ହୋଇନି।

## ଦେଶୀମଦ ଜବତ, ଜଣେ ଗିରଫ

**ସାଲେପୁର,୨୮।୯(ଡି.ଏନ.ଏ.)**

ଜପକୁଦ ଫାଣ୍ଡି ପୋଲିସ ଶନିବାର ୫୦ ବୋତଲ ଦେଶୀମଦ ଜବତ କରିବା ସହ ଜଣେ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ସାଲେପୁର ବ୍ଲକ କଟରପା ପଞ୍ଚାୟତ ଗରୁଡ଼ପୁର ଗ୍ରାମର କୈଳାସ ଚନ୍ଦ୍ର ବେହେରା(୩୬)। କୈଳାସ ଗ୍ରାମରେ ଚୋରାମଦ କାରବାର କରୁଥିବା ନେଇ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ସେହି ଅନୁସାରେ ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦକ୍ଷିଣକବାଟ ତାଙ୍କ ଘରେ ଚଢ଼ାଉ କରିଥିଲେ। ଗିରଫ ପରେ କୈଳାସଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏନେଇ ତାଙ୍କ ବିରୋଧରେ ନଂ-୨୫୧/୧୯ରେ ମାମଲା ରୁଜୁ ହୋଇଛି।



କୃତଜ୍ଞତା ରୂପକ ଋଣକୁ ଶୁଝିବା, ଶକ୍ତିର ବାହାରେ ବୋଲି ଉଦାରମନା ଲୋକ ହିଁ ଧରି ନେଇଥାଏ।
- ଫ୍ରାଙ୍କଲିନ୍



# ଆଜ୍ଞାମାଳ ବାନ୍ଧିବା ପରେ ଚେତା ହରାନ୍ତି ବଳି ଜେନା

## ମା' ଭଗବତୀଙ୍କ ଭେଟ ପର୍ବ

ଲୋକନାଥ ମିଶ୍ର
ଖୋର୍ଦ୍ଧା ଅଫିସ,୨୮।୯

ବାଣପୁରର ମା' ଭଗବତୀଙ୍କ ଆଜ୍ଞାମାଳ ବାନ୍ଧିବା ପରେ ବଳି ଜେନା ଚେତା ହରାଇବା ଏକ ଅଲୌକିକ ଘଟଣା। ଯାହାକି ଭେଟ ପର୍ବ ନାଁରେ ପରିଚିତ। ଏହି ନିଆରା ଭେଟ ପର୍ବ ଭେଟ ମୌଳା ଅମାବାସ୍ୟାରେ ଦେଖିବାକୁ ମିଳିଥାଏ। ବାଣପୁର ବଜାରରେ ମା' ଭଗବତୀ ଓ ବିରଜାଇ ଠାକୁରାଣୀଙ୍କ ଯନ୍ତ୍ର ବିଗ୍ରହ ପ୍ରତିମା କାଠି ଠାକୁରାଣୀ ଭେଟ ହେବା ହେଉଛି ଭେଟପର୍ବର ମାହାତ୍ମ୍ୟ। ଏହି ଭେଟ ପର୍ବ ଦେଖିବାକୁ ରାତିରେ ବାଣପୁର ବଜାର ଗହଳି ହୋଇଥିଲା। ବଳି ଜେନା ଚେତା ହରାଇବା ପରେ ଭଗବତୀଙ୍କ ଚଳନ୍ତି ପ୍ରତିମା କାଠି ଠାକୁରାଣୀ ବାହାର ପର୍ବ ଗୃହ ଦକ୍ଷେଶ୍ୱର ମନ୍ଦିର ନିକଟବର୍ତ୍ତୀ ସାତବଖରା ଘରକୁ ଆସଥିଲେ।

ଓଡ଼ିଶାର ପ୍ରାଚୀନ ଅଷ୍ଟଦେବୀ ପୀଠଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲା ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀ ଅନ୍ୟତମ। ମା'ଙ୍କ ଦଶହରା ପର୍ବ ପ୍ରଧାନ ପର୍ବ। ଏଠାରେ କାହିଁ କେଉଁ କାଳରୁ ଶାରଦୀୟ ଦୁର୍ଗାପୂଜାରେ ନରବଳି ଦିଆ ଯାଉଥିଲା। ତେବେ ବଂଶରକ୍ଷା ପାଇଁ ମା'ର ମନକଥା ବୁଝିପାରି ନିଜେ ଭଗବତୀ ପ୍ରତୀକ ନରବଳିର ବ୍ୟବସ୍ଥା ଲାଗୁ କରାଇଥିଲେ। ଯାହାକି ବଳି ଜେନା ପରମ୍ପରା ଭାବେ ପ୍ରଚଳିତ। ଭଗବତୀ ପୀଠରେ ମହାନବମୀ ରାତିରେ ବଳି ପଡିବା ପାଇଁ ବାଲୁଗାଁ ପାଖ ସିହେଂଶ୍ୱର ଗ୍ରାମର ଜେନା ପରିବାର ଜାଗିର ଜମି ଉପଭୋଗ କରୁଛନ୍ତି। ପ୍ରତିବର୍ଷ ବଳି ପଡିବା ଦ୍ୱାରା ପରିବାର ନିର୍ବଂଶ ହେବାକୁ ଯାଉଥିଲା। ନିଜ ପୁଅକୁ ବଳି ଦେବାକୁ ଚାହୁଁ ନ ଥିଲେ ଜେନା ପରିବାରର ଜଣେ ବୋହୂ। ସେ ଭଗବତୀଙ୍କ ପରମ ଭକ୍ତ ଥିଲେ। ବଳି ପଡିବା ପୂର୍ବରୁ ଭଗବତୀଙ୍କୁ ଭୁଲ ମାଗି ନିଜ ପୁଅକୁ ସାଥିରେ ନେଇ ଘର ଛାଡିଥିଲେ। ବାଲୁଗାଁ ଠାରୁ ୫ କିମି ଦୂର ଛତ୍ରଗଡରେ ପହଞ୍ଚିଥିବାବେଳେ ଥକା ମାରିବା ପାଇଁ ମା'ପୁଅ ଏକ ଗଛମୂଳେ ବସିଥିଲେ। ପରେ ହଠାତ୍ ଜଣେ ବୃଦ୍ଧାଙ୍କୁ ଦେଖିବାକୁ ମିଳିଥିଲା। ସେଠାରେ ପହଞ୍ଚି ଘର ଛାଡିବାର କାରଣ ଓ ପରିଚୟ ପଚାରିଥିଲେ। ଉତ୍ତର ପାଇବା ପରେ ମୁଣ୍ଡର ଉକୁଣି ଦେଖିବା ପାଇଁ ତାଙ୍କୁ କହିଥିଲେ। ଉକୁଣି ଦେଖିବା ସମୟରେ ମୁଣ୍ଡରେ କେବଳ ଶହ ଶହ ଆଖି ଦେଖି ଜେନା ଘର ବୋହୂ ଚକିତ ହୋଇଥିଲେ। ବୃଦ୍ଧାଙ୍କ ପ୍ରକୃତ ପରିଚୟ ବୁଝିବା ପରେ ମା' ଭଗବତୀ ଜାଣି ପୁଅର ଜୀବନ ଭିକ୍ଷା ମାଗିଥିଲେ। ଭକ୍ତିରେ ସନ୍ତୁଷ୍ଟ ହୋଇ ମା' ପ୍ରତୀକ ନରବଳି ଲାଗୁ କରିଥିଲେ। ସେ ପୁଅ ଥିଲେ ଜେନା ପରିବାରର ବଳଭଦ୍ର ବଳିଜେନା। ବଳଭଦ୍ରଙ୍କ ସମୟରୁ ପ୍ରତୀକ ନରବଳି ଚାଲୁ ରହିଛି। ଏହି ପ୍ରତୀକ ନରବଳିରେ ପ୍ରାୟ ୨୧ଦିନ ସାତ୍ତ୍ୱିକ ଆହର କରି ସାତବଖରା ଘରେ ରହିବାକୁ ପଡ଼େ। ଚଳିତବର୍ଷ ବଳଭଦ୍ରଙ୍କ ପଣନାତି ରବୀନ୍ଦ୍ର ବଡଜେନା ପରମ୍ପରା ମୁତାବକ ମୂଳାଷ୍ଟମୀରୁ ଉପବାସ ରହି ଦକ୍ଷେଶ୍ୱର ମନ୍ଦିରରେ ଅବସ୍ଥାନ କରୁଛନ୍ତି। ଏଭଳିସ୍ଥଳେ ଶନିବାର ଭେଟ ପର୍ବ ମା' ଭଗବତୀ ଓ ବିରଜାଇ ଠାକୁରାଣୀଙ୍କ ଯନ୍ତ୍ର ବିଗ୍ରହ ପ୍ରତିମା କାଠି ଠାକୁରାଣୀଙ୍କ ସହ ରାତିରେ ପାଳିତ ହୋଇଛି। ବଡ଼ ଭଉଣୀ ବିରଜାଇଙ୍କ ବିଜେ ପ୍ରତିମା କାଠି ଠାକୁରାଣୀ, ଢ଼ୋଲ, ତୁରୀ, ଛତ୍ରୀ ଓ ଶଙ୍ଖନାଦର ତାଳେ ତାଳେ ସେବକ ଓ ଭକ୍ତମାନଙ୍କ ଗହଣରେ ନାଚି ନାଚି ମା'ଭଗବତୀଙ୍କ ମନ୍ଦିରରୁ ବିଜେ ହୋଇଥିଲେ। ସେହିପରି ମା'ଭଗବତୀଙ୍କ ଚଳନ୍ତି ପ୍ରତିମା କାଠି ଠାକୁରାଣୀ ଶୋଭାଯାତ୍ରାରେ ପିତ୍ରାଳୟ ଦକ୍ଷେଶ୍ୱର ମନ୍ଦିରଠାରୁ ଭକ୍ତ ଓ ସେବକଙ୍କ ଗହଣରେ ଅନୁରୂପ ଭାବେ ନାଚି ନାଚି ପହଞ୍ଚିଥିଲେ। ମା'ଙ୍କର ସେବକ ଭାସ୍କର ନାୟକ ଦିଅଁ ବିଜେ କରିଥିବା ବେଳେ କାଠି ନାହାକ ଗିରିଧାରି ନାୟକ ଓ ଗଣେଶ ନାୟକ ସମେତ ଅଙ୍ଗରକ୍ଷୀ ସେବକମାନେ ଭେଟ ଯାତ୍ରାରେ ସାମିଲ ହୋଇଥିଲେ। ଭେଟଯାତ୍ରା ପରେ ବିରଜାଇଙ୍କ ବିଗ୍ରହ ବାହାର ପୂଜା ମଣ୍ଡପକୁ ଓ ଭଗବତୀଙ୍କ ବିଗ୍ରହ କାଠି ଠାକୁରାଣୀ ମନ୍ଦିରକୁ ଯାଇଥାନ୍ତି। ଭଗବତୀ ମନ୍ଦିରରେ ପୂଜା ପାଇଁ ମା'ଙ୍କ ଆଜ୍ଞାମାଳ ଭୋଗପୂଜା ବିଳମ୍ବିତ ରାତିରେ ହୋଇଥାଏ। ଶେଷ ପ୍ରହରରେ ଭଗବତୀଙ୍କ ଚଳନ୍ତି ପ୍ରତିମା କାଠି ଠାକୁରାଣୀ, କନକ ଦୁର୍ଗା, ପାର୍ବତ୍ୟାଗ୍ନି (ଅଖଣ୍ଡ ଅଗ୍ନି), ଦେବୀ ଖଡ୍ଗ ସାତବଖରା ଘରକୁ ଆସିଥାନ୍ତି। ବାଟରେ ବଳିଜେନା ଶରଣାପନ୍ନ ହୋଇଥିବା ଗୃହର ଦ୍ୱାରଦେଶରେ ଉପସ୍ଥିତ ହୁଅନ୍ତି। ସେବକମାନେ ମା'ଙ୍କ ଆଜ୍ଞାମାଳକୁ ଶିରରେ ବାନ୍ଧିବା ପରେ ବଳିଜେନା ଚେତାଶୂନ୍ୟ ହୋଇଯାଇଥାନ୍ତି।


ବାଣପୁର ଭେଟଯାତ୍ରାରେ କାଠି ଠାକୁରାଣୀ।

### ନିଦ୍ରାରୁ ଉଠନ୍ତି କନକ ଦୁର୍ଗା

ଶାରଦୀୟ ପର୍ବର ଆରମ୍ଭ ପାଇଁ ଦକ୍ଷେଶ୍ୱର ମନ୍ଦିରର କନକ ଦୁର୍ଗାଙ୍କୁ ଶୟନରୁ ଉଠାଇବା ପାଇଁ ଆରାଧନା ହୋଇଥାଏ। ପୂଜକ, ପୂଜକଙ୍କ ସହଯୋଗୀ ପତ୍ରି, ପରିଛା, ପୁରୋହିତ, ବଳିଜେନା ଏହି ଆରାଧନାରେ ସାମିଲ ହୋଇଥାନ୍ତି। ମନ୍ତ୍ର ଉଚ୍ଚାରଣ ଓ ପୂଜାପାଠରେ କନକ ଦୁର୍ଗାଙ୍କ ନିଦ ଭାଙ୍ଗିଥାଏ। ସଙ୍କଳ୍ପ, ସହସ୍ର କୁମ୍ଭାଭିଷେକ ପରେ ଦେବୀ ଆସନରେ ବିରାଜମାନ କରିଥାନ୍ତି। ମା'ଭଗବତୀଙ୍କ ବିଗ୍ରହ କାଠି ଠାକୁରାଣୀ ନାନାବିଧ ପାଟବସ୍ତ୍ର ପରିଧାନ କରିଥାନ୍ତି। ମୂଳାଷ୍ଟମୀର ସନ୍ଧ୍ୟାରେ ମଙ୍ଗଳାର୍ପଣ ବିଧି କରାଯାଇ ଯନ୍ତ୍ର ବିଗ୍ରହ କନକ ଦୁର୍ଗା ସହ ବଳିଜେନା ସିନ୍ଦୂର, ମନ୍ଦାର ଓ ବେଲପତ୍ର ମାଳ ପରିଧାନ କରି ଭଗବତୀଙ୍କ ବେଢ଼ା ପରିସରସ୍ଥ ପର୍ବ ଗୃହରେ ପ୍ରବେଶ କରିଥାନ୍ତି। ଏହିପରିଭାବେ ପ୍ରତ୍ୟହ ବଳିଜେନା କାଠି ଠାକୁରାଣୀଙ୍କ ସହ ମହାଳୟା ପର୍ଯ୍ୟନ୍ତ ଦକ୍ଷ ପ୍ରଜାପତିଙ୍କଠାରୁ ଭଗବତୀଙ୍କ ମନ୍ଦିର ଯାତ୍ରା କରିଥାନ୍ତି। ନବମୀ, ଏକାଦଶୀ ଓ ତ୍ରୟୋଦଶୀ ତିଥିରେ ବଳିଜେନା ଅଭିନୟାତ୍ମକ ପ୍ରାଣ ବିସର୍ଜନ କରିଥାନ୍ତି। ଅମାବାସ୍ୟା ରାତିରେ ସାତବଖରା ଗୃହଠାରୁ ଭଗବତୀ ମନ୍ଦିର ଭିତରେ ଯେ କୌଣସି ଏକ ଘରକୁ ନେଇ ଶୁଦ୍ଧି କରି ପୂର୍ଣ୍ଣକୁମ୍ଭ ପାଖରେ ବଳିଜେନା ବସିଥାନ୍ତି। ଏହି ରାତିରେ ଭେଟ ପର୍ବ ପାଳିତ ହୋଇଥାଏ।

## ସଂକ୍ଷେପରେ

### ଖୋର୍ଦ୍ଧାରେ ଦଲାଲ ଦମନ ଅଭିଯାନ
### ଜେଲ ଗଲେ ୪ ଅଭିଯୁକ୍ତ

**ଖୋର୍ଦ୍ଧା ଅଫିସ,୨୮।୯:** ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଶନିବାର ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍ଏଚ୍)ରୁ ୧ ଓ ଏଆରଟିଓ କାର୍ଯ୍ୟାଳୟରୁ ୩ଜଣ ଦଲାଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେମାନେ ହେଲେ ମୁକୁନ୍ଦପ୍ରସାଦର ଏସ୍.କେ. ଅନସରୀ, ସାମନ୍ତରାପୁରର ନୀଳକଣ୍ଠ ସାମନ୍ତରାୟ, ନୂଆ ସୁନ୍ଦରାସାହିର ରାଜେଶ ମହମ୍ମଦ ଓ ତଳସାହିର ରାଜ କିଶୋର ନାୟକ। ଜାମିନ ନାମଞ୍ଜୁର ହେବାରୁ ଏମାନଙ୍କୁ ଖୋର୍ଦ୍ଧା ସବ୍ଜେଲକୁ ପଠାଇ ଦିଆଯାଇଛି। ଏ ନେଇ ଥାନାରେ ୪୧୯, ୪୨୦, ୩୪ ଆଇପିସି ଦଫାରେ ଦୁଇଟି ମାମଲା (ନଂ. ୩୨୩/୧୯, ୩୨୪/୧୯) ରୁଜୁ ହୋଇଛି।

### ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର

**ବେଗୁନିଆ,୨୮।୯(ଡି.ଏନ.ଏ.):** ବେଗୁନିଆ ଥାନା ଅନ୍ତର୍ଗତ କୋତଲାଙ୍ଗ ଆମ୍ବ ବଗିଚାରୁ ଶନିବାର ପୋଲିସ ଜଣେ ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର କରିଛି। ସେ ହେଲେ ଏହି ଥାନା ଅଧୀନ ଭୂଇଁପୁର ଗ୍ରାମର ନଳିନୀ ସ୍ୱାଇଁ। ମୃତା ମହିଳାଙ୍କ ସ୍ୱାମୀ ସୁଦର୍ଶନଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୮/୧୯)ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ପରିବାର ପ୍ରତିପୋଷଣ ପାଇଁ ନଳିନୀ ଏକ ସ୍ୱୟଂ ସହାୟକ ଗୋଷ୍ଠୀରୁ ୭୦ହଜାର ଟଙ୍କା ଧାର ନେଇଥିଲେ। କିନ୍ତୁ ଧାର ଶୁଝି ନ ପାରିବାରୁ ସେ ଚାପରେ ରହୁଥିଲେ। ଗତ ମଙ୍ଗଳବାର ସେ ଘରୁ କେଉଁଆଡେ ପଳାଇଯାଇଥିଲେ। ଶନିବାର ଜଣେ ବ୍ୟକ୍ତି ଆମ୍ବ ବଗିଚାକୁ ଯାଇଥିବା ବେଳେ ମହିଳାଙ୍କ ମୃତଦେହ ପଡିଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇବା ସହ ପୋଲିସକୁ ଖବରଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ମୃତା ମହିଳାଜଣକ ନିଖୋଜ ପରେ ତାଙ୍କ ପରିବାର ଲୋକେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ କି ନାହିଁ ତାହା ତଦନ୍ତସାପେକ୍ଷ।

### ୧୪ରୁ ଜଟଣୀ ପୁସ୍ତକ ମେଳା

**ଜଟଣୀ,୨୮।୯(ଡି.ଏନ.ଏ):** ଜଟଣୀ ପୁସ୍ତକ ମେଳା ଅକ୍ଟୋବର ୧୪ରୁ ଆରମ୍ଭ ହେବ। ଏହା ୭ଦିନ ଧରି ସ୍ଥାନୀୟ ଟାଉନ୍ହଲ୍ (ସ୍ରଷ୍ଟା) ପରିସରରେ ଆୟୋଜିତ ହେବ ବୋଲି ପୁସ୍ତକ ମେଳା କମିଟିର ସମ୍ପାଦକ ଅକ୍ଷୟ ମହାନ୍ତି ସୂଚନା ଦେଇଛନ୍ତି। ଶନିବାର କମିଟିର ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ପୁସ୍ତକ ମେଳାରେ ରାଜ୍ୟର ପ୍ରତିଷ୍ଠିତ ୨୦ରୁ ଅଧିକ ପ୍ରକାଶନୀ ସଂସ୍ଥା ଯୋଗଦେବେ। ଏହା ସହ ବିଭିନ୍ନ ଦିବସରେ କବିତା ପାଠୋତ୍ସବ, ଭଞ୍ଜ ସାହିତ୍ୟ ସମାରୋହ, ଓଡ଼ିଆ ଭାଷା ସାହିତ୍ୟ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ୨ଜଣ ବରିଷ୍ଠ ନାଗରିକଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୬ଜଣଙ୍କୁ ସମ୍ବର୍ଦ୍ଧିତ କରାଯିବ।

### ହାତୀ ଉପଦ୍ରବ, ଲୋକେ ଆତଙ୍କିତ



**ଟାଙ୍ଗୀ(ଖୋର୍ଦ୍ଧା),୨୮।୯(ଡି.ଏନ୍.ଏ):** ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ବନାଞ୍ଚଳ ଅଧୀନ ନାଲସିଂ ଜଙ୍ଗଲରେ ହାତୀପଲ ରହିବା ସହ ବିଳମ୍ବିତ ରାତିରେ ବାଣପୁର ବରାବରା ଓ ପଟିଆମାଳ ଅଞ୍ଚଳରେ ବ୍ୟାପକ କ୍ଷତି ଘଟାଇଥିବା ବନବିଭାଗ ସୂତ୍ରରୁ ଜଣାପଡିଛି। ଫଳରେ ଲୋକମାନେ ଆତଙ୍କିତ ହୋଇପଡିଛନ୍ତି। ଏହି ହାତୀପଲରେ ୨ଟି ଦନ୍ତା, ୯ଟି ଛୁଆ ଓ ୧୫ଟି ମାଈ ହାତୀ ରହିଥିବା ଜଣାପଡଛି। ଦିନରେ ଜଙ୍ଗଲରେ ରହିବା ପରେ ବିଳମ୍ବିତ ରାତିରେ ଜନବସତି ମୁହାଁ ହେଉଥିବା ଜଣାପଡିଛି। ବଡପୋଖରିଆ ଓ ନୂଆଗଡ଼ ଗ୍ରାମରେ ମଧ ବ୍ୟାପକ କ୍ଷତି କରିଥିବା ଜଣାପଡ଼ିଛି। ହାତୀ ଘଉଡାଇବା ପାଇଁ ବନବିଭାଗ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## କଂକ୍ରିଟ ରାସ୍ତାରେ କୃତ୍ରିମ ପୋଖରୀ

ଖୋର୍ଦ୍ଧା ଅଫିସ,୨୮।୯

ଖୋର୍ଦ୍ଧା ସହରର ଶ୍ରୀରାମନଗରସ୍ଥିତ କଂକ୍ରିଟ ରାସ୍ତା ଉପରେ କୃତ୍ରିମ ପୋଖରୀ ସୃଷ୍ଟି ହୋଇଛି। ସାମାନ୍ୟ ବର୍ଷା ହେଲେ ଏଠାରେ ପାଣି ଜମା ହୋଇ ରହୁଛି। ରାସ୍ତା ପାର୍ଶ୍ୱରେ ଡ୍ରେନ ନ ଥିବାବେଳେ ସମ୍ମୁଖ ରାସ୍ତାକୁ ଉଚ୍ଚ କରିଦେବା ପରେ ଏହି ସମସ୍ୟା ଉପୁଜୁଥିବା ଜଣାପଡିଛି। ଇଗଲ କ୍ଲବ ଦେଇ ଶ୍ରୀରାମନଗର ଘାସିସାହିକୁ ଆସିବାବେଳେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି। ଏହି ରାସ୍ତାକୁ ଉଚ୍ଚା କରାଯାଉନି କି ପାର୍ଶ୍ୱରେ ଡ୍ରେନ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।


ଶ୍ରୀରାମ ନଗର ରାସ୍ତାରେ ଜମି ରହିଥିବା ପାଣି।

## 'ନିର୍ବାଣ'ରେ ମଣିଷର ବାସ୍ତବ ଦୃଷ୍ଟିଭଙ୍ଗୀ

ଭୁବନେଶ୍ୱର,୨୮।୯(ବ୍ୟୁରୋ)

ବିବେକାନନ୍ଦ ଥିଲେ ରାମକୃଷ୍ଣ ପରମହଂସଙ୍କ ଶିଷ୍ୟ। ଗୋଖଲେ ଥିଲେ ମହାତ୍ମା ଗାନ୍ଧୀଙ୍କ ରାଜନୈତିକ ଗୁରୁ। ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ସମର୍ପିତ ଥିଲେ, ଆଉ ମୀରା ଥିଲେ ରାଧାଙ୍କ ପ୍ରତୀକ। ଜଣେ ସନ୍ୟାସୀଙ୍କୁ ଦେଖିହିଁ ଗୌତମଙ୍କ ମନରେ ଆସିଥିଲା ଜୀବନ ପ୍ରତି ବୈରାଗ୍ୟ ଭାବ। ଯେ କେହି ସାଧାରଣରୁ ଅସାଧାରଣ, ମହାନରୁ ମହାମାନବ ଓ ଦାନବରୁ ଦେବତାରେ ପରିଣତ ହୋଇଛନ୍ତି, ସେମାନେ ଜ୍ଞାତ ବା ଅଜ୍ଞାତ ସାରରେ କାହାଠାରୁ ଅନୁପ୍ରାଣିତ ହୋଇଛନ୍ତି। କିନ୍ତୁ ବହୁ ଜ୍ଞାନ, ବିଜ୍ଞାନ, ଗବେଷଣା, ତତ୍ତ୍ୱ, ତର୍କ ଓ ବାସ୍ତବତାକୁ ଉପଲବ୍ଧ କରିପାରୁଥିବା ମଣିଷ ସହଜରେ କାହାରି ଶ୍ରେଷ୍ଠତାକୁ ଗ୍ରହଣ କରେନି। ପ୍ରତ୍ୟେକ ମହାପୁରୁଷଙ୍କ ଭିତରେ ସେ କଳାଦାଗ କାଢ଼େ। ପାରମ୍ପରିକ ଦୃଷ୍ଟିଭଙ୍ଗୀରେ ଏହାକୁ ଧୃଷ୍ଟ ମାନସିକତା କୁହାଯାଇପାରେ। 'ସ୍ୱନିର୍ବାଣ ଓ ସର୍ବେ ଭବନ୍ତୁ ସୁଖୀନ' ନିମିତ୍ତ ନିଜକୁ ଉଚ୍ଚାଦର୍ଶୀ କରି ଗଢ଼ିବାକୁ ପ୍ରୟାସରତ। ଏଭଳି ଏକ ଦ୍ୱନ୍ଦାତ୍ମକ କାହାଣୀକୁ ନେଇ ଶନିବାର ଭୁବନେଶ୍ୱର କଳାକେନ୍ଦ୍ରଠାରେ ପରିବେଷିତ ହୋଇଥିଲା ନାଟକ 'ନିର୍ବାଣ'। ଏଥିରେ ଶରତ ସମ୍ରାଟ, ଶ୍ରଦ୍ଧାଞ୍ଜଳି, ମନସ୍ମିତା, ପୂଜାଶ୍ରୀ, ହିରଣମୟୀ, ଗାୟତ୍ରୀ, ଅମୃତା, ସ୍ୱରମୟୀ, ଇତିଶ୍ରୀ, ଲିଜା, ଶୁଭସ୍ମିତା, ବିବେକ, ବିରଞ୍ଚି, ଅଜୟ, ତପନ ଓ ଲିଙ୍ଗରାଜ ପ୍ରମୁଖ ନିଖୁଣ ଅଭିନୟ କରି ସାମଜକୁ ନୂଆ ବାର୍ତ୍ତା ଦେଇଥିଲେ। କୋରିଓଗ୍ରାଫିରେ ମୀନାକ୍ଷୀ ବେହେରା ସହାୟତା କରିଥିବାବେଳେ ଶରତ ସମ୍ରାଟ ନିର୍ଦ୍ଦେଶନା ଓ ପଞ୍ଚାନନ ଦାଶ ସ୍କ୍ରିପ୍ଟ ଲେଖିଛନ୍ତି।

### ■ ଜଳ ବିବାଦ ସମାଧାନର ବିକଳ୍ପ ସୂତ୍ର ରହିଛି
## କାବେରୀ ଭଳି ମହାନଦୀର ଅବସ୍ଥା ନ ହେଉ

ଭୁବନେଶ୍ୱର, ୨୮।୯(ବ୍ୟୁରୋ)

ମହାନଦୀ ଟ୍ରିବ୍ୟୁନାଲର ନବମ ବୈଠକ ଓ ଶୁଣାଣି ହୋଇଛି। ଏଥିରେ ଉଭୟ ରାଜ୍ୟ ତରଫରୁ ବିଶେଷଜ୍ଞ ଦଳ ପରସ୍ପର ରାଜ୍ୟକୁ ଗସ୍ତକରି ରିପୋର୍ଟ ପ୍ରଦାନ କରିବା ବ୍ୟତୀତ ଅନ୍ୟକିଛି ବିଷୟରେ ଶୁଣାଣି ହୋଇନାହିଁ। ଟ୍ରିବ୍ୟୁନାଲର କଚ୍ଛପ ଗତି ସମସ୍ତଙ୍କୁ ମର୍ମାହତ କରିଥିବାବେଳେ ଓଡ଼ିଶାର ମୂଳ ଆବେଦନ ଉପରେ କୌଣସିଅଗ୍ରଗତି ନ ହେବା ଦୁଃଖଦାୟକ। ଛତିଶଗଡ଼ ମହାନଦୀ ଉପରେ ନିର୍ମାଣ କରିଥିବା ବେଆଇନ ପ୍ରକଳ୍ପଗୁଡ଼ିକୁ ସ୍ଥଗିତ ରଖିବା ପାଇଁ ହୋଇଥିବା ଆବେଦନକୁ ଟ୍ରିବ୍ୟୁନାଲ ଏବେ ପର୍ଯ୍ୟନ୍ତ ବିଚାରକୁ ନ ନେବା ଦୁଃଖର ବିଷୟ। ଟ୍ରିବ୍ୟୁନାଲ ଦ୍ୱାରା କାବେରୀ ପରି ମହାନଦୀ ଅବସ୍ଥା ନ ହେଉ ବୋଲି ମହାନଦୀ ବଞ୍ଚାଓ ଆନ୍ଦୋଳନ ସଂଗଠନ କହିଛି। ଶନିବାର ରେଡ଼କ୍ରସ ଭବନରେ ସଂଗଠନ ପକ୍ଷରୁ ମହାନଦୀ 'ଜଳ ବିବାଦର ସମାଧାନ କ୍ଷେତ୍ରରେ ବିକଳ୍ପ ରାସ୍ତା' ଉପରେ ଅନୁଷ୍ଠିତ କର୍ମଶାଳାରେ ଏ ନେଇ ଆଲୋଚନା କରାଯାଇଥିଲା। ପୁନେସ୍ଥିତ ୱାଟର କନ୍ଫ୍ଲିକ୍ଟ ଫୋରମ ପକ୍ଷରୁ ବିଶିଷ୍ଟ ନଦୀ ଗବେଷକ ଡ. ଟି.କେ. ଜୟ ଏକ ଚିଠା ପ୍ରସ୍ତାବ ଉପସ୍ଥାପନ କରି ସମସ୍ୟା ସମାଧାନର ବିଭିନ୍ନ ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଆମେରିକାର ଇନ୍ଷ୍ଟିଚ୍ୟୁଟ ଫର୍ ୱାଟର କଲଚରର ନିର୍ଦ୍ଦେଶକ ଡ. ଡ଼େଭିଡ୍ ଗ୍ରୋନଫିଟ୍, ଡ. ଆବ୍ରାହମ ସାମୁଏଲ୍, ଡ. ନେହା ଭଡ଼ଭଡ଼େ ପ୍ରମୁଖ ଏହି ଚିଠା ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ।

## ଯୁବ ମହୋତ୍ସବ

ଭୁବନେଶ୍ୱର,୨୮।୯(ବ୍ୟୁରୋ)

ଓଡ଼ିଶା ବୈଷୟିକ ଜ୍ଞାନ ଓ ଉପଯୋଗ କ୍ଷେତ୍ରରେ ଏକ ନମ୍ବର ସ୍ଥାନ ଅଧିକାର କରିଛି। ଏହା କେବଳ ଓଡ଼ିଶାର ଯୁବ ସମାଜ ଦ୍ୱାରା ସମ୍ଭବ ହୋଇଛି ବୋଲି ରାଜ୍ୟ ସରକାରଙ୍କ ଆଇଟି ବିଭାଗ ପରାମର୍ଶଦାତା ଅନୁଭବ ପଟ୍ଟନାୟକ କହିଛନ୍ତି। ଉତ୍କଳୀୟ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଦ୍ୱିତୀୟ ରାଜ୍ୟସ୍ତରୀୟ ଉତ୍କଳୀୟମ ଯୁବ ଉତ୍ସବ-୨୦୧୯ରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅନୁଭବ ଏହା କରିଛନ୍ତି। ଫାଉଣ୍ଡେଶନ ଅଧ୍ୟକ୍ଷ ରାଜୀବ ଲୋଚନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରଣପୁର ବିଧାୟକ ସତ୍ୟବ୍ରତ ପ୍ରଧାନ ଯୋଗଦେଇ ଯୁବସମାଜ ଏକାଠି ହେଲେ ସ୍ମାର୍ଟ ଓଡ଼ିଶା ଗଠନ ସମ୍ଭବ ହେବ ବୋଲି କହିଥିଲେ। ଉଦ୍ଘାଟକ ଭାବେ ପୂର୍ବତନ ମୁମ୍ବାଇ ପୋଲିସ କମିଶନର ଅରୂପ ପଟ୍ଟନାୟକ ଯୋଗଦେଇ ରାଜ୍ୟରେ ମହିଳା ଓ ଶିଶୁ ବଳାତ୍କାର ବୃଦ୍ଧିକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଯୁବ ସମାଜ ଏ ଦିଗରେ ସଚେତନ ଓ ସଜାଗ ରହିବାରୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଖଦି ନିଗମ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ, ରାଜ ସୁନାଖଳା କଲେଜର ପୂର୍ବତନ ଅଧ୍ୟକ୍ଷ କୁବେର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୩୦ ଊର୍ଦ୍ଧ୍ୱ ବ୍ୟକ୍ତି ବିଶେଷଙ୍କୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଗି ସମ୍ମାନିତ କରାଯାଇଥିଲା। ଟ୍ରଷ୍ଟ ସଭ୍ୟା ଶୁଭଲକ୍ଷ୍ମୀ ସେନାପତି ସ୍ୱାଗତ ଭାଷଣ ଓ ରଙ୍କନିଧି ଦାସ ଧନ୍ୟବାଦ ଦେଇଥିଲେ।

## ଆନ୍ତଃ ରେଳମଣ୍ଡଳସ୍ତରୀୟ ନାଟକ ପ୍ରତିଯୋଗିତା

ଜଟଣୀ,୨୮।୯(ଡି.ଏନ.ଏ)

ଖୋର୍ଦ୍ଧାରୋଡ ରେଳଡିଭିଜନ ପକ୍ଷରୁ ଜଟଣୀସ୍ଥିତ କଲ୍ୟାଣ ମଣ୍ଡପରେ ଆନ୍ତଃ ରେଳମଣ୍ଡଳସ୍ତରୀୟ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧାରୋଡ ସମେତ ସମ୍ବଲପୁର, ବିଶାଖାପାଟଣା ଓ ଭୁବନେଶ୍ୱର ଜୋନାଲ ମୁଖ୍ୟ ଦପ୍ତର ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱରସ୍ଥିତ ଜୋନ୍ର ମୁଖ୍ୟ ଦପ୍ତର ପ୍ରଥମ ହୋଇଥିବା ବେଳେ ବିଶାଖାପାଟଣା ଦ୍ୱିତୀୟ ଓ ଖୋର୍ଦ୍ଧାରୋଡ ଡିଭିଜନ ତୃତୀୟସ୍ଥାନ ଅଧିକାର କରିଥିଲେ। ଏହି ପରିପ୍ରେକ୍ଷୀରେ ସାଂସ୍କୃତିକ ଉତ୍ସବ ଆୟୋଜିତ ହୋଇଥିଲା। ରେଲୱେ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟାସଦସ୍ୟଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ, ନାଟକ, ରଙ୍ଗୋଲି, ମେହେନ୍ଦି, ପନିପରିବା ଉପରେ ସାଜସଜା, ରୋଷେଇ, ଫ୍ୟାନ୍ସିଡ୍ରେସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧାରୋଡ ଡିଭିଜନର ଡିଆର୍ଏମ୍ ଶଶିକାନ୍ତ ସିଂ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଏଆର୍ଏମ୍ ରାଜକୁମାର, ଖୋର୍ଦ୍ଧାରୋଡ ରେଲୱେ ମହିଳା ସଙ୍ଗଠନର ସଭାନେତ୍ରୀ ପୂର୍ଣ୍ଣିମା ସିଂ, ଉପସଭାନେତ୍ରୀ ଗୀତାରାଣୀ ପ୍ରମୁଖ ଉପସ୍ଥିତ ଥିଲେ। ଡିଭିଜନର ବରିଷ୍ଠ ଡିପିଓ ସୁରେଶ କୁମାର ବେହେରା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।



କୃତୀ ପ୍ରତିଯୋଗୀଙ୍କ ଗହଣରେ ଉପସ୍ଥିତ ଅତିଥିବୃନ୍ଦ।

## ଚାନ୍ଦପୁର ଥାନା ଅଧିକାରୀଙ୍କ ବଦଳି ବାତିଲ ଦାବି

ଟାଙ୍ଗୀ(ଖୋର୍ଦ୍ଧା),୨୮।୯(ଡି.ଏନ୍.ଏ)

ନୟାଗଡ ଜିଲା ରଣପୁର ବ୍ଲକ ଅଧୀନ ଚାନ୍ଦପୁର ଥାନା ଥାନାଧିକାରୀ ଗିରିଜା ନନ୍ଦନ ପଟ୍ଟନାୟକଙ୍କ ଅଚାନକ ବଦଳି ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଥାନା ଅଧିକାରୀ ପଟ୍ଟନାୟକଙ୍କ ବଦଳି ବାତିଲ ପାଇଁ ପୋଲିସ ମହାନିର୍ଦ୍ଦେଶକଙ୍କ ନିକଟକୁ ଏକ ପତ୍ର ପଠାଯିବା ସହ ଏହାର ନକଲ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନସଚିବ ଓ ଗୃହବିଭାଗ ସଚିବଙ୍କ ନିକଟକୁ ପଠାଯାଇଥିବା ଚାନ୍ଦପୁର ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି। ସୂଚନାଯୋଗ୍ୟ, ଚାନ୍ଦପୁର ଥାନାଧିକାରୀ ଭାବେ ପଟ୍ଟନାୟକ ଗତ ଫେବୃୟାରୀ ମାସରେ ନିଯୁକ୍ତି ପାଇଥିଲେ। ଏହା ପରେ ଚାନ୍ଦପୁର ବଜାରର ଉଭୟ ପାର୍ଶ୍ୱରେ ଥିବା ଉଠା ଦୋକାନୀମାନଙ୍କୁ ୭ଫୁଟ ପଛକୁ ହଟାଇଥିଲେ। ୧୯ଟି ଖଣି ଉପରେ ୧୪୪ ଧାରା ଜାରି କରି ବେଆଇନ ପଥର ଖଣି ଗୁଡିକ ବନ୍ଦ କରିଥିଲେ। ଥାନାରେ କମ୍ କର୍ମଚାରୀ ଥିଲେ ମଧ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିପାରିଥିଲେ। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରି ସେ ଲୋକଙ୍କ ପ୍ରିୟଭାଜନ ହୋଇପାରିଥିଲେ। ପଟ୍ଟନାୟକଙ୍କ ବଦଳି ତୁରନ୍ତ ବାତିଲ କରା ନ ଗଲେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ବୋଲି ଚେତାବନୀ ଦେଇଛନ୍ତି।

### ■ ପୂର୍ବତଟ ରେଳପଥ ଜାରିକଲା ପରାମର୍ଶ ବାର୍ତ୍ତା
## 'ରେଳ କର୍ମଚାରୀ ନିଜ ସୁରକ୍ଷା ପ୍ରତି ସଚେତନ ରୁହନ୍ତୁ'

ଭୁବନେଶ୍ୱର, ୨୮।୯(ବ୍ୟୁରୋ)

କାର୍ଯ୍ୟସ୍ଥଳରେ କର୍ମଚାରୀଙ୍କ ବ୍ୟକ୍ତିଗତ ସୁରକ୍ଷା ପ୍ରତି ସାବଧାନ ରହିବାକୁ ପୂର୍ବତଟ ରେଳପଥ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଚାଲିଛି। ଗତ ୨୫ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ପୂର୍ବତଟ ରେଳପଥ ପକ୍ଷରୁ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଏକ ପରାମର୍ଶ ବାର୍ତ୍ତା ଜାରି କରାଯାଇଛି। କର୍ମଚାରୀମାନେ ନିଜ ସୁରକ୍ଷା ପ୍ରତି ସଜାଗ, ସଚେତନ ଓ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

ରେଳଯାତ୍ରୀଙ୍କ ନିରାପଦ ଯାତ୍ରାକୁ ନିଶ୍ଚିତ କରିବା ଲାଗି ରେଳ କର୍ମଚାରୀମାନେ କ୍ରମାଗତ ଭାବେ ସଜାଗ ରହି କାର୍ଯ୍ୟ କରନ୍ତି। ଟ୍ରାକ୍ ମରାମତି ଓ ନବୀକରଣ, ଉପମାର୍ଗ, ରେଳଧାରଣା ଉପରେ ଓ ତଳେ ବ୍ରିଜ ନିର୍ମାଣ, ଷ୍ଟେଶନରେ ଫୁଟ୍ ଓଭରବ୍ରିଜ ନିର୍ମାଣ, ଆଧୁନିକ ସାଙ୍କେତିକ ପ୍ରଣାଳୀ ବ୍ୟବସ୍ଥା, ରେଳଧାରଣା ଇଣ୍ଟରଲକିଂ ଆଦି କାର୍ଯ୍ୟ କରିଥାନ୍ତି। ତେବେ କାର୍ଯ୍ୟ କ୍ଷେତ୍ରରେ ଛୋଟ ଅସାବଧାନତା ଯୋଗୁ ଅନେକ ସମୟରେ କର୍ମଚାରୀମାନେ ଦୁର୍ଘଟଣାର ସମ୍ମୁଖୀନ ହେବାରୁ ସେମାନଙ୍କର ମୃତ୍ୟୁ ଘଟିଥାଏ। ପୂର୍ବତଟ ରେଳପଥ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି କର୍ମଚାରୀଙ୍କ ମୂଲ୍ୟବାନ ଜୀବନକୁ ସୁରକ୍ଷା ଦେବାଲାଗି ବିଶେଷ ଧ୍ୟାନ ଦେଉଥିବା କୁହାଯାଉଛି। ବିଶେଷକରି ରେଳ ଟ୍ରାକ୍ ମରାମତି ବା ଟ୍ରେନ ଇଞ୍ଜିନ କିମ୍ବା ବଗିକୁ ସଣ୍ଟିଙ୍ଗ୍ କରିବା ସମୟରେ କର୍ମଚାରୀମାନେ ନିଜ ସୁରକ୍ଷାକୁ ଦ୍ୱିଗୁଣିତ କରିବାକୁ ରେଳପଥ ପକ୍ଷରୁ ପରାମର୍ଶ ଦିଆଯାଇଛି। ଟ୍ରେନ ପରିଚାଳନା ବିଭାଗ, ସାଙ୍କେତିକ ଓ ଟେଲି ଯୋଗାଯୋଗ ବିଭାଗ, ସିଭିଲ ଇଞ୍ଜିନିୟରିଂ ବିଭାଗ, ମେକାନିକାଲ ବିଭାଗ, ଇଲେକ୍ଟ୍ରିକାଲ ବିଭାଗ ଓ ଲୋକୋ ସେଡ୍ କର୍ମଚାରୀମାନଙ୍କୁ ବ୍ୟକ୍ତିଗତ ସୁରକ୍ଷା ଦିଗରେ ବିଶେଷ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।



### ମାସେ ବ୍ୟାପୀ ଚାଲିବ ସଚେତନତା

କାର୍ଯ୍ୟକୁ ଆସିବା ପୂର୍ବରୁ ଯଥେଷ୍ଟ ବିଶ୍ରାମ, ସଂକେତ ଦେଲାବେଳେ ଗତିଶୀଳ ଟ୍ରେନ୍ଠାରୁ ନିଜକୁ ଯଥେଷ୍ଟ ବ୍ୟବଧାନ ରଖିବା, ଇଞ୍ଜିନ ଓ ବଗିକୁ ଯୋଡିବା ସମୟରେ ଠିକ୍ ଦୂରତ୍ୱ ଅବଲମ୍ବନ, ସଂକେତ ଦେଲାବେଳେ ଟ୍ରାକ୍ ଉପରେ ଛିଡା ନ ହେବା, ଆଇସୋଲେଟର କାର୍ଯ୍ୟକାରୀ କରିବା ସମୟରେ ଜୋତା, ଗ୍ଲୋବ ଆଦି ପରିଧାନ କରିବା, ରାତି ସମୟରେ ସିଗ୍ନାଲ ବକ୍ସ ନିକଟକୁ ଯିବାବେଳେ ଟର୍ଚ୍ଚ ବ୍ୟବହାର କରିବା, ଘାସବୁଦା ସଫା କରି ସାପ କାମୁଡାରୁ ବର୍ତ୍ତିବା, ଧାରଣାରେ କାର୍ଯ୍ୟ ସମୟରେ ଖସଡା ସ୍ଥାନ ଓ ତୈଳଜାତୀୟ ସ୍ଥାନ ପ୍ରତି ବିଶେଷ ଧ୍ୟାନ ଦେବାକୁ ଜାରି ପରାମର୍ଶ ବାର୍ତ୍ତାରେ ଉଲ୍ଲେଖ କରାଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୯ ସେପ୍ଟେମ୍ବର, ୨୦୧୯



“ କୃତଜ୍ଞତା ରୂପକ ଋଣକୁ ଶୁଝିବା, ଶକ୍ତିର ବାହାରେ ବୋଲି ଉଦାରମନା ଲୋକ ହିଁ ଧରି ନେଇଥାଏ।
- ଫ୍ରାଙ୍କଲିନ୍



## ସଂକ୍ଷେପରେ

### ବାଇକ୍ ଧକ୍କା, ୩ ଗୁରୁତର

**କଣାସ, ୨୮।୯(ସ୍ୱ.ପ୍ର.):** କଣାସ-ଡେଲାଙ୍ଗ ରାସ୍ତାର ଚଣ୍ଡେଇପଡ଼ା ନିକଟରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୩ ଜଣ ଗୁରୁତର ଆହତ ହୋଇ ଭୁବନେଶ୍ୱର ଏକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ଅବିନାଶ ପାତ୍ର ସ୍କୁଟି ଯୋଗେ ଭୁବନେଶ୍ୱରରୁ ଆସୁଥିବା ସମୟରେ କଣାସରୁ ଗଡ ବେଗୁନିଆପଡା ଗ୍ରାମକୁ ବାଇକ୍‌ରେ ଯାଉଥିବା ଦୁଇଜଣ ଯୁବକଙ୍କ ସହିତ ଧକ୍କା ହୋଇଥିଲା। ଡାକ୍ତରଙ୍କ ମୁଣ୍ଡ ଫାଟି ଯିବାରୁ ଲୋକେ ଚିକିତ୍ସା ପାଇଁ ଭୁବନେଶ୍ୱର ନେଇଥିଲେ।

### ସଫେଇ କର୍ମଚାରୀ ପୁରସ୍କୃତ

**ପୁରୀ ଅଫିସ,୨୮।୯:** ସଫେଇ କର୍ମଚାରୀଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଛି। ଶନିବାର ଟାଉନହଲ୍‌ରେ ଆୟୋଜିତ ଏହି ପୁରସ୍କାର ବିତରଣ ଉତ୍ସବରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ପ୍ରାରମ୍ଭିକ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଜିଲାପାଳ ବଲୱନ୍ତ ସିଂ ଯୋଗଦେଇ ପୁରୀ ପୌର ସଂସ୍ଥାର ୩୨ଟି ୱାର୍ଡରୁ ଜଣେ ଲେଖାଏ ସଫେଇ କର୍ମଚାରୀଙ୍କୁ ସେମାନଙ୍କ କର୍ତ୍ତବ୍ୟନିଷ୍ଠା ଓ ଦକ୍ଷତା ଲାଗି ପୁରସ୍କୃତ କରିଥିଲେ। ଏଥିସହ ଆସନ୍ତା ଓଡ଼ିଶା ଦିବସରେ ଶ୍ରେଷ୍ଠ ୩ (ପ୍ରଥମ, ଦ୍ୱିତୀୟ ଓ ତୃତୀୟ) ସଫେଇ କର୍ମଚାରୀଙ୍କୁ ଯଥାକ୍ରମେ ୧ଲକ୍ଷ, ୫୦ ହଜାର ଏବଂ ୨୫ହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରିଥିଲେ।

### ଦିନକରେ ୮ ମୋବାଇଲ ଫୋନ ଚୋରି

**ନିମାପଡ଼ା,୨୮।୯(ଡି.ଏନ୍.ଏ):** ନିମାପଡ଼ା ଥାନା ଅନ୍ତର୍ଗତ ଖେଲାର ହାଟରୁ ଶନିବାର ୮ଜଣ ବ୍ୟକ୍ତିଙ୍କ ୮ଟି ମୋବାଇଲ ଫୋନ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଜଣେ ନାବାଳକଙ୍କୁ ଅଟକ ରଖିବା ସହ ଏକ ମାମଲା (ନଂ.୨୪୨/୧୯)ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ନାବାଳକ ଜଣଙ୍କ ଜଣେ ବ୍ୟକ୍ତିଙ୍କ ଶାର୍ଟ ପକେଟରୁ ମୋବାଇଲ ଫୋନ ଲୁଟି ନେଇ ପଳାଉଥିବା ବେଳେ କେତେଜଣ ବ୍ୟକ୍ତି ତାଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ଏହି ଚୋରି ଘଟଣାର ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ସେହିପରି ଦହିଜଙ୍ଗ ଗ୍ରାମର ମହେଶ୍ୱର ପ୍ରଧାନ, ରାଜଶ ଗ୍ରାମର ରଶ୍ମିରଞ୍ଜନ ମହାନ୍ତି, ଖେଲାର ମଂସାହି ଗ୍ରାମର ସୁରେଶ ଚନ୍ଦ୍ର ଭାରତୀ, ଭଗବତୀପୁର ଗ୍ରାମର ମନୋରଞ୍ଜନ ରଥ, ବିଶ୍ୱରଞ୍ଜନ ଜେନା, ବାସୁଦେବ ପଟ୍ଟନାୟକ, ରଞ୍ଜନ ମହାନ୍ତିଙ୍କ ସମେତ ୮ଜଣଙ୍କ ମୋବାଇଲ ଫୋନ ଚୋରି ହୋଇଛି।

### ସ୍କୁଲ ତାଲା ଭାଙ୍ଗି ଚୋରି

**ଗୋପ, ୨୮।୯(ଡି.ଏନ୍.ଏ.):** ଗୋପ ଥାନା ଅଧୀନ ବେଦପୁର ପଞ୍ଚାୟତ ସ୍ଥିତ ମା’ ଭୁଆସୁଣୀ ଉଚ୍ଚ ବିଦ୍ୟାଳୟର ତାଲା ଭାଙ୍ଗି କେତେକ ଦୁର୍ବୃତ୍ତ ୪ଟି କମ୍ପ୍ୟୁଟର, ପାଣି ମୋଟର, ୩ଟି ବଡ଼ ଟପ୍ ଓ ଖେଳ ସାମଗ୍ରୀ ଲୁଟି ନେଇଥିବା ପ୍ରଧାନଶିକ୍ଷକ ବିଭୁଦତ୍ତ ନାୟକ ଥାନାରେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ଚାଲିଥିବା ଥାନାଧିକାରୀ ସୁଧୀର ସାହୁ କହିଛନ୍ତି।

### ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ପୁରୀ ଅଫିସ,୨୮।୯:** ରୋଟାରୀ କ୍ଲବ ଶ୍ରୀଜଗନ୍ନାଥ ଧାମ ପକ୍ଷରୁ ଶନିବାର ପୁରୀ କ୍ଲବ ପରିସରରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆପୋଲୋ ହସ୍ପିଟାଲର ଡା. ପ୍ରଦୀପ କୁମାର ଦାସ ଓ ଡା. ପ୍ରେମାନନ୍ଦ ପଟ୍ଟନାୟକ ଯୋଗଦେଇ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ନିଦାନ କରିଥିଲେ। ଶିବିରକୁ କ୍ଲବ ସଭାପତି ପ୍ରଦୀପ କୁମାର ନାୟକ, ମନୋଜ ତ୍ରିପାଠୀ, ରବିନାରାୟଣ ସାହୁ, ଦେବଦତ୍ତ ଷଡ଼ଙ୍ଗୀ, ଦେବରାଜ ପ୍ରଧାନ, ଝିମିଲି ପଟ୍ଟନାୟକ, ଇନର ହୁଇଲ କ୍ଲବ ସଭାପତି ଝରଣା ନାୟକ, ସମ୍ପାଦକ ନିରୁପମା ଷଡ଼ଙ୍ଗୀ ପରିଚାଳନା କରିଥିଲେ।

### ବ୍ୟାଟେରି ଚୋର ଗିରଫ

**ଗୋପ, ୨୮।୯(ଡି.ଏନ୍.ଏ.):** ଏକ ଟ୍ରକ୍‌ରୁ ବ୍ୟାଟେରି ଚୋରି ଅଭିଯୋଗରେ ଗୋପ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଓଡ଼ତଣ୍ଡା ଗ୍ରାମର ସଞ୍ଜୟ ସ୍ୱାଇଁ। ସଞ୍ଜୟ ଥାନା ଅଧୀନ ନୟାହାଟ ଫାଣ୍ଡିସ୍ଥିତ ଯୋଗେଶ୍ୱରପୁର ଗ୍ରାମର ପ୍ରଦୀପ ବିଶ୍ୱାଳଙ୍କ ଟ୍ରକ୍‌ରେ ତିନି ମାସ ଧରି କାର୍ଯ୍ୟ କରି ଆସୁଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ମାଲିକ ବିଶ୍ୱାଳ ଶୋଇଥିବା ସମୟରେ ସଞ୍ଜୟ ବ୍ୟାଟେରି ଚୋରି କରି ଫେରାର ହୋଇଯାଇଥିଲେ।



ମହାଳୟା ଅବସରରେ ଶନିବାର ପୁରୀ ବାଙ୍କୀମୁହାଣ ରାମଚଣ୍ଡୀଙ୍କ ଚନ୍ଦନଲାଗି ବେଶ।



ମହାଲକ୍ଷ୍ମୀ ବେଶରେ ସଜ୍ଜିତ ପୁରୀର ମା’ ବାସେଳି।



ପୁରୀର ମା’ ମଙ୍ଗଳାଙ୍କ ଧୂମାବତୀ ବେଶ।



କାକଟପୁରର ମା’ ମଙ୍ଗଳାଙ୍କ ମହାଳୟା ବେଶ।

■ ୭୫ ମିଟର ଉଚ୍ଛେଦ ପ୍ରସଙ୍ଗ

# ସର୍ଭେ ପାଇଁ ଦିନ ଗଡୁଛି

## ପୁନର୍ବାସ ଓ ଥଇଥାନ ନେଇ ସନ୍ଦେହ ଦୂର କରୁଛନ୍ତି ଲୋକେ

**ପୁରୀ ଅଫିସ,୨୮।୯**

ଶ୍ରୀମନ୍ଦିର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପାଇଁ ମେଘନାଦ ପାଚେରିଠାରୁ ୭୫ମିଟର ସୁରକ୍ଷା ଜୋନରେ ସର୍ଭେ କରାଯିବ। ରାଜ୍ୟ ସରକାର ଜମି ଅଧିଗ୍ରହଣ ପାଇଁ ହେବାକୁ ଥିବା ସାମାଜିକ ପ୍ରଭାବ ନିର୍ଦ୍ଧାରଣ ଲାଗି ବିଜ୍ଞପ୍ତି ପ୍ରକାଶ କରିସାରିଛନ୍ତି। ତେବେ ଏହି ସର୍ଭେ ପାଇଁ ଦିନ ଗଡ଼ି ଚାଲିଛି। ଅନ୍ୟପକ୍ଷରେ ପୁନର୍ବାସ ଓ ଥଇଥାନ ନେଇ ବିସ୍ଥାପିତ ହେବାକୁ ଥିବା ଲୋକେ କଣ୍ଟ୍ରୋଲ ରୁମ୍‌କୁ ଆସି ସେମାନଙ୍କ ମନରେ ଥିବା ସନ୍ଦେହ ଦୂର କରୁଛନ୍ତି। ଶନିବାର ସୁଦ୍ଧା ୪୦ଜଣ ଲୋକ ଆସି ବୁଝିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ୨୬ତାରିଖଠାରୁ ସର୍ଭେ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। କିନ୍ତୁ ସର୍ଭେ କରାଯାଇ ନ ଥିଲା। ଶନିବାର ମଧ୍ୟ ସର୍ଭେ ହୋଇନାହିଁ। ଏ ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ସର୍ଭେ ପୂର୍ବରୁ କ୍ଷତିଗ୍ରସ୍ତ ଲୋକଙ୍କ ମନରେ ଥିବା ବିଭିନ୍ନ ପ୍ରକାର ସନ୍ଦେହ ଦୂର କରିବା ଉପରେ ପ୍ରଶାସନ ଗୁରୁତ୍ୱ ଦେଇଛି। ଏହାଫଳରେ ଲୋକେ ବୁଝି ଯାଇଥିଲେ ସର୍ଭେ ବିଳମ୍ବ ହେବ ନାହିଁ। ଶନିବାର ସୁଦ୍ଧା ଜମି ଅଧିଗ୍ରହଣ ହେବାକୁ ଥିବା ୫ ମୌଜାର ପ୍ରାୟ ୪୦ଜଣ ଲୋକ କଣ୍ଟ୍ରୋଲ ରୁମ୍‌କୁ ଆସି ସରକାରଙ୍କ ଥଇଥାନ ଏବଂ କ୍ଷତିପୂରଣ ସହାୟତା ସମ୍ପର୍କରେ ବୁଝିଛନ୍ତି। ଅନେକ ଲୋକ ସହାୟତା ସମ୍ପର୍କରେ ସ୍ପଷ୍ଟ ସୂଚନା ପାଇପାରି ନାହାନ୍ତି। ପୁନର୍ବାସ ଓ ଥଇଥାନ ନେଇ ଯେଉଁ ସହାୟତା ରହିଛି ସେ ସମ୍ପର୍କରେ ଅଧିକାରୀମାନେ ପ୍ରାଞ୍ଜଳ ଭାବେ ଲୋକଙ୍କୁ ବୁଝାଉଛନ୍ତି। ତେବେ ଖୁବଶୀଘ୍ର ସର୍ଭେ ଆରମ୍ଭ କରାଯିବ ବୋଲି ଉପଜିଲାପାଳ କହିଛନ୍ତି। ସୂଚନାଥାଉକି, ଜମି ଅଧିଗ୍ରହଣ ଆଇନ-୨୦୧୩ ଅନୁଯାୟୀ, ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ରାଜ୍ୟ ସରକାର ଅଧିସୂଚନା ଜାରି କରିଛନ୍ତି। ୭୫ ମିଟର ସୁରକ୍ଷା ଜୋନ ମଧ୍ୟରେ ବାସେଳିସାହି, ମଣିକର୍ଣ୍ଣିକା ସାହି, କାଳିକାଦେବୀ ସାହି, ଦୋଳମଣ୍ଡପ ସାହି ଓ ଚୁଡ଼ଙ୍ଗ ସାହିର ୧୫.୧୯୧ ଏକର ଜମିରେ ସର୍ଭେ ହେବ। ପ୍ରତ୍ୟେକ ପ୍ଲଟରେ ଥିବା ଘର ସମ୍ବନ୍ଧରେ ସବିଶେଷ ତଥ୍ୟ ସଂଗ୍ରହ କରାଯିବ। ଏଥିଲାଗି ୫ଟି ଟିମ୍ ଗଠନ ହୋଇଛି।

# ଦିନରେ ଜଳୁଛି ଷ୍ଟ୍ରିଟ୍‌ଲାଇଟ୍

**ନିମାପଡ଼ା,୨୮।୯(ଡି.ଏନ୍.ଏ)**



ରାଜ୍ୟ ସରକାର ବିଦ୍ୟୁତ୍ ସଞ୍ଚୟ ଓ ଶକ୍ତି ସଂରକ୍ଷଣ ପାଇଁ ବହୁ ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି। କିନ୍ତୁ ପୁରୀ ଜିଲା ଅନ୍ତର୍ଗତ ନିମାପଡ଼ା ଏନ୍‌ଏସିରେ ଏହାର ବ୍ୟତିକ୍ରମ ଦେଖାଯାଇଛି। ଏନ୍‌ଏସି ଅଞ୍ଚଳରେ ଥିବା ଶତାଧିକ ବିଦ୍ୟୁତ୍ ଖୁଣ୍ଟରେ ସୋଡିୟମ ଷ୍ଟ୍ରିଟ ଲାଇଟ ଦିନରେ ଜଳୁଥିବା ଦେଖିବାକୁ ମିଳିଛି। ଏ ଦିଗରେ ଏନ୍‌ଏସି କର୍ତ୍ତୃପକ୍ଷ କୌଣସି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ନିମାପଡ଼ା ଏନ୍‌ଏସିର ୧୧ଟି ୱାର୍ଡରେ ପ୍ରାୟ ୧୬୦୦ ଷ୍ଟ୍ରିଟଲାଇଟ ରହିଛି। କିନ୍ତୁ ଅଧିକାଂଶ ୱାର୍ଡରେ ଷ୍ଟ୍ରିଟଲାଇଟ ଜଳୁ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନ୍‌ଏସିର ପ୍ରତ୍ୟେକ ୱାର୍ଡରେ ଷ୍ଟ୍ରିଟଲାଇଟ ଜଳିବା, ଦିନରେ ଜଳୁଥିବା ଲାଇଟଗୁଡ଼ିକୁ ବନ୍ଦ କରାଯିବା ବ୍ୟବସ୍ଥା ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପୂର୍ବରୁ ଏନ୍‌ଏସି କାର୍ଯ୍ୟାଳୟଠାରେ ଆୟୋଜିତ ସମୀକ୍ଷା ବୈଠକରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଜୟଶ୍ରୀ ଛକ, ଦୋଳବେଦୀ ଛକ ଓ ପାଟପୁର ଛକରେ ଷ୍ଟ୍ରିଟଲାଇଟ ଜଳୁ ନ ଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ପର୍ଯ୍ୟଟନ ଭିତ୍ତିଭୂମି ବିକାଶକୁ ସଚିବଙ୍କ ଗୁରୁତ୍ୱ

**କୋଣାର୍କ, ୨୮।୯(ଡି.ଏନ୍.ଏ.)**



କୋଣାର୍କଠାରେ ପର୍ଯ୍ୟଟନ ଭିତ୍ତିଭୂମି ସମ୍ପର୍କରେ ଅନୁଧ୍ୟାନ କରୁଛନ୍ତି ସଚିବ ବିଶାଲ ଦେବ।

ପର୍ଯ୍ୟଟନ ସଚିବ ବିଶାଲ ଦେବ ଶନିବାର ପୂର୍ବାହ୍ନରେ କୋଣାର୍କ ପରିଦର୍ଶନ କରିବା ସହ ଭିତ୍ତିଭୂମିର ସମୀକ୍ଷା କରିଛନ୍ତି। କୋଣାର୍କରେ ପର୍ଯ୍ୟଟକମାନଙ୍କ ରହଣି ଓ ରାତ୍ରଯାପନ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ କୋଣାର୍କ ଉତ୍ସବ ସହ ଏକ ମାସିକିଆ ସ୍ୱତନ୍ତ୍ର ଉତ୍ସବ ଆୟୋଜନ କରାଯିବ। ଏଥିପାଇଁ ୪୦ରୁ ୫୦ଏକର ପରିମିତ ଜମି ଉପରେ ୫୦ଗୋଟି ଅସ୍ଥାୟୀ ତମ୍ବୁ କରାଯାଇ ଏହି ଉତ୍ସବ ଆୟୋଜନ କରାଯିବ ବୋଲି ପର୍ଯ୍ୟଟନ ସଚିବ କହିଛନ୍ତି। ଏନେଇ କୋଣାର୍କ ହେଲିପ୍ୟାଡ ସମେତ ୪ଗୋଟି ସ୍ଥାନ ଚିହ୍ନଟ କରିବା ସହ ଏହା ଏକ ଘରୋଇ ସଂସ୍ଥା ମାଧ୍ୟମରେ ଆୟୋଜିତ ହେବ ବୋଲି ସୂଚନା ଦେଇଥିଲେ। ଏହି ଉତ୍ସବ ଆୟୋଜିତ ହେବା ଫଳରେ କୋଣାର୍କ ପ୍ରତି ପର୍ଯ୍ୟଟକମାନେ ବହୁଳ ଭାବରେ ଆକର୍ଷିତ ହେବା ସହ ପର୍ଯ୍ୟଟନ ଭିତ୍ତିଭୂମି ବିକାଶରେ ଏହା ସହାୟକ ହେବ ବୋଲି କହିଥିଲେ। ଏହି ଅସ୍ଥାୟୀ ତମ୍ବୁରେ ପର୍ଯ୍ୟଟକମାନଙ୍କ ନିମନ୍ତେ ରହଣି, ଖାଦ୍ୟପେୟ ବ୍ୟବସ୍ଥା ସହ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ପର୍ଯ୍ୟଟକଙ୍କ ନିମନ୍ତେ ସାଂସ୍କୃତିକ କାର୍ଯ୍ୟକ୍ରମ, ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ, ଓଡ଼ିଶାର କଳାକୃତି, ହସ୍ତଶିଳ୍ପ, ଫୁଡ କୋର୍ଟ, ବେଳାଭୂମି ମେଳା ଓ ସମୁଦ୍ର ବୋଟିଂ ସହ ବିଭିନ୍ନ କାର୍ଯ୍ୟକ୍ରମ ହେବାର ଯୋଜନା ରହିଛି। ଏହି ଗସ୍ତ ସମୟରେ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ଜିଲାପାଳ ବଲୱନ୍ତ ସିଂ, ଗୋପ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ, କୋଣାର୍କ ରାଜସ୍ୱ ନିରୀକ୍ଷକ ସତ୍ୟବାଦୀ ଚିନେରା, କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ପି.କେ ଚାନ୍ଦ ପ୍ରମୁଖ ଉପସ୍ଥିତଥିଲେ।

# ବ୍ୟାଙ୍କରୁ ଚୋରି ଉଦ୍ୟମ ବିଫଳ

**କାକଟପୁର, ୨୮।୯(ଡି.ଏନ୍.ଏ.)**

କାକଟପୁର ବସ୍‌ଷ୍ଟାଣ୍ଡସ୍ଥିତ ଏକ ଘରୋଇ ବ୍ୟାଙ୍କର ଗ୍ରୀଲ୍ କାଟି ଦୁର୍ବୃତ୍ତମାନେ ଶୁକ୍ରବାର ରାତିରେ ଚୋରି ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିବା ଆଇଆଇସି ସୁମତି ମହାନ୍ତି କହିଛନ୍ତି। ବ୍ୟାଙ୍କ ଶାଖା ପରିଚାଳକଙ୍କଠାରୁ ଲିଖିତ ଅଭିଯୋଗ ପାଇ ପୋଲିସ ବ୍ୟାଙ୍କରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶନିବାର ବ୍ୟାଙ୍କ ଛୁଟିଥିଲା। ଜଣେ ବ୍ୟବସାୟୀ ବ୍ୟାଙ୍କ ଝରକା ଗ୍ରୀଲ କଟାଯାଇଥିବା ଦେଖି ଶାଖା ପରିଚାଳକଙ୍କୁ ଖବର ଦେଇଥିଲେ। ଦୁର୍ବୃତ୍ତମାନେ ବ୍ୟାଙ୍କ ଭିତରେ ଗ୍ୟାସ୍ କଟର ଓ ସିଲିଣ୍ଡର ଛାଡ଼ି ପଳାଇବା ସହିତ ବ୍ୟାଙ୍କର ସିସିଟିଭି ଏବଂ ସାଇରନ ବ୍ୟବସ୍ଥାକୁ ଅଚଳ କରିଦେଇଛନ୍ତି। ରବିବାର ପୁରୀରୁ ସାଇଣ୍ଟିଫିକ୍‌ଟିମ୍ ଆସିଲେ ଘଟଣାର ସବିଶେଷ ତଦନ୍ତ କରାଯିବ ବୋଲି ଆଇଆଇସି ମହାନ୍ତି କହିଛନ୍ତି।

# ‘ଅପରେଶନ କ୍ଲିନ୍’ ଜୋରଦାର

**ପୁରୀ ଅଫିସ, ୨୮।୯**

ପୁରୀ ପୋଲିସ ପକ୍ଷରୁ ଅପରାଧୀ ଦମନ ଅଭିଯାନକୁ ଜୋରଦାର କରାଯାଇଛି। ଏହି କ୍ରମରେ ‘ଅପରେଶନ କ୍ଲିନ୍’ ଅଭିଯାନ ଚାଲିଛି। ଅପରାଧୀଙ୍କୁ ଧରିବା ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଇଛି। ପର୍ଯ୍ୟଟନ ସହର ପୁରୀକୁ ଅପରାଧୀମୁକ୍ତ କରାଯିବାକୁ ଡିଆଇଜି ଏବଂ ଏସ୍‌ପି ଅଣ୍ଟା ଭିଡ଼ିଛନ୍ତି। ଇତିମଧ୍ୟରେ ପୁରୀ ପୋଲିସ ୧୨ଟି ଏନକାଉଣ୍ଟର କରିଥିବାବେଳେ ପ୍ରାୟ ୧୦ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ପୋଲିସ ଖୋଜୁଥିବା ଜଣାପଡ଼ିଛି। ପୁରୀରେ ଏକ ସ୍ୱତନ୍ତ୍ର ଅଫିସ ଖୋଲିଛନ୍ତି ଡିଆଇଜି ଆଶିଷ କୁମାର ସିଂ। ସେ ଦକ୍ଷ ପୋଲିସ ଅଧିକାରୀମାନଙ୍କ ସହାୟତାରେ ଅପରାଧୀଙ୍କ ଆଡ୍ଡା, ସେମାନଙ୍କ ଗତିବିଧି ଆଦି ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଛନ୍ତି। ସେହିପରି ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି, ଶ୍ରୀମନ୍ଦିର ସୁରକ୍ଷା ଓ ଶ୍ରୀକ୍ଷେତ୍ରକୁ ଅପରାଧୀମୁକ୍ତ କରିବା ପାଇଁ ‘ଅପରେଶନ କ୍ଲିନ୍’ ଆରମ୍ଭ ହୋଇଛି। ଏ ନେଇ ସମସ୍ତ ଥାନାର ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ରାତ୍ରକାଳୀନ ପାଟ୍ରୋଲିଂ ଏବଂ ଅପରାଧ ଧରପଗଡ଼ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି।

# ଗାନ୍ଧୀ ପାର୍କରେ ଚାରାରୋପଣ

**ପୁରୀ ଅଫିସ,୨୮।୯**

କଳିଙ୍ଗ ବୈଶ୍ୟ ସଂଘ ପକ୍ଷରୁ ଶନିବାର ଗାନ୍ଧୀ ପାର୍କରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ କିସମର ୧୦୦ ଚାରା ରୋପଣ କରାଯାଇଥିଲା। ସଂଘ ସଭାପତି ଶିବ ନାରାୟଣ ସେନାପତି, ସମ୍ପାଦକ ଜୟଦେବ ନାୟକ, ରାଜକିଶୋର ପାତ୍ର, ପ୍ରକାଶ ପାତ୍ର, ବିଭୁଦତ୍ତ ସୁବୁଦ୍ଧି, ବଦ୍ରି ପାତ୍ର, ଚିତ୍ତ ରଞ୍ଜନ ପାତ୍ର, ବିଜୟ ଚୌଧୁରୀ ପ୍ରମୁଖ ଚାରା ରୋପଣ କରିଥିଲେ।





ଅନ୍ତର୍ଜାତୀୟ ହ୍ୟାଣ୍ଡବଲ୍ ଚାମ୍ପିୟନସିପ୍‌ରେ ଭାରତ ପକ୍ଷରୁ ଖେଳି ରୌପ୍ୟପଦକ ଜିତିଥିବା ୨ ଖେଳାଳିଙ୍କୁ ପୁରୀ ମ୍ୟୁନିସିପାଲିଟି କଣ୍ଟ୍ରାକ୍ଟର ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

ମେଡିକାଲ ରିପ୍ରେଜେଣ୍ଟେଟିଭ୍‌ଙ୍କ ଗିରଫକୁ ବିରୋଧ

# ଓସ୍ରୁର ଆନ୍ଦୋଳନ ଧମକ

**ପୁରୀ ଅଫିସ, ୨୮।୯**

ଭୁବନେଶ୍ୱରସ୍ଥ କ୍ୟାପିଟାଲ ହସ୍‌ପିଟାଲରେ ମେଡିକାଲ ରିପ୍ରେଜେଣ୍ଟେଟିଭ୍‌ଙ୍କ ଗିରଫକୁ ଓଡ଼ିଶା ସେଲ୍ସ ରିପ୍ରେଜେଣ୍ଟେଟିଭ୍ ୟୁନିୟନ (ଓସ୍ରୁ) ତୀବ୍ର ବିରୋଧ କରିଛି। ମେଡିକାଲ ରିପ୍ରେଜେଣ୍ଟେଟିଭ୍‌ମାନଙ୍କୁ ଦଲାଲ ଭାବେ ବର୍ଣ୍ଣନା କରାଯାଉଥିବାରୁ ଏହାକୁ ସଂଘ ଏବଂ ସିଆଇଟିୟୁ ନିନ୍ଦା କରିଛି। ମେଡିକାଲ ରିପ୍ରେଜେଣ୍ଟେଟିଭ୍‌ମାନେ ସମ୍ବିଧାନ ଦ୍ୱାରା ପାରିତ ସେଲ୍ସ ପ୍ରମୋଶନ୍ ଏମ୍ପ୍ଲୋଇଜ୍ ଆକ୍ଟ ଅନୁଯାୟୀ କାର୍ଯ୍ୟ କରୁଛନ୍ତି। ତେଣୁ ଏମାନଙ୍କ ବୃତ୍ତିକୁ ଠିକ୍ ଭାବେ ଉପସ୍ଥାପନ କରିବାକୁ ଦାବି ହୋଇଛି। ଶନିବାର ଓସ୍ରୁ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମେଡିକାଲ ରିପ୍ରେଜେଣ୍ଟେଟିଭ୍‌ମାନଙ୍କ ଗିରଫକୁ ନିନ୍ଦା କରାଯିବା ସହ ନିଃସର୍ତ୍ତରେ ଖଲାସ କରିବା ଲାଗି ଦାବି କରାଯାଇଛି। ନଚେତ ଓସ୍ରୁ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ଓସ୍ରୁ ସମ୍ପାଦକ ସତ୍ୟବ୍ରତ ମହାପାତ୍ର, ସାଧାରଣ ସମ୍ପାଦକ ରାଜେଶ କୁମାର ବେହେରା, ସିଟୁ ଉପସଭାପତି ଜନାର୍ଦ୍ଦନ ପତି ପ୍ରମୁଖ ଉପସ୍ଥିତ ଥିଲେ।

■ ମହୋଦଧି ମାର୍କେଟ କମ୍ପ୍ଲେକ୍ସକୁ ନୋଟିସ ପ୍ରସଙ୍ଗ

# ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ

**ପୁରୀ ଅଫିସ, ୨୮।୯**



ମହୋଦଧି ମାର୍କେଟ କମ୍ପ୍ଲେକ୍ସର ବ୍ୟବସାୟୀମାନେ ବିରୋଧ ପ୍ରଦର୍ଶନ କରୁଛନ୍ତି।

ମହୋଦଧି ମାର୍କେଟ କମ୍ପ୍ଲେକ୍ସକୁ ପୌର ସଂସ୍ଥା ପକ୍ଷରୁ ନୋଟିସ ଜାରି ହୋଇଛି। ଏହି କମ୍ପ୍ଲେକ୍ସ ଅସୁରକ୍ଷିତ ଦର୍ଶାଯାଇ ଆଗାମୀ ଅକ୍ଟୋବର ୪ତାରିଖ ସୁଦ୍ଧା ସମସ୍ତ ଦୋକାନ ଘର ଖାଲି କରିବାକୁ କୁହାଯାଇଛି। ଏ ନେଇ ବ୍ୟବସାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମହୋଦଧି ମାର୍କେଟ ୟୁନିୟନର ବହୁ ସଦସ୍ୟ ଶନିବାର ପୂର୍ବତନ ବିଧାୟକ ମହେଶ୍ୱର ମହାନ୍ତିଙ୍କୁ ଭେଟି ପୌର ପ୍ରଶାସନର ଏକପାଖିଆ ନିଷ୍ପତ୍ତି ସମ୍ପର୍କରେ ଜଣାଇବା ସହ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପୂର୍ବତନ ବିଧାୟକ ମହାନ୍ତି ବିନା ଆଲୋଚନାରେ କିପରି ଦୋକାନୀଙ୍କୁ ହଟାଯିବା ନେଇ ନୋଟିସ ଜାରି କରାଯାଇଛି ବୋଲି ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ ଦାଶ କହିଥିଲେ, ମହୋଦଧି ମାର୍କେଟ କମ୍ପ୍ଲେକ୍ସ ପୂର୍ବରୁ ଅସୁରକ୍ଷିତ ରହିଥିଲା। ଏକ ଯୁଗ୍ମ କମିଟି ଏହାର ସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ଦେଇଥିଲେ। ସେହି ରିପୋର୍ଟ ଆଧାରରେ ଏହାକୁ ଭାଙ୍ଗିବାକୁ ନିଷ୍ପତ୍ତି ନିଆଯାଇଛି।

ପୌରପରିଷଦ କର୍ତ୍ତୃପକ୍ଷଙ୍କ ଏକପାଖିଆ ନିଷ୍ପତ୍ତିକୁ ମହୋଦଧି ମାର୍କେଟ ୟୁନିୟନ ବିରୋଧ କରିଛି। ଏଠାକାର ପେପର ସିଣ୍ଡିକେଟ ମାଲିକ ସନ୍ତୋଷ କୁମାର ମହାନ୍ତି କହିଛନ୍ତି, ଦୀର୍ଘ ୨୦ବର୍ଷ ହେଲା ଏଠାରେ ବେପାର କରୁଛୁ। ତେବେ ପ୍ରଶାସନ ଆମ ସହ କୌଣସି ଆଲୋଚନା ନ କରି ଦୋକାନ ଘର ଖାଲି କରିବାକୁ ରାତିଅଧିଆ ନୋଟିସ ଲଗାଇଛନ୍ତି। ଆଗକୁ ଦୁର୍ଗାପୂଜା। ପୁରୀରେ ଗୋସାଣୀ ଯାତ, କାଳୀପୂଜା ବଡ ପର୍ବ।

■ ଦୁର୍ଗାପୂଜା ଶେଷ ପର୍ଯ୍ୟନ୍ତ ସମୟ ଦେବାକୁ ଦାବି

■ ମହେଶ୍ୱର ମହାନ୍ତିଙ୍କ ସହ ବ୍ୟବସାୟୀଙ୍କ ଆଲୋଚନା

ଏହି ସମୟରେ ବ୍ୟବସାୟୀମାନେ ଭଲ ବେପାର କରିଥାନ୍ତି। ଏଠାକାର ଦୋକାନ ଦ୍ୱାରା ଅଧିକାଂଶଙ୍କ ପରିବାର ଚଳୁଛି। ଏଭଳି ସ୍ଥିତିରେ ହଠାତ୍ ଦୋକାନ ଘର ଖାଲି କରିବାକୁ କହିଲେ, ଆମେ କେଉଁଆଡ଼େ ଯିବୁ, କ’ଣ କରିବୁ ଏବଂ ପରିବାର କିପରି ଚଳାଇବୁ କିଛି ବୁଦ୍ଧିବାଟ ଦିଶୁନାହିଁ। ପ୍ରଶାସନର ଏଭଳି ନିଷ୍ପତ୍ତି ଦ୍ୱାରା ୧୫୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ରାସ୍ତାକୁ ଚାଲିଆସିବୁ। ତେଣୁ ପ୍ରଶାସନ ନିଜ ନିଷ୍ପତ୍ତିର ତର୍ଜମା କରିବା ଆବଶ୍ୟକ। ଆମକୁ ୧ ସପ୍ତାହ ସମୟ ଦିଆଯାଇଛି। ଏତେ କମ୍ ସମୟ ମଧ୍ୟରେ ଜିନିଷପତ୍ର ସ୍ଥାନାନ୍ତର କରିବା ସମ୍ଭବ ନୁହେଁ। ଅନ୍ତତଃ ପକ୍ଷେ ଦୁର୍ଗାପୂଜା ଶେଷ ପର୍ଯ୍ୟନ୍ତ ସମୟ ଦେବା ଉଚିତ। ଏ ନେଇ ଆମେ ରବିବାର ଜିଲାପାଳଙ୍କ ସହ ଆଲୋଚନା କରିବୁ। ଆବଶ୍ୟକ ପଡ଼ିଲେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ମହାନ୍ତିଙ୍କ ସମେତ ଅନ୍ୟ ବ୍ୟବସାୟୀମାନେ କହିଛନ୍ତି।